

ପୁଣି ଭାରତକୁ ଧମକାଇଲେ ଟ୍ରମ୍ପ |୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଆଇଟମ୍ ଗୀତ ପାଇଁ ୫୦ ଲକ୍ଷ ଟଙ୍କା ନେଇଛନ୍ତି ମୌନୀ |୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୨୬ Vol. 22 No-126 5 AUGUST 2025 TUESDAY, BHUBANESWAR ମଙ୍ଗଳବାର, ୫ ଅଗଷ୍ଟ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ୮ ନୂଆ ଏଡିଜେ କୋର୍ଟ ପାଇଁ ବିଜ୍ଞପ୍ତି ଜାରି

ଭୁବନେଶ୍ୱର,୪।୮(ଭାସ୍କର ନ୍ୟୁଜ): ରାଜ୍ୟର ବିଭିନ୍ନ ସ୍ଥାନରେ ୮ଟି ନୂଆ ଏଡିଜେ କୋର୍ଟ ସ୍ଥାପନ କରାଯିବ। ଏ ନେଇ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି କୋର୍ଟଗୁଡ଼ିକ ବାଙ୍କୀ, ରଣପୁର, ବାଣପୁର, ବାସୁଦେବପୁର, ପିପିଲି, ତାଳଚେର, ରାଜଗାଙ୍ଗପୁର ଓ ଜି.ଉଦୟଗିରିରେ ଖୋଲାଯିବ ବୋଲି ସ୍ଥିର ହୋଇଛି।

### ପୁଣି ଶ୍ରୀମନ୍ଦିରରେ ହିଡେନ୍ କ୍ୟାମେରା

ପୁରୀ,୪।୮(ଭାସ୍କର ନ୍ୟୁଜ): ଗତ କିଛିଦିନ ତଳେ ପୁରୀର ଜଣେ ଯୁବକ ହିଡେନ କ୍ୟାମେରା ନେଇ ଶ୍ରୀମନ୍ଦିରକୁ ପ୍ରବେଶ କରୁଥିବାବେଳେ ଧରାପଡ଼ିଥିଲେ। ଏହି ଘଟଣାର ପୁଣି କିଛିଦିନ ପରେ ଅର୍ଥାତ ସୋମବାର ଗୁଜରାଟର ଜଣେ ଭକ୍ତ ଚଷମାରେ ହିଡେନ କ୍ୟାମେରା ଲଗାଇ ଫଟୋ ଉଠାଉଥିବାବେଳେ ଧରା ପଡ଼ିଛନ୍ତି। ଏହି ଘଟଣା ପରେ ଶ୍ରୀମନ୍ଦିରର ସୁରକ୍ଷା ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


### କୋଟିପତି ଏମ୍‌ଭିଆଇ ଗିରଫ

ବୌଦ୍ଧ,୪।୮(ଭାସ୍କର ନ୍ୟୁଜ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି ବୌଦ୍ଧ ଏମ୍‌ଭିଆଇ ଗୋଲପଚନ୍ଦ୍ର ହାଁସଦା। ତାଙ୍କ ସମ୍ପତ୍ତିର ପରିମାଣ ଆୟଠାରୁ ୬୩୦ପ୍ରତିଶତ ଅଧିକ। ଭିଜିଲାନ୍ସ ଚଢାଉ ସମୟରେ ତାଙ୍କ ଘରୁ ନଗଦ ୨ଲକ୍ଷ ୩୮ହଜାର ଟଙ୍କା, ବ୍ୟାଙ୍କ ଜମା ୧କୋଟି ୩୪ଲକ୍ଷ, ୧ କେଜି ସୁନା, ୧୬ଲକ୍ଷ ଟଙ୍କାର ଘରକରଣା ସାମଗ୍ରୀ, ଝିଅ ପାଠପଢାରେ ୪୦ଲକ୍ଷ ଖର୍ଚ୍ଚ ସହ ତାଙ୍କର ୪୪ଟି ପ୍ଲଟ୍ ଠାବ କରାଯାଇଥିଲା।

ସେନ୍‌ସେକ୍ସ: ୮୧,୦୧୮.୭୨
ସର୍ବାଧିକ: ୩୩ ଡିଗ୍ରୀ
ସର୍ବନିମ୍ନ: ୨୭ ଡିଗ୍ରୀ

**୪।୮।୨୦୨୫ ର ମତାମତ**

କଠୋର ଆଇନ ଗୁଣିଗାରେଡି ପ୍ରଥାକୁ ବିଲୋପ କରିବା ସମ୍ଭବ କି?




**ଆଜିର ପ୍ରସଙ୍ଗ**

ରାତି ସିଫ୍ଟରେ ମହିଳାମାନେ କାର୍ଯ୍ୟ କରିବା ଠିକ୍ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଏପଟେ ଏଫେମେ ସେପଟେ ବଳଙ୍ଗା
ଜଳି ଜଳି ଗଲେ ମରି
ଦୋଷୀ କିଏ ସତେ ଜଣା ପଡ଼ିଲାନି
ସମସ୍ତେ ହୁଅନ୍ତି ଝୁରି
ତଦନ୍ତ ରହିଛି ଜାରି
ହାତୀ ଗ୍ୟାସ୍ ପରି ଫୁସୁରି ଯିବକି
ଯେତେ ହଲ୍ଲା କଲେ ଭାରି...।

## ବଳଙ୍ଗା ପୀଡ଼ିତାଙ୍କୁ ଅଶ୍ରୁଳ ବିଦାୟ

# ଜନ୍ମମାଟିରେ ଶେଷକୃତ୍ୟ ସମ୍ପନ୍ନ





- ଲୁହରେ ଭିଜିଲା ବାୟାବର ଗାଁ
- ଶ୍ରଦ୍ଧାଞ୍ଜଳି ଦେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା
- ମୁସଲିମ ପ୍ରଥା ଅନୁଯାୟୀ ଦିଆଗଲା କବର
- ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି
- ୭ରେ ବିଜେଡିର ୬ ଘଣ୍ଟିଆ ପୁରୀ ବନ୍ଦ ଡାକରା

ନିମାପଡ଼ା/ପୁରୀ,୪।୮(ଭାସ୍କର ନ୍ୟୁଜ): ପରିବେଶ ଥିଲା ଶୋକାକୁଳ, ଗୁରୁଗମ୍ଭୀର। ସବୁଆଡ଼େ ନିରବତା ଛାଇ ହୋଇଯାଇଥିଲା। କାହାରି ପାଟିରୁ କଥା ବାହାରୁନଥିଲେ ବି ଆଖିରୁ ବହି ଚାଲିଥିଲା ଲୁହର ଧାର। ସୋମବାର ବଳଙ୍ଗା ପୀଡ଼ିତାଙ୍କୁ ମୁସଲିମ ପ୍ରଥା ଅନୁଯାୟୀ ଦିଆଯାଇଛି କବର। ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବଳଙ୍ଗା ବାୟାବରରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଫଳରେ ବଳଙ୍ଗା ପୋଡ଼ି ଘଟଣାର ଏକରକମ ଅନ୍ତଃ ଘଟିଥିବା କୁହାଯାଉଛି। ରବିବାର ବିଳମ୍ବିତ ରାତିରେ ପୀଡ଼ିତାଙ୍କ ମରଶରୀର ଦିଲ୍ଲୀ ଏମ୍ସରୁ ଆସି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ବିଜେପି ନେତା ତଥା ପୂର୍ବତନ ମନ୍ତ୍ରୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ମଧ୍ୟ ପୀଡ଼ିତାଙ୍କ ଶେଷଦର୍ଶନ କରିଥିଲେ। ଏହାପରେ ବିମାନବନ୍ଦରରୁ କଡ଼ା ସୁରକ୍ଷା ବଳୟରେ ସ୍ୱତନ୍ତ୍ର କାର୍କେଡ୍ ମାଧ୍ୟମରେ ପୀଡ଼ିତାଙ୍କ ମରଶରୀରକୁ ନିମାପଡ଼ା ବାୟାବର ନୂଆ ଗୋପାଳପୁର ବସ୍ତିକୁ ନିଆଯାଇଥିଲା। ସେଠାରେ ହଜାର ହଜାର ଲୋକ ପୀଡ଼ିତାଙ୍କ ଶେଷଦର୍ଶନ ପାଇଁ ରୁଣ୍ଡ ହୋଇଥିଲେ। ଗୋପାଳପୁର ବସ୍ତି ପୋଲିସ ଛାଉଣୀରେ ପରିଣତ ହୋଇଥିଲା। ପରେ ମୁସଲିମ ସମ୍ପ୍ରଦାୟ ନୀତି ଅନୁଯାୟୀ ଗୁପ୍ତକାର୍ଯ୍ୟ ତଥା ସେବା କରାଯାଇଥିଲା। ନମାଜ ପାଠ କରାଯାଇଥିବାବେଳେ ରବିବାର ରାତିରେ ପୀଡ଼ିତାଙ୍କୁ କବର ଦିଆଯାଇ ପାରିନଥିଲା। ସୋମବାର ସକାଳେ ମୁସଲିମ ପ୍ରଥା ଅନୁଯାୟୀ ପୀଡ଼ିତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ କବରସ୍ଥାନ ପର୍ଯ୍ୟନ୍ତ ନିଆଯାଇଥିଲା। ଗୁପ୍ତନୀତି ଆରମ୍ଭ ହେବାପରେ ପୀଡ଼ିତାଙ୍କ ମରଶରୀରକୁ ମହିଳାଙ୍କ ବ୍ୟତୀତ କୌଣସି ପୁରୁଷ ଲୋକ ଦେଖିବାକୁ • ପୃଷ୍ଠା ୫ ଦେଖନ୍ତୁ

## ୫ମ ଟେଷ୍ଟରେ ଭାରତର ରୋମାଞ୍ଚକର ବିଜୟ

# ସିରିଜ୍ ୨-୨ରେ ବରାବର



ଓଭାଲ,୪।୮: ଲଣ୍ଡନର କେନିଷ୍ଟନ ଓଭାଲରେ ଅନୁଷ୍ଠିତ ଭାରତ ଓ ଇଂଲଣ୍ଡ ମଧ୍ୟରେ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ୫ମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ରୋମାଞ୍ଚକର ମୁକାବିଲା ଦେଖିବାକୁ ମିଳିଛି। ମହମ୍ମଦ ସିରାଜଙ୍କ ଅସାଧାରଣ ବୋଲିଂ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ସହାୟତାରେ ଭାରତ ମାତ୍ର ୬ ରନ୍‌ରେ ଏହି ଐତିହାସିକ ବିଜୟ ହାସଲ କରି ସିରିଜ୍‌କୁ ୨-୨ରେ ବରାବର କରିଛି। ଏହି ଟେଷ୍ଟ ମ୍ୟାଚ୍‌ରେ ଭାରତ ପ୍ରଥମ ଇନିଂସରେ ୨୨୪ ରନ୍ କରିଥିବାବେଳେ ଇଂଲଣ୍ଡ ୨୪୭ ରନ୍ କରି ୨୩ ରନ୍‌ରେ ଅଗ୍ରଣୀ ରହିଥିଲା। ଭାରତର ପ୍ରଥମ ଇନିଂସରେ କରୁଣ ନାୟାରଙ୍କ ୫୭ ରନ୍ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିବାବେଳେ ଇଂଲଣ୍ଡର ଗସ୍ ଆଟ୍‌କିନସନଙ୍କ ୫/୩୩ ଫିଗର ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍‌କୁ ଧ୍ୱସ୍ତ କରି ଦେଇଥିଲା। ଭାରତ ଦ୍ୱିତୀୟ ଇନିଂସରେ ଯଶସ୍ୱୀ ଜୟସ୍ୱାଲଙ୍କ ୧୧୮(୧୬୪ବଲ୍), ଆକାଶ ଦୀପଙ୍କ ୬୬(୯୪ବଲ୍), ରବୀନ୍ଦ୍ର ଜାଡେଜାଙ୍କ ୫୩(୭୭ବଲ) ଏବଂ ୱାଶିଂଟନ ସୁନ୍ଦରଙ୍କ ୫୩ (୪୬ ବଲ) ସହାୟତାରେ ୩୯୬ ରନରେ ଅଲଆଉଟ ହୋଇଥିଲା। ଇଂଲଣ୍ଡର ବେନ୍ ଡକେଟ୍ (୫୪) ଓ ଜାକ୍ କ୍ରଲେ (୧୪ବଲ୍)ରେ ଦ୍ରୁତ ୫୦ ରନ୍‌ର ଓପନିଂ ଷ୍ଟାଣ୍ଡ ସହିତ ଭଲ ଆରମ୍ଭ କରିଥିଲା। କିନ୍ତୁ ସିରାଜଙ୍କ ଏକ ଘାତକ ବଲ କ୍ରଲେଙ୍କୁ ଆଉଟ୍ କରି ଭାରତକୁ ପ୍ରଥମ ସଫଳତା ଦେଇଥିଲା। ଚତୁର୍ଥ ଦିବସରେ ହାରି ବ୍ରୁକ୍ (୧୧୧) ଓ ଜୋ ରୁଟ୍ (୧୦୫) ରନ୍ କରି ଇଂଲଣ୍ଡକୁ ଜିତାଇବାରେ ଆଗକୁ ନେଇଥିଲେ। କିନ୍ତୁ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଦୁଇଟି ୱିକେଟ ଓ ସିରାଜଙ୍କ ନିରନ୍ତର ଆକ୍ରମଣ ମ୍ୟାଚ୍‌ର ମୋଡକୁ ବଦଳାଇ ଦେଇଥିଲା। ଅନ୍ତିମ ଦିବସରେ ଇଂଲଣ୍ଡ ୩୫୫/୮ରେ ୧୯ ରନ୍ ଦୂରରେ ପହଞ୍ଚିଥିଲା। ସିରାଜ ଜାମି ସ୍ମିଥ୍ ଓ ଜାମି ଓଭରଟନ୍‌ଙ୍କୁ ଆଉଟ କରି ଇଂଲଣ୍ଡକୁ ୩୫୪/୮ରେ ପହଞ୍ଚାଇଥିଲେ। • ପୃଷ୍ଠା ୫ ଦେଖନ୍ତୁ

# ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କ ପରଲୋକ



ନୂଆଦିଲ୍ଲୀ/ରାଞ୍ଚି,୪।୮: ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପିତା ଶିବୁ ସୋରେନଙ୍କ ସୋମବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ଦୀର୍ଘଦିନ ଧରି ସେ ଅସୁସ୍ଥ ରହିଥିଲେ। କିଡନୀଜନିତ ରୋଗରେ ପୀଡ଼ିତ ସହ ଦେଢମାସ ତଳେ ତାଙ୍କର ହାର୍ଟଷ୍ଟୋକ୍ ମଧ୍ୟ ହୋଇଥିଲା। ଦୀର୍ଘ ଏକମାସ ଧରି ଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲରେ ଲାଇଫ୍ ସପୋର୍ଟରେ ରହିଥିଲେ। ସୋମବାର ସକାଳ ୮.୫୬ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ହେମନ୍ତ ଭାଙ୍ଗିପଡ଼ିବା ସହ କହିଛନ୍ତି ଯେ

**ଶ୍ରଦ୍ଧାଞ୍ଜଳି ଦେଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ**

ତାଙ୍କ ମୁଣ୍ଡ ଉପରୁ ବାପାଙ୍କ ହାତ ଚାଲିଯାଇଛି। ଆଦରଣୀୟ ଗୁରୁଜୀ ଆମକୁ ଛାଡ଼ି ଚାଲି ଯାଇଛନ୍ତି। ଦୀର୍ଘ ୩୮ ବର୍ଷ ଧରି ଶିବୁ ସୋରେନ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ପ୍ରମୁଖ ନେତା ରହିଥିଲେ। ୧୯୪୪ ଜାନୁଆରୀ ୧୧ ତାରିଖରେ ହଜାରିବାଗରେ ସେ ଜନ୍ମଗ୍ରହଣ କରିଥିଲେ। ଆଦିବାସୀଙ୍କ ବିରୁଦ୍ଧରେ ହେଉଥିବା ଶୋଷଣ ବିରୋଧରେ ସେ ସଂଗ୍ରାମ କରିଥିଲେ। ୭୦ ଦଶକରେ ଘନକଟନୀ ଆନ୍ଦୋଳନ ଓ ଅନ୍ୟ ଆନ୍ଦୋଳନ ଜରିଆରେ ସେ ଆଦିବାସୀମାନଙ୍କ ସ୍ୱର ପାଲଟିଥିଲେ। ବିହାରରୁ ଝାଡ଼ଖଣ୍ଡକୁ ଅଲଗା ରାଜ୍ୟ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସେ ୩ଥର ୨୦୦୫, ୨୦୦୮ ଓ ୨୦୦୯ରେ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହୋଇଥିଲେ। ଉପା ସରକାରର ପ୍ରଥମ ପାଳିରେ ଶିବୁ ସୋରେନ କେନ୍ଦ୍ରରେ କୋଇଲାମନ୍ତ୍ରୀ ହୋଇଥିଲେ। ତେବେ ସେ ଇସ୍ତଫା ଦେଇଥିଲେ। ବାପା ଶୋଭାରାମ ସୋରେନଙ୍କ ହତ୍ୟାପରେ ସେ ରାଜନୀତିରେ ପ୍ରବେଶ କରିଥିଲେ। ୧୯୭୭ ମସିହାରେ ପ୍ରଥମ ଥରପାଇଁ ଲୋକସଭା ନିର୍ବାଚନ ଲଢ଼ିଥିଲେ। କିନ୍ତୁ ହାରି ଯାଇଥିଲେ। ୧୯୮୦ରେ ତାଙ୍କୁ ସଫଳତା ମିଳିଥିଲା। ଏହାପରେ ୧୯୮୬, ୧୯୮୯ ଓ ୧୯୯୬ ନିର୍ବାଚନରେ ସେ ବିଜୟଲାଭ କରିଥିଲେ। • ପୃଷ୍ଠା ୫ ଦେଖନ୍ତୁ

### ପୁଣି ରେଳ ଟ୍ରାକ୍‌ରେ ଆଇଇଡି ବିସ୍ଫୋରଣ

କୋଇଡା,୪।୮(ଭାସ୍କର ନ୍ୟୁଜ): ଥମୁନାହିଁ ମାଓବାଦୀଙ୍କ ଦବ୍‌ଦବା। ଗୋଟିକ ପରେ ଗୋଟିଏ ହିଂସାକାଣ୍ଡ ଘଟାଇ ଚାଲିଛନ୍ତି। ରବିବାର ଝାଡ଼ଖଣ୍ଡ-ଓଡ଼ିଶା ସୀମାନ୍ତ କରମପଦା- ରେଞ୍ଜଡା ଷ୍ଟେସନ ମଧ୍ୟରେ ମାଓବାଦୀମାନେ ଆଇଇଡି ବିସ୍ଫୋରଣରେ ରେଳ ଟ୍ରାକ୍ ଉଡ଼ାଇବା ସହ ଜଣେ ରେଳ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାର ୨୪ ଘଣ୍ଟା ନ ପୂରୁଣୁ ସୋମବାର ସକାଳେ ଝାଡ଼ଖଣ୍ଡର କରମପଦା ରେଳଷ୍ଟେସନ ନିକଟ ରେଞ୍ଜଡ଼ା ରେଳ ଟ୍ରାକ୍‌ରେ ପୁଣିଥରେ ମାଓବାଦୀମାନେ ଆଇଇଡି ବିସ୍ଫୋରଣ କରିଛନ୍ତି। ଫଳରେ ଏହି ରୁଟ୍‌ରେ ରେଳ ଚଳାଚଳରେ ବ୍ୟାଘାତ ଘଟିଛି। ଏ ନେଇ ପୋଲିସ ଓ ଆରପିଏଫ ତଦନ୍ତ ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ ଯେ ସାରା ଦେଶରୁ ମାଓବାଦର ବିଲୋପ ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ୨୦୨୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରିଛନ୍ତି।

## ଆଜି ଏନଡିଏ ସଂସଦୀୟ ଦଳ ବୈଠକ

# ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୪।୮: ଏନଡିଏ ସଂସଦୀୟ ଦଳର ବୈଠକ ମଙ୍ଗଳବାର ପୂର୍ବାହ୍ନ ୯ଟାରେ ଅନୁଷ୍ଠିତ ହେବ। ଏହି ବୈଠକରେ ଏନଡିଏର ସମସ୍ତ ସାଂସଦ ଉପସ୍ଥିତ ରହିବେ। ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ୱାଗତ କରାଯିବ ଏବଂ ପ୍ରଧାନମନ୍ତ୍ରୀ ସାଂସଦମାନଙ୍କୁ ମଧ୍ୟ ସମ୍ବୋଧିତ କରିବେ। ବିଜେପି ସଂସଦୀୟ ଦଳର ସମସ୍ତ ନେତା ଏବଂ ଏନଡିଏ ସହଯୋଗୀ ଦଳଗୁଡ଼ିକର ସାଂସଦମାନଙ୍କୁ ଏହି ବୈଠକରେ ଯୋଗ ଦେବାକୁ କୁହାଯାଇଛି। ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆତଙ୍କବାଦ ବିରୋଧରେ ଅପରେସନ ସିନ୍ଦୂର ପାଇଁ ସମ୍ମାନିତ କରାଯିବ। ଏବେ ସଂସଦର ମୌସୁମୀ ଅଧିବେଶନ ଚାଲୁ ରହିଛି। ଅଧିବେଶନ ସମୟରେ ଏହା ଏନଡିଏ ସଂସଦୀୟ ଦଳର ପ୍ରଥମ ବୈଠକ। ତେଣୁ ମୌସୁମୀ ଅଧିବେଶନ ଚାଲୁଥିବାବେଳେ ଏହି ବୈଠକ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ରାଜନୈତିକ ପଣ୍ଡିତମାନେ ଆକଳନ କରୁଛନ୍ତି। ଏହି ବୈଠକ ଏପରି ଏକ ସମୟରେ ହେଉଛି, ଯେତେବେଳେ ସରକାର ଗୃହରେ ତୀବ୍ର ବିରୋଧର ସମ୍ମୁଖୀନ ହେଉଛନ୍ତି। ଏଥର ସଂସଦର ଅଧିବେଶନରେ ଗତଥର ଅପେକ୍ଷା ଅଧିକ ହଙ୍ଗାମା ଦେଖିବାକୁ ମିଳୁଛି। ଜଗଦୀପ ଧନଖଡ଼ଙ୍କ ଉପରାଷ୍ଟ୍ରପତି ପଦରୁ ହଠାତ୍ ଇସ୍ତଫା, ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ବିରୁଦ୍ଧରେ ମହାଭିଯୋଗ ଏବଂ ଅପରେସନ ସିନ୍ଦୂର ସମୟରେ ଭାରତ ଓ ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥତା କରିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବିକୁ ନେଇ ବିରୋଧୀଦଳ ସରକାରଙ୍କୁ ଲଗାତାର ଆକ୍ରମଣ କରୁଛନ୍ତି। ଏହାସହିତ ଲୋକସଭା ଏବଂ ରାଜ୍ୟସଭାରେ ବିରୋଧୀଦଳ ଗୁଡ଼ିକ ବିହାରରେ ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ସ୍ୱତନ୍ତ୍ର ବ୍ୟାପକ ସଂଶୋଧନ ଅଭିଯାନକୁ ନେଇ ମଧ୍ୟ ସରକାରଙ୍କୁ ଟାର୍ଗେଟ କରୁଛନ୍ତି। ବିରୋଧୀଦଳ ଏହି ପ୍ରସଙ୍ଗରେ ଗୃହରେ ଆଲୋଚନା ପାଇଁ ଲଗାତାର ଦାବି କରୁଛନ୍ତି। ଏହାଯୋଗୁ ଗୃହରେ ଅଚଳାବସ୍ଥା ସୃଷ୍ଟି ହେଉଛି। ସେପଟେ ସରକାର କହିଛନ୍ତି, ଏସଆଇଆର ଉପରେ ଆଲୋଚନା କରାଯାଇପାରିବ ନାହିଁ। ଏହା ନିର୍ବାଚନ କମିଶନଙ୍କ କାର୍ଯ୍ୟ ଏବଂ ନିୟମ ମଧ୍ୟ ଏହାକୁ ଅନୁମତି ଦିଏ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

## ରାତି ସିଫ୍ଟରେ କାମ କରିପାରିବେ ମହିଳା

# ୧୧ ସୂତ୍ରୀ ଗାଇଡ୍‌ଲାଇନ୍ ଜାରି



ଫାଇଲ ଫଟୋ

**ରାଜ୍ୟ ସରକାରଙ୍କଠାରୁ ମିଳିଲା ଅନୁମତି**

ଭୁବନେଶ୍ୱର,୪।୮(ଭାସ୍କର ନ୍ୟୁଜ): ରାଜ୍ୟରେ ମହିଳା ବିରୋଧୀ ହିଂସା ଓ ନିର୍ଯାତନା ମାମଲା ବୃଦ୍ଧିକୁ ନେଇ ବିରୋଧୀଦଳ ଗୁଡ଼ିକର ତୁମ୍ଭିତୋଫାନ ମଧ୍ୟରେ ରାଜ୍ୟ ସରକାର ମହିଳାମାନେ ରାତି ସିଫ୍ଟରେ କାର୍ଯ୍ୟ କରିବା ନେଇ ଏକ ନୂଆ ଗାଇଡଲାଇନ ଜାରି କରିଛନ୍ତି। ମହିଳାଙ୍କ ପାଇଁ ରୋଜଗାର ସୁଯୋଗ ବୃଦ୍ଧି କରିବା ଏବଂ ଇଜ୍ ଅଫ୍ ଡୁଇଂ ବିଜିନେସ୍‌କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ତଥା ମହିଳାଙ୍କ ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରିବା ନିମନ୍ତେ ଏହି ଗାଇଡ୍ ଲାଇନ ଜାରି କରାଯାଇଛି। ଯଦିଓ ୨୦୨୨ ଜୁଲାଇ ୩୧ ତାରିଖରେ ଓଡ଼ିଶା ସରକାର ରାତି ସିଫ୍ଟରେ ମହିଳାମାନଙ୍କୁ କାମ କରିବାକୁ ଅନୁମତି ଦେଇ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ-୧୯୫୬ର ଧାରା ୨୩କୁ କୋହଳ କରିଥିଲେ, ତେବେ ୨୦୨୫ ଜୁଲାଇ ୩୧ ତାରିଖରେ ଜାରି ବିଜ୍ଞପ୍ତିରେ ପୂର୍ବର ଏହି ଆଦେଶକୁ ରଦ୍ଦ କରି ମହିଳାଙ୍କୁ ରାତି ସିଫ୍ଟରେ କାର୍ଯ୍ୟ କରିବା ପାଇଁ ଅନୁମତି ଦେବା ଉଦ୍ଦେଶ୍ୟରେ ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ରାଜ୍ୟ ଇଏସ୍‌ଆଇ ଓ ଶ୍ରମ ବିଭାଗ ପକ୍ଷରୁ ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ରାତି ସିଫ୍ଟରେ କାମ କରିବା ପାଇଁ ମହିଳା କର୍ମଚାରୀଙ୍କ ଲିଖିତ ସମ୍ମତି ବାଧ୍ୟତାମୂଳକ କରାଯାଇଛି। ସିଫ୍ଟରେ ଅତି କମ୍‌ରେ ୩ଜଣ ମହିଳା କର୍ମଚାରୀ ରହିବା ଆବଶ୍ୟକ, ଯେଉଁଥିରେ ଅନସାଇଟ୍ ମହିଳା ନିଯୁକ୍ତିଦାତା ମଧ୍ୟ ଅନ୍ତର୍ଭୁକ୍ତ ହୋଇପାରିବେ। ମହିଳାମାନଙ୍କୁ ସେମାନଙ୍କ ବାସସ୍ଥାନ ନିକଟରୁ ଆଣିବା ଓ ଛାଡ଼ିବା ପାଇଁ ଜିପିଏସ୍ ଟ୍ରାକିଂ ସିଷ୍ଟମ ସହ ସୁରକ୍ଷିତ ପରିବହନ ସୁବିଧା ଯୋଗାଇବାକୁ ପଡ଼ିବ। ନିଯୁକ୍ତିଦାତାଙ୍କୁ ରାତି ସିଫ୍ଟପାଇଁ ବ୍ୟବହୃତ ଗାଡ଼ିର ପ୍ରତ୍ୟେକ ଡ୍ରାଇଭରଙ୍କ ବାଓଡାଟା ଓ ପୋଲିସ • ପୃଷ୍ଠା ୫ ଦେଖନ୍ତୁ

## ରାହୁଲଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

# ପ୍ରକୃତ ଭାରତୀୟ ହୋଇଥିଲେ କହିନଥାନ୍ତ



ନୂଆଦିଲ୍ଲୀ,୪।୮: ଭାରତର ଜମିକୁ ଚୀନ୍ ହଡପ କରିଛି ବୋଲି ଆପଣ କିପରି ଜାଣିଲେ? ଯଦି ଆପଣ ପ୍ରକୃତ ଭାରତୀୟ ହୋଇଥାନ୍ତେ ତେବେ ଆପଣ ଏହା ଆଦୌ କହିନଥାନ୍ତେ। ଏପରି ଏକ କଡା ଟିପ୍ପଣୀ ଦେଇ ବିରୋଧୀଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ସୋମବାର କଡ଼ା ଭାଷାରେ ଭର୍ତ୍ସନା କରିଛନ୍ତି ସୁପ୍ରିମକୋର୍ଟ। ଭାରତ ଯୋଡ଼ ଯାତ୍ରା ସମୟରେ ଭାରତୀୟ ସେନା ବିରୁଦ୍ଧରେ ଦେଇଥିବା ମନ୍ତବ୍ୟ ମାମଲାରେ ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଥିଲେ ରାହୁଲ। ସୁପ୍ରିମକୋର୍ଟରେ ଶୁଣାଣି ଚାଲିଥିବାବେଳେ ଖଣ୍ଡପୀଠ ରାହୁଲ ଗାନ୍ଧୀଙ୍କୁ କହିଥିଲେ, ଆପଣ କିପରି ଜାଣିଲେ ଯେ ଭାରତର ୨୦୦୦ ବର୍ଗକିମି ଜମିକୁ ଚୀନ୍ ହଡପ କରିଛି। ଯଦି ଆପଣ ଜଣେ ସଚ୍ଚା ଭାରତୀୟ ହୋଇଥାନ୍ତେ, ତେବେ କଦାପି ଏହା କହିନଥାନ୍ତେ। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ଦୀପଙ୍କର ଦତ୍ତା ଏବଂ ଜଷ୍ଟିସ ଏ.ଜି.ମସିହଙ୍କ ଖଣ୍ଡପୀଠ ସମ୍ମୁଖରେ ହାଜର ହୋଇ ରାହୁଲଙ୍କ ଓକିଲ ଅଭିଷେକ ମନୁସିହଭୀ ଯୁକ୍ତି ଉପସ୍ଥାପନ କରିଥିଲେ ଯେ ଯଦି ଜଣେ ବିରୋଧୀଦଳ ନେତା ଏହି ପ୍ରସଙ୍ଗ ଉଠାଇପାରିବେ ନାହିଁ ତେବେ ଏହା ଏକ ଦୁର୍ଭାଗ୍ୟଜନକ କଥା। ଯଦି ସେ ପ୍ରେସ୍‌ରେ ପ୍ରକାଶିତ ଏହିକଥା କହିପାରିବେ ନାହିଁ, ତେବେ ସେ ବିରୋଧୀଦଳ • ପୃଷ୍ଠା ୫ ଦେଖନ୍ତୁ

ଓଡ଼ିଶା ଭାସ୍କର
ODISHA BHASKAR
ମହାନଗର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବରପୁତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଆମ ରାଜ୍ୟର ପ୍ରଥମ ତଥା ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କର ଶ୍ରାଦ୍ଧ ଦିବସ ଉତ୍କଳ ସମ୍ମିଳନୀ ପକ୍ଷରୁ ପାଳିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ମାଲ୍ୟାର୍ପଣ ସଭାରେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ଉତ୍କଳ ସମ୍ମିଳନୀର ଉପ-ସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର ଓ ଶାଖା ଉପଦେଷ୍ଟା ନିମାଇଁ ଚରଣ ଦାସ, ଶାଖା ଉପ- ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଓ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ପ୍ରମୁଖ ବରପୁତ୍ରୀଙ୍କ ଗୁଣାବଳୀ ବର୍ଣ୍ଣନା କରି କହିଥିଲେ, ପିଲାଦିନରୁ ୟୁନିୟନ ଜ୍ୟାକ ପତାକା ଓହ୍ଲାଇ ସାହାସିକତାର ପରିଚୟ ଦେଇଥିଲେ ନନ୍ଦିନୀ ଦେବୀ । କାର୍ଯ୍ୟକ୍ରମରେ ସମ୍ମିଳନୀର କର୍ମକର୍ତ୍ତା ବାସନ୍ତୀ ତ୍ରିପାଠୀ, ମହେଶ୍ୱର ବିଶ୍ୱାଳ ଓ ରାମ ଚନ୍ଦ୍ର ସାମଲ ପ୍ରମୁଖ ବହୁ ସଦସ୍ୟ ସଦସ୍ୟା ଯୋଗଦେଇ ମାଲ୍ୟାର୍ପଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।



ଶ୍ରାବଣ ଶେଷ ସୋମବାର

# ଶୈବପୀଠରେ ଲକ୍ଷାଧିକ କାଉଡ଼ିଆଙ୍କ ଭିଡ଼



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଜି ଶ୍ରାବଣ ମାସର ଶେଷ ସୋମବାର । ଏଥିପାଇଁ ଟ୍ୱିନ୍‌ସିଟିରେ ଥିବା ଶିବପୀଠ ଗୁଡ଼ିରେ ଲକ୍ଷାଧିକ କାଉଡ଼ିଆଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । କାଉଡିଆମାନେ ଶେଷ ସୋମବାରରେ ଜଳାଭିଷେକ ପାଇଁ ଶିବ ମନ୍ଦିରରେ ଭିଡ ଜମାଇଥିଲେ । ଶ୍ରୀ ଶ୍ରୀ ବାବା ଧବଳେଶ୍ୱର ପୀଠରୁ ଆରମ୍ଭକରି ଶ୍ରୀଲିଙ୍ଗରାଜ ମନ୍ଦିର ବ୍ୟତୀତ ଅନ୍ୟାନ୍ୟ ସମସ୍ତ ଶୈବପୀଠଗୁଡ଼ିକରେ କାଉଡିଆଙ୍କ ଲମ୍ବା ଲାଇନ୍ ଲାଗିଥିଲା । ବୋଲ୍ ବମ୍ ହର୍ ହର୍ ବମ୍ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶୈବପୀଠ । ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିରରେ କାଉଡ଼ିଆଙ୍କ କୌଣସି ସମସ୍ୟା ନ ଉପୁଜିବା ନିମନ୍ତେ କମିଶେନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ସେହିପରି ଧବଳେଶ୍ୱର ପୀଠରେ ଅନୁରୂପ ଭାବେ କାଉଡ଼ିଆଙ୍କ ପାଇଁ ବ୍ୟବସ୍ଥା କରାଯାଇଥିଲା । ଚଳିତବର୍ଷ କାଉଡ଼ିଆଙ୍କ ବୋଲ୍‌ବମ୍ ଯାତ୍ରା ଶେଷ ହୋଇଥିବା ବେଳେ ପୁଣି ଆସନ୍ତାବର୍ଷକୁ ସମସ୍ତଙ୍କ ଅପେକ୍ଷା ।

## କଟକଣା ସତ୍ତ୍ୱେ ବାହାରିଲା ପୁଳାପୁଳା ବ୍ଲେଡ୍

ଶ୍ରାବଣୀ ଜଳଲାଗିର ଶେଷ ସୋମବାରରେ ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ଏକ ସ୍ୱେଚ୍ଛାକୃତ ଶ୍ରମଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । 'ସ୍ୱଚ୍ଛତା ହିଁ ପବିତ୍ରତା', ଏହି ମନ୍ତ୍ରକୁ ସ୍ୱେଚ୍ଛାସେବୀମାନେ ଆପଣାଇ ମନ୍ଦିର ପରିସର ମଧ୍ୟରେ ଏଣେ ତେଣେ ବୋଲବମ୍ ଭକ୍ତ ଛାଡ଼ି ଚାଲି ଯାଇଥିବା ପ୍ଲାଷ୍ଟିକ୍ କଳସ, ବାହୁଙ୍ଗି, ଚିକିଟା ମାଟି, ସାଲୁକନା, ପ୍ଲାଷ୍ଟିକ୍ ପାଣିବୋତଲ, ଫୁଲ, ନଡ଼ିଆ ଇତ୍ୟାଦି ଆବର୍ଜନାକୁ ପରିଷ୍କାର ପରିଚ୍ଛନ୍ନ କରିଥିଲେ । ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଶିବିରରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶାଖାର ସ୍ୱେଚ୍ଛାସେବୀ, ସାମାଜିକ ଅନୁଷ୍ଠାନ ଗର୍ଗ ଫାଉଣ୍ଡେସନ୍, ମାଇଣ୍ଡ ଏମ୍ପାୱାରମେ ଫାଉଣ୍ଡେସନ୍, ସୁରେନ୍ଦ୍ର ନାଥ ଜେନା ଟ୍ରଷ୍ଟ, ମିସିଂ ଫାଉଣ୍ଡେସନ୍ ପ୍ରମୁଖ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଏଥିରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ମନ୍ଦିର ପ୍ରଶାସନର କଟକଣା ସତ୍ତ୍ୱେ ମନ୍ଦିର ପରିସରକୁ ସଫେଇ ସମୟରେ ପୁଳା ପୁଳା ଧାରୁଆ ବ୍ଲେଡ୍ ବାହାରିଥିଲା । ଏଭଳି ଆପତ୍ତିଜନକ ସାମଗ୍ରୀ ମନ୍ଦିର ଭିତରୁ ବାହାରିବାକୁ ନେଇ ସାମାଜିକ କର୍ମୀ ଶ୍ରୀ ସାହୁ ଉଦ୍‌ବେଗ ପ୍ରକାଶ କରିବା ସହ ସ୍ୱେଚ୍ଛାସେବୀମାନେ ଅଭିନବ ଢ଼ଙ୍ଗରେ ନିଷିଦ୍ଧ ପାଇଁ ଦାବି କରିଥିଲେ । ଉକ୍ତ ଶିବିରରେ ୪୦ଜଣ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିଲେ ।



ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରୁଛନ୍ତି ।

## ଜଷ୍ଟିସ୍ ଏମ୍ଏସ୍ ପାଠକ ଓଏସ୍ଏଲ୍ଏସ୍ଏର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ହାଇକୋର୍ଟର ବିଚାରପତି ମାନସ ରଞ୍ଜନ ପାଠକ ହେଲେ ରାଜ୍ୟ ଆଇନସେବା ପ୍ରାଧିକରଣର (ଓଏସ୍ଏଲ୍ଏସ୍ଏ) କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ । ଏ ନେଇ ରାଜ୍ୟ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ପରାମର୍ଶକ୍ରମେ ମହାମହିମ ରାଜ୍ୟପାଳ ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ଜଷ୍ଟିସ୍ ପାଠକଙ୍କୁ ମନୋନୀତ କରିଥିବା ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି ।

## ଭ୍ରାମ୍ୟମାଣ ପ୍ରବାସୀ ସାଧନ କେନ୍ଦ୍ର ଉଦ୍‌ଘାଟିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): କୃଷି ଭବନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସୋମବାର ଭ୍ରାମ୍ୟମାଣ ପ୍ରବାସୀ ସାଧନ କେନ୍ଦ୍ର ବା ସଚେତନା ରଥର ଶୁଭ ଉଦଘାଟନ କରିଛନ୍ତି । ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଖାଦ୍ୟ ଓ କୃଷି ସଂଗଠନ ଓ ଅନ୍ତର୍ଜାତୀୟ ପ୍ରବାସ ସଂଗଠନ ମିଳିତ ସହଯୋଗ ଓ ଜାତିସଂଘ ପ୍ରବାସୀ ମଲ୍ଟି-ପାର୍ଟନର ଟ୍ରଷ୍ଟ ଫଣ୍ଡର ସମର୍ଥନରେ ଓଡ଼ିଶାର ପ୍ରଥମ ଭ୍ରାମ୍ୟମାଣ ପ୍ରବାସୀ ସାଧନ କେନ୍ଦ୍ରର ଆରମ୍ଭ କରାଯାଇଛି । ଗଞ୍ଜାମ ଓ କେନ୍ଦୁଝରର ୫ଟି ପ୍ରବାସ ପ୍ରବଣ ବ୍ଲକରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଏହା କାର୍ଯ୍ୟ କରିବ । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା ଦାଦନ ଶ୍ରମିକଙ୍କ ସହାୟତା ନିମନ୍ତେ ଗଠିତ ଟାସ୍କଫୋର୍ସର ଚେୟାରମ୍ୟାନ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ବର୍ତ୍ତମାନ ଓଡ଼ିଶା ସରକାରଙ୍କ ତରଫରୁ ମହିଳା, ଯୁବବର୍ଗ, ଫେରନ୍ତା ପ୍ରବାସୀଙ୍କ ପାଇଁ ବିଭିନ୍ନ ଜୀବିକା ବିକାଶ କାର୍ଯ୍ୟକ୍ରମ ଓ ଦକ୍ଷତା ବିକାଶ, ନିଯୁକ୍ତି ସଂଯୋଜନ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କହିଥିଲେ । ସେହିପରି ଏହି ଭ୍ରାମ୍ୟମାଣ କେନ୍ଦ୍ର ପ୍ରବାସୀଙ୍କୁ ସହଯୋଗ କରିବା ସହ ପ୍ରବାସ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଏକ [illegible] ଯୋଜନା ପ୍ରସ୍ତୁତ କରିବାରେ ସହାୟକ ହେବ ବୋଲି କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀ ମତବ୍ୟକ୍ତ କରିଛନ୍ତି । କାର୍ଯ୍ୟକ୍ରମରେ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ, ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟର ପ୍ରବାସୀ ସୁରକ୍ଷା ଅଧିକାରୀ ସୁନିଲ ଶାହ, କୃଷି ବିଭାଗ ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର, ଡ଼ ସଂଗ୍ରାମ କେଶରୀ ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ, ନଗେନ୍ଦ୍ର ମଲ୍ଲିକ, ସହକାରୀ ନିର୍ଦ୍ଦେଶକ, ୟୁନାଇଟେଡ଼ ନେସନ୍ସ ଅନ୍ତର୍ଜାତୀୟ ପ୍ରବାସୀ ସଂଗଠନର ଅମିତ ଚୌଧୁରୀ, ଅଙ୍କିତା ସୁରଭି, ନବନୀତା, ରତ୍ନମ୍ବରା ପ୍ରିୟଦର୍ଶିନୀ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଏଫଏଓ, ୱାସନ, ଏସଏମଆରସିର ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

## ଏବିଭିପି ଓ ବିଜେପିର ମୁଖା ଖୋଲିଯାଇଛି: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏଫଏମ କଲେଜ ଛାତ୍ରୀ ଆତ୍ମାହୂତି ଘଟଣାରେ ଦୁଇ କଲେଜ ଛାତ୍ର ତଥା ଏବିଭିପି ସଦସ୍ୟଙ୍କ ଗିରଫ ପରେ ଏବିଭିପି ଓ ବିଜେପିର ମୁଖା ଖୋଲିଯାଇଛି ବୋଲି ବିଜୁ ଜନତା ଦଳ କହିଛି । ଘଟଣାରେ ଷଡ଼ଯନ୍ତ୍ର ଲୁଚି ରହିଛି ବୋଲି ବିଜୁ ଜନତା ଦଳ ପ୍ରଥମ ଦିନରୁ କହିଆସୁଥିଲା ଏବଂ ଏବିଭିପିର ଦୁଇ ସଦସ୍ୟଙ୍କ ଗିରଫ ପରେ ଏହା ପ୍ରମାଣିତ ହେଲା । କିନ୍ତୁ ଏହି ଷଡ଼ଯନ୍ତ୍ରରେ ବିଜେପିର କିଛି ନେତା ସମ୍ପୃକ୍ତ ଥିଲାବେଳେ ଦୁଇ ଏବିଭିପି ସଦସ୍ୟଙ୍କୁ ଗିରଫ କରି ବିଜେପି ତାର ନେତାଙ୍କୁ ଖସାଇ ଦେବାକୁ ଉଦ୍ୟମ କରୁଛନ୍ତି ବୋଲି ଦଳ ଅଭିଯୋଗ କରିଛି । ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଗୌତମବୁଦ୍ଧ ଦାସ, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଓ ଦଳର ମୁଖପାତ୍ର ଇପ୍ସିତା ସାହୁ ସମଗ୍ର ଘଟଣାରେ ବ୍ୟବସ୍ଥାଗତ ବିଫଳତାକୁ ଦାୟୀ କରି ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଥିଲେ । ଶ୍ରୀ ଦାସ କହିଥିଲେ, ଜଣେ ଅଧ୍ୟାପକ ଛାତ୍ରୀଙ୍କୁ ଯୌନ ଅନୁଗ୍ରହ ମାଗିବା ପରେ, ସେ ନ୍ୟାୟ ପାଇଁ ସଂଘର୍ଷ କରୁଥିବା ବେଳେ, ଏବିଭିପି ଓ ବିଜେପି ନେତା ମାନେ ତାଙ୍କୁ ରାଜନୈତିକ ଫାଇଦା ପାଇଁ ବ୍ୟବହାର କରିଥିଲେ । ଶ୍ରୀ ତ୍ରିପାଠୀ କହିଥିଲେ ଛାତ୍ର ସଂଗଠନକୁ ମଜବୁତ କରିବା ପାଇଁ ଏଫଏମ କଲେଜରେ ରଚାଯାଇଥିଲା ଏକ ଘୃଣ୍ୟ ଷଡ଼ଯନ୍ତ୍ର । ଶ୍ରୀମତୀ ସାହୁ କହିଥିଲେ, ଜ୍ଞାନ ଚରିତ୍ର ଓ ଏକତା ଭଳି ଆଦର୍ଶର ପାଠ ପଢାଇ ଆସୁଥିବା ଏବିଭିପିର ଅସଲ ମୁଖା ଆଜି ଖୋଲିଯାଇଛି । ରାଜନୈତିକ ସ୍ୱାର୍ଥ ହାସଲ କରିବା ପାଇଁ ଏବିଭିପି ଓ ବିଜେପି ନେତାମାନେ ଭଉଣୀ ସୌମ୍ୟାଶ୍ରୀଙ୍କୁ ମୋହରା ବନେଇ ଦେଇଛନ୍ତି । ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ ଗିରଫ ହେବା ପର୍ଯ୍ୟନ୍ତ ବିଜୁ ଜନତା ଦଳ ଲଢେଇ ଜାରି ରଖିବ ।

## ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଦିବଙ୍ଗତା ବଲଙ୍ଗୀ ପୀଡ଼ିତା, ଏଫଏମ ସ୍ୱୟଂଶାସିତ ମହା ବିଦ୍ୟାଳୟର ପୀଡ଼ିତା ଓ ଧର୍ମଶାଳା ବିଧାୟକଙ୍କ ଦ୍ୱାରା ଅତ୍ୟାଚାରିତାଙ୍କୁ ନ୍ୟାୟ ଦାବିରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯାଇଥିଲା । ପୋଲିସ ସହ ଧସ୍ତାଧସ୍ତି ପରେ ଯୁବ କଂଗ୍ରେସର କର୍ମୀମାନଙ୍କୁ ପୋଲିସ ସେଠାରୁ ଗରିଫ କରି ନେଇଯାଇଥିଲା । ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି ଯେ ଓଡ଼ିଶାର ନାରୀଙ୍କୁ ନ୍ୟାୟ ଦେବାରେ ବିଜେପି ସରକାର ବିଫଳ ହୋଇଛନ୍ତି । ଦିନକୁ ୧୫ ମହିଳା ଦୁଷ୍କର୍ମର ଶିକାର । ମୋହନ ସରକାର ଦୁଷ୍କର୍ମକାରୀ, ମହିଳା ଅତ୍ୟାଚାରୀ ଓ ନିର୍ଯାତନାକାରୀର ପକ୍ଷ ନେଉଛନ୍ତି । ଓଡ଼ିଶାର ମହିଳା ଆତଙ୍କିତ । ରାସ୍ତାରେ ସୁରକ୍ଷିତ ଭାବେ ଚାଲିଯିବାକୁ ଭୟ କରୁଛନ୍ତି । ବଲଙ୍ଗା ପୀଡ଼ିତାଙ୍କୁ ହତ୍ୟା କରାଯାଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗଣମାଧ୍ୟମରେ କହିଲେ ପୀଡ଼ିତାର ସ୍ୱାସ୍ଥ୍ୟ ଅବସ୍ଥାର ଉନ୍ନତି ଘଟୁଛି ମାତ୍ର ପୀଡ଼ିତା ମୃତ୍ୟୁବରଣ କଲା କିପରି । ପ୍ରଭାତୀ ପରିଡ଼ାଙ୍କ ରଚିତ କାହାଣୀକୁ ପୋଲିସ ବା ତଦନ୍ତକାରୀ ସଂସ୍ଥା ରିପୋର୍ଟ ପ୍ରସ୍ତୁତ କରିଛି । ଅନ୍ୟପକ୍ଷରେ ଯୁବ କଂଗ୍ରେସ ବାଲେଶ୍ୱର ସ୍ୱୟଂଶାସିତ ବିଶ୍ୱବିଦ୍ୟାଳୟର ଦିବଂଗତା ପୀଡ଼ିତାର ଆତ୍ମହତ୍ୟା ଉଦ୍ୟମ ପଛରେ ଏବିଭିପି ସଂଗଠନର ଭୂମିକା ରହିଛି ବୋଲି ଅଭିଯୋଗ କରିଥିଲା ।

## ଯଶବନ୍ତ ସିଂହ କମିଶନ ହାଇକୋର୍ଟ ବେଞ୍ଚ ନେଇ ମାପଦଣ୍ଡ ସ୍ଥିର

କଟକ(ଭାସ୍କର ନ୍ୟୁଜ): ହାଇକୋର୍ଟ ସ୍ଥାୟୀ ବେଞ୍ଚ ପାଇଁ ଅନେକ ରାଜ୍ୟରୁ ଦାବି ହେଉଛି । ହାଇକୋର୍ଟ ବିଭାଜନ ହେବା ଲୋକଙ୍କ ଦ୍ୱାରଦେଶରେ ନ୍ୟାୟ ପହଞ୍ଚିବା ପାଇଁ ବେଞ୍ଚ ପ୍ରତିଷ୍ଠା ଦାବି ସପକ୍ଷରେ ଆମେ ଥିଲୁ ଏବଂ ଅଛୁ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସେ କହିଛନ୍ତି ଯେ, ଯଶବନ୍ତ ସିଂହ କମିଶନ ହାଇକୋର୍ଟ ବେଞ୍ଚ ନେଇ ମାପଦଣ୍ଡ ସ୍ଥିର କରିଛନ୍ତି । ଓକିଲ ସଙ୍ଘ ନିଜ ଭିତରେ ଆଲୋଚନା କରି ସ୍ଥିର କରିବା କଥା ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା, କେଉଁଠି ହାଇକୋର୍ଟ ବେଞ୍ଚ ସ୍ଥାପନ ହେବ । ଆଜି ଯାଏଁ କେନ୍ଦ୍ର ସରକାରଙ୍କୁ ଏକ ସମନ୍ୱିତ ପ୍ରସ୍ତାବ ଦିଆଗଲା ନାହିଁ । ଏ ବାବଦରେ ଓକିଲ ସଂଘ ସହ ଆଲୋଚନା ଚାଲିଛି । ଏକ ସମନ୍ୱିତ ପ୍ରସ୍ତାବ ପଠାଇବାର ଆବଶ୍ୟକତା ଅଛି । ବେଞ୍ଚ ପ୍ରତିଷ୍ଠା ନେଇ ସ୍ଥାନ ଏବଂ ଆନୁଷଙ୍ଗିକ ବ୍ୟବସ୍ଥା ନେଇ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ସେ କହିଛନ୍ତି ।

## ସୁବାସ ପାଣିଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜଗନ୍ନାଥ ସଂସ୍କୃତି ଗବେଷକ ଓ ଲେଖକ ସୁବାସ ପାଣିଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକପ୍ରକାଶ କରିଛନ୍ତି । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଓଡ଼ିଶା ସରକାରଙ୍କ ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ତଥା ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଗବେଷକ ଓ ଲେଖକ ସୁବାସ ପାଣିଙ୍କ ଦେହାନ୍ତ ଶୁଣି ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ । ତାଙ୍କ ବିୟୋଗ ଆମ ସମସ୍ତଙ୍କ ପାଇଁ ଏକ ଅପୂରଣୀୟ କ୍ଷତି । ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ।

## ନନ୍ଦିନୀ ଶତପଥୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନନ୍ଦିନୀ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧ ବାର୍ଷିକୀରେ ମୁଁ ଶ୍ରଦ୍ଧାଞ୍ଜଳି ଜଣାଉଛି ।

## ଲକ୍ଷପତି ଦିଦି ହେବେ କୋଟିପତି ଦିଦି



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଲକ୍ଷପତି ଦିଦି ହେବେ କୋଟିପତି ଦିଦି । ସେମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀରୁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ଋଣ ଯୋଗାଇ ଦେବାକୁ ସରକାର ପ୍ରାଥମିକତା ଦେବେ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ସୋମବାର ଦିନ ଉପମୁଖ୍ୟମନ୍ତ୍ରୀ ସୁଭଦ୍ରା ଭଉଣୀଙ୍କ ସହ ଆଲୋଚନା କରି କହିଛନ୍ତି ଯେ ସରକାର ଯେତେ ଆର୍ଥିକ ସହାୟତା ଦେଉଛନ୍ତି ବ୍ୟାଙ୍କ ସହ ସଂଯୋଗ କରାଯିବ । ଏସ୍‌ଏଚ୍‌ଜିରୁ ମିଳୁଥିବା ବିନା ସୁଧ ଋଣ କେମିତି ଯୋଗାଇ ବର୍ଷକରେ ଲକ୍ଷପତିଙ୍କୁ କୋଟିପତି ଦିଦି କରାଯିବ ସେନେଇ ସରକାର ଗୁରୁତ୍ୱ ଦେଉଛନ୍ତି । ଏହାସହ ସଫଳ ସୁଭଦ୍ରା ଭଉଣୀଙ୍କୁ ବିଭାଗକୁ ଚିଠି ଲେଖିବାକୁ କହିଛନ୍ତି ଉପମୁଖ୍ୟମନ୍ତ୍ରୀ । ସୁଭଦ୍ରା ଟଙ୍କାରେ କଣ କରିଛନ୍ତି ସେ ନେଇ ଚିଠି ଲେଖିବାକୁ କୁହାଯାଇଛି । ସଫଳ ବିଜିନେସ ମଡେଲକୁ ୱେବ ସାଇଟରେ ସ୍ଥାନିତ କରାଯିବ ।

## ବାଲେଶ୍ୱର ଓ ବଲଙ୍ଗାରେ ସାଧାରଣ ସଭା କରିବ କଂଗ୍ରେସ: ଭକ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବାଲେଶ୍ୱର ଏବଂ ବଲଙ୍ଗା ଅପମୃତ୍ୟୁକୁ ନେଇ ଭବିଷ୍ୟତରେ କଂଗ୍ରେସ ଦଳ ଏନେଇ ଉକ୍ତ ଦୁଇ ସ୍ଥାନରେ ପଦଯାତ୍ରା କରିବା ସହ ରାଜ୍ୟବ୍ୟାପୀ ଥାନା ଘେରାଉ କାର୍ଯ୍ୟକ୍ରମ କରିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି । ନାରୀ ନ୍ୟାୟ ପାଇଁ ଆସନ୍ତା ୧୪ ତାରିଖରେ ବାଲେଶ୍ୱର ଏଫଏମ କଲେଜରୁ ଭୋଗରାଇ ଏବଂ ୧୨ ତାରିଖରେ ବଲଙ୍ଗା ପୋଡି ଘଟଣା ସ୍ଥଳରୁ ନିମାପଡା ଏକ ଶୋଭାଯାତ୍ରା ଆୟୋଜନ କରାଯିବ । ଆମେ ବଲଙ୍ଗା ପୀଡ଼ିତାଙ୍କ ନ୍ୟାୟ ପାଇଁ ୭ ଦିନ ସମୟ ଦେଇଛୁ । ଯଦି ନ୍ୟାୟ ନ ମିଳେ, ତେବେ କଟକ ସ୍ଥିତ ଡିଜିପି ଅଫିସ କଂଗ୍ରେସ ପକ୍ଷରୁ ଘେରାଉ କରାଯିବ । ପୁଣି ସାରା ରାଜ୍ୟରେ ଥାନା ଘେରାଉ କାର୍ଯ୍ୟକ୍ରମ ରହିଛି । ଆମର ଉଦ୍ଦେଶ୍ୟ ପୁଲିସ ସହ ଲଢେଇ ନୁହେଁ, ପୁଲିସକୁ ସଚେତନ କରିବା । ରାଜନୈତିକ ଅଭିସନ୍ଧି ରଖି ଅପରାଧୀଙ୍କୁ ସରକାର ସୁରକ୍ଷା ଦେଉଛି । ଆମେ ପୁଲିସକୁ ବିବେକ ଅନୁଯାୟୀ କ୍ରିୟାଶୀଳ ହେବାପାଇଁ ଅନୁରୋଧ କରୁଛୁ ବୋଲି ସଭାପତି ଶ୍ରୀ ଦାସ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି ।

## ଅଭିଯୋଗ ଶୁଣିଲେ ବିଏମ୍‌ସି କମିଶନର ଚଞ୍ଚଳ ରାଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଏମସି କମିଶନର ଭାବେ ଯୋଗ ଦେବା ପରେ ପ୍ରଥମ ଥର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ କରିଛନ୍ତି କମିଶନର ଚଞ୍ଚଳ ରାଣା । ଲୋକଙ୍କର ବିଭିନ୍ନ ପ୍ରକାରର ସମସ୍ୟା ଶୁଣିବା ସହ ପୂରଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ସେ କହିଛନ୍ତି ଡ୍ରେନେଜ, ଜବରଦଖଲ ଉଚ୍ଛେଦ, ଭତା, ଜଳବନ୍ଦୀ ଆଦି ବିଭିନ୍ନ ସମସ୍ୟା ତା ସହ ବେଆଇନ ନିର୍ମାଣ ଆଦି ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଯେଉଁ ଗୁଡିକ ଦିନେ ଦୁଇ ଦିନ ଭିତରେ ସମାଧାନ ସମ୍ଭବ ତାହା କରିବୁ ଅନ୍ୟ ଗୁଡ଼ିକ ମଧ୍ୟ ତୁରନ୍ତ ସମାଧାନ ପାଇଁ ଚେଷ୍ଟା କରିବୁ । କିଛି ବସ୍ତି ଲୋକ ଆସିଥିଲେ ଯେଉଁମାନଙ୍କୁ ସରକାରୀ ଯୋଜନା ଅନୁସାରେ ସୁବିଧା ଦିଆଯିବ । ତା ସହ କିଛି ବସ୍ତି ଲୋକଙ୍କୁ ଚିହ୍ନଟ କରାଯାଇଛି ଆଗାମୀ ଦିନରେ ସେମାନଙ୍କୁ ଥଇଥାନ କରାଯିବ । ସରକାରଙ୍କ ଆବାସ ଯୋଜନାରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରି ଘର ଯୋଗାଇ ଦିଆଯିବ । ସେହିଭଳି କିଛି ୱାର୍ଡରେ ପାଣି ଜମୁଛି । ବିଲ ଜାଗା ଗୁଡିକରେ ଲୋକେ ଘର କରିଛନ୍ତି । ଯାହା ସ୍ୱତନ୍ତ୍ର ପ୍ଲାନରେ ହୋଇନି ସେଥିପ୍ରତି ମଧ୍ୟ ବିଡ଼ିଏ ଓ ବିଏମସି ମିଳିତ ଭାବେ ଧ୍ୟାନ ଦେଉଛି ।

## ଯୌତୁକ ପାଇଁ ବୋହୂଙ୍କୁ ମାରିଥିବା ଅଭିଯୋଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଯୌତୁକ ପାଇଁ ବୋହୂଙ୍କୁ ମାରିଦେଇଥିବା ଅଭିଯୋଗ । ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅଧୀନ ବରିମୁଣ୍ଡ ଗାଁରେ ଅଭାବନୀୟ ଘଟଣା ଓ ରଶ୍ମିତା ସ୍ୱାଇଁଙ୍କୁ ଶ୍ୱଶୁର ଘର ଲୋକ ଯୌତୁକ ମାରିଦେଇଥିବା ଅଭିଯୋଗ ହୋଇଛି । ୯ ବର୍ଷ ତଳେ ଭଲ ପାଇ ବିବାହ କରିଥିଲେ ଓ ବାରମ୍ବାର ଯୌତୁକ ପାଇଁ ଘର ଲୋକଙ୍କୁ ଚାପ ପଡୁଥିବା ଅଭିଯୋଗ ହୋଇଛି । ଝିଅକୁ ମୋବାଇଲ ଧରାଇ ଦେଉନଥିଲେ, ହଠାତ ଖବର ଦେଲେ ଝିଅ ହସ୍ପିଟାଲରେ ଅଛି, ଦେଖିଲା ବେଳକୁ ଝିଅ ନାହିଁ ବୋଲି ରଶ୍ମିତାଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି ।

### ଯୌନ ନିର୍ଯାତନା ମାମଲାରେ ପ୍ରଧାନଶିକ୍ଷକ ଗିରଫ

## ପ୍ରତିବାଦରେ ଛାତ୍ରୀଙ୍କ ଆନ୍ଦୋଳନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୟୁନିଟ୍ ୧ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ଗତ ୧୨ ଦିନ ପୂର୍ବରୁ ମହିଳା ଶିକ୍ଷୟିତ୍ରୀଙ୍କୁ ଯୌନ ନିର୍ଯାତନା ମାମଲାରେ ଗିରଫ ହୋଇଛନ୍ତି । ତେବେ ଗିରଫ ପରେ ଏବେ ସ୍କୁଲ ଛାତ୍ରୀମାନେ ରାସ୍ତାରୋକ କରିବା ସହ ଆନ୍ଦୋଳନ କରିଛନ୍ତି । ପ୍ରଧାନଶିକ୍ଷକଙ୍କୁ ମିଛରେ ଗିରଫ କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ତାଙ୍କର କୌଣସି ଭୁଲ ନାହିଁ । ସ୍କୁଲ ଗେଟ୍ ତାଲା ପକାଇ ରାସ୍ତା ଅବରୋଧ କରିବା ସହ ଆନ୍ଦୋଳନ କରିଛନ୍ତି ଛାତ୍ରୀ ।

## ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ ବୋର୍ଡ ସଭାପତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଭେଟିଛନ୍ତି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ । ସୋମବାର ଦିନ ଲୋକସେବା ଭବନକୁ ଯାଇ ବୋର୍ଡ ସଭାପତି ମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଛନ୍ତି । ତେବେ କେଉଁ ପ୍ରସଙ୍ଗରେ ଆଲୋଚନା ହୋଇଛି ତାହା ସ୍ପଷ୍ଟ ହୋଇନାହିଁ । ଓଟିଇଟି ପ୍ରଶ୍ନପତ୍ର ଲିକ୍ ଓ ପରବର୍ତ୍ତୀ ଘଟଣାବଳୀକୁ ନେଇ ଆଲୋଚନା ହୋଇଥିବା ସୂଚନା ମିଳିଛି ।

## ନନ୍ଦିନୀ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନନ୍ଦିନୀ ଶତପଥୀଙ୍କ ତାଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ।

## ଏମ୍ସ ଭୁବନେଶ୍ୱରରେ ଐତିହାସିକ ୟୁରୋସ୍କୋପିଆ ଆୟୋଜିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏମ୍ସ ଭୁବନେଶ୍ୱରରେ ଉନ୍ନତ ଲାପାରୋସ୍କୋପିକ୍ ଏବଂ ରେଟ୍ରୋପେରିଟୋନୋସ୍କୋପିକ୍ ୟୁରୋଲୋଜିକାଲ ସର୍ଜରୀ ଉପରେ ଏକ ଜାତୀୟ ଅସ୍ତ୍ରୋପଚାର କର୍ମଶାଳା ୟୁରୋସ୍କୋପିଆ ୨୦୨୫ ସଫଳତାର ସହ ଆୟୋଜିତ ହୋଇଯାଇଛି । ଓଡ଼ିଶା ୟୁରୋଲୋଜି ଆସୋସିଏସନ୍ ସହ ମିଳିତ ଭାବରେ ଏମ୍ସ ଭୁବନେଶ୍ୱରର ୟୁରୋଲୋଜି ଏବଂ ରେନାଲ ଟ୍ରାନ୍ସପ୍ଲାଣ୍ଟେସନ୍ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ଆମ ରାଜ୍ୟରେ ପ୍ରଥମ । ପୂର୍ବଭାରତର ଚିକିତ୍ସା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ପାଲଟିଥିବା କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ପ୍ରଖ୍ୟାତ ୟୁରୋଲୋଜିଷ୍ଟ ଏବଂ ଯୁବ ସର୍ଜନ ଅଂଶଗ୍ରହଣ କରିଥିଲେ । ପୂର୍ବ ଭାରତରେ ପ୍ରଥମଥର ପାଇଁ ପ୍ରଚଳିତ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଟୁବିଙ୍ଗେନ୍ ମଡେଲ୍ ବ୍ୟବହାର ମାଧ୍ୟମରେ ବିଶେଷଜ୍ଞମାନେ ଲାଇଭ୍ ଏବଂ ସେମି-ଲାଇଭ୍ ଅସ୍ତ୍ରୋପଚାର ସହ ତାଲିମକୁ ମିଶ୍ରଣ କରାଯାଇଥିଲା । କର୍ମଶାଳାରେ ବିଶେଷଜ୍ଞମାନେ ଅତ୍ୟାଧୁନିକ ଶଲ୍ୟଚିକିତ୍ସା କୌଶଳ ଶୀଘ୍ର ଆରୋଗ୍ୟ ଏବଂ ଉନ୍ନତ କ୍ଲିନିକାଲ୍ ଫଳାଫଳ ଆଣିଦେଉଥିବା ସଂପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ.ଆଶୁତୋଷ ବିଶ୍ୱାସ, ଜାତୀୟ ପ୍ରାସଙ୍ଗିକତାର ଆୟୋଜନ ପାଇଁ ଆୟୋଜକ ଦଳକୁ ପ୍ରଶଂସା କରିଥିଲେ । ଏମ୍ସ ଭୁବନେଶ୍ୱର ଉଚ୍ଚମାନର ଶଲ୍ୟଚିକିତ୍ସା ଶିକ୍ଷା ପ୍ରଦାନ ଏବଂ ରୋଗୀ ସେବା ଆଗକୁ ବଢାଇବାରେ ନେତୃତ୍ୱ ନେଇ ଚାଲିଥିବା ଡ. ବିଶ୍ୱାସ ମତ ଦେଇଥିଲେ । କମିଟି ଅଧ୍ୟକ୍ଷ ତଥା ଏମ୍ସ ଭୁବନେଶ୍ୱର ୟୁରୋଲୋଜି ବିଭାଗ ମୁଖ୍ୟ ଡ. ପ୍ରଶାନ୍ତ ନାୟକ ଏବଂ ଡ. ସୁବୋଧ ଦାସ ପ୍ରତିନିଧିମାନଙ୍କୁ ସେମାନଙ୍କର ଉତ୍ସାହୀ ଅଂଶଗ୍ରହଣ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ । ସଂଗଠନ ସଂପାଦକ ଡ. ମନୋଜ ଦାସ ପରବର୍ତ୍ତୀ ପିଢ଼ିର ଦକ୍ଷ ୟୁରୋଲୋଜିଷ୍ଟଙ୍କୁ ଉତ୍ସାହିତ ପାଇଁ ବିଭାଗର ପ୍ରତିବଦ୍ଧତାକୁ ପ୍ରତିପାଦିତ କରିଥିଲେ ।

## ସ୍ୱାଧୀନତା ଦିବସ ପାଳନ ନେଇ ଲୋକସଂପର୍କ ବିଭାଗର ପ୍ରସ୍ତୁତି



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଚଳିତବର୍ଷ ୭୯ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତୋଳନ କରିବେ ଓ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିବେ । ଅପରାହ୍ନରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସ୍ୱାଧୀନତା ଦିବସ-୨୦୨୫ ପାଳନର ରୂପରେଖ ସଂପର୍କରେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ ହେମନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସ୍ୱାଧୀନତା ଦିବସ ଆମ ସମସ୍ତଙ୍କ ପାଇଁ ଏକ ରାଷ୍ଟ୍ରୀୟ ଉତ୍ସବ ଓ ଗର୍ବର ପ୍ରତୀକ ହୋଇଥିବାରୁ ଉତ୍ସବ ଆୟୋଜନ ସମୟରେ ସମସ୍ତ ବିଷୟକୁ ଟିକିନିଖି ଭାବେ ଗୁରୁତ୍ୱ ଦେବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବୈଠକରେ ଗୁରୁତ୍ୱ ଦେଇଥିଲେ । ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସ୍ୱାଧୀନତା ଦିବସ ପୂର୍ବରୁ ଅଗଷ୍ଟ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ମାର୍ଗଠାରେ ଅଭ୍ୟାସ ପ୍ୟାରେଡ୍ ର ସୁପରିଚାଳନା କରାଯିବ । ଅଗଷ୍ଟ ୧୫ ତାରିଖରେ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ଅବସରରେ ପ୍ୟାରେଡ୍ ଓ ପତାକା ଉତୋଳନ ସ୍ଥାନଠାରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ସହ ପ୍ରଭାତରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ରାମଧୁନ ପରିବେଷଣ, ମୁଖ୍ୟ ମଞ୍ଚ ଓ ପ୍ୟାରେଡ୍ ସ୍ଥଳରେ ଡାକବାଜି ଯନ୍ତ୍ର ବ୍ୟବସ୍ଥା, ସ୍ୱାଧୀନତା ଦିବସ ଉତ୍ସବର ଟିଭି ଓ ସାମାଜିକ ଗଣମାଧ୍ୟମ ଯୋଗେ ସିଧା ପ୍ରସାରଣ, ଗଣମାଧ୍ୟମକୁ ସୂଚନା ପ୍ରଦାନ, ବିଶିଷ୍ଟ ଅତିଥି, ନିମନ୍ତ୍ରିତ ଅତିଥି ଓ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଉପବେଶନ ବ୍ୟବସ୍ଥା, ଉତ୍ସବସ୍ଥଳର ସାଜସଜ୍ଜା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ସାଧାରଣତନ୍ତ୍ର ଦିବସ-୨୦୨୫ରେ ଉତ୍ତମ ପ୍ରଦର୍ଶନ କରିଥିବା ପ୍ରଜ୍ଞାପନ ମେଢ଼ ଓ ପ୍ୟାରେଡ୍ ଦଳମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିବେ । ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ସଂଖ୍ୟାକୁ ଏହି ଅବସରରେ ମୁଖ୍ୟ ଅତିଥି ଉନ୍ମୋଚନ କରିବେ । ରାଜଭବନରୁ ଉତ୍ସବସ୍ଥଳ ପର୍ଯ୍ୟନ୍ତ ରାସ୍ତାକୁ ସୁସଜ୍ଜିତ କରାଯିବ । ଏଥି ସହ ଉତ୍ସବସ୍ଥଳକୁ ଆକର୍ଷଣୀୟ ସାଜସଜ୍ଜା କରିବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶର୍ମା ପରାମର୍ଶ ଦେଇଥିଲେ । ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ନିମନ୍ତ୍ରଣ ପତ୍ର ମୁଦ୍ରଣ ଓ ବଣ୍ଟନ ପାଇଁ ପଦକ୍ଷେପ ନିଆଯିବ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କୋଠା, ସରକାରୀ ଉଦ୍ୟୋଗ ଓ ପ୍ରମୁଖ କୋଠାର ଆଲୋକୀକରଣ କରାଯିବ । ପୂର୍ବବର୍ଷ ପରି ନୂଆଦିଲ୍ଲୀ, କୋଲକାତା, ଚେନ୍ନାଇ, ମୁମ୍ବାଇଠାରେ ସ୍ୱାଧୀନତା ଦିବସ ଉତ୍ସବ ପାଳନ କରାଯିବ । ସେହିପରି ଆରଡିସି ଜୋନ୍, ଜିଲ୍ଲା ଏବଂ ଉପଖଣ୍ଡ ସ୍ତରରେ ସ୍ୱାଧୀନତା ଦିବସ ମହାସମାରୋହରେ ପାଳନ କରାଯିବ । ଏହି ବୈଠକରେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଉପ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ, ବିତ ପରାମର୍ଶଦାତା ପୃଥ୍ୱୀରାଜ ପାଣିଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

जन्म- 11 जनवरी 1944



मृत्यु- 04 अगस्त 2025

## विनम्र श्रद्धांजलि

# दिशोम गुरु शिबू सोरेन

समस्त राज्यवासियों की तरफ से

# हूल जोहार


प्रात: 9.00 बजे विधानसभा में राजकीय सम्मान के साथ अंतिम विदाई दी जाएगी

अंतिम संस्कार - पैतृक गाँव नेमरा, रामगढ़ में

PR NO- 358882(IPRD) 2025-26

सूचना एवं जनसंपर्क विभाग, झारखण्ड सरकार

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"
-ମୁନ୍ସୀ ପ୍ରେମଚନ୍ଦ



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"
-ଡକ୍ଟର ରାଧାକ୍ରିଷ୍ଣନ୍



# ବାଡ଼ ଯେଉଁଠି ଫସଲ ଖାଏ...

## ପ୍ରଶ୍ନପତ୍ର ପ୍ରଘଟର ଖୋଲିଲା ଗୁମର

କ୍ଷେତ ଉପରେ ହୋଇଥିବା ଫସଲକୁ ରକ୍ଷା କରିବା ପାଇଁ ସାଧାରଣତଃ ବାଡ଼ ପକାଯାଇଥାଏ। ମାତ୍ର ବାଡ଼ ଯଦି ଫସଲ ଖାଇବାକୁ ଆରମ୍ଭ କରିବ, ତେବେ କାହାକୁ କହିବା। ବର୍ତ୍ତମାନ ଆମ ରାଜ୍ୟରେ ସେହିଭଳି ଏକ ଘଟଣା ଖୁବ୍ ଚହଳ ପକାଇଛି। ରାଜ୍ୟର ପ୍ରାୟ ୭୫ ହଜାର ଶିକ୍ଷକଙ୍କ ପଦୋନ୍ନତି ନିର୍ଭର କରୁଥିବା ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା ବା ଓ.ଟି.ଇ.ଟି ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ଛଅଦିନ ପୂର୍ବେ ଏହାର ପରୀକ୍ଷାକୁ ବାତିଲ କରାଯାଇଥିଲା। ଏହିଯୋଗୁଁ ଦୂରଦୂରାନ୍ତରୁ ଜିଲ୍ଲା ମୁଖ୍ୟାଳୟରେ ପହଞ୍ଚିଥିବା ହଜାର ହଜାର ପରୀକ୍ଷାର୍ଥୀ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ଏହି ପ୍ରଶ୍ନପତ୍ର ପ୍ରଘଟ ପାଇଁ କିଏ ଦାୟୀ ଓ କେଉଁ କାରଣରୁ ଏହା ଘଟିଥିଲା, ତାକୁ ନେଇ ଖୁବ୍ ଖୋଳତାଡ଼ ଚାଲିବା ସହିତ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରିଥିଲା। ତେବେ ଓ.ଟି.ଇ.ଟି ପ୍ରଶ୍ନପତ୍ର ପ୍ରଘଟ ମାମଲାର ଅସଲ ଗୁମର ପଦାକୁ ଆଣିବାରେ କ୍ରାଇମବ୍ରାଞ୍ଚ ଅନେକାଂଶରେ ସଫଳ ହେବା ସଙ୍ଗେ ଖଳନାୟକ ମାନଙ୍କୁ ଚିହ୍ନଟ କରିଛି। ବାଡ଼ ଫସଲ ଖାଇବା ଭଳି ଓ.ଟି.ଇ.ଟି ପରୀକ୍ଷାର ପ୍ରଶ୍ନପତ୍ର ପ୍ରସ୍ତୁତି ଦାୟିତ୍ୱରେ ଥିବା ମାଧ୍ୟମିକ ଶିକ୍ଷା ବୋର୍ଡର ବଡ଼ ବାବୁମାନେ ହିଁ ଏହି ଗୁରୁତର ଅପରାଧ ଘଟାଇଥିବା ବିଷୟ ଏବେ ସ୍ପଷ୍ଟ ହୋଇଛି। ଅତି ଗୋପନୀୟ ଭାବରେ ପ୍ରଶ୍ନପତ୍ର ପ୍ରସ୍ତୁତି ଦାୟିତ୍ୱରେ ଥିବା ବୋର୍ଡର ଉପସଭାପତି ନିହାର ରଞ୍ଜନ ମହାନ୍ତି ଓ ଅନ୍ୟ ଅଧିକାରୀମାନଙ୍କର ଏକ ର୍ୟାକେଟ୍ ଏହାକୁ ପ୍ରଘଟ କରିବାରେ ମୁଖ୍ୟ ଭୂମିକା ନେଇଥିବାର ଜଣାପଡିଛି। ଏହି ଅପରାଧର କିଙ୍ଗପିନ୍ କୁହାଯାଉଥିବା ମାଧ୍ୟମିକ ଶିକ୍ଷା ବୋର୍ଡର ଡାଟାଏଣ୍ଟ୍ରି ଅପରେଟର ଜିତନ୍ ମହାରଣାଙ୍କ ସହ ସମ୍ପର୍କ ରକ୍ଷା କରି ଅଭିଯୁକ୍ତ ଉପସଭାପତି ନିହାର ଏହି କାଣ୍ଡ ଘଟାଇଥିଲେ। ତାଙ୍କରି ଲାପଟପରୁ ହିଁ ପ୍ରଶ୍ନପତ୍ର ଚୋରି ହୋଇଥିବାର ନିର୍ଦ୍ଦିଷ୍ଟ ପ୍ରମାଣ କ୍ରାଇମବ୍ରାଞ୍ଚକୁ ମିଳି ସାରିଛି। ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ନିହାର ରଞ୍ଜନଙ୍କୁ ରବିବାର କ୍ରାଇମବ୍ରାଞ୍ଚ ଗିରଫ କରି କୋର୍ଟକୁ ଚାଲାଣ କରିଥିଲା ଏବଂ ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ପୂର୍ବରୁ ଡାଟାଏଣ୍ଟ୍ରି ଅପରେଟର ଜିତନ୍‌ଙ୍କ ମିଶାଇ ୭ଜଣଙ୍କୁ ଗିରଫ କରାଯାଇଥିବା ସ୍ଥଳେ ଏବେ ଉପସଭାପତି ନିହାର ରଞ୍ଜନଙ୍କ ଭଳି ଏକ ବଡ଼ ମୁଣ୍ଡଙ୍କୁ ଗିରଫ ପରେ ଏହି ସଂଖ୍ୟା ୮କୁ ବୃଦ୍ଧି ପାଇଛି। କ୍ରାଇମବ୍ରାଞ୍ଚ ସୂତ୍ରରୁ ଜଣାପଡିଛି ଯେ, ପ୍ରଶ୍ନପତ୍ର ପ୍ରସ୍ତୁତି କାର୍ଯ୍ୟ ସମ୍ପୂର୍ଣ୍ଣ ଭାବରେ ଉପସଭାପତି ନିହାରଙ୍କ ଉପରେ ନ୍ୟସ୍ତ କରାଯାଇଥିଲା। ମାତ୍ର ଆର୍ଥିକ ଫାଇଦା ହାସଲ ପାଇଁ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ନିହାର ପ୍ରଶ୍ନଚୋରି ଲାଗି ଡାଟାଏଣ୍ଟ୍ରି ଅପରେଟରଙ୍କୁ ସୁଯୋଗ ଦେଇଥିଲେ। ଗତ ଦୁଇମାସ ମଧ୍ୟରେ ଦୁହିଁଙ୍କ ମଧ୍ୟରେ ଶହେରୁ ଅଧିକ ଥର ବାର୍ତ୍ତାଳାପ ହୋଇଥିବାର ରେକର୍ଡ଼ରୁ ଜଣାପଡିଛି। ପ୍ରଶ୍ନ ଓ ପରୀକ୍ଷାରେ ଗୋପନୀୟତା ରକ୍ଷା ନିମନ୍ତେ ଉଦ୍ଦିଷ୍ଟ ଏସ୍.ଓ.ପି କୁ ବୋର୍ଡରେ ଆଦୌ ପାଳନ କରାଯାଇନଥିଲା। ପୂର୍ବରୁ ମଧ୍ୟ ଅନୁରୂପ ଅପରାଧ ଘଟାଇ ଏହି ର୍ୟାକେଟ୍ ଖସି ଯାଇଥିଲେ ହେଁ ଏଥର ସେମାନଙ୍କ କଳାକାରନାମା ପଦାରେ ପଡ଼ିଯାଇଛି। ଏତେ ବଡ଼ ଏକ ଅପରାଧ ଅଳ୍ପଦିନ ମଧ୍ୟରେ ପର୍ଦ୍ଦାଫାସ୍ କରିଥିବାରୁ କ୍ରାଇମବ୍ରାଞ୍ଚ ଟିମ୍‌ର ପ୍ରଚେଷ୍ଟା ବାସ୍ତବିକ୍ ଅଭିନନ୍ଦନୀୟ।

# ଟ୍ରମ୍ପ୍‌ଙ୍କ ମୁକାବିଲା କରାଯିବ କେମିତି ?



ମହାମେଘବାହନ ଐର ଖାରବେଳ ସ୍ୱାଇଁ
Email: kharabelaswain(@gmail.com
ମୋ: ୯୪୩୭୦୨୦୨୯୦

ଭାରତର ଜନମତ ଟ୍ରମ୍ପ୍‌ଙ୍କର ଟ୍ରୁଷ୍ଟ ସୋସିଆଲ ପୋଷ୍ଟ ଯାହା ପାକିସ୍ତାନ ସହିତ ଗୋଟିଏ ଚୁକ୍ତିରେ ପହଞ୍ଚିଛି ତାହାରି ଉପରେ ନିର୍ଭର କରୁଛି। ଯାହା ଗୋଟିଏ ତୈଳ ଓ ପ୍ରାକୃତିକ ଗ୍ୟାସର ଯୋଗାଣ ଉପରେ ନିର୍ଭର କରୁଛି। ଏଥିପାଇଁ ଗୋଟିଏ ଠିକ୍ କମ୍ପାନୀ ଯାହା ଏହି କାର୍ଯ୍ୟକୁ ଗ୍ରହଣ କରିଛି ଓ କରିବାକୁ ଯାଉଛି। କ୍ଷତରେ ଲୁଣ ଛାଟିବା ପରେ ସେ ଲେଖିଛନ୍ତି ଯେ, ବୋଧହୁଏ ଭବିଷ୍ୟତରେ ଭାରତ-ପାକିସ୍ତାନ ନିକଟରୁ ତେଲ କିଣିପାରେ ଏହା ଗୋଟିଏ ପ୍ରବଳ କ୍ରୋଧ ଆମର ଗଣମାଧ୍ୟମରେ ସୃଷ୍ଟି କରିଛି। ସଂସଦ ଓ ଅନ୍ୟ ଜନମତ ସମ୍ପର୍କରେ ଏହା ସୃଷ୍ଟି କରିଛି। ଯାହା ଆଶା କରାଯାଏ ବିରୋଧୀମାନେ ଏହି ବିକାଶକୁ ସରକାରଙ୍କର ବିଦେଶନୀତିର ବିଫଳତା ଉପରେ ନିର୍ଭର କରୁଛନ୍ତି ଏବଂ ଆମର ଲୋକ ଆଶ୍ଚର୍ଯ୍ୟ ହେଉଛନ୍ତି ଟ୍ରମ୍ପ୍ କ'ଣ କରିବାକୁ ଯାଉଛନ୍ତି ବୋଲି। ବିଶେଷକରି ସେ କିପରି ରାଓଲପିଣ୍ଡିର ଏତେ ନିକଟକୁ ଆସିଛନ୍ତି ତାଙ୍କର ଦ୍ୱିତୀୟ ସରକାର ବେଳେ। ସେ କେବଳ ପ୍ରଶଂସିତ ହୋଇପାରିବେ ନାହିଁ କାରଣ ସେ ଫିଲ୍ଡ ମାର୍ଶଲ ଅସିମ ମୁନୀରଙ୍କୁ ମଧ୍ୟାହ୍ନ ଭୋଜନରେ ହ୍ୱାଇଟ୍ ହାଉସରେ ଆପ୍ୟାୟିତ କରିଛନ୍ତି। କିନ୍ତୁ ବର୍ତ୍ତମାନ ଆମେରିକା ସରକାର ଭାବୁଛନ୍ତି ଯେ, ସେ ଇସଲାମାବାଦ ସହିତ ସମ୍ପର୍କିତ ହେଉଛନ୍ତି। ଏଠାରେ ଅଳ୍ପ ସନ୍ଦେହ ରହିପାରେ ଯେ, ପାକିସ୍ତାନ ଆଜି ଗୋଟିଏ ତା'ର କାର୍ଡ ଖେଳୁଛି ଓ ଖେଳିବ ମଧ୍ୟ। ସେମାନେ ଟ୍ରମ୍ପ୍‌ଙ୍କର ଅହଙ୍କାରକୁ ସମର୍ଥନ କରୁଛନ୍ତି ତାଙ୍କୁ ନାମିତ କରି ନୋବେଲ ଶାନ୍ତି ପୁରସ୍କାର ପାଇଁ। ଏହା ତାଙ୍କୁ ସମ୍ମାନ ଦେଉଛି କାରଣ ସେ ନିକଟରେ ଭାରତ ଓ ପାକିସ୍ତାନ ବିବାଦକୁ ସମାପ୍ତ କରିଛନ୍ତି। ସେମାନେ ମଧ୍ୟ ଏକଥା ନିଶ୍ଚିତ କରିଛନ୍ତି ଯେ, ଟ୍ରମ୍ପ୍‌ଙ୍କର ପରିବାର ଏବଂ ବନ୍ଧୁମାନେ ଲାଭ ପାଇଛନ୍ତି ଏହି ଚୁକ୍ତିରୁ ତାଙ୍କର କ୍ରିପଟୋକରେନ୍ସିର ଶକ୍ତିରୁ। ଅନ୍ୟପକ୍ଷରେ ଦେଖିବାକୁ ଗଲେ ଭାରତ ଏକଥା ଦ୍ୱିରୁକ୍ତି କରିବାକୁ ଯାଉଛି ଯେ, ଟ୍ରମ୍ପ୍ କେବେହେଲେ ମଧ୍ୟସ୍ଥତା କରିନଥିଲେ ଅପରେସନ୍ ସିନ୍ଦୁରକୁ ସମାପ୍ତ କରିବା ପାଇଁ। ଏକପ୍ରକାର ସମାନ୍ତରାଳ ଭାବରେ ତାଙ୍କର ପଦ ପାକିସ୍ତାନ ସହିତ ସେ ସମାପ୍ତ କରିଛନ୍ତି। ଟ୍ରମ୍ପ୍ ମଧ୍ୟ ଭାରତ ସହିତ ତାଙ୍କର ନିକଟତାକୁ ତଥା ରୁଷିଆ ସହିତ ନିକଟତାକୁ ପ୍ରଦର୍ଶନ କରିବାକୁ ଚେଷ୍ଟା କରିଛନ୍ତି। ସେ ଏହି ଦୁଇଟି ଦେଶର ଅର୍ଥନୀତିକୁ ମୃତ ଅର୍ଥନୀତି ବୋଲି କହିଛନ୍ତି। ଏହାଛଡ଼ା ଏମାନଙ୍କୁ ୨୫% ଶୁଳ୍କ ଲାଗୁ କରିବାକୁ କହିଛନ୍ତି। ଯା ବର୍ଦ୍ଧିତ ହୋଇଛି କେବେଠାରୁ ଲାଗୁ ହେବ। ଏହାଛଡ଼ା ୨୫% ଶୁଳ୍କ ଯାହାକି ଘୋଷିତ ହୋଇଛି ଭାରତରୁ ଆମେରିକାକୁ ରପ୍ତାନୀ ହେଉଥିବା ଦ୍ରବ୍ୟମାନଙ୍କ ଉପରେ ଲାଗୁ ହେବ। ବାସ୍ତବରେ ଭାରତର ଲୋକମାନେ ଏବଂ ଯେଉଁମାନେ ଚିନ୍ତା କରୁଛନ୍ତି ଯାହା ହ୍ୱାଇଟ ହାଉସରେ ଲାଗୁ ହେଉଛି ଯିଏ ପୃଥିବୀରେ କ୍ଷମତାର ଚରମ ଶକ୍ତିକୁ ପରିଣତ କରୁଛି।

ପ୍ରଶ୍ନ ହେଉଛି ସବୁଠାରୁ ବଡ଼ ଆମ ଲୋକମାନଙ୍କର ମାନସିକତା ହେଉଛି ସେଇଆ ଯାହା ଭାରତ କରୁଛି। ପ୍ରଥମ ଏବଂ ସବୁଠୁ ବଡ଼ କଥା ହେଲା ଆମେ ସମସ୍ତେ ଶାନ୍ତ ରହିବା ଉଚିତ୍ ଓ ପ୍ରତିକ୍ରିୟା ପ୍ରକାଶ କରିବା ଉଚିତ୍ ନୁହେଁ ଟ୍ରମ୍ପ୍‌ଙ୍କର ବାକ୍ୟମାନଙ୍କ ପ୍ରତି। ଏହା ହଠାତ୍ ପ୍ରତିକ୍ରିୟା ହେବ। ଯଦି ଆମେ ଅନୁଶୀଳନ କରୁ ଟ୍ରମ୍ପ୍‌ଙ୍କର ମାନସିକତାକୁ ଆମେ ବୁଝିବୁ ଯେ ତାଙ୍କର ଆଭିମୁଖ୍ୟ ହେଉଛି ପ୍ରତ୍ୟେକ କଥାକୁ ଦୋହଲାଇ ଦେବା।

ଏଗୁଡ଼ିକ ଆମେରିକୀୟ ରାଜନୀତି ହେଉ ବା ଅର୍ଥନୈତିକ ହେଉ ଏହା ହେଉଛି ବିଶ୍ୱର ମଞ୍ଚ। ଯାହା ଟ୍ରମ୍ପ୍ ଗୋଟିଏ ଗୋଡ଼ି ପକାଇ ଦିଅନ୍ତି ପାଣି ଭିତରକୁ ଏବଂ ଦେଖିବାକୁ ଚେଷ୍ଟା କରନ୍ତି ଗୋଡ଼ିଟି କିଭଳି ତରଙ୍ଗମାନ ସୃଷ୍ଟି କରେ। ତା' ପରେ ସେ ଆକଳନ କରନ୍ତି ଯେ ସେ ଏହି ତରଙ୍ଗକୁ ତାଙ୍କର ନିଜର ଲକ୍ଷ୍ୟ ହାସଲ ଦିଗରେ ପ୍ରୟୋଗ କରିପାରିବେ କି କ'ଣ ? ସେ ଏହା କରୁଛନ୍ତି କେବଳ ଏଇଥିପାଇଁ ଯେ, ଭାରତର ଓ ପାକିସ୍ତାନ ଏ ଦିଗରେ ଚିନ୍ତିତ କି କ'ଣ ? ସେ ବାସ୍ତବତାରେ ଓ ଚାଲାକିର ସହିତ ଏ କାର୍ଯ୍ୟ କରନ୍ତି। ସେ ଭଲ କରି ଜାଣନ୍ତି ଯେ, ପାକିସ୍ତାନ ଶବ୍ଦଟି ଭାରତକୁ ବିଚଳିତ କରେ। ତେଣୁ ଏହା ହେଉଛି ଗୋଟିଏ ଖେଳ ଯାହା ସେ ଖେଳୁଛନ୍ତି। ଆମେ ଏହି ଫାଶରେ ପଡ଼ିବା ଉଚିତ୍ ନୁହେଁ। ଯେଉଁଥିରେ ଆମେ ପ୍ରତିକ୍ରିୟା ପ୍ରକାଶ କରି କେତେକ ସମୟରେ ତାଙ୍କର ଶବ୍ଦ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ଏବଂ କେବଳ ତାହା ପରେ ଆମେ ଆମର ନିଜର ଭଲ ବୁଝାମଣା ରହିବ ତାଙ୍କର ଉଦ୍ଦେଶ୍ୟ ପାଇଁ ଓ ଲକ୍ଷ୍ୟ ପାଇଁ। ଏହାଛଡ଼ା କେତେବେଳେ ପାକିସ୍ତାନରେ ତୈଳ ଓ ପ୍ରାକୃତିକ ଗ୍ୟାସ ମିଳିବ ତାହା ଦେଖିବାର ଅଛି। ଭାରତ ଓ ଆମେରିକା ମଧ୍ୟରେ ଥିବା ବାଣିଜ୍ୟ ଚୁକ୍ତି ସମାପ୍ତ ହେବା ଉପରେ ଯାହା ହେଉ ଭାରତର ବୁଝାମଣା ଗୁଡ଼ିକ ଆମେରିକାର ଦାବିକୁ ସମର୍ଥନ କରୁନାହିଁ ବା ଆମର ରାଷ୍ଟ୍ରକୁ କୃଷିଜାତ ଦ୍ରବ୍ୟ ସେଠାକୁ ରପ୍ତାନୀ କରିବା ପାଇଁ ବାଧ୍ୟ କରୁନାହିଁ। ଏହାଛଡ଼ା ଦୁଗ୍ଧଜାତ ଦ୍ରବ୍ୟ ଆମେରିକାରୁ ଭାରତକୁ ଆସିବାକୁ ଯାଉଛି। ବୋଧହୁଏ ଏହା ହେଉଛି ଦୁଇଦେଶ ମଧ୍ୟରେ ଦ୍ୱନ୍ଦ୍ୱର ବିଷୟ।

ଆମର କୂଟନୈତିକ ଓ ରାଜନୀତିଜ୍ଞମାନେ ଦୃଢ଼ ଯେ ଆମର ବହୁସଂଖ୍ୟକ ଲୋକ ଏହି କ୍ଷେତ୍ରରୁ ତାଙ୍କର ଜୀବିକା ଅର୍ଜନ କରିଥାନ୍ତି। ଏହା ହେଉଛି ବୁଝିହେଉନଥିବା କଥା କିନ୍ତୁ ଏ ସମ୍ପର୍କରେ କୌଣସି ଭାରତର ଅର୍ଥନୀତି ସମ୍ପର୍କରେ ଦେଣନେଣ ହୋଇନପାରେ। ଏହା ସମ୍ଭବ ଯେ, ଏହା ହେଉଛି ସେଇଠି ଯେଉଁଠି ବୁଝାମଣା ହୋଇଥାଏ। ଟ୍ରମ୍ପ୍ ଯାହା କରିବାକୁ ଚେଷ୍ଟା କରୁଛନ୍ତି ତାଙ୍କର ସାମାଜିକ ଗଣମାଧ୍ୟମ ଜରିଆରେ ଯାହାହେଉଛି ଭାରତ ଉପରେ ଚାପଦେବା ଏହି ପରିସ୍ଥିତିମାନଙ୍କ ସହିତ ବୁଝାମଣା କରିବା ପାଇଁ ଏବଂ ନିଜର ଦୃଷ୍ଟିଭଙ୍ଗୀ ବଦଳାଇବା ପାଇଁ। ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ପ୍ରତ୍ୟେକ କଥା ଯାହା ଟ୍ରମ୍ପ ଅତୀତରେ ତାଙ୍କର ଏକ୍ସ ହ୍ୟାଣ୍ଡେଲରେ ପୋଷ୍ଟ କରିଛନ୍ତି ତାହା ସବୁ ଯୁକ୍ତିସିଦ୍ଧ ଏବଂ ସଠିକ୍ ବୋଲି ମନେ ହେଉଥିଲା। ସେ ଆମକୁ ପଦକ୍ଷେପ ନେବା ପାଇଁ ଗୋଟିଏ ସ୍ଥିତିରେ ପହଞ୍ଚାଇଛନ୍ତି ଭାବାତ୍ମକ ଦୃଷ୍ଟିକୋଣରୁ। ତେଣୁ ସେ ପାକିସ୍ତାନ ସହିତ ସମ୍ପର୍କ କରିବାକୁ ଚାହୁଁଛନ୍ତି । ଏହାଛଡ଼ା ଭାରତର ଅର୍ଥନୀତିକୁ ଦୁର୍ବଳ ବୋଲି ସେ କହୁଛନ୍ତି। ତାଙ୍କର ବର୍ତ୍ତମାନ କାର୍ଯ୍ୟକଳାପ ଭାରତ ବିରୁଦ୍ଧରେ ହେବାର ଅର୍ଥ ହେଉଛି ଯେ, ଭାରତ କାହିଁକି ଇରାନ ସହିତ ବ୍ୟବସାୟରେ ଅଛି। ଏଗୁଡ଼ିକ ହେଉଛି ଭାରତ ଉପରେ ଚାପ ସୃଷ୍ଟି କରିବା ଯେମିତି ଭାରତ ତାଙ୍କର ବ୍ୟବସାୟିକ ଦୃଷ୍ଟିକୋଣ ସହିତ ସହମତ ହୁଏ।

ନିକଟ ଅତୀତରେ ଭାରତ ଆମେରିକୀୟ ବୁଦ୍ଧିଜୀବୀ ଆସଲେ ଟେଲିସ ମତ ଦେଇଛନ୍ତି ଯେ, ଭାରତ ଗୋଟିଏ ବଢୁଥିବା ଚୀନ ସହିତ ମୁକାବିଲା କରିପାରିବ ନାହିଁ ଯେପର୍ଯ୍ୟନ୍ତ ଭାରତ ଆମେରିକାର ସହଯୋଗୀ ନ ହୋଇଛି। କାରଣ ଆମେରିକା କେବଳ ଚୀନ ସହିତ ଯାହାକି ପୃଥିବୀର ଦ୍ୱିତୀୟ ବୃହତ୍ତମ ଶକ୍ତିଶାଳୀ ଦେଶ ଆମକୁ ଲଢ଼େଇ କରିବାକୁ ସୁବିଧା ଦେଇପାରିବ। ଏହା ହେଉଛି ଗୋଟିଏ ବଡ଼ ଖେଳ ଯାହା ଟ୍ରମ୍ପ୍ ଖେଳୁଛନ୍ତି। ସେ ଚାହୁଁଛନ୍ତି ଯେ, ଭାରତ ଆମେରିକା ସହିତ ମିଶି ଚୀନ ବିରୁଦ୍ଧରେ ଲଢୁ।

### ଭାରତ କରିବ କ'ଣ

ଏଠାରେ ପ୍ରଶ୍ନ ଉଠୁଛି ଭାରତ କରିବ କ'ଣ ? ଭାରତ ଆମେରିକାର ଏହି ଧମକ ଆଗରେ ମୁଣ୍ଡ ନୁଆଁଇ ପାରିବ ନାହିଁ ବା ଟ୍ରମ୍ପ୍‌ଙ୍କର ଚାପ ଉପରେ ଦୋହଲି ଯାଇପାରିବ ନାହିଁ। ଆମର ବାଣିଜ୍ୟ ଚୁକ୍ତି ହେଉଛି ଦୃଢ଼ ଏବଂ ଏ ଦେଶର ସମସ୍ତେ ଏକଜୁଟ ହୋଇ ସରକାରଙ୍କ ପଛରେ ରହିବା ଉଚିତ୍ । ଆହୁରି ମଧ୍ୟ ଆମର ରାଜନୈତିକ ନେତୃତ୍ୱ ଜଟିଳ ଭାବରେ ଜାତିର ମନୋବୃତ୍ତିକୁ ଠିକ୍ ଭାବରେ ବୁଝିବା ଉଚିତ୍ ଏବଂ ଟ୍ରମ୍ପ୍‌ଙ୍କର ଚାପ ଆଗରେ ମୁଣ୍ଡ ନୁଆଁଇବା ଉଚିତ୍ ନୁହେଁ । ଅତୀତର ଇତିହାସକୁ ଦେଖିଲେ ଆମେରିକା ଓ ଚୀନ ମିଶି କରି ଆମ ବିରୁଦ୍ଧରେ ଥିଲେ ସେତେବେଳେ ଆମକୁ ଏମାନଙ୍କ ବିରୁଦ୍ଧରେ ଲଢ଼ିବାକୁ ପଡୁଥିଲା। ୧୯୯୮ରେ ଭାରତ ଯେତେବେଳେ ଆଣବିକ ପରିକ୍ଷଣ କଲା, ସେତେବେଳେ ଏ ଦୁଇଟି ଦେଶ ଭାରତ ବିରୁଦ୍ଧରେ ଥିଲେ। କିନ୍ତୁ ସେହି ପରୀକ୍ଷଣର ସମୟରୁ ଆମେ ଅକ୍ଷୁର୍ଣ୍ଣ ଭାବରେ ବାହାରି ଆସିଛୁ ଏବଂ ବିନା ମୁଣ୍ଡ ନୁଆଁଇବାରେ ରାଷ୍ଟ୍ରୀୟ ସାର୍ବବହୁମତକୁ ଆମେ ରକ୍ଷା କରିଛୁ।

### ଭାରତୀୟ ଅର୍ଥନୀତି ମୃତ ନୁହେଁ

ଭାରତର ବାଣିଜ୍ୟ ମନ୍ତ୍ରୀ ପିୟୁଷ ଗୋଏଲ କହିଛନ୍ତି ଯେ, ଭାରତର ଅର୍ଥନୀତି ମୃତ ନୁହେଁ। କାରଣ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଯାହା କହୁଛନ୍ତି ଯେ, ଏହି ରୁଷିଆ ଓ ଭାରତର ଅର୍ଥନୀତି ହେଉଛି ମୃତ ତାହା ଠିକ୍ ନୁହେଁ । କାରଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଭାରତର କୃଷକମାନଙ୍କର ମଙ୍ଗଳ ଦେଖିବା ଶ୍ରମିକ, ଶିଳ୍ପୋଦ୍ୟୋଗୀ, ରପ୍ତାନୀକାରୀ, ଉଦ୍ୟୋଗୀ ଓ କ୍ଷୁଦ୍ର ତଥା ମଧ୍ୟମବର୍ଗର ଶିଳ୍ପଗୁଡ଼ିକ ଅତି ସୁଦୃଢ଼ ଅଛନ୍ତି। ରୁଷିଆ ପାଖରୁ ଭାରତ ତେଲ କିଣୁଥିବାର ଏହା ହେଉଛି ଟ୍ରମ୍ପ୍‌ଙ୍କର କ୍ରୋଧ। ଭାରତର ୟୁଏଇ, ୟୁକେ, ଅଷ୍ଟ୍ରେଲିଆ ଓ ଇଏଫ୍‌ଟିଏ ଦେଶମାନଙ୍କ ସହିତ ବାଣିଜ୍ୟ ଚୁକ୍ତି ରହିଛି। ତେଣୁ ଏହାଛଡ଼ା ପାକିସ୍ତାନ ପାଖରୁ ଭାରତ ଦିନେ ତେଲ କିଣିବ ବୋଲି ଯେଉଁ କଥା ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ତାହାକୁ ଭାରତର ବିଶେଷଜ୍ଞମାନେ ହସିକି ଉଡ଼େଇ ଦେଇଛନ୍ତି। କାରଣ ପାକିସ୍ତାନ ନିକଟରେ କେଉଁଠି ବିରାଟ ତୈଳ ଭଣ୍ଡାର ଅଛି ଯେ, ଭାରତ ସେଠାରୁ ତେଲ କିଣିବ ଓ ପାକିସ୍ତାନ ଭାରତକୁ ତେଲ ବିକିବ। ବିଶେଷଜ୍ଞମାନେ ପାକିସ୍ତାନର ତେଲ ବିକିବା କଥାକୁ ନେଇ ଆଦୌ ବିଚଳିତ ନୁହଁନ୍ତି। କାରଣ ଏ କଥା କାହାରିକୁ ପ୍ରଭାବିତ କରୁନାହିଁ। ପାକିସ୍ତାନର ସମୁଦ୍ରତଟରେ କୌଣସି ତୈଳ ଖଣି ନାହିଁ। ତେଣୁ ପାକିସ୍ତାନ କେଉଁଠୁ ତେଲ ଆଣି ଭାରତକୁ ବିକ୍ରି କରିବ ବୋଲି ପ୍ରଶ୍ନ ଉଠୁଛି। ପାକିସ୍ତାନର ସବୁଠାରୁ ବଡ଼ ତୈଳ ଭଣ୍ଡାର ହେଉଛି ସୈନ୍ଦଭ ଉପତ୍ୟାକାର ସାରି ତୈଳ ଖଣିରେ। ଏହାକୁ ୧୯୬୬ ମସିହାରେ ଆବିଷ୍କାର କରାଯାଇଥିଲା। ସିନ୍ଧ୍ ପ୍ରଦେଶରେ ଏହା ଅବସ୍ଥିତ ଏବଂ ଏହାର କିଛି ଅଞ୍ଚଳ ବାଲୁଚିସ୍ତାନରେ ମଧ ଅଛି। ୨୦୧୭ର ରିପୋର୍ଟ ଅନୁସାରେ ଆମେରିକାର ଭୂତାତ୍ତ୍ୱିକ ସର୍ଭେର ରିପୋର୍ଟ ଅନୁସାରେ ଏଠାରେ ଆବିଷ୍କାର ହୋଇନଥିବା ତୈଳ ଭଣ୍ଡାର ଅଛି ନିମ୍ନ ସୈନ୍ଦଭ ଉପତ୍ୟାକାରେ ମଧ୍ୟ। କିନ୍ତୁ ସମୁଦ୍ର ମଧରେ ଏହାର କୌଣସି ତେଲ ଖଣି ଥିବା ଉଦାହରଣ ଏଥିରେ ନାହିଁ। ଅଥଚ ଅନ୍ୟପକ୍ଷରେ ଭାରତରେ ତୈଳ ଭଣ୍ଡାର ବ୍ୟାପକ ଅଛି ଯେଉଁଠି ୨୦୨୩ର ରିପୋର୍ଟ ଅନୁସାରେ ୪୯୦ କୋଟି ବ୍ୟାରେଲର ତେଲ ଭାରତର ମିଳିପାରିବ। ୨୦୨୪ରେ ଭାରତର ତୈଳ ଭଣ୍ଡାର ୬୭.୧୪୦ କୋଟି ଟନ୍ ଥିଲା । ଅନ୍ୟପକ୍ଷରେ ଦେଖିବାକୁ ଗଲେ ପାକିସ୍ତାନରେ ୨୦୨୩ର ରିପୋର୍ଟ ଅନୁସାରେ ଏଠାରେ ମାତ୍ର ୧୨କୋଟି ୨୮୯ ତୈଳ ଭଣ୍ଡାର ଅଛି। ତେଣୁ ଭାରତ ପାକିସ୍ତାନ ନିକଟରୁ ତେଲ କିଣିବାର ଯୁକ୍ତି ଯାହା ଦେଖାଉଛନ୍ତି ତାହା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ଭାରତ କହୁଛି।

# ସାମ୍ରାଜ୍ୟର ଷଡ଼ ବିପତ୍ତି



ଉତ୍କଳାନନ୍ଦ ଅଜୟ କୁମାର ବେହେରା
ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ
କଟକ, ମୋ: ୯୪୩୭୦୩୧୨୫୩

ଯେ କୌଣସି ରାଜ୍ୟ, ଦେଶ ହେଉନା କାହିଁକି ତାଙ୍କର ଛଅଟି ବିପତ୍ତି ଅଛି। ବିପତ୍ତି ଗୁଡ଼ିକ ହେଲା ଅତିବୃଷ୍ଟି, ଅନାବୃଷ୍ଟି, ମୂଷିକ, ଶଲଭ, ଖଗ, ନିକଟବର୍ତ୍ତୀ ରାଜା। ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ। ଅତିବୃଷ୍ଟି ଓ ଅନାବୃଷ୍ଟି ମଧ୍ୟରେ ରହିଛି। ଆକାଶରୁ ମହରଗ ଜଳ ବର୍ଷଣ ଉପରେ ଦ୍ରବ୍ୟ ସୁଲଭ ଦୁର୍ଲଭ ଧାର୍ଯ୍ୟ ହେଉଛି। ପ୍ରତ୍ୟେକ ଦେଶର ରାଜଶକ୍ତି ଅଛି ପାଞ୍ଚ ଗୁଣ ତାହା ଇନ୍ଦ୍ରଗୁଣ, ଚନ୍ଦ୍ରଗୁଣ, ଯମଗୁଣ, ଅଗ୍ନିଗୁଣ ଓ କୁବେରଗୁଣ। ଯେତେବେଳେ ଜଳ ସଙ୍କଟ ଦେଖାଦେଉଛି ଆକାଶରୁ ବର୍ଷା ଠିକ ବେଳେ ଚାଷ ସମୟରେ ପର୍ଯ୍ୟାପ୍ତ ପରିମାଣରେ ହେଉନାହିଁ। ସେତେବେଳେ ରାଜଶକ୍ତିର ଇନ୍ଦ୍ରଗୁଣ ପରିପ୍ରକାଶ ହେଉଛି। କେନାଲରୁ ଜଳ ଯୋଗାଇବା ଉଠାଜଳ ସେଚନ ପ୍ରକ୍ରିୟା ଚାଲୁ ରଖିବା ନଳକୂପ ପୁଷ୍କରିଣୀରୁ ଜଳ ଯୋଗାଇବା ହେଉଛି।

ରାଜ ସହାୟକ ପାରିଷଦ ମାନଙ୍କର ଦୂରଦୃଷ୍ଟି ଜଳ ଅଭାବ ବା ଜଳର ପ୍ରାବଲ୍ୟରେ ଧ୍ୱଂସ ପ୍ରକ୍ରିୟାକୁ ଟାଳଣ କରି ସୃଷ୍ଟି ରକ୍ଷାରେ ସହାୟକ ହୋଇଥାନ୍ତି। ମୂଷିକ ଏହା ଏକ ଜଟିଳ ପର୍ଯ୍ୟାୟ ମୂଷା ଏକ ଏପରି ଜୀବ ସେ କ୍ରାଇମ ମାମଲା କରିଲେ ବି ତାକୁ ଆଇନଗତ ପ୍ରକ୍ରିୟାରେ କେବେ ଦମନ କରି ମୂଷାମାନଙ୍କୁ ବିଲୋପ ବା ଭୟ ଦେଖାଯାଇପାରିବ ନାହିଁ ତାଙ୍କ ନାମରେ ପୋଲିସ କେସ ହୋଇପାରୁନାହିଁ, ଚୋର ତାକୁ ଠାରୁ ଆହୁରି ଭୟାନକ ମୂଷିକ ଶସ୍ୟ କ୍ଷେତ୍ରରେ ଶସ୍ୟ ଭଣ୍ଡାରରେ ଗୋଦାମରେ ମୂଷା ତାଣ୍ଡବ ରହିଛି। ଏହି ମୂଷା ପରି ଏବେ ମର୍କଟ ସଂଯୋଗ ହୋଇ ଗଲେଣି। ଖାଦ୍ୟଶସ୍ୟ ଉତ୍ପାଦନ ହେଲେ ବି ଏଥିରୁ ବାଟ ମାରଣା ଏଇ ମୂଷା ମାଙ୍କଡ଼ ସର୍ବଦା କରୁଛନ୍ତି।

ମୂଷାମାନେ ଚୌର୍ଯ୍ୟ ବୃତ୍ତିର ତାଙ୍କର କ୍ଷୟମାର୍ଗ ମନୁଷ୍ୟର କରୁଥିବାବେଳେ ମର୍କଟମାନେ ତାକୁ ମାର୍ଗ ଧରି କ୍ଷୟକ୍ଷତିରେ ଲାଗି ରହୁଛନ୍ତି। ଏଇ ଦୁଇ ଭୀଷଣ ଆକ୍ରମଣରେ ରାଜ ବିପତ୍ତି ଆସୁଛି। ପର୍ଯ୍ୟାୟ କ୍ରମିକ ଚାଷ ବର୍ତ୍ତମାନ ରଦ୍ଦ। କେବଳ ଧାନ ଗହମ ଫସଲ ସାରି ଦେଇ କୃଷକ ଚୁପ୍ ହୋଇ ବସିଲେ ଚାଷ କ୍ଷେତ୍ରକୁ ଅନ୍ୟ ସମୟରେ ନଗଲେ ହିଡ଼ବାଡ଼ରେ ମୂଷା ବସତି ବଢ଼ିବ। ମୂଷାଧ୍ୱଂସକାରୀ ସର୍ପ ଓ ବିଡାଳ ଏମାନେ ମନୁଷ୍ୟର ଏବେ କୋପ ଦୃଷ୍ଟିରେ। ପୂର୍ବେ ବୈଦେଶିକ ଆକ୍ରମଣକାରୀ, ଲୁଟେରା ଯେତିକି କ୍ଷତି ବେଳେ ବେଳେ କରୁଥିଲେ ବର୍ତ୍ତମାନ ଏଇ ମୂଷିକ ତା'ଠାରୁ ସାଂଘାତିକ କ୍ଷତି କରାଉଛନ୍ତି। କି ପ୍ରକାର ପରିବେଶରେ ମୂଷା ସଂଖ୍ୟା ବଢ଼ି ଚାଲୁଛି ତା'ର ପ୍ରକୃତ ଅନୁଧାନ ନକଲେ ଶସ୍ୟ ଭଣ୍ଡାର ଶସ୍ୟ କ୍ଷେତ୍ରରୁ ଏପରି ଆତଙ୍କ ପ୍ରଜା ଆତଙ୍କ ଓ ରାଜ ଆତଙ୍କ ହୋଇ ଯାଇପାରେ। ରାଜାଙ୍କର ଅଛି ଯମଗୁଣ ଓ ଅଗ୍ନିଗୁଣ। ବିଷାକ୍ତ ଔଷଧୀୟ ପ୍ରୟୋଗ ଶସ୍ୟ କ୍ଷେତ୍ରରୁ ଶସ୍ୟ ଅମଳ ପରେ ଶସ୍ୟ କ୍ଷେତ୍ରରେ ନଡ଼ାକୁଟାରେ ନିଆଁ ଲଗାଇ ଦେଲେ ମୂଷିକ ବଂଶ ସାବାଡ଼ ହୋଇଯାଇଥାନ୍ତି। ତେବେ ବିଷାକ୍ତ ଔଷଧ ପ୍ରତି ଲୋକେ ସତର୍କ ନରହିଲେ କିଛି ଅପବ୍ୟବହାରରେ ଜନକ୍ଷୟ ସମ୍ଭାବନା ଅଛି। ଶସ୍ୟ ଭୂମିର ଅଗ୍ନି ସଂଯୋଗ କାଳରେ ସେ ଅଗ୍ନି ଯେପରି ଦାବାନଳ ନ ହୁଏ ଏ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଶଲଭ ଏ ସବୁ ହେଉଛି ଝିଣ୍ଟିକା, ପଙ୍ଗପାଳ, ହାତି, ବାରାହ, ଜଙ୍ଗଲି ପଶୁ ଠେକୁଆ ମୃଗ କୁତ୍ରା। ଏସବୁ ଫସଲ କ୍ଷେତ୍ରରେ ପଶି ଫସଲ ଖାଇଯାଇ ଦେଶର ଖାଦ୍ୟ ବରବାଦ କରନ୍ତି। ଏ ପାଇଁ ସରକାରୀ ସଚେତନତା ଜାଗ୍ରତ କରି ସମୁଦ୍ର ପ୍ରଚେଷ୍ଟାରେ ଏସବୁ ପ୍ରତିହତ କରାଯିବା କଥା। ଏବେ ହାତୀ ପ୍ରବଳ ଶସ୍ୟ ନଷ୍ଟ କରୁଛନ୍ତି ଓ ବୁଲା ଷଣ୍ଢ ବି ଏକ ସମସ୍ୟା ହୋଇଗଲାଣି। ଏହି ଶତ୍ରୁତାରେ ଅଛନ୍ତି ମାଟିଘର ନକରିଛି ଭଲ ବହୁ ନଷ୍ଟ କରୁଛନ୍ତି ସରକାରୀ ରେକର୍ଡ଼ ମଧ୍ୟ ନଷ୍ଟ କରୁଛନ୍ତି। ଖଗ - ଆକାଶଚର, ପକ୍ଷୀ ଏମାନେ ବି କୃଷି ନାଶ କରନ୍ତି। ମତ୍ସ୍ୟ ନାଶ କରନ୍ତି, ମନୁଷ୍ୟର ସମସ୍ୟା ବହୁ ସମୟରେ ହୁଅନ୍ତି। ଉଡ଼ାଯାହାଜରେ ପକ୍ଷୀ ମାଡ଼ରେ ବହୁମୂଲ୍ୟ ଜୀବନ ଯାନ ନଷ୍ଟ ହେଉଛି। ଖଗରେ ବ୍ୟୋମଯାନ ଆସୁଛି। ଏବେ କେତେ ପ୍ରକାର ବ୍ୟୋମଯାନ ପୁଣି ସ୍ୱୟଂକ୍ରିୟ ଡ୍ରାଇଭର ପାଇଲଟ ବିହୀନ ଯାନ। ବୋମାମାଡ଼ରେ ଡ୍ରୋନ ଲାଗିଲାଣି। ଏସବୁକୁ ନିୟନ୍ତ୍ରଣ କରିବା ଡ୍ରୋନ ଉତକ୍ଷେପଣ ଆୟତରେ ରହିଛି। ଏହାକୁ ଦମନ ଧ୍ୱଂସ କରିବା ବିଦ୍ୟା ତୁରନ୍ତ ବାହାର ନ କରାଗଲେ ଜନଜୀବନ ସରକାର ସମସ୍ତେ ବିପତ୍ତିରେ ପଡ଼ିବେ। ରାଜାଙ୍କର ଯମଗୁଣ ଓ ଯମ ତେଜ ଏଥିରେ ବଳବତ୍ତର ଆବଶ୍ୟକ। ସବୁଠାରୁ ବଡ଼ ବିପତ୍ତି ବର୍ତ୍ତମାନ ନିକଟବର୍ତ୍ତୀ ରାଜା। ସମ୍ରାଜ୍ୟବାଦ ବଢ଼ି ବଢ଼ି ଚାଲିଛି ଏ ମୂଳରେ ଅଛି। ବଣିକବୃତ୍ତି ନୂଆ ନୂଆ ପର୍ଯ୍ୟାୟ ଯୋଗ। ଅନ୍ୟ ଦେଶରୁ ଧନ ଶୋଷଣ ପାଇଁ ନୂଆ ନୂଆ ଧାରା ଏବେ ଖୋଜା ହେଲାଣି। ଲୋକେ ସ୍ୱଦେଶ ଦ୍ରବ୍ୟରେ ସନ୍ତୁଷ୍ଟ ନୁହଁନ୍ତି। ନିଜ ବାଡ଼ି ବଗିଚା ଚାଷ ଜମିରୁ ଉତ୍ପାଦିତ ଦ୍ରବ୍ୟରେ ଚଳିବା ଭୁଲି ଗଲେଣି। ଘର ପାଖରେ ଯାହା ମିଳୁଛି ସେଥିରେ ପାଦ ଚଲା ଦୁର୍ଲଭ ଯାନ ପାଇଁ ଇନ୍ଧନ ଏ ଦେଶରେ ଅଭାବ ଏକଥା କେହି ବୁଝିବାକୁ ତର ନାହିଁ। ପିଲାଏ ଖେଳିବେ ବିଦେଶୀ ଖେଳନା ଦରକାର। ବିଦେଶୀ ଯାନ ଦରକାର। ଯାନ ବେପାରୀ ତାଙ୍କର ଟେକନୋଲଜିକୁ ଧରି କୌଶଳରେ ଦରକାରୀ ମନେକରି ଭିନ୍ନ ଦେଶରେ ଯାନ ଶିଳ୍ପ କରୁଛନ୍ତି। ଏମାନେ ପାଇଁ ଉପଯୁକ୍ତ ଦେଶରେ ଜମିଗ୍ରହଣ, ଶକ୍ତି ଆହରଣ ଜଳ ମନୁଷ୍ୟ ଶକ୍ତି ସହଜରେ କାମରେ ଲଗାଇ ସାମାମ୍ରଜ୍ୟ ସୃଷ୍ଟି କରି ରହିଛନ୍ତି। ପ୍ରତ୍ୟେକ ଦେଶର ଶାସନକୁ ଏମାନେ ଅର୍ଥ ଓ କୂଟନୀତି ବଳରେ ନିଜ ସପକ୍ଷକୁ ସର୍ବଦା ନେଇଯାଉଛନ୍ତି। ପାକିସ୍ତାନ ଭାରତ ସ୍ୱାଧୀନତା ପୂର୍ବରୁ ଏକ ଦେଶ ଥିଲା। ଏକ ଦେଶର କଞ୍ଚାମାଲ ଓ ତହିଁରୁ ଉତ୍ପାଦନ ସାମଗ୍ରୀ ଏକ ଦେଶରେ ବିକ୍ରୀ ଖର୍ଦ୍ଦି ହୋଇ ସୁରୁଖୁରୁରେ ଚାଲୁଥିଲା। ଦୁଇ ଦେଶ ଅଲଗା ହେବାରୁ ଦୁଇ ଦେଶରେ ବଣିକ ବୁଦ୍ଧି ଏବେ ସାମ୍ରାଜ୍ୟବହ ସୃଷ୍ଟି କରୁଛି। ପାକିସ୍ତାନର ନୀତି ସହଯୋଗର ନୁହଁ ଅସହଯୋଗ ଯୋଗୁ ଭାରତରେ ଯୁଦ୍ଧ ଅସ୍ତ୍ର ଶାଣିତ କରିବାରେ ବହୁ ଧନ ବୃଥା ନଷ୍ଟ।

ଘରେ ଘରେ ହସ୍ତେ ହସ୍ତେ ମୋବାଇଲ ଫୋନ ଏହାର ସାମ୍ରାଜ୍ୟ ଏତେ ବିସ୍ତାରିତ ଯେ ଏହା ବିସ୍ତାରବାଦରେ ଆସିଯାଉଛି। ଏହାର ଅଂଶ ବ୍ୟାଟ୍ରୀ, ଆଇସି ପ୍ରଭୃତି ସବୁ ବିଦେଶୀ ଆମଦାନୀର ଦ୍ରବ୍ୟ ନଚେତ ତାହା ଏ ଦେଶରେ ସେମାନଙ୍କର ଟେକ୍ନୋଲୋଜି ଟ୍ରେଡ଼ମାର୍କ, ଲାଇସେନ୍ସରେ ବ୍ରାଣ୍ଡରେ ବିକ୍ରୟ। ଏସବୁ କାମଯୋଡ଼ି ପାଖ ରାଜ୍ୟ ଅର୍ଥ ଆଦାୟରେ ରହିଲେଣି। ଏପରି ଧମକର ବିଚାର କରିବାର ସମୟକୁ ପ୍ରତ୍ୟେକ ନାଗରିକ ବୁଝିଲେ ଦେଶ ପ୍ରଗତି ଦିଗକୁ ବଢ଼ିବ, ସମୟ ଲାଗିବ ମାତ୍ର ହୋଇପାରିବ।

# 'ସଦାଶିବ ନୀଳକଣ୍ଠ ସତତ ସନ୍ୟାସୀ'



ପ୍ରଦୀପ୍ତ କୁମାର ବିଶ୍ୱାଳ
ସମ୍ପାଦକ, ସାରଳାଦାସ ସ୍ମୃତିସଂସଦ
ଭୁବନେଶ୍ୱର, ମୋ: ୯୪୩୮୫୫୫୭୭୦

ଦୁନିଆରେ ପ୍ରତ୍ୟେକ ଦିନ ଲକ୍ଷ ଲକ୍ଷ ମଣିଷ ଜନ୍ମ ହେଉଛନ୍ତି ଓ ମରୁଛନ୍ତି ମଧ୍ୟ, ସାଗରରେ ଢେଉ ଆସି ପୁଣି ମିଳାଇ ଗଲା ଭଳି। ଏହାର ହିସାବ ରଖିବାକୁ କାହାରି ପାଖରେ ସମୟ ନାହିଁ। ତେବେ କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ମରି ମଧ୍ୟ ଜନମାନସରେ ଅମର ରହିଥାଆନ୍ତି ସମାଜ ପ୍ରତି ସେମାନଙ୍କର ଅବଦାନ ପାଇଁ। ସେହିଭଳି ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଥିଲେ ପଣ୍ଡିତ ନୀଳକଣ୍ଠ ଦାସ। 'ମାନବ ସେବା ହିଁ ମାଧବ ସେବା' ତାଙ୍କ ଜୀବନର ବ୍ରତ ଥିଲା। ସେ ଥିଲେ ଯୁକ୍ତିବାଦୀ, ଆଜନ୍ମ ବିପ୍ଳବୀ ଓ ସଂସ୍କାରବାଦୀ ମହାମନୀଷୀ। ତାଙ୍କର ଜନସେବା, ସାହିତ୍ୟସେବା, ସମାଜ ସଂସ୍କାର, ଦେଶ ମିଶ୍ରଣ କାର୍ଯ୍ୟ, ଶିକ୍ଷକତା, ସାମ୍ବାଦିକତା, ରାଜନୀତି, ଧର୍ମଧାରଣ ସବୁରି ମୂଳରେ ଥିଲା ଅଖଣ୍ଡ ଦେଶପ୍ରୀତି ଓ ଦେଶକୁ ଉନ୍ନତ କରିବାର ମହାନ ନିସ୍ୱାର୍ଥପର ଆଦର୍ଶ।

ପୁରୀ ଜିଲ୍ଲାର ଶ୍ରୀରାମଚନ୍ଦ୍ରପୁର ଶାସନରେ ୧୮୮୪ ମସିହା ଅଗଷ୍ଟ ୫ ତାରିଖ ଭାଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ମାତା ହାରାଦେବୀ ଓ ପିତା ଆନନ୍ଦ ଦାସଙ୍କ ଅଷ୍ଟମ ଗର୍ଭରୂପେ କୋଳମଣ୍ଡନ କରି ଧରାବତରଣ କରନ୍ତି ଏହି ମହାମନୀଷୀ। ପିତା ମାତା ପୁତ୍ର କାମନାର୍ଥେ କଠିନ ସାଧନା ଓ ଦେବୋପସନା କରି ମହାଦେବ ନୀଳକଣ୍ଠଙ୍କ ଆଶୀର୍ବାଦରୁ ତାଙ୍କୁ ଲାଭ କରିଥିବାରୁ ତାଙ୍କ ନାମ ରଖିଥିଲେ 'ନୀଳକଣ୍ଠ'। ଜଣେ ମେଧାବୀ ଛାତ୍ର ଭାବେ କଲିକତାରୁ ଦର୍ଶନ ଶାସ୍ତ୍ରରେ ଏମ୍.ଏ.ପାସ୍ କଲାପରେ ଗୋପବନ୍ଧୁଙ୍କ ଦ୍ୱାରା ସ୍ଥାପିତ ସତ୍ୟବାଦୀ ବନ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଶିକ୍ଷକତା କରି ମଣିଷ ତିଆରି କାରଖାନାର ମଙ୍ଗ ଧରିଥିଲେ। ସତ୍ୟବାଦୀ ପଞ୍ଚସଖା ମଧ୍ୟରୁ ସେ ଅନ୍ୟତମ। ସେ ଦୃଢ଼ମନା ଓ ଭୀଷଣ କ୍ରୋଧୀ ଥିଲେ। କୌଣସି ପ୍ରକାର ଅନ୍ୟାୟ ଓ ଅନୀତିକୁ ସେ ବରଦାସ୍ତ କରୁ ନ ଥିଲେ।

ସେ ସ୍ୱାଧୀନତା ଆନ୍ଦୋଳନ ଓ କଂଗ୍ରେସରେ ଯୋଗଦେଲେ ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ହୋଇଥିଲେ। ୧୯୩୬ ମସିହାରେ ଓଡ଼ିଶାରେ ପ୍ରଥମ ସାବାଳକ ଭୋଟ ନିର୍ବାଚନରେ ବିଧାନସଭା ନିର୍ବାଚନରେ ତାଙ୍କରି ଉଦ୍ୟମରେ କଂଗ୍ରେସ ବିପୁଳ ବିଜୟ ହାସଲ କରିଥିଲେ ସୁଦ୍ଧା ସେ ମୁଖ୍ୟମନ୍ତ୍ରୀ (ସେତେବେଳେ ପ୍ରଧାନମନ୍ତ୍ରୀ) ହୋଇ ପାରି ନ ଥିଲେ। ସେ କଂଗ୍ରେସ ଛାଡି କିଛିଦିନ ଫରୱାର୍ଡ ବ୍ଲକରେ ଯୋଗ ଦେଲେ କିନ୍ତୁ ପରେ କଂଗ୍ରେସକୁ ଫେରିଆସି ବିଧାନସଭାର ବାଚସ୍ପତି ହୋଇଥିଲେ। ଏକଦା ବିଶ୍ୱମ୍ଭର ନାଥ ପାଣ୍ଡେ ଯେ କି ତତ୍କାଳୀନ ଓଡ଼ିଶାର ରାଜ୍ୟପାଳ(୧୯୮୩-୮୮) କହିଥିଲେ ପଣ୍ଡିତ ନୀଳକଣ୍ଠ ଯେତେବେଳେ ଦିଲ୍ଲୀ ବିଧାନସଭାରେ ଭାଷଣ ଦିଅନ୍ତି ଲୋକମାନେ କହନ୍ତି 'The lion of Orissa is roaring'.

ପଣ୍ଡିତଜୀଙ୍କର ଆତ୍ମଜୀବନୀ ପୁସ୍ତକ ତାଙ୍କ ଜୀବନକାଳ ମଧ୍ୟରେ ଆଦୃତ ହୋଇ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମଧ ପ୍ରାପ୍ତ ହୋଇଛି। ମାତ୍ର ନବମ ଶ୍ରେଣୀରେ ପାଠ ପଢୁଥିବା ସମୟରେ ୧୯୦୨ ମସିହାରେ ଓଡ଼ିଶାର ଦୁର୍ଗତି ତାଙ୍କର ହୃଦୟ ଏପରି ଆନ୍ଦୋଳିତ ଥିଲା ଯେ ତାଙ୍କର ଶ୍ରେଣୀ ସଙ୍ଗୀ ଅନନ୍ତ, କଲେଜ ଛାତ୍ର ଆଚାର୍ଯ୍ୟ ହରିହର ଓ ଗୋପବନ୍ଧୁଙ୍କ ସଙ୍ଗେ ଉତ୍କଳର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଣୋତ୍ସର୍ଗ କରିବା ପାଇଁ ଶପଥ ନେଇଥିଲେ। ସରକାରୀ ଚାକିରି ନ କରି ଦେଶ ପାଇଁ କିଛି କରିବା ଏବଂ ଜନ୍ମବେଳେ ଦେଖିଥିବା ଦେଶକୁ ଆହୁରି ଭଲ ଦେଖି ମରିବାକୁ ସେ ସ୍କୁଲ୍ ଜୀବନରୁ ସଂକଳ୍ପ ନେଇଥିଲେ। ୧୯୦୪ରେ ଉତ୍କଳ ଗୌରବ ମଧୁସୁଦନଙ୍କ ସ୍ୱଦେଶୀ ବ୍ୟବହାର ପ୍ରତିଜ୍ଞା ପତ୍ରରେ ସେ ସ୍ୱାକ୍ଷର କରିଥିଲେ। ମଧୁବାବୁ ଆଖି ମୁଦିବା ପୂର୍ବରୁ କହିଗଲେ 'ସେ ଓଡ଼ିଶାର ସବୁ ବୁଝିବ'। ମଧୁବାବୁଙ୍କ ବାଣୀ 'ଜାତି ନନ୍ଦିଘୋଷ ଚଳିବ କି ଭାଇ ସ୍ୱାର୍ଥକୁ ସାରଥି କଲେ, ଟାଣେ କିରେ ଗାଡି ଦାନାର ତୋବଡା ଘୋଡା ମୁହେଁ ବନ୍ଧା ଥିଲେ' ନୀଳକଣ୍ଠଙ୍କ ଜୀବନରେ ଗଭୀର ରେଖାପାତ କରିଥିଲା। ସେହି ଆଦର୍ଶ ହିଁ ତାଙ୍କୁ ଏକ ନିର୍ଲିପ୍ତ କର୍ମଯୋଗୀ କରି ଗଢିଥିଲା। ସେ ମଧୁବାବୁଙ୍କ ଡାହାଣ ହାତ ସଦୃଶ ଥିଲେ। ତାଙ୍କୁ ଲକ୍ଷ୍ୟ କରି ଦେଶପ୍ରାଣ ବ୍ୟାସକବି ଫକୀର ମୋହନ ଲେଖିଥିଲେ 'ସଦାଶିବ ନୀଳକଣ୍ଠ ସତତ ସନ୍ୟାସୀ'।

ଭଗବାନ ଶ୍ରୀକୃଷ୍ଣଙ୍କ ଜୀବନାଦର୍ଶରେ ଅନୁପ୍ରାଣୀତ ହୋଇ ଜଣେ ସଚ୍ଚା ରାଷ୍ଟ୍ରନୀତିଜ୍ଞ ଓ ସ୍ଥିତପ୍ରଜ୍ଞ ହୋଇପାରିଥିଲେ। ତାଙ୍କ ମୁଖ ନିସୃତ ଶ୍ରୀମଦ୍ ଭଗବତ୍ ଗୀତାକୁ ସେ ଭାଷ୍ୟ କରିଛନ୍ତି। ୧୯୪୩ ମସିହାରେ ତାଙ୍କ ଉଦ୍ୟମରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ୧୯୬୦ ମସିହାରେ ଭାରତ ସରକାରଙ୍କ ଦ୍ୱାରା ପଦ୍ମଭୂଷଣରେ ବିଭୂଷିତ ହୋଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡି.ଲିଟ୍ ଉପାଧି ମଧ ପାଇଛନ୍ତି।

୧୯୨୧-୨୩ ମସିହାର ସ୍ୱାଧୀନତା ସଂଗ୍ରାମ ଭିତରେ ତାଙ୍କର ଦୁଇଟି କନ୍ୟା ଉପଯୁକ୍ତ ଚିକିତ୍ସା ଅଭାବରୁ ମୃତ୍ୟୁମୁଖରେ ପଡିଥିଲେ। ସେ ସମ୍ବଲପୁର କଂଗ୍ରେସ ସଭାରେ ଉଦ୍‌ବୋଧନ ଦେଉଥିବା ସମୟରେ ପ୍ରଥମ କନ୍ୟା 'ଭାରତୀ'ର ମୃତ୍ୟୁଖବର ଶୁଣିବାକୁ ପାଇ ମଧ୍ୟ ଅବିଚଳିତ ରହି ତାଙ୍କର ଭାଷଣ ଚାଲୁ ରଖିଥିଲେ। ଜନତା ସେଥିରେ ଅଭିଭୂତ ହୋଇ ଶତ ଶତ ଛାତ୍ର ଓ କର୍ମଚାରୀ ନିଜର ସ୍ୱାର୍ଥ ଭୁଲି ସ୍କୁଲ୍, କଚେରୀ ଛାଡି ଅସହଯୋଗ ଆନ୍ଦୋଳନ ପାଇଁ ଜୀବନ ଉତ୍ସର୍ଗ କରିଥିଲେ। ୧୯୨୩ ମସିହାରେ ପୁଲିସ୍ ତାଙ୍କୁ ବନ୍ଦୀ ଅବସ୍ଥାରେ ପୁରୀ ଜେଲ୍‌ରୁ ରେଳଗାଡିରେ ହଜାରୀବାଗ ଜେଲ୍‌କୁ ନିଆଯାଉଥିବା ବେଳେ ସତ୍ୟବାଦୀ ଷ୍ଟେସନ୍‌ରେ ଆଚାର୍ଯ୍ୟ ହରିହରଙ୍କ ଠାରୁ ତାଙ୍କ ଦିତୀୟ କନ୍ୟା 'ବାସନ୍ତି'ର ମୃତ୍ୟୁ ଖବର ପାଇଥିଲେ। ସେଥିରେ ମଧ ତାଙ୍କ ଦେଶ ଭାବନା କ୍ଷଣକ ପାଇଁ ହେଲେ ବନ୍ଦ ହୋଇ ନ ଥିଲା। 'ଯିଏ ଯେତିକି ଦିନକୁ ଆସିଥାଏ ସିଏ ସେତିକିଦିନ ରହି ଚାଲିଯାଏ, ହଁ ଆଉ କ'ଣ କରନ୍ତ' କହି ହରିହରଙ୍କୁ ବିଦାୟ ଦେଇଥିଲେ। ଏତିକି କହି ସେ ପୁଲିସମାନଙ୍କ ସହ କଥାବାର୍ତ୍ତା ହେଲେ। ପୁଲିସ୍ ବାବୁ ତାଙ୍କ ମୁହଁକୁ ଜଳଜଳ କରି ଚାହିଁ କହିଲେ "ତୁମେ ମଣିଷ ନା ଦେବତା। ଦେଶ ପାଇଁ ତୁମେ ଛାତିକୁ ପଥର କରିଦେଇଛ।" କର୍ତ୍ତବ୍ୟ ସମ୍ମୁଖରେ ସେ ସମସ୍ତ ଭାବପ୍ରବଣତାକୁ ପଛରେ ପକାଇ ସଂସାର ଜଞ୍ଜାଳ ଭାବନାରୁ ନିଜକୁ ଊର୍ଦ୍ଧ୍ୱରେ ରଖି ସ୍ଥିତପ୍ରଜ୍ଞ ଭାବେ ଦେଶ କାର୍ଯ୍ୟ କରିଯାଉଥିଲେ।

ଓଡ଼ିଆ ସାହିତ୍ୟରେ କବି, ଦାର୍ଶନିକ ଓ ସମାଲୋଚକ ଭାବେ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିଷ୍ଠା ଅସାଧାରଣ ବୋଲି ମନେହୁଏ। ସତ୍ୟବାଦୀ ବନବିଦ୍ୟାଳୟ ଥିଲା ସାମାଜିକ, ସାହିତ୍ୟିକ ଓ ସଂସ୍କାର ଆନ୍ଦୋଳନର ପ୍ରାଣକେନ୍ଦ୍ର ସ୍ୱରୂପ। ଏହାର ପୁରୋଭାଗରେ ଥିଲେ ପଣ୍ଡିତ ଗୋପବନ୍ଧୁ, ମାତ୍ର ଏହାର ମୁଖ୍ୟ ପ୍ରବକ୍ତା ଥିଲେ ପଣ୍ଡିତ ନୀଳକଣ୍ଠ। ସମାଜର ଉଚ୍ଚବର୍ଣ୍ଣରେ ପୂରି ରହିଥିବା କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଛିନ୍ନଭିନ୍ନ କରି ଏକ ଉନ୍ନତ ସଂସ୍କୃତି ସଂପନ୍ନ ସମାଜ ଗଠନ କରିବା ଥିଲା ନୀଳକଣ୍ଠଙ୍କର ମୂଳଲକ୍ଷ୍ୟ। ତାଙ୍କର 'ମୋ ନିଶ' ପ୍ରବନ୍ଧ ମାଧ୍ୟମରେ ସେ ବ୍ୟଙ୍ଗ ବିଦ୍ରୁପର ଶାଣିତ ଖଡ୍ଗ ପ୍ରୟୋଗ କରି ଏହି ସଂସ୍କାର ଆନ୍ଦୋଳନକୁ ଏତେ ବ୍ୟାପକ କରିଦେଲେ ଯେ ଏହା 'ନିଶ ଆନ୍ଦୋଳନ' ଭାବେ ଚାରିଆଡ଼େ ବ୍ୟାପିଗଲା। ଏହି ନିଶ ଆନ୍ଦୋଳନ ବେଳେ 'ମୋ ନିଶ' (୧୯୧୧) ପ୍ରବନ୍ଧ ସହିତ 'ଅଛୁ ଓ ହେବୁ', 'ପ୍ରତିଭା ପୂଜା ଓ ପ୍ରତିମା ପୂଜା'(୧୯୧୦), 'ଆମ୍ଭର ଥିଲା ଓ କାରଣ ଥାଇପାରେ ବା ସାମାଜିକ କୁସଂସ୍କାର' (୧୯୧୧-୧୯୧୭) ପ୍ରଭୃତି ପ୍ରବନ୍ଧ ମାଧ୍ୟମରେ ଯୁବକ ନୀଳକଣ୍ଠ ଜଣେ ଯଥାର୍ଥ ସଂସ୍କାରବାଦୀ ସାହିତ୍ୟିକର ପରିଚୟ ପ୍ରଦାନ କରିଥିଲେ। 'ମୋ ନିଶ' ପ୍ରବନ୍ଧକୁ କେନ୍ଦ୍ର କରି ତତ୍କାଳୀନ ରକ୍ଷଣଶୀଳ ସମାଜରେ ଯେଉଁ ଉତ୍ତେଜନା ସୃଷ୍ଟି ହୋଇଥିଲା, ସେଥିରେ ଉତ୍‌କ୍ଷିପ୍ତ ହୋଇ ଦୁର୍ବୃତ୍ତମାନେ ବନବିଦ୍ୟାଳୟ ଛାତ୍ରାବାସ ଓ ପାଠାଗାରରେ ନିଆଁ ଲଗାଇଦେବା ପର୍ଯ୍ୟନ୍ତ କଥା ଯାଇଥିଲା।

କବି ନୀଳକଣ୍ଠଙ୍କ 'କୋଣାର୍କେ' କାବ୍ୟ ଏକ ଅପୂର୍ବ ସୃଷ୍ଟି। ଏହା ଓଡ଼ିଆ ଜାତିର ଐତିହ୍ୟ ଓ ସଂସ୍କୃତିର ପରିମାପକ କହିଲେ ଅତ୍ୟୁକ୍ତି ହେବନାହିଁ। ତାଙ୍କର ଅନ୍ୟ ଦୁଇଟି କାବ୍ୟ 'ଖାରବେଳ' ଓ 'ପ୍ରଣୟିନୀ'-ପ୍ରଥମଟି ଐତିହାସିକ କାବ୍ୟ ଓ ଦ୍ୱିତୀୟଟି ଅନୁବାଦ। ଉତ୍କଳର ପ୍ରାଚୀନ ଗୌରବ, ସମୃଦ୍ଧ ନୌବାଣିଜ୍ୟ, ପ୍ରଚଣ୍ଡ ବୀରତ୍ୱ, ରାଜ୍ୟବିସ୍ତାର, କଳାଗତ ଉତ୍କର୍ଷ, ସର୍ବୋପରି ଉନ୍ନତ ପ୍ରେମଚିତ୍ର ଓ ସମାଜଚିତ୍ର ପ୍ରଭୃତିକୁ ମୂଳକରି ଉତ୍କଳର ଏକ ସୁସମୃଦ୍ଧ ଇତିହାସ ସେ 'କୋଣାର୍କେ' ଓ 'ଖାରବେଳ' କାବ୍ୟରେ ପ୍ରକାଶ କରିଛନ୍ତି।

ଖ୍ରୀ. ୧୯୩୪ରେ ପଣ୍ଡିତ ନୀଳକଣ୍ଠଙ୍କ ସମ୍ପାଦନାରେ 'ନବଭାରତ' ମାସିକ ପତ୍ରିକା ପ୍ରକାଶନ ଓଡ଼ିଆ ସାହିତ୍ୟ ଓ ସମାଲୋଚନା କ୍ଷେତ୍ରରେ ଏକ ଆଲୋକସ୍ତମ୍ଭ। ଉତ୍କଳୀୟ ସଂସ୍କୃତିର ଯଥାର୍ଥ ଉଦ୍‌ଘାଟନରେ ଓ ସେଥିରେ ଜଗନ୍ନାଥ ଧର୍ମର ବୈଶିଷ୍ଟ୍ୟ ପ୍ରତିପାଦନରେ ଭଗବତ୍ ଗୀତା ଠାରୁ ଆରମ୍ଭ କରି ଭୀମଭୋଇଙ୍କ ପର୍ଯ୍ୟନ୍ତ ଏ ଜାତିର ସାଂସ୍କୃତିକ ଐତିହ୍ୟକୁ ଆଲୋଚନାରେ ଏକ ନିର୍ଦ୍ଦିଷ୍ଟ ରୂପ ପ୍ରଦାନ କରିବାରେ ପଣ୍ଡିତ ନୀଳକଣ୍ଠଙ୍କ ଜୀବନ ଥିଲା ଯେପରିକି ବିଧି ପ୍ରେରିତ। 'ଓଡିଆ ସାହିତ୍ୟର କ୍ରମପରିଣାମ' ଓ 'ଓଡ଼ିଆ ଭାଷା ଓ ସାହିତ୍ୟ' ତାଙ୍କର ବହୁ ପଠିତ ଆଲୋଚନା ଗ୍ରନ୍ଥ, ନିଜସ୍ୱ ଶୈଳୀରେ ଗରୀୟାନ।

ଇଂରେଜ ସରକାରଙ୍କ ନାଇଟ୍ ଉପାଧିକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ। ବଡ଼ଲାଟ ଲର୍ଡ ଇର୍‌ୱିନ୍‌ଙ୍କୁ ସେ ସାକ୍ଷାତ ଦେଇ ନ ଥିଲେ। ୧୯୬୭ ମସିହା ନଭେମ୍ବର ୬ ତାରିଖରେ ଦେଶ ଓ ଜାତି ପାଇଁ ତାଙ୍କର କର୍ତ୍ତବ୍ୟ ସମାପନ କରି ସେ ସବୁଦିନ ପାଇଁ ଆଖିବୁଜିଲେ। ତାଙ୍କର ମରଶରୀର ପଞ୍ଚଭୂତରେ ଲୀନ ହୋଇ ଯାଇଛି ସତ ମାତ୍ର ସେ ବଞ୍ଚି ରହିବେ ଦେଶର ତଥା ଓଡ଼ିଶାର ପ୍ରତ୍ୟେକ ସନ୍ତାନଙ୍କର ହୃତ୍‌ସ୍ପନ୍ଦନରେ। ତାଙ୍କର ଏ ଜାତିପ୍ରତି ଅବଦାନକୁ ଏ କ୍ଷୁଦ୍ର ସଂଦର୍ଭରେ ସ୍ଥାନିତ କରିବା ଧୃଷ୍ଟତା ମାତ୍ର। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ତାଙ୍କ 'ଆତ୍ମଜୀବନୀ' ପୁସ୍ତକକୁ ଅଧ୍ୟୟନ କରି ତାଙ୍କ ଜୀବନାଦର୍ଶରେ ନିଜକୁ କିଞ୍ଚିତ ମାତ୍ରାରେ ଅନୁପ୍ରାଣିତ କରିପାରିଲେ ତାହା ଆଜି ତାଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୋଇପାରିବ।




ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାର ଅଂଚଳର ଅଗ୍ରଣୀ ସାମାଜିକ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପବ୍ଲିକ୍ ୱେଲଫେୟାର ସୋସାଇଟି ତରଫରୁ ଏହାର ୩୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ସୋସାଇଟିର ସଭାପତି ବିଷ୍ଣୁଚରଣ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସମାଜସେବୀ ଲାଲମୋହନ ପରିଡ଼ା ଯୋଗ ଦେଇ ଅନୁଷ୍ଠାନର ପତାକା ଉତ୍ତୋଳନ କରିଥିଲେ । ଅପରାହ୍ଣରେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟ ବିଜେପି ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, କାଉନ୍‌ସିଲର ଅର୍ଜୁନି ବେହେରା, ସୁଜାତା ସାହୁ, ଆଶୁତୋଷ ଦାସ ପ୍ରମୁଖ ଯୋଗ ଦେଇ ବୃକ୍ଷରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସେକ୍‌ଜାଫର ଅଲ୍ଲୀ, ବିକ୍ରମ ସ୍ୱାଇଁ, ଶିବଶଙ୍କର ସାହୁ, ସୁକାନ୍ତ ତରାଇ, ପ୍ରଶାନ୍ତ ହୋତା, ମୋନାଲିସା ଦାସ, କିରଣବାଳା ନାୟକ, ସୁବାସ ଦଳାଇ, ବଳରାମ ସ୍ୱାଇଁ, ପ୍ରତାପ ଜେନା, ଅଜିତ୍ କୁମାର ସ୍ୱାଇଁ, ଲଳିତ ମୋହନ ନାୟକ, ଅଶୋକ କୁମାର ସାହୁ, ନାରାୟଣ ସାହୁ, ତୁଷାରକାନ୍ତ ସାହୁ ଓ ଗଗନ ବେହେରା ପ୍ରମୁଖ ପରିଚାଳନା କରିଥିବା ବେଳେ ଜ୍ୟୋତିଶଙ୍କର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଅବଧି ମଧ୍ୟରେ ସରିଲାନି ପାନୀୟ ଜଳ ପ୍ରକଳ୍ପ, ଦୁଇ ଗ୍ରାମବାସୀ ହୀନସ୍ତା



ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକ୍ ରାୟାଁରାମଚନ୍ଦ୍ରପୁର ଗ୍ରାମର ରାୟାଁସାହିରେ ୧.୬୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ପାନୀୟ ଜଳ ଯୋଗଣ ପ୍ରକଳ୍ପ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ ହୋଇ ନ ଥିବାରୁ ଗ୍ରାମବାସୀ ପିଇବା ପାଣି ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି। ଏ ନେଇ ଗ୍ରାମବାସୀ ବିଭାଗୀୟ ଯନ୍ତ୍ରୀଙ୍କ ଠାରୁ ଠିକାଦାର ଯାଏଁ ସମସ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ଗ୍ରାମ୍ୟ ମୁଖ୍ୟ ଖଗେନ୍ଦ୍ର ନାଥ ମାହୁ, ବଙ୍କିମ ବାରିକ, କୁଞ୍ଜ ବିହାରୀ ନେତା, ପୂର୍ଣ୍ଣଚନ୍ଦ୍ର ଜେନା, ଶଙ୍କର ବେହେରା, ବଳରାମ ଜେନା, ନିର୍ମଳ ଚନ୍ଦ୍ର ପାଳ, ନିରଞ୍ଜନ ସାହୁ, ଅଭିମନ୍ୟୁ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଏହି ପ୍ରକଳ୍ପ କାମ ପାଇଁ ୧.୬୦ କୋଟି ଉର୍ଦ୍ଧ ଟଙ୍କା ମଞ୍ଜୁର ହୋଇଥିବା ବେଳେ ଠିକାଦାର ବେଣୁଧର ସେଠୀ ଟେଣ୍ଡର ଜରିଆରେ କାମ ପାଇଥିଲେ। ପ୍ରକଳ୍ପ କାମ ୨୦୨୪ ମସିହା ଜାନୁଆରି ମାସରେ ଆରମ୍ଭ ହୋଇଥିବା ବେଳେ ଏହା ଭିତରେ ୨୦ ମାସ ଅତିକ୍ରାନ୍ତ ହୋଇଗଲାଣି। କିନ୍ତୁ କାମ ଅଧା ପନ୍ତରିଆ ହୋଇ ପଡ଼ି ରହିଛି। ଚଳିତ ବର୍ଷ ଫେବୃଆରି ମାସରୁ କାମ ବନ୍ଦ ହୋଇ ପଡ଼ି ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଫଳରେ ପ୍ରକଳ୍ପରୁ ପିଇବା ପାଣି ପାଇବାକୁ ଆଶା ବାନ୍ଧିଥିବା ୫ ଶହରୁ ଉର୍ଦ୍ଧ୍ୱ ପରିବାର ସମସ୍ୟା ଭୃଗୁଛନ୍ତି। ବିଶେଷ କରି ଗାଆଁସହ ବାଲିଆଡ଼ିଆ ଆଦିବାସୀସାହି ବାସିନ୍ଦା ପାନୀୟ ଜଳ ନପାଇ ପୋଖରୀ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ପାଇପ୍ ଲାଇନ ପାଇଁ ରାସ୍ତାକୁ ଖୋଳିଦିଆ ଯାଇଥିବାରୁ ବର୍ଷାଦିନେ ଗମନାଗମନ ପାଇଁ ଲୋକେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି । ମାଳଗଡ଼ିଆ ଆରଡି ରୋଡରୁ ବାରକୋଣା ଆଦିବାସୀ ସାହି ଯାଏଁ ପାଖାପାଖି ଦୁଇ କିମି ରାସ୍ତା ଗ୍ରାମର ବିଭିନ୍ନ ସାହିକୁ ସଂଯୋଗ କରୁଥିବା ରାସ୍ତାରେ ପାଣିକାଦୁଅ ଜମି ମରଣଯନ୍ତା ପାଲଟିଛି। ଜମାଳପୁର ବସୁଧା ପାନୀୟ ଜଳଯୋଗାଣ ପ୍ରକଳ୍ପ କାମ ମଧ୍ୟ ନିମ୍ନମାନର ହୋଇଛି ବୋଲି ଗ୍ରାମର ନିର୍ମଳ ଚନ୍ଦ୍ର ଦାସ, କମଳଲୋଚନ ପରିଡ଼ା, ତପନ ପାଣିଗ୍ରାହୀ ଓ ଜୟଦେବ ପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି। ପାଖାପାଖି ଅଧ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ କାମ ନିମ୍ନମାନର ଯୋଗୁଁ ପମ୍ପ ହାଉସ ବାଉଣ୍ଡାରୀ ଭିତରେ ସପ୍ତାହ ସପ୍ତାହ ବର୍ଷା ପାଣି ଜମି ରହୁଛି। ଜମାଳପୁର ଗ୍ରାମରେ ଛକ ଛକରେ ନିର୍ମିତ ହୋଇଥିବା ସବ୍ ଟାଙ୍କିରୁ ଅହରହ ପାଣି ଗଳୁଛି। ସେହିପରି ରାସ୍ତାରେ ପାଇପ ବିଛା ଯାଇଥିବା ସ୍ଥାନରେ ମାଟି ପକା ଯାଇନଥିବାରୁ ଖାଲଖମା ସୃଷ୍ଟି ହୋଇ ପଥଚାରୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଚୌଘୁନାର ପରିଡ଼ା ଘର, ନନ୍ଦୀଘର, ସୌଳିକ ପାତ୍ର ଓ ଜେନା ପରିବାରର ୩୦ରୁ ଉର୍ଦ୍ଧ ଘରକୁ ପାଇପ ସଂଯୋଗ ଦିଆଯାଇ ନ ଥିବାରୁ ସେମାନେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଓଭରହେଡ ଟାଙ୍ଗିର ଗଡ଼ ମଧ୍ୟ ଦେଖା ଯାଉଛି। ପମ୍ପ ଡ୍ରାଇଭରଙ୍କୁ ମାସିକ ପାରିଶ୍ରମିକ ଦିଆଯାଉନଥିବାରୁ ସେ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଜଳେଶ୍ୱର ବିଭାଗୀୟ ଯନ୍ତ୍ରୀ ପ୍ରଦ୍ୟୁମ୍ନ ଦାସଙ୍କ ସହ ଯୋଗାଯୋଗ କଲାରୁ ସେ କହିଲେ ରାୟାଁସାହି ପ୍ରକଳ୍ପକୁ ଦେଢ଼ମାସ ପୂର୍ବରୁ ବିଦ୍ୟୁତ ସଂଯୋଗ ଦେବା ପାଇଁ ଚିଠି ଲେଖାଯାଇଛି। ବିଦ୍ୟୁତ ସଂଯୋଗ ହୋଇନଥିବାରୁ ଅବଧି ମଧ୍ୟରେ ପ୍ରକଳ୍ପ କାମ ସରିନାହିଁ। ବିଦ୍ୟୁତ ସଂଯୋଗ ହେଲେ ଲୋକେ ପାଣି ପାଇବେ। ଜମାଳପୁର ପ୍ରକଳ୍ପର କିଛି ସମସ୍ୟା ଥିବ ସମାଧାନ କରାଯିବ ବୋଲି ଯନ୍ତ୍ରୀ ସୂଚନା ଦେଇଛନ୍ତି। ସେପଟେ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେଲେ ଉଭୟ ଗ୍ରାମବାସୀ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି କହିଛନ୍ତି।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଶିକ୍ଷମନ୍ତ୍ରୀ



ପାରାଦୀପ(ଭାସ୍କର ନ୍ୟୁଜ): 'ବିକଶିତ ଗାଁ' ବିକଶିତ ଓଡ଼ିଶା' ଯୋଜନା ମାଧ୍ୟମରେ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁଜଙ୍ଗ ବ୍ଲକ୍ ବାଲିଆ ଗ୍ରାମ ପଞ୍ଚାୟତରେ ନୂତନ କଂକ୍ରିଟ୍ ସଡ଼କ, ବାଲିଆ ଜଗନ୍ନାଥ ପୋଖରୀ ନିକଟରେ ଗାଧୁଆ ତୁଠ ଓ କପଡ଼ା ବଦଳାଇବା ଘର, ବଡ଼ବନ୍ଧ ମା' ବଜ୍ରବୁଡ଼ୀ ଠାକୁରାଣୀ ମନ୍ଦିରରେ ନୂତନ ଭୋଗ ମଣ୍ଡପ, ବଡ଼ଙ୍ଗ ମା' ରାମଚଣ୍ଡି ମନ୍ଦିର ନିକଟରେ ନୂତନ ଭାଗବତ ଟୁଙ୍ଗି ଏବଂ ବିଧାୟକ ହାତ ଖର୍ଚ୍ଚ ପାଣ୍ଠିରେ ବାଲ୍ମୀକି କୁଟୀର ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ସୋମବାର ଦିନ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ପାରାଦୀପ ବିଧାୟକ ତଥା ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ଏହି ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହେଲେ ସ୍ଥାନୀୟ ଜନସାଧାରଣଙ୍କ ବିଭିନ୍ନ ଆବଶ୍ୟକତା ପୂରଣ ହେବା ସହ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ମାନେ ଉପକୃତ ହୋଇପାରିବେ ଏବଂ ଗାଁ ତଥା ପଞ୍ଚାୟତର ବିକାଶ ହୋଇପାରିବ । ଗ୍ରାମୀଣ ଭିତ୍ତିଭୂମିର ବିକାଶ ତ୍ୱରାନ୍ୱିତ ହେଲେ, ଏହା ସମୃଦ୍ଧ ତଥା ବିକଶିତ ଓଡ଼ିଶା ଗଠନର ଲକ୍ଷ୍ୟ ହାସଲ ଦିଗରେ ନିଶ୍ଚୟ ସହାୟକ ହେବ ବୋଲି କହିଛନ୍ତି ଶିକ୍ଷ ମନ୍ତ୍ରୀ ଶ୍ରୀ ସ୍ୱାଇଁ ।

# ମହୋଦଧିରେ ଯୁବକଙ୍କ ସଲିଳ ସମାଧି

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ବଡଖର ଗୋପପୁର ଗ୍ରାମର ସନ୍ତୋଷ ସାହୁଙ୍କ ବଡପୁତ୍ର ବବୁଲ(୨୨) ଶେଷ ଶ୍ରାବଣୀ ଯାତ୍ରାରେ ଜଳାଭିଷେକ ସାରି ମହୋଦଧିରେ ସଲିଳ ସମାଧି ନେଇଥିବା ଜଣାଯାଇଛି। ଏହି ମୃତ୍ୟୁରେ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି। ଏକ ରକମ ଗାଁ ସ୍ତବ୍ଧ ହୋଇଯାଇଛି। ସୂଚନା ମୁତାବକ ବବୁଲ ଶ୍ରାବଣ ଯାତ୍ରା ନିମନ୍ତେ ଗୋରଖନାଥ ପୀଠରେ ବନ୍ଧୁ ଓ ସ୍ଥାନୀୟ ଯୁବକଙ୍କ ସହ ଜଳାଭିଷେକ କରିଥିଲେ। ଜଳାଭିଷେକ ପରେ ବବୁଲ ସାଙ୍ଗଙ୍କ ସହ ପୁରୀ ମହୋଦଧିକୁ ସ୍ନାନ କରିବା ନିମନ୍ତେ ଯାଇଥିଲେ। ସ୍ନାନ କରୁଥିଲା ବେଳେ ବବୁଲ ଆକସ୍ମିକ ଭାବେ ମହୋଦଧିର ଜୁଆରରେ ଖସି ଯାଇଥିଲେ। ସହଯୋଗୀମାନେ ତାଙ୍କୁ ଉଦ୍ଧାର କରିବା ନିମନ୍ତେ ବହୁ ଆପ୍ରାଣ ଚେଷ୍ଟା କରିଥିଲେ ମଧ୍ୟ ଏଥିରେ ବିଫଳ ହୋଇଥିଲେ। ଦୀର୍ଘସମୟ ପରେ ବବୁଲର ମୃତଶରୀର ଉଦ୍ଧାର କରାଯାଇଥିଲା। ସ୍ଥାନୀୟ ଡାକ୍ତରଖାନାରେ ତାଙ୍କର ଶବ ବ୍ୟବଚ୍ଛେଦ କରାଯାଇଛି। ଘଟଣାକୁ ନେଇ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।

# ଶେଷ ସୋମବାର: ବୁଦ୍ଧେଶ୍ୱର ମନ୍ଦିରରେ କାଉଡ଼ିଆଙ୍କ ଭିଡ



ଭୁବନ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭୁବନର ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିରରେ ଶ୍ରାବଣ ମାସର ଶେଷ ସୋମବାରରେ ଜଳଲାଗି କରିବାକୁ କାଉଡ଼ିଆଙ୍କ ଅସମ୍ଭବ ଭିଡ ହୋଇଥିଲା । ରବିବାର ସନ୍ଧ୍ୟାରୁ ରାଜ୍ୟର ବିଭିନ୍ନ ସ୍ଥାନରୁ ହଜାର ହଜାର ଶୈବଭକ୍ତ ନିଜର ମାନସିକ ପୂରଣ ପାଇଁ ଆସି ପହଞ୍ଚିଥିଲେ । ପୂଣ୍ୟତୋୟା ବ୍ରାହ୍ମଣୀ ନଦୀରୁ ଜଳ ଆଣି ବାବା ବୁଦ୍ଧେଶ୍ୱରଙ୍କୁ ଜଳଲାଗି କରିଥିଲେ । ହର ହର ମହାଦେବ ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା । ଶେଷ ସୋମବାରରେ ପ୍ରାୟ ଦଶ ହଜାରରୁ ଉର୍ଦ୍ଧ୍ୱ କାଉଡ଼ିଆ ଶୃଙ୍ଖଳିତ ଭାବେ ଧାଡ଼ିରେ ଯାଇ ବୁଦ୍ଧେଶ୍ୱରଙ୍କୁ ଜଳଲାଗି କରିଥିଲେ । ଶ୍ରୀଗଣେଶ ଚାରିଟେବୁଲ ଟ୍ରଷ୍ଟ ତରଫରୁ ବୁଦ୍ଧେଶ୍ୱର ମନ୍ଦିର ପରିସରରେ ଏବଂ ଶିବଶକ୍ତି ସେବା ସଂଗଠନ ତରଫରୁ ନୂଆ ଭୁବନ ଛକରେ କାଉଡ଼ିଆଙ୍କ ପାଇଁ ପ୍ରାଥମିକ ଚିକିତ୍ସା, ସେବା କେନ୍ଦ୍ର, ଜଳପାନ ଓ ଭୋଜନ ବ୍ୟବସ୍ଥା କରାଯାଇଥିଲା । ମନ୍ଦିର ପରିଚାଳନା କମିଟି ମନ୍ଦିର କମିଟିର ସଭାପତି ନରହରି ସାହୁଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ସମୀର କୁମାର ସାହୁ, ଉପ ସଭାପତି ବିପିନ ବିହାରୀ ସେଠୀ, କୋଷାଧ୍ୟକ୍ଷ ସନ୍ତୋଷ ବିହାରୀ, ପରିଚାଳକ ଗୁଲଗୁଲ ସାହୁ, କମିଟି ସଦସ୍ୟ ଦୀନବନ୍ଧୁ ସାହୁ, ଖଗେଶ୍ୱର ନାୟକ, ଲକ୍ଷ୍ମଣ କୁମାର ସାହୁ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ । ଭୁବନ ଥାନା ତରଫରୁ ମନ୍ଦିର ପରିସରରେ ପୋଲିସ ମୁତୟନ କରାଯାଇ କାଉଡ଼ିଆଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇଥିଲା ।

# ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ବଦଳି ରାଜନୀତିକୁ ଜନସାଧାରଣଙ୍କ ଦୃଢ ବିରୋଧ

ବାଙ୍କୀ/ଡମପଡା(ଭାସ୍କର ନ୍ୟୁଜ): ଗୋଟିଏ ସ୍ଥାନରେ ଦୀର୍ଘ ଦିନ ଧରି ଚାକିରି କରିବା ପରେ ସରକାରୀ କର୍ମଚାରୀ ଜନସାଧାରଣଙ୍କ ସହିତ ସମ୍ପର୍କ ସ୍ଥାପନ କରି ନିଜର ମୂଳ କାର୍ଯ୍ୟଠାରୁ ଦୂରରେ ଯାଇ ବିଭିନ୍ନ ବେଆଇନ କାର୍ଯ୍ୟ କରିଥାନ୍ତି । ଜନସାଧାରଣଙ୍କୁ ସ୍ୱଚ୍ଛ ତଥା ନିରପେକ୍ଷ ଶାସନ ଦେବା ପାଇଁ ସରକାର ବିଭିନ୍ନ ସମୟରେ ବିଭିନ୍ନ ବିଭାଗର ଅଫିସରଙ୍କ ଠାରୁ ଆରମ୍ଭ କରି କର୍ମଚାରୀଙ୍କ ପର୍ଯ୍ୟନ୍ତ ବଦଳି କରିଥାନ୍ତି । ଯେପରି ପୋଲିସ କର୍ମଚାରୀ ୦୩/୦୪ ବର୍ଷରେ ଓ ବ୍ୟାଙ୍କ କର୍ମଚାରୀ ୩ ବର୍ଷରେ ନିଶ୍ଚିତ ଭାବେ ବଦଳି ହୋଇଥାନ୍ତି । ଦୀର୍ଘ ଦିନ ଧରି ଶିକ୍ଷକ ବଦଳି ହୋଇନଥିଲା । ଏବର୍ଷ ନୂଆ ସରକାର ସ୍ୱଚ୍ଛ ଶାସନ ଦେବା ପାଇଁ ବିଭିନ୍ନ ବିଭାଗରେ ବଦଳି ଆଇନ ଲାଗୁ କରିଛନ୍ତି । ସରକାରଙ୍କ କୌଣସି ବିଭାଗରେ ପ୍ରତିବାଦ କରିନଥିବା ବେଳେ ଶିକ୍ଷକଙ୍କର ପ୍ରତିବାଦ ଯୋରସୋର ଚଲା ଯାଉଥିବା ଦେଖିବା ପାଇଁ ମିଳିଛି । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରକୃତରେ ଶିକ୍ଷାଦାନ ନକରି ରାଜନୀତି କରୁଥିଲେ । ଗୋଟିଏ ସ୍ଥାନରେ ଦୀର୍ଘଦିନ ଧରି ରହି ସମ୍ପର୍କ ସ୍ଥାପନ କରି ପାଠ ପଢାଉନଥିଲେ । କିଛି ଶିକ୍ଷକ ବିଦ୍ୟାଳୟ ସମୟରେ ବିଦ୍ୟାଳୟକୁ ନଯାଇ ବେପାର କରୁଥିବା ବେଳେ କିଛି ଶିକ୍ଷକ ନିଜର ବ୍ୟକ୍ତିଗତ କାର୍ଯ୍ୟରେ ନିୟୋଜିତ ରହୁଥିଲେ । ଯଦି କିଛି ଜନସାଧାରଣ ଅଭିଯୋଗ କରନ୍ତି, ତାଙ୍କୁ ହାତଗୁଞ୍ଜା ଦେଇ ଚୁପ କରି ଦିଅନ୍ତି । ବର୍ତ୍ତମାନ ନୂତନ ସ୍ଥାନକୁ ଗଲେ ପାଠ ପଢାଇବେ କେମିତି ? ପାଠ ପଢାଇବା ଅଭ୍ୟାସ ନଥିବାରୁ ପାଠ ସବୁ ଭୁଲି ଗଲେଣି । ନିଜର ଦୁର୍ବଳତା ପଦାରେ ପଡିବା ଭୟରେ ବହୁଦିନ ଧରି ଚାକିରୀ କରିଥିବା ସ୍ଥାନରେ ସ୍ଥାନୀୟ ଲୋକଙ୍କୁ ହାତଗୁଞ୍ଜା ଦେଇ କୋମଳମତି ପିଲାଙ୍କୁ ବତାଇ ଆନ୍ଦୋଳନ କରୁଛନ୍ତି । ପ୍ରକୃତରେ ଆଜି ପର୍ଯ୍ୟନ୍ତ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଦର୍ଶନ କରିଥିବା ଭିଜୁଆଲରୁ ସ୍ପଷ୍ଟ ପ୍ରମାଣିତ ହୋଇଛି ଯେ ଏହା ପିଲାଙ୍କ ଦ୍ୱାରା ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ । ଯେଉଁଠି ଆନ୍ଦୋଳନ ହୋଇଛି ସେଠି ସେହି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ହାତ ନିଶ୍ଚିତ ଭାବେ ରହିଛି । ଏଠି ପ୍ରଶ୍ନ ଉଠୁଛି ଶିକ୍ଷକ ମାନେ ଏପରି କରି କ'ଣ ପ୍ରମାଣିତ କରିବା ପାଇଁ ଚାହୁଁଛନ୍ତି ? ସଠିକ ଶିକ୍ଷାଦାନ ନକରି ଦୀର୍ଘ ଦିନର ସମ୍ପର୍କ କେତେ ସୁଦୃଢ ନା ନିଜର ଅଯୋଗ୍ୟ ପଣିଆ ? ଏଠି ଶିକ୍ଷାଦାନ ଚଳିଯାଉଥିଲା, ଅନ୍ୟଠାରେ ଧରାପଡିଯିବ । ରାଜ୍ୟରେ ବେକାର ସମସ୍ୟା କେତେ ଉତ୍କଟ ତାହା ଏଇ ଅତୀତ ନିକଟରେ କରାଯାଇଥିବା ହୋମଗାର୍ଡ ନିଯୁକ୍ତି ପରୀକ୍ଷାରୁ ଜଣାପଡିଛି । ପ୍ରାର୍ଥୀର ଯୋଗ୍ୟତା ମାଟ୍ରିକ ପାସ ମଗାଯାଇଥିବା ଆବେଦନ କରିଥିଲେ ଏମ.ଟେକ, ବି.ଟେକ, ଏମ.ଏ, ଏମ.ଫିଲ ପିଲାମାନେ । ତେଣୁ ଜନସାଧାରଣ ମନରେ ଉଙ୍କି ମାରୁଛି କେତେକ ପ୍ରଶ୍ନ । ବର୍ତ୍ତମାନ ନିଜ ଗ୍ରାମଠାରୁ ସର୍ବୋଚ୍ଚ ଦୂରରେ ଚାକିରୀ ଦେଲେ ନୂତନ ପ୍ରାର୍ଥୀ ସ୍ୱାଗତ କରୁଥିବା ବେଳେ ଶିକ୍ଷକ ମାନେ ଗୋଟିଏ ପଞ୍ଚାୟତରେ ଅନ୍ୟ ବିଦ୍ୟାଳୟକୁ ଯିବାକୁ ନାରାଜ କାହିଁକି ? ସରକାର କ'ଣ ସେମାନଙ୍କ ଘର ପାଖରେ ଗୋଟିଏ ଗୋଟିଏ ବିଦ୍ୟାଳୟ ଖୋଲିବେ ? ଯେଉଁଠି ଶିକ୍ଷକ ଅବସର ଗ୍ରହଣ କରୁଛନ୍ତି, ସେ ବିଦ୍ୟାଳୟକୁ କ'ଣ ବନ୍ଦ କରାଯିବ ? ତେଣୁ ସମସ୍ତ ଜନସାଧାରଣ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି ଯେ, ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀ ବଦଳିକୁ ରାଜି ନାହାଁନ୍ତି ସେମାନଙ୍କୁ ତୁରନ୍ତ ଚାକିରୀରୁ ବରଖାସ୍ତ କରି ତାଙ୍କ ସ୍ଥାନରେ ନୂତନ ନିଯୁକ୍ତି ଦିଆଯାଉ । ସେମାନଙ୍କୁ ପ୍ରତ୍ୟକ୍ଷ ରାଜନୀତି କରିବା ପାଇଁ କିମ୍ବା ନିଜର ବ୍ୟବସାୟ ଚଲାଇବା ପାଇଁ ଛାଡ଼ି ଦିଆଯାଉ ।

# ମାଡ଼ ମାରି ଟଙ୍କା, ସୁନାହାର, ସ୍କୁଟି ଲୁଟ୍

ଜଳେଶ୍ୱର(ଭାସ୍କର ନ୍ୟୁଜ): ଦିନ ଦ୍ୱିପ୍ରହରରେ ରାସ୍ତାରେ ଅଟକାଇ ମାଡ଼ ମାରି ନଗଦ ଟଙ୍କା, ସୁନା ହାର, ସ୍କୁଟି, ମୋବାଇଲ ଓ ଘର ପାଇଁ ନେଉଥିବା ମାର୍କେଟିଂ ସାମଗ୍ରୀ ଛଡ଼ାଇ ନେଲେ ଦୁର୍ବୃତ୍ତ। ସୂଚନା ଅନୁସାରେ ଜଳେଶ୍ୱର ମ୍ୟୁନିସିପାଲିଟି ଅନ୍ତର୍ଗତ ପଥରପୁରା ଗ୍ରାମର ସେକ ବଦ୍ଧିରୁଦ୍ଦିନ ଗତକାଲି ସକାଳ ପ୍ରାୟ ୧୦ ଘଣ୍ଟା ୩୦ ମିନିଟରେ ଘରକୁ ଯାଉଥିବା ବେଳେ ପଥରପୁରା ଭଗବତୀ ମନ୍ଦିର ସମ୍ମୁଖରେ ପୂର୍ବ ଯୋଜନା ମୁତାବକ ଉକ୍ତ ଗ୍ରାମର ମିର ଫାରୁକ, ହୁସନରା ବିବି, ମିର ରିଆଜ, ମିର ମିୟାଜ ଓ ଗୁଲାବ ସାହା ବିବି ପ୍ରମୁଖ ରାସ୍ତାରେ ଅଟକାଇ ବଦ୍ଧିରୁଦ୍ଦିନଙ୍କୁ ଆଶ୍ରାବ୍ୟ ଭାଷାରେ ଗାଳି ଦେବା ସହ ନିସ୍ତୁକ ମାଡ଼ ମାରି ପକେଟରେ ଥିବା ୫୦ ହଜାର ଟଙ୍କା ଓ ଗଳାରେ ପିନ୍ଧିଥିବା ୮ ଗ୍ରାମର ସୁନା ଚେନ, ସ୍କୁଟି, ମୋବାଇଲ ଓ ମାର୍କେଟିଙ୍ଗ ସାମଗ୍ରୀ ଆଦି ଛଡ଼ାଇ ନେଇ ପଳେଇ ଯାଇଥିଲେ। ସେମାନେ ମାଡ଼ ମାରିବା ଫଳରେ ବୁଦ୍ଧିରୁଦ୍ଦିନଙ୍କ ମୁହଁ, ଓଠ, କାନପାଟି ଓ କମରରେ ଗଭୀର କ୍ଷତ ହୋଇ ରକ୍ତଶ୍ରାବ ହେଉଥିବା ଥାନାରେ ଅଭିଯୋଗ ହୋଇଛି। ଘଟଣାକୁ ଜଳେଶ୍ୱର ଥାନା ଅଧିକାରୀ ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେକ ବଦ୍ଧିରୁଦ୍ଦିନ ଅନୁରୋଧ କରିଛନ୍ତି।

# ଜନଶୁଣାଣିରେ ୬ ଅଭିଯୋଗର ତ୍ୱରିତ ସମାଧାନ




କଣ୍ଟାପଡା(ଭାସ୍କର ନ୍ୟୁଜ): କଣ୍ଟାପଡା ପଞ୍ଚାୟତ ସମିତିର ରାଜୀବ ଗାନ୍ଧୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ, କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧକ୍ଷକ ପ୍ରତୀକ ସିଂହ ଯୋଗଦେଇ ୧୩୮ଟି ଅଭିଯୋଗ ଶୁଣାଣି କରିଥିଲେ। ବ୍ୟକ୍ତିଗତ ଭାବେ ୧୩୬ଟି ସାମୁହିକ ଭାବେ ୨ଟି ଅଭିଯୋଗ ହୋଇଥିଲା। ୬ଟି ଅଭିଯୋଗର ସମାଧାନ ଶୁଣାଣି ସ୍ଥଳରେ ହିଁ ହୋଇଥିଲା। ବିଶେଷକରି ଜଳ ଓ ପରିମଳ ବ୍ୟବସ୍ଥା, ରାସନ, ଆବାସ ଯୋଜନା ଓ ରାଜସ୍ୱ ବିବାଗ ଉପରେ ଅଧିକ ଅଭିଯୋଗ ଆସିଥିଲା। ସେହିପରି ପାନୀୟ ଜଳ, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସାମୁହିକ ଭାବେ ଗୋବିନ୍ଦପୁର କଲ୍ୟାଣୀ ମଣ୍ଡପ ସରପଞ୍ଚ ଙ୍କୁ ହସ୍ତାନ୍ତର କରିବା ଓ ବରମପୁର ମୌଜାରେ ସରକାରୀ ଜାଗା ଥିବା ନଦୀବନ୍ଧରେ ନିର୍ମାଣ କରାଯାଇଥିବା ମାର୍କେଟ କମ୍ପ୍ଲେକ୍ସକୁ ଉଚ୍ଛେଦ କରିବା ସାମୁହିକ ଅଭିଯୋଗ ଆସିଥିଲା। ଏହି ଅଭିଯୋଗ ଶୁଣାଣିରେ ଶିବ ତପୋ, ସଦର ଉପଜିଲ୍ଲାପାଳ ଦିବ୍ୟଜୋତି ସ୍ମୃତି ରଂଜନ ଦେଓ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରଶାନ୍ତ କୁମାର ହୋତା, କଣ୍ଟାପଡା ତହସିଲଦାର ପ୍ରସନ ସାମନ୍ତରାୟ, କଣ୍ଟାପଡା ପଂଚାୟତ ସମିତି ଅଧ୍ୟକ୍ଷା ସୁଶ୍ରୀ ଜୀନା ଭୋଇ, କଣ୍ଟାପଡା ଆତ୍ମାର ଅଧ୍ୟକ୍ଷ ପ୍ରଦୀପ୍ତ ପାତ୍ର, କଣ୍ଟାପଡା ବିଡ଼ିଓ ସ୍ୱପ୍ନିତା ନାୟକ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ସାମଲ, ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଜଳ ଓ ପରିମଳ, ଡ୍ରେନେଜ, ଖଣି, ବିଦ୍ୟୁତ, ଉଦ୍ୟାନ, କୃଷି ଓ ଗ୍ରାମ୍ୟ ଉନ୍ନୟନ ଜଳସମ୍ପଦ, ପୂର୍ତ୍ତ ବିଭାଗର ବିଭିନ୍ନ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏବେ ସବୁଠୁ ବଡ଼ କଥା ହେଉଛି ପୂର୍ବରୁ ହୋଇଥିବା ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ତିନି ତିନି ଥର ଅଭିଯୋଗ କରୀ ମଧ୍ୟ ଏପର୍ଯ୍ୟନ୍ତ ସାଧାରଣ ଲୋକମାନଙ୍କ ସମାଧାନ ହୋଇନଥିବାରୁ ଅଭିଯୋଗକାରୀମାନେ ଏହାକୁ ଜିଲ୍ଲାପାଳଙ୍କ ପ୍ରହସନ ଜନଶୁଣାଣି ବୋଲି କହୁଛନ୍ତି।

# ଉଦ୍‌ଘାଟନର ୨ ମାସ ପରେ କାମ କରୁନି ଥଣ୍ଡା ପାନୀୟଜଳ ବ୍ୟବସ୍ଥା




ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ବ୍ଲକ ଅଧିଷ୍ଠାତ୍ରୀ ଦେବୀ ପିତେଇପୁର ସ୍ଥିତ ମା' କନକ ଦୁର୍ଗା ମନ୍ଦିର ପରିସରରେ ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ଗତ ୨୭.୩.୨୦୨୫ରେ ଏକ ଥଣ୍ଡା ପାନୀୟଜଳ ବ୍ୟବସ୍ଥାର ଶୁଭ ଉଦଘାଟନ ହୋଇଥିଲା। ପଞ୍ଚଦଶ ଆର୍ଥିକ ଅନୁଦାନରେ ୧ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟ କରାଯାଇ ଜଗତସିଂହପୁର ପଞ୍ଚାୟତ ସମିତି ପକ୍ଷରୁ ଉକ୍ତ ଥଣ୍ଡା ପାନୀୟଜଳ ବ୍ୟବସ୍ଥା କରାଯାଇଥିଲା। ମାତ୍ର ଉଦଘାଟନର ୨ ମାସ ପରେ ଥଣ୍ଡା ପାନୀୟଜଳ ମେସିନଟି ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି। ଏଥିରେ ଥଣ୍ଡା ପାନୀୟଜଳ ତ ଦୂରର କଥା ସାଧାରଣ ପାନୀୟଜଳ ମଧ୍ୟ ବାହାରୁନାହିଁ। ଏଭଳି ସ୍ଥିତିରେ ମା' କନକ ଦୁର୍ଗା ମନ୍ଦିରକୁ ଯାତାୟାତ କରୁଥିବା ଭକ୍ତ ଓ ସେବାୟତ ମାନେ ପାନୀୟଜଳ ପାଇଁ ସମସ୍ୟାରେ ପଡୁଛନ୍ତି। ଏଠାରେ ପ୍ରକାଶଥାଉ ଯେ ଭକ୍ତ ଥଣ୍ଡା ପାନୀୟଜଳ ମେସିନ ଉଦଘାଟନୀ ଉତ୍ସବରେ ଜଗତସିଂହପୁର ବିଡ଼ିଓ ଆଶୁତୋଷ ମିଶ୍ର ମଧ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ମାତ୍ର ପାନୀୟଜଳ ସାଧାରଣ ଓ ସେବାୟତ ମାନେ ବାରମ୍ବାର ବ୍ଲକ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ଉକ୍ତ ଥଣ୍ଡା ପାନୀୟଜଳ ମେସିନ ମରାମତି କରାଯାଉନାହିଁ ବା ମନ୍ଦିର ପରିସରରେ ପାନୀୟଜଳର ବ୍ୟବସ୍ଥା କରାଯାଉନାହିଁ। ତୁରନ୍ତ ବ୍ଲକ କର୍ତ୍ତୃପକ୍ଷ ଏଦିଗରେ ପଦକ୍ଷେପ ନେବାପାଇଁ ସାଧାରଣରେ ଦାବି ହେଉଛି।

# ଗୀତା ଜ୍ଞାନାଞ୍ଜନ ପତ୍ରିକାର ଦ୍ୱାଦଶ ସଂଖ୍ୟାର ଲୋକାର୍ପଣ ଉତ୍ସବ ଓ ପ୍ରତିଭା ସମ୍ମାନ

ପାରାଦୀପ/ଜଗତସିଂହପୁର(ଭାସ୍କର ନ୍ୟୁଜ): ବାଣୀ କ୍ଷେତ୍ର ଜଗତସିଂହପୁର ଜିଲ୍ଲାର ଏକ ଅଗ୍ରଣୀ ଆଧ୍ୟାତ୍ମିକ ଓ ସାମାଜିକ ସେବା ଅନୁଷ୍ଠାନ, ବ୍ୟାସ ଫାଉଣ୍ଡେସନ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଗୀତା ଜ୍ଞାନାଞ୍ଜନ ଆଧ୍ୟାତ୍ମିକ ତ୍ରୟମାସିକ ପତ୍ରିକାର ପଞ୍ଚମ ବାର୍ଷିକ ଦ୍ୱାଦଶ ସଂଖ୍ୟାର ଲୋକାର୍ପଣ ଉତ୍ସବ ଅଟିଲୋ ସ୍ଥିତ ଶିଶୁଅନନ୍ତ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟକ ପଦ୍ମଶ୍ରୀ ଶ୍ରୀମଦ୍ ବାବା ବଳିଆ କହିଥିଲେ ଯେ ଗୀତାର ବାଣୀ ମାନବ ସମାଜର ସମସ୍ତ କଲ୍ୟାଣ ସାଧନ ନିମନ୍ତେ ଉଦ୍ଦିଷ୍ଟ। ଆମକୁ ଗ୍ଲାନି ଓ ବିଷାଦ ମୁକ୍ତ କରି ଭଗବତ ପ୍ରାପ୍ତି କରିବା ନିମନ୍ତେ ଏଥିରେ ମାର୍ଗଦର୍ଶନ କରାଯାଇଛି । ବ୍ୟାସ ଫାଉଣ୍ଡେସନର ବିଭିନ୍ନ ସମାଜସେବା କାର୍ଯ୍ୟକୁ ମଧ୍ୟ ବାବା ବଳିଆ ଭୂୟସି ପ୍ରଶଂସା କରିଥିଲେ। ଫାଉଣ୍ଡେସନର ଅଧ୍ୟକ୍ଷା ସେହମୟୀ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାକୁ ଡଃ ସିଦ୍ଧେଶ୍ୱର ପଣ୍ଡା ପରିଚାଳନା କରିଥିଲେ। ପ୍ରଦୀପ ପ୍ରଜ୍ୱଳନ ସମୟରେ ଉପଦେଷ୍ଟା ପଣ୍ଡିତ ପ୍ରଶାନ୍ତ କୁମାର ଶତପଥୀ ବେଦପାଠ କରିଥିଲେ । ବରେଣ୍ୟ ଅତିଥି ଭାବରେ ପୂର୍ବତନ ସାଂସଦ ଡଃ କୁଳମଣୀ ସାମଲ, ଓଡ଼ିଶା ବିଧାନସଭାର ପ୍ରାକ୍ତନ ସଚୀବ ଦାଶରଥି ଶତପଥୀ, ହୋମିଓପାଥିକ ଚିକିତ୍ସକ ଡାକ୍ତର ସରୋଜ କୁମାର ଷଡଙ୍ଗୀ, ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶାର ବିଶିଷ୍ଟ ଶିଳ୍ପପତି କୈଳାଶ ଚନ୍ଦ୍ର ମହାରଣା, ବିଶିଷ୍ଟ ଆୟୁର୍ବେଦିକ ଚିକିତ୍ସକ ଡ଼ଃ ଦେବଦତ୍ତ ସାମନ୍ତରାୟ, ଓଟିଭିର ଅଭିନନ୍ଦନ ଦାସ ପ୍ରମୁଖ ଗୀତା ଜ୍ଞାନାଞ୍ଜନ ପତ୍ରିକାର ଯୁଗାନ୍ତକାରୀ ପଦକ୍ଷେପକୁ ସ୍ୱାଗତ କରିବା ସହ ବ୍ୟାସ ଫାଉଣ୍ଡେସନ ବିଭିନ୍ନ ପ୍ରକାରର ସେବାମୂଳକ କାର୍ଯ୍ୟକ୍ରମ ପ୍ରଶଂସନୀୟ ଓ ସର୍ବତ୍ର ଅଭିନନ୍ଦନିୟ ବୋଲି ମତପ୍ରକାଶ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଓ ଦକ୍ଷତା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଅତିଥିଙ୍କ ଦ୍ୱାରା ଉତ୍ତରୀୟ ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯାଇଥିଲା। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଖ୍ୟାତନାମା ପାଲାଗାୟକ, ଗାୟକଶେଖର ଜଗନ୍ନାଥ ବେହେରାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଉପସଭାପତି ରଶ୍ମିତା ନାୟକ ଓ କର୍ମକର୍ତ୍ତା ସମାଜସେବୀ ଅକ୍ଷୟ କୁମାର ସାହୁ, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ରଞ୍ଜନ କୁମାର ପ୍ରଧାନ, ଯଶୋବନ୍ତ ରାଉତ, ଆଇନଜୀବି ବୀର କିଶୋର ପାତ୍ର, ନଗେନ୍ଦ୍ର ନାଥ ସ୍ୱାଇଁ, ବିପିନ ବିହାରୀ ମାଝୀ, ପ୍ରୀତିମୟୀ ଆଚାର୍ଯ୍ୟଙ୍କ ସମେତ ଅନନ୍ତ ବଳିଆ ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା ଓ ଆଶ୍ରମ ଅନ୍ତେବାସୀ ପରିଚାଳନା କରିବା କ୍ଷେତ୍ରରେ ସକ୍ରିୟ ସହଯୋଗ କରିଥିବା ଦେଖିବାକୁ ମିଳିଥିଲା। ଶେଷରେ ସାଧାରଣ ସମ୍ପାଦକ ବିବେକାନନ୍ଦ ହୋତା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଆହତ ଛାତ୍ରଙ୍କୁ ମେଡିକାଲ ପଠାଇଲେ ବିଧାୟକ



ଯାଜପୁର(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ମହାବିଦ୍ୟାଳୟର ୩ଜଣ ଛାତ୍ର ସୋମବାର କଲେଜକୁ ଯାଉଥିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଚଣ୍ଡିଖୋଲ-ଡୁବୁରୀ ରାସ୍ତାରେ ଛାତ୍ରମାନେ ବାଇକ୍‌ରେ ଯିବା ବେଳେ ଏକ ଭାରୀଯାନ ଦ୍ୱାରା ରାସ୍ତା କଡକୁ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ଅଂଚଳରେ ସାଧାରଣ ଲୋକଙ୍କ ସମସ୍ୟା ନେଇ ଆଲୋଚନାରତ ଥିବାବେଳେ ବଡଚଣା ବିଧାୟକ ଅମର ନାୟକ ଏହି ସୂଚନା ପାଇବା ମାତ୍ରେ ଘଟଣା ସ୍ଥଳକୁ ଛୁଟି ଯାଇଥିଲେ । ଅଗ୍ନିଶମ ବିଭାଗ ଏବଂ ଆମ୍ବୁଲାନ୍ସକୁ ଡାକି ଆହତଙ୍କୁ ନିଜେ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ବିଧାୟକ ଶ୍ରୀ ନାୟକ ମେଡିକାଲକୁ ମଧ୍ୟ ନିଜର କିଛି ସହଯୋଗୀଙ୍କୁ ଆହତଙ୍କ ସହିତ ପଠାଇବା ସହ ଆହତଙ୍କ ଚିକିତ୍ସା ନିମନ୍ତେ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଫୋନ୍ ଯୋଗେ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ଶ୍ରୀ ନାୟକଙ୍କ ଏହି କାର୍ଯ୍ୟଧାରାକୁ ସାଧାରଣରେ ପ୍ରଶଂସା କରାଯାଇଛି। ଅନ୍ୟପକ୍ଷରେ ଗାଡ଼ିଚାଳନା ବେଳେ ସମସ୍ତେ ସତର୍କତା ଅବଲମ୍ବନ କରିବାକୁ ବିଧାୟକ ପରାମର୍ଶ ଦେଇଛନ୍ତି।

# ୫୩୫ ଲିଟର ଦେଶୀମଦ ଜବତ, ଦୁଇ ଗିରଫ

ବୋଲଗଡ(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶନା ଓ ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ଏବଂ ବେଗୁନିଆ ଅବକାରୀ ଅଧିକାରୀ ସଞ୍ଜୟ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ଦୁଇଟି ସ୍ଥାନରେ ଚଢାଉ ହୋଇଛି । ଏଥିରୁ ମୋଟ ୫୩୫ ଲିଟର ଦେଶୀ ମଦ



ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ ରାସୋଳ ଗ୍ରାମର ସୁବର୍ଣ୍ଣ ପାଇକରାୟଙ୍କ ଠାରୁ ୫୧୦ ଲିଟର ଓ ସିକୋ ଗ୍ରାମର ସଞ୍ଜୟ କୁମାର ସାମନ୍ତରାୟଙ୍କଠାରୁ ୨୫ ଲିଟର ଦେଶୀ ମଦ ଜବତ କରିଛି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଜନଅଭିଯୋଗ ଶୁଣାଣି




ମାଲକାନଗିରି(ଭାସ୍କର ନ୍ୟୁଜ): ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଓ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୨୫ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା । ସେଥି ମଧ୍ୟରୁ ୨୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୧ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏଥି ମଧ୍ୟରୁ ୧ ଗୋଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ଆବାସ ସମସ୍ୟା, ରାସନ୍ କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା। ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ନିୟନ୍ତ୍ରିତ ବଜାର କମିଟି ଗୋଦାମ ଗୃହ, ପାନ ହାଟ ଓ ନଡ଼ିଆ ହାଟ ଗଲା କୁଆଡ଼େ ?

## ଚାଷୀ ମହଲରେ ତେଜୁଛି ଅସନ୍ତୋଷ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି ଗୋଦାମ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଥିବା ବେଳେ ସରକାରଙ୍କ ୫୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ କ୍ଷତି ଘଟିଛି । ଗୋଦାମ ନାମରେ ପୂର୍ବ ସରକାର ଅମଳରେ ଏକ ପ୍ରହସନରେ ପରିଣତ ହୋଇଥିବା ବେଳେ କୋଟକୁସାଙ୍ଗ ପଞ୍ଚାୟତର ଏହି ଗୋଦାମ ନିର୍ମାଣ ଚାଷୀଙ୍କ କାର୍ଯ୍ୟରେ ଆସିପାରି ନାହିଁ । ଯାହାକୁ ନେଇ ନିୟନ୍ତ୍ରିତ ବଜାର କମିଟି ଅଧିକାରୀଙ୍କ ଦକ୍ଷତା ଦାଣ୍ଡରେ ପଡ଼ି ହାଟରେ ଗଡୁଛି । ଚାଷୀ ସହାୟତା ନାମରେ ପ୍ରହସନ ଚାଲିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ନିମାପଡ଼ା-ବଳଙ୍ଗା ରାସ୍ତା କୋଟକୁସାଙ୍ଗ ପଞ୍ଚାୟତରେ ଏକ ଗୋଦାମ ଗୃହ ନିର୍ମାଣ ପାଇଁ ବ୍ୟାପକ ଅର୍ଥ ବିନିଯୋଗ କରାଯାଇ ଗୃହ ନିର୍ମାଣ କରାଯାଇଛି । ମାତ୍ର ଏହି ଗୃହ ବର୍ତ୍ତମାନ ସରୀସୃପ ଓ ନିଶାଖୋରମାନଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ବଳଙ୍ଗାର ଚାଷୀମାନେ ଏଠାରେ ପଣ୍ୟଦ୍ରବ୍ୟ ସମେତ ନଡ଼ିଆ, ବିଭିନ୍ନ ଶସ୍ୟ ମହଜୁଦ ରଖିବା ପାଇଁ ଗୋଚର ଜମିରେ ଗୋଦାମ ଗୃହ ନିର୍ମାଣ କରାଯାଇଥିଲା । ମାତ୍ର ଏଠାରେ ତାହା କାର୍ଯ୍ୟକାରୀ ନ ହେବାରୁ ପରିତ୍ୟକ୍ତ ଅବସ୍ଥାରେ ଗୃହ ପଡ଼ିଥିବା ବେଳେ ଅନେକ ଗୃହ ଭାଙ୍ଗି ତୁଟି ଗଲାଣି । ଏହି ଗୋଦାମ ଗୃହ ଜାଗାରୁ କେତେକ ମୂଲ୍ୟବାନ ଗଛକୁ କାଠ ମାଫିଆମାନେ କାଟି ବିକ୍ରି କରି ଦେଇଛନ୍ତି । ସରକାର କା ମାଲ୍ ଦରିଆ ମେଂ ଡ଼ାଲ୍ ସଦୃଶ କାର୍ଯ୍ୟ ପାଲଟିଛି । ସରକାରଙ୍କ ଅର୍ଥ ଅପବ୍ୟୟ କରାଯାଇଥିବା ସ୍ଥାନୀୟ ଅଞ୍ଚଳର ଅନେକ ଚାଷୀ ମତବ୍ୟକ୍ତ କରିଛନ୍ତି । ପୂର୍ବରୁ ମଧ୍ୟ ଅନେକଥର ଚାଷୀମାନେ ନିୟନ୍ତ୍ରିତ ବଜାର କମିଟି ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ ଅଧିକାରୀ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି । ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ପାନ ହାଟ ଓ ନଡ଼ିଆ ହାଟ ଏପରି ବିଭିନ୍ନ ହାଟ ନାମରେ ବ୍ୟାପକ ଅର୍ଥ ଖର୍ଚ୍ଚ କରାଯାଇଛି । ମାତ୍ର ଏହି ହାଟକୁ ଦେଖିବାକୁ ମିଳୁ ନାହିଁ । ହାଟ କେଉଁଆଡ଼େ ଉଭାନ୍ ହୋଇଯାଇଛି । ଏପରି ଘଟଣା ଘଟି ଚାଲିଥିବା ବେଳେ ଉଚ୍ଚ ଅଧିକାରୀ ଘଟଣା ପ୍ରତି ଦୃଷ୍ଟି ନ ଦେବା ଏକ ପରିତାପର ବିଷୟ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ପ୍ରଶାସନ ଏହି ଘଟଣା ପ୍ରତି ଦୃଷ୍ଟି ଦେବାପାଇଁ ଶତାଧିକ ଚାଷୀ ଦାବି କରିଛନ୍ତି ।



ରାଜଗାଙ୍ଗପୁର, (ଭାସ୍କର ନ୍ୟୁଜ୍) : ରାଜଗାଙ୍ଗପୁର ପଶ୍ଚିମ ଓଡିଶାର ପ୍ରସିଦ୍ଧ ଶୈବ୍ୟ ପୀଠ ଘୋଘର ପିଠରେ ଭକ୍ତଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଛି। ଏକମାସ ଧରି ଏଠାରେ ଭକ୍ତଙ୍କ ଜଳାଭିଷେକ କରିବା ପାଇଁ ତିନି ସୋମବାର ହେବା ପରେ ଆଜି ଅନ୍ତିମ ସୋମବାର ଜଳାଭିଷେକ ପାଇଁ ପ୍ରବଳ ଭିଡ଼ ଲାଗି ରହିଥିଲା। ଏହି ଶୈବ୍ୟପୀଠ ଘୋଘର ଧାମରେ ଛତିଶଗଡ଼ ଝାରଖଣ୍ଡ ରାଜ୍ୟ ପଶ୍ଚିମ ଓଡିଶାରୁ ଭକ୍ତ ମାନେ ଗେରୁଆ ବସ୍ତ୍ର ପରିଧାନ କରି ରାଉରକେଲା ବେଦବ୍ୟାସ ପୀଠରେ ପ୍ରବାହିତରୁ ତ୍ରିବେଣୀ ସଙ୍ଗମ ବ୍ରାହ୍ମଣୀ ନଦୀ ପୀଠରୁ କଳସ ପରିପୂର୍ଣ୍ଣ ଭାର ନେଇ ୩୦କିଲୋମିଟର ପଦ ଚଲାପଥରେ ଘୋଘର ଧାମ ପୀଠର ଘୋଘର ନାଥଙ୍କ ଉପରେ ଜଳାଭିଷେକ କରି ଭକ୍ତଙ୍କ ମନସ୍କାମନା ପରିପୂର୍ଣ୍ଣ କରିଥାନ୍ତି। ଲକ୍ଷାଧିକ ଭକ୍ତଙ୍କ ଲମ୍ବା ଧାଡିକୁ ଦୃଷ୍ଟିକୁ ନେଇ ସମାଗମକୁ ସୁଚାର ରୁପେ ଜଳାଭିଷେକ କରିବା ପାଇଁ ପୋଲିସ ଅଗ୍ନିଶମ ବିଭାଗ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନଙ୍କୁ ଏକାନ୍ତ ପରିଶ୍ରମ କରିବାକୁ ପଡିଥିଲା। ଭକ୍ତଙ୍କ ପାଇଁ ବିଶ୍ରାମ ନେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୁବ୍ୟବସ୍ଥା କରାଯାଇଥିଲା। ଶ୍ରାବଣ ମାସ ତମାମ ମନ୍ଦିରରେ ବହୁ ଭକ୍ତ ନିଶୁଳ୍କ ପ୍ରସାଦ ସେବନ ବ୍ୟବସ୍ଥା ହୋଇ ଥିବା ଜଣାଯାଇଛି। ରାଜ୍ୟ ରାଜ୍ୟ ବାହାରୁ ଘରୋଇ ସାମଗ୍ରୀ ସହ ବିଭିନ୍ନ ପ୍ରକାର ଗୃହ ବ୍ୟବହାରିତ ସାମଗ୍ରୀର ଷ୍ଟଲ ଲାଗି ରହିଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏସ୍‌ଡିପିଓ ବିଭୁତି ଭୂଷଣ ଭୋଇ ଥାନା ପ୍ରଭାରୀ ବିଜୟ କୁମାର ଦାଶ ଏବଂ ଥାନା କର୍ମଚାରୀ ଉପସ୍ଥିତ ରହି ଆଇନ ଶୃଙ୍ଖଳା ପରିଚାଳନାର ସୁବ୍ୟବସ୍ଥା କରିଥିଲେ।

# ଶିକ୍ଷକ ବଦଳି ଦାବିରେ ସ୍କୁଲରେ ତାଲା ପକାଇଲେ ଅଭିଭାବକ



ଖଡ଼ିଆଳ, (ଭାସ୍କର ନ୍ୟୁଜ୍) : ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବାଦୀ ପଞ୍ଚାୟତର ଜୁନାନୀ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା ଶିକ୍ଷକଙ୍କ ବଦଳି ବାତିଲ ନେଇ ସ୍କୁଲରେ ତାଲା ମାରିଲେ ଅଭିଭାବକ। ଏହି ବିଦ୍ୟାଳୟରେ ଶିଶୁ ବଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ୧୪୪ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଛଅ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ବିଦ୍ୟାଳୟରେ ଥିବା ଛଅ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରୁ ଦୁଇଜଣ ଶିକ୍ଷୟତ୍ରୀ ସଂଯୁକ୍ତା ପଣ୍ଡା ଓ ସୌଭାଗ୍ୟ ମଞ୍ଜରୀ ପୁରୋହିତଙ୍କ ଅନ୍ୟତ୍ର ବଦଳି ହୋଇଯାଇଛି। ଅଭିଭାବକ ମାନଙ୍କ ଅଭିଯୋଗ ଅନୁଯାୟୀ ବିଦ୍ୟାଳୟରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଠିକ ଭାବରେ ବିଦ୍ୟାଳୟ ଆସି ଠିକ ଭାବରେ ଶିକ୍ଷାଦାନ କରୁଛନ୍ତି। ତେଣୁ ଏହି ବିଦ୍ୟାଳୟରୁ ଅନ୍ୟତ୍ର ବଦଳି ହୋଇଥିବା ଶିକ୍ଷୟତ୍ରୀ ମାନଙ୍କୁ ଜୁନାନୀ ବିଦ୍ୟାଳୟରେ ପୁନଃ ରଖାଯାଉ ବୋଲି ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ସଦସ୍ୟା ଓ ଗ୍ରାମବାସୀ ଛାତ୍ରଛାତ୍ରୀ ମାନଙ୍କ ସହିତ ବିଦ୍ୟାଳୟ ଗେଟରେ ତାଲା ମାରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଲିଙ୍ଗରାଜ ପଟେଲ, ଅଭିଭାବକ ମୁକୁନ୍ଦ ନାଗ, ଶଙ୍କର ପଟେଲ, ମହାବୀର କୈବର୍ତ୍ତ, ହରିଶ୍ଚନ୍ଦ୍ର ସିଂ ଦେଓ, ମୁକୁନ୍ଦ ପ୍ରଧାନୀ, ରଞ୍ଜୁ ବାରିକ, ଉମା ବାଗ, ମାୟା ସିଂ, ଭାନୁମତି ବାରିକ ସମେତ ବହୁ ଗ୍ରାମବାସୀ ସାମିଲ ହୋଇଥିଲେ। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମମତା ପଟ୍ଟନାୟକଙ୍କୁ ପଚାରିବରୁ ବିଦ୍ୟାଳୟ ବନ୍ଦ ବାବଦରେ ଆମେ ଜାଣିନଥିଲୁ। ସୋମବାର ସକାଳ ୯.୩୦ରେ ବିଦ୍ୟାଳୟରେ ପହଞ୍ଚିବା ପରେ ଦେଖିଲୁ ଗେଟରେ ତାଲା ପକାଇ ଛାତ୍ରଛାତ୍ରୀ ଓ ଅଭିଭାବକ ବସିଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଛୁ ବୋଲି ପ୍ରକାଶ କରିଥିଲେ। ଅନ୍ୟ ପକ୍ଷରେ ବଦଳି ବାତିଲ ନହେଲେ ଆନ୍ଦୋଳନ ଜାରି ରହିବ ବୋଲି ଅଭିଭାବକ ଓ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏନେଇ ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଖଡ଼ିଆଳ କାହ୍ନୁ ଚରଣ ନାୟକଙ୍କୁ ଯୋଗାଯୋଗ କରିବାରୁ ଯୋଗାଯୋଗ ହୋଇପାରି ନାହିଁ।

# ଅଣ୍ଡ୍ରାପାଲି ପୋଲ ଭାଙ୍ଗିବାକୁ ବର୍ଷେ ପୁରିଲା

## ପ୍ରଶାସନ କାନରେ ପଡୁନି ରାମାଗୁଡ଼ାବାସୀଙ୍କ ଗୁହାରୀ




ମାଲକାନାଗିରି/ମାଥିଲି/ବାଲିମେଳା, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡ ବ୍ଲକ ଅଣ୍ଡ୍ରାପାଲି ପଞ୍ଚାୟତର ରାମାଗୁଡ଼ା ଗାଁକୁ ଯାତାୟାତ ନିମନ୍ତେ ପ୍ରଶାସନ ପକ୍ଷରୁ ପୂର୍ବରୁ ରାସ୍ତା ନିର୍ମାଣ କରାଯାଇଛି କିନ୍ତୁ ଗତବର୍ଷ ଲଗାଣ ବର୍ଷାରେ ଠିକ୍ ଏହି ଅଗଷ୍ଟ ମାସରେ ହିଁ ରାମାଗୁଡା ଗାଁକୁ ସଂଯୋଗ କରୁଥିବା ପୋଲ ସମ୍ପୂର୍ଣ୍ଣ ଧୋଇହୋଇ ଯାଇଛି। ନୂତନ ପୋଲୋ ନିର୍ମାଣ କରିବା ପାଇଁ ପ୍ରଶାସନ ନିକଟରେ ବହୁବାର ଗୁହାରି କରିବା ପରେ ମଧ କୌଣସି ସୁଫଳ ମିଳୁନାହିଁ। ବର୍ଷାଦିନ ହୋଇଥିବାରୁ ଅସରାଏ ବର୍ଷା ହେଲେ ବିଚ୍ଛିନ୍ନ ହେଉଛି ରାମାଗୁଡା ଗ୍ରାମ। ରାସ୍ତା ସମସ୍ୟା ନେଇ ଜିଲ୍ଲାପାଳ, ଗ୍ରାମ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରାଯାଇଛି। ଦୁଇଦୁଇ ଜଣ ବିଡିଓ ଘଟଣା ସ୍ଥଳକୁ ଯାଇ ସ୍ଥିତି ପରଖି ଥିଲେ ସୁଦ୍ଧା ଆଜି ଯାଏଁ କୌଣସି କାର୍ଯ୍ୟ ହୋଇ ପାରୁନାହିଁ। ସ୍ଥାନୀୟ ଲୋକ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଦରଖାସ୍ତ ମଧ ଦେଇଥିଲେ। ଦୁଃଖର ବିଷୟ ଆଜିକୁ ବର୍ଷେ ହେଇଗଲା କୌଣସି ପ୍ରକାର ସହଯୋଗ ମିଳିଲା ନାହିଁ। ଏଠି ସରକାର ବିକାଶର ଡିଣ୍ଡିମ ପିଟୁଥିବା ବେଳେ ରାମାଗୁଡ଼ା ଗ୍ରାମକୁ ଯୋଗାଯୋଗର ନଗ୍ନ ଚିତ୍ର ଦର୍ଶାଇଛି ପ୍ରଶାସନ କେତେ ତତ୍ପର। ପୋଲ ଭୁଷୁଡି ଯିବା ହେତୁ ସ୍କୁଲ, ଅଙ୍ଗନୱାଡ଼ି, ଜରୁରୀ କାଳୀନ ସେବାରେ କେତେ କଷ୍ଟ ସାଧ ଏ ତାହା ଫଟୋ ଚିତ୍ରରୁ ଅନୁମାନ କରି ହେଉଛି। ଆମେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କୁ ପଚାରିବାରୁ ସେ କହିଛନ୍ତି କି, ଏ ବିଷୟରେ ମୋ ପାଖରେ କୌଣସି ଅଭିଯୋଗ ନଥିଲା। ମୁଁ ଏବେ ବ୍ଲକ୍ ପ୍ରଶାସନ ତଥା ଜିଲ୍ଲା ପ୍ରଶାସନଙ୍କ ସହ ଆଲୋଚନା କରି ଯେତେ ଶୀଘ୍ର ହେବ ସେହି ପୋଲ କିଭଳି ହେଇ ପାରିବ ଏବଂ ଗ୍ରାମବାସୀ କିଭଳି ଅସୁବିଧାର ସମ୍ମୁଖୀନ ହେବେନି ତାର ବ୍ୟବସ୍ଥା କରାଇବି।

# ଫେକ୍ ଆଇଡି ଖୋଲି ଯୁବକ ଗିରଫ



ସାରସକଣା, (ଭାସ୍କର ନ୍ୟୁଜ୍): ସାରସକଣା ବ୍ଲକ ଅନ୍ତର୍ଗତ ଝାରପୋଖରିଆ ଥାନା ଅଧୀନରେ ଥିବା ବନ୍ଧେ ଛକର କାର୍ଯ୍ୟରତ ସାମ୍ବାଦିକ ମଳୟ କୁମାର ନାୟକ ଓ ତାଙ୍କର ସ୍ତ୍ରୀ ସିମ୍ରନ୍‌ଙ୍କ ବିରୁଦ୍ଧରେ ନାନା ପ୍ରକାର ଅଶାଳୀନ ମନ୍ତବ୍ୟ ଫେସ୍‌ବୁକ୍‌ରେ ପୋଷ୍ଟ କରି ବାଲେଶ୍ୱର ଜିଲ୍ଲାର ଯୁବକ ଦିବ୍ୟଜ୍ୟୋତି ଗିରଫ ହୋଇଛନ୍ତି। ଆଜକୁ ପ୍ରାୟ ଚାଳିଶ ଦିନ ପରେ ପ୍ରଶାସନର ଆହ୍ୱାନ ମୁଡରୁ ଯୁବକ ଜଣକ ବର୍ତ୍ତି ପାରିନଥିଲେ। ଘଟଣା କ୍ରମରେ ଏକ ଝାରପୋଖରିଆ ଆଇଡି ଖୋଲି ବାରମ୍ବାର ସାମ୍ବାଦିକ ମଳୟ ନାୟକ ତଥା ତାଙ୍କ ସ୍ତ୍ରୀଙ୍କର ଚରିତ୍ର ସଂହାର କରିବାକୁ ପଛଘୁଞ୍ଚା ଦେଉ ନ ଥିଲେ। ଅନ୍ୟ ଲୋକମାନେ ବାରଣ କରିବା ପରେ ମଧ ସେ ସେମାନଙ୍କୁ ମଧ ଅଶାଳୀନ ମନ୍ତବ୍ୟ ପୋଷ୍ଟ କରୁଥିଲେ। ସେ କହୁଥିଲେ ମୋର କେହି କିଛି କରି ପାରିବେ ନାହିଁ। ମାନସିକ ଦୁଶ୍ଚିନ୍ତା ମଧରେ ରହୁଥିବା ମଳୟ ନାୟକ ଝାରପୋଖରିଆ ଥାନାରେ ଅଭିଯୋଗ କଲେ ମଧ ତାଙ୍କୁ କୌଣସି ସୁଫଳ ମିଳିନଥିଲା। ସେ ଡିଆଇଜିଙ୍କୁ ଦେଖା କଲେ, ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ମଧ ଦ୍ୱାରସ୍ଥ ହେଲେ। ମନ୍ତ୍ରୀ ସୂର୍ଯ୍ୟବଂଶୀଙ୍କୁ ମଧ ଦେଖା କରିଥିଲେ। ସବୁ ପରେ ଅପେକ୍ଷାର ସୀମା ପାର୍ ହୋଇଗଲା ପରେ ଦବଙ୍ଗ ଆସାମୀ ଧରାପଡିଲେ। ତାଙ୍କ ସହ ବହୁ ଚର୍ଚ୍ଚିତ ରାଜନେତା ସଂପୃକ୍ତି ରହିଥିବା କଥା ଜନସାଧାରଣରେ ଆଲୋଚନା ହେଉଛି। ସାମ୍ବାଦିକ ମଳୟ ନାୟକ ଓ ତାଙ୍କ ସ୍ତ୍ରୀ ଆହୁରି ତଦନ୍ତ ଦାବି କରିଛନ୍ତି। ତଦନ୍ତ ହେଲେ ଆହୁରି ଚର୍ଚ୍ଚିତ ଚେହେରା ପଦାକୁ ଆସିବ।

# ଏମ୍‌ପିଭି-୮୩ ପୋଖରୀରୁ କୁମ୍ଭୀର ଉଦ୍ଧାର

କାଳିମେଳା, (ଭାସ୍କର ନ୍ୟୁଜ୍) : କାଳିମେଳା ବ୍ଲକ ଅନ୍ତର୍ଗତ ଏମ୍‌ପିଭି-୮୩ ପୋଖରୀରୁ ଆଜି ଗୋଟିଏ କୁମ୍ଭୀର ଉଦ୍ଧାର କରାଯାଇଛି। ସପ୍ତାହ ତଳେ ଗାଁ ଲୋକେ ପୋଖରୀରେ କୁମ୍ଭୀର ଥିବା ଜାଣିପାରି ଆତଙ୍କିତ ହୋଇଥିଲେ। ଖବର ପାଇ ମୋଟୁ ବନ ବିଭାଗ ରେଞ୍ଜର ରଶ୍ମୀରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମର ଘଟଣା ସ୍ଥଳରେ ପହଞ୍ଚିଥିଲେ। ଏବଂ ପ୍ରଥମେ ସ୍ଥାନୀୟ ଅଞ୍ଚଳରେ ଡ଼ାକବାଜି ଯନ୍ତ୍ରରେ ସଚେତନତା ସୃଷ୍ଟି କରିବା ସହିତ ପୋଖରୀ ନିକଟରେ ଏକ ସତର୍କ ସୂଚନା ବେନର ଲଗାଇଥିଲେ। ପରେ କୁମ୍ଭୀର କିପରି ଉଦ୍ଧାର କରାଯିବ ସେନେଇ ଯୋଜନା ପ୍ରସ୍ତୁତ କରିବ ସହିତ ପୋଖରୀ କୂଳରେ ଏକ କ୍ୟାମ୍ପ କରିଥିଲେ। ତେବେ ଉଦ୍ଧାର କାର୍ଯ୍ୟ ପାଇଁ କାଳିମେଳା, ମୋଟୁ ଓ ଚିତ୍ରକୋଣ୍ଡାରୁ ଅଭିଜ୍ଞତା ଥିବା ବନ କର୍ମଚାରୀଙ୍କୁ ଡକାଇ ଏଥିରେ ସାମିଲ କରାଯାଇଥିଲା। ତାଛଡ଼ା କାଳିମେଳା ଅଗ୍ନିଶମ କର୍ମଚାରୀ, ବନ ସଂରକ୍ଷଣ ଅଧିକାରୀ ଏବଂ କିଛି ସ୍ଥାନୀୟ ଲୋକ ମଧ ସାମିଲ ହୋଇଥିଲେ। ଡୋନ କ୍ୟାମେରାରେ କୁମ୍ଭୀରର ଗତିବିଧିକୁ ଲକ୍ଷ୍ୟ କରିବା ସହିତ ପାୱାର ବୋଟ୍ ଯୋଗେ ଲମ୍ବା ଜାଲ ଟଣା ଯାଇଥିଲା। ପୋଖରୀରେ ଗଭୀର ଜଳ ଥିବା ସ୍ୱତ୍ତେ ଉଦ୍ଧାର କାରି ଟିମ୍ ଆଜି କୁମ୍ଭୀରକୁ ଧରିବାରେ ସଫଳ ହୋଇଥିଲେ। ଉଦ୍ଧାର କୁମ୍ଭୀରକୁ ଏକ ପିଞ୍ଜରାରେ ରଖି ଏମଭି -୭୯ ବନ କାର୍ଯ୍ୟାଳୟକୁ ନିଆଯାଇଥିଲା। ତାର ଓଜନ ଓ ସ୍ୱାସ୍ଥ୍ୟ ପରୀକ୍ଷା କରି ଉଚିତ ସ୍ଥାନରେ ଛଡ଼ା ଯିବ ବୋଲି ରେଞ୍ଜର ରଶ୍ମୀରଂଜନ ସ୍ୱାଇଁ କହିଛନ୍ତି। ପ୍ରାୟ ୪ କିମି ଦୂରରେ ଥିବା ପୋଲେରୁ ନଦୀରୁ କୁମ୍ଭୀରଟି ଆସିଥିବା ଅନୁମାନ କରି ପ୍ରକାଶ କରିଛନ୍ତି ସଂପୃକ୍ତ ଜିଲ୍ଲା ପରିଷଦ ମେମ୍ବର ଅପର୍ଣ୍ଣା ମଣ୍ଡଳ। ଏବଂ ସ୍ଥାନୀୟ ଲୋକଙ୍କ ଆତଙ୍କ ଦୂର କରିଥିବାରୁ ସମସ୍ତ ଉଦ୍ଧାର କାରି ଟିମ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ମୂଳନିବାସୀ ସଂଗଠନ ଭୁବନେଶ୍ୱର ପକ୍ଷରୁ ପ୍ରଶିକ୍ଷଣ ଶିବିର



ରେଢ଼ାଖୋଲ, (ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା ରେଢାଖୋଲ ଶୁଣ୍ଢିମୁଣ୍ଡା ଠାରେ ୟୁନିଟ ଅଫ୍ ମୂଳନୀବାସୀ ସଂଗଠନ ଭୁବନେଶ୍ୱର ଓଡିଶା ପକ୍ଷରୁ ଅଧକ୍ଷ ଧିମାନ ଲିଙ୍ଗରାଜ ପାତ୍ରଙ୍କ ସଭାପତିତ୍ୱରେ ମୂଳନିବାସୀ ସମାଜକୁ ଜାଗ୍ରତ କରିବା ପାଇଁ ଏକ ପ୍ରଶିକ୍ଷଣ ଶିବିର ହୋଇଥିଲା। ଏହି ଶିବିରରେ ଧିମାନ ସଂଜୟ ସାଗର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଥମେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତି ଚାରଣ କରାଯାଇଥିଲା। ଏଥିରେ ପ୍ରଶିକ୍ଷକ ଆଇନଜୀବି ସରୋଜ କୁମାର ସେଠି ସମସ୍ତଙ୍କୁ ଶିକ୍ଷାଦାନ କରିଥିଲେ । ଅତିଥି ଭାବରେ ରାଜ୍ୟସ୍ତରୀୟ ସଂଗଠକ ଧିମାନ ରାଜେନ୍ଦ୍ର କୁମାର ଭୁକ୍ତା, ଧିମାନ ଚିତ୍ରସେନ ନାୟକ, ଧିମାନ ଜଗବନ୍ଧୁ ଜେନା, ଧିମାନ ବ୍ରଜେନ୍ଦ୍ର ମଲ୍ଲିକ, ଧିମାନ ଈଶ୍ୱର ଚନ୍ଦ୍ର ବେହେରା ପୁଙ୍ଖାନୁପୁଙ୍ଖ ଭାବେ ଏହି ଶିବିରର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଓଡିଶାର ବିଭିନ୍ନ ଜିଲ୍ଲାର ଏବଂ ବ୍ଲକ ରୁ ଆସି ଅଂଶ ଗ୍ରହଣ କରିଥିଲେ। ମୁଖ୍ୟତଃ ସାମାଜିକ ପ୍ରଥା, ମହିଳା ଅଧିକାର, ଶିଶୁ ଅଧିକାର, ଭୂ-ଅଧିକାର ଆଇନ, ସତୀଦାହ ପ୍ରଥା, ଅନୁସୂଚିତ ଜାତି ଏବଂ ଜନଜାତିଙ୍କ ପାଇଁ ଥିବା ଆଇନ ଓ ନୀତି ନିୟମ ତଥା ଅଧିକାର, ମାନବ ଅଧିକାର, ମୌଳିକ ଅଧିକାର ଏବଂ ବହୁଜନ ମହାପୁରୁଷଙ୍କ ସମାଜ ପ୍ରତି ବଳିଦାନ ଉପରେ ଦୀର୍ଘ ସମୟ ଧରି ଆଲୋଚନା କରା ଯାଇଥିଲା। ଉକ୍ତ ପ୍ରଶିକ୍ଷଣ ଶିବିରରେ ଆଇନ ଜୀବି ଉମାକାନ୍ତ ମହାନନ୍ଦ,ସୁଧୀର କୁମାର ସୁନା ସାମ୍ବାଦିକ, ରେଢ଼ାଖୋଲ, କାଉଁସିଲର ଅମରେଶ ପଧାନ, ନବରଞ୍ଜନ ମିରି, ଜିତେନ୍ଦ୍ର ବାଘ, ସୁକାନ୍ତ ବେହେରା, ରାକେଶ ମିରି, ଅନନ୍ତ ମେହେର, ପ୍ରକାଶ ମୁଖି, ସୁରେଶ ମହାନନ୍ଦ, ହାଡିବନ୍ଧୁ ଷଣ୍ଢ, , ଗଦାଧର ବାଦୀ, ଉଗ୍ରସେନ ଜଗଦଲା, କାର୍ତ୍ତିକ ନାଏକ, ରାହୁଲ ମେହେର, ଗୁରୁଦେବ ବେହେରା, ନରେଶ କୁମାର ମହାନନ୍ଦ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଧିମାନ ନୀଳାମ୍ବର ସୁନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ପ୍ରଶିକ୍ଷଣ ଶିବିରକୁ ସାଙ୍ଗ କରିଥିଲେ।

# ମାସିକ ଭତ୍ତାରୁ ଆମ୍ବୁଲାନ୍ସ ସେବା ଯୋଗାଇବେ ବ୍ଲକ୍ ଉପାଧ୍ୟକ୍ଷା

ଖଡ଼ିଆଳ, (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡିଙ୍କ ମଣିଷ ପଣିଆକୁ ବିଭିନ୍ନ ମହଲରେ ଖୁବ ପ୍ରଶଂସା କରାଯାଉଥିବା ଶୁଣିବାକୁ ମିଳୁଛି। କହିବାକୁ ଗଲେ ସେ ଜଣେ ମିଳାପି, ଦୁଃଖୀ ଦରିଦ୍ରଙ୍କ ବନ୍ଧୁ, ସୁଖ ଦୁଃଖର ବନ୍ଧୁ, ପରୋପକାରୀ ବ୍ୟକ୍ତି ଅଟନ୍ତି। ପ୍ରଥମ ଥର ପାଇଁ ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକରେ ରୋଗୀଙ୍କ ସେବା ପାଇଁ ସରକାରଙ୍କ ତରଫରୁ ନିଜକୁ ମିଳୁଥିବା ଭତ୍ତା ଟଙ୍କାକୁ ଗୋଟିଏ ରୋଗୀ ସେବା ଆମ୍ବୁଲାନ୍ସ କିଣି ଅଗଷ୍ଟ ମାସ ୨୬ ତାରିଖ ଉଦ୍‌ଘାଟନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେ ସୋସିଆଲ ମିଡିଆରେ କହିଛନ୍ତି ଯେ କିଛିଦିନ ତଳେ ନିଜେ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି ଓ ଜଣେ ସାମ୍ବାଦିକ ବନ୍ଧୁ ମିଶି ଜଣେ ଚେତାଶୂନ୍ୟ ରୋଗୀକୁ ହସ୍ପିଟାଲ ନେବା ପାଇଁ ଆମ୍ବୁଲାନ୍ସର ବ୍ୟବସ୍ଥା ହୋଇପାରିଲା ନାହିଁ। ପୀଡିତ ରୋଗୀଙ୍କୁ ନେବାକୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଲା। ସେ ନିଜର ଖର୍ଚ୍ଚରେ ଗୋଟିଏ ଗାଡି ଭଡ଼ା କରି ପଡୋଶୀ ଜିଲ୍ଲା ଛତିଶଗଡ଼ ରାୟପୁରକୁ ପଠେଇଲ। ତାଙ୍କୁ ବିଭିନ୍ନ ସମୟରେ ରୋଗୀଙ୍କ ସମ୍ପର୍କୀୟ ମାନେ ଆମ୍ବୁଲାନ୍ସ ପାଇଁ ଫୋନ ମଧ କରିଥାନ୍ତି ହେଲେ ଠିକ୍ ସମୟରେ ଆମ୍ବୁଲାନ୍ସ ସୁବିଧା ରୋଗୀକୁ ମିଳି ପାରୁନଥିବାରୁ ରୋଗୀ ସେବା ପାଇଁ ନିଜକୁ ମିଳୁଥିବା ଭର୍ତ୍ତା ଓ ନିଜେ କିଛି ଟଙ୍କା ମିଶାଇ ରୋଗୀଙ୍କ ସେବା ପାଇଁ ଗୋଟିଏ ଆମ୍ବୁଲାନ୍ସ ଆଣିବାପାଇଁ ସ୍ଥିର କଲେ। ସ୍ୱତନ୍ତ୍ର ଭାବେ ଏହି ଆମ୍ବୁଲାନ୍ସ ସେବା ସାନ ମହେଶ୍ୱର ଗ୍ରାମପଞ୍ଚାୟତର ରୋଗୀଙ୍କୁ ସ୍ୱତନ୍ତ୍ର ସେବା ମିଳିବ। ତାଛଡା ଖଡ଼ିଆଳ ବ୍ଲକର ରୋଗୀଙ୍କୁ ମଧ ସେବା ମିଳିବ। ଏହି ସେବା ପ୍ରଥମେ ନୂଆପଡା ଜିଲ୍ଲା ଭିତରେ ହିଁ ସେବା ମିଳିବ। ଏଭଳି ମହତ କାମ କରୁଥିବାରୁ ଉପାଧ୍ୟକ୍ଷ ଶ୍ରୀ ତାଣ୍ଡିଙ୍କୁ ବୁଦ୍ଧିଜୀବୀ ମହଲରେ, ସାଧାରଣ ଜନତାରେ ଖୁବ ପ୍ରଶଂସା କରାଯାଉଛି।

# ଶ୍ରାବଣ ଶେଷ ସୋମବାର, ଶୈବପୀଠରେ ଭକ୍ତଙ୍କ ଭିଡ



ନର୍ଲା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢୀପଦର ଠାରେ ଥିବା ଦେବଗିରି ମଠରେ ଶ୍ରାବଣ ଶେଷ ସୋମବାର ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ଦେବଗିରି ମଠର ଗୁମ୍ଫା ମଧ୍ୟସ୍ଥ କାଶି ବିଶ୍ୱନାଥ ମହାଦେବଙ୍କୁ ଜଳ ଅର୍ପଣ କରିଛନ୍ତି ଭକ୍ତ, ଶ୍ରଦ୍ଧାଳୁ ଓ କାଉଡିଆ। ଦେବଗିରି ମଠର ମ୍ୟାନେଜିଂ ଟ୍ରଷ୍ଟି ସୁନୀଲ କୁମାର ଧଙ୍ଗଡାମାଝୀ ଆଦି ଶଙ୍କରାଚାର୍ଯ୍ୟ ବିରଚିତ ଶ୍ରୀଶିବାଷ୍ଟକମ୍ ପାଠ କରିଥିଲେ। ଏହି ଅବସରରେ ବିଶେଷ ପୂଜା ଅନୁଷ୍ଠିତ ହେବା ସହ ମହାଦେବଙ୍କୁ ଜଳାଭିଷେକ କରାଯାଇଥିଲା। ମଠର ପୂଜକ ସନ୍ତୋଷ ପାଢ଼ୀ, ସେବାୟତ ତପିବର ଦାସ ଓ ସେବକ ଟିକେ ଗଉଡ ପୂଜାକାର୍ଯ୍ୟ ସମ୍ପାଦନ କରିଥିବାବେଳେ ଟ୍ରଷ୍ଟ ବୋର୍ଡ଼ ସଦସ୍ୟ ବିଜୟ ଧଙ୍ଗଡାମାଝୀ, ପ୍ରଦୀପ ଧଙ୍ଗଡାମାଝୀ, ସଞ୍ଜୟ ଧଙ୍ଗଡାମାଝୀ, ରଜନି ଗଉଡ, ବିଷ୍ଣୁ ଗଉଡ, ସତ୍ରୁଘନ ଧଙ୍ଗଡାମାଝୀ, ବିଭିଷଣ ଧଙ୍ଗଡାମାଝୀ ପ୍ରମୁଖ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ନର୍ଲା ପୋଲିସ ମୁତୟନ ହୋଇଥିଲେ। ଐତିହାସିକ, ପ୍ରତ୍ନତାତ୍ତ୍ୱିକ ଓ ପୌରାଣିକ ଗାଥାରେ ପରିପୂର୍ଣ୍ଣ ଦେବଗିରି ଓଡ଼ିଶା ପର୍ଯ୍ୟଟନର ଏକ ଅନନ୍ୟ ପିଠ। ଓଡ଼ିଶା ହିନ୍ଦୁ ଦେବୋତ୍ତର ବିଭାଗ ଅଧୀନରେ ଥିବା ଏହି ମଠ ପ୍ରାକୃତିର ମନୋରମ ପରିବେଶ ମଧରେ ଥିବା ସହ ବିଶେଷ ପୂଜା ନିତି ଯୋଗୁଁ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଜିଲ୍ଲା ମୁଖ୍ୟାଳୟ ଭବାନୀପାଟଣା ଠାରୁ ଦେବଗିରିର ଦୂରତା ୩୦ କିମି ଥିବାବେଳେ ରୁପ୍ରାରୋଡ ରେଲଷ୍ଟେସନ ଠାରୁ ଏହା ୪ କିମି। ଉତ୍କେଲା ହେଉଛି ଏହାର ନିକଟତମ ଏୟାର ଷ୍ଟ୍ରିପ, ଯାହାର ଦୂରତା ୧୪ କିମି।

# ୧୨୦ କିଲୋ ଗଞ୍ଜେଇ ଜବତ




ବାଲିମେଳା, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଓରକେଲ ପୋଲିସକୁ ମିଳିଛି ବଡ଼ ସଫଳତା। ଗଛିତ ଥିବା ଗଞ୍ଜେଇକୁ ଜବତ କଲା ଓରକେଲ ପୋଲିସ। ମିଳିଥିବା ସୂଚନାନୁଯାୟୀ ସୋମନାଥପୁର ଜବାଗଡ଼ ଗ୍ରାମ ନିକଟ ଜଙ୍ଗଲରେ ବିପୁଳ ଗଞ୍ଜେଇ ଗଛିତ ଥିବା ଥାନାଧିକାରୀ ଧୀରେନ ବିଶେଷ ସୂତ୍ରରୁ ଖବର ଶନିବାର ମଧ୍ୟାହ୍ନ ଟିମ ଘଟଣା ସ୍ଥଳକୁ ଯାଇ ବିପୁଳ ପରିମାଣର ବସ୍ତାରେ ଥିବା ପାଇଥିଲେ। ଏହାପରେ ଥିବା ଗଞ୍ଜେଇକୁ କୋରୁକୋଣ୍ଡା ବ୍ଲକ ପଞ୍ଚାୟତ ଅଧିନସ୍ଥ ଖାରିଗୁଡା ପରିମାଣର ଓରକେଲ ପଟ୍ଟନାୟକ ପାଇଥିଲେ। ସମୟରେ ଏକ ଦେଖିଲା ବେଳକୁ ଗଞ୍ଜେଇ କିଛି ଦେଖିବାକୁ ସମସ୍ତ ବସ୍ତାରେ ଓରକେଲ ଥାନାକୁ ଆଣି ଓଜନ କରିବା ପରେ ୧୨୦ କିଲୋ ଗଞ୍ଜେଇ ଥିବା ଜାଣିବାକୁ ମିଳିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୬ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଏନେଇ ପୋଲିସ ୨୦୧/୨୫ରେ ଏକ ମାମଲା ରୁଜୁ କରିଥିବା ସୂଚନା ମିଳିଛି। ତେବେ ଜବତ ଗଞ୍ଜେଇ କାହାର ଏଯାଏ ପୋଲିସ ପାଖରେ କୌଣସି ଖବର ନଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା ଥାନାଧିକାରୀ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ନିର୍ମଳା ଇଂରାଜୀ ସେକେଣ୍ଡରୀ ସ୍କୁଲରେ ସବୁଜ ଦିବସ ପାଳିତ




ରାଜଗାଙ୍ଗପୁର, (ଭାସ୍କର ନ୍ୟୁଜ୍) : ରାଜଗାଙ୍ଗପୁର ସ୍ଥିତ ନିର୍ମଳା ଇଂରାଜୀ ସ୍କୁଲ ପରିସରେ ସବୁଜ ଦିବସ ପାଳନ କରାଯାଇ ଏକ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପରିବେଶ ସୁରକ୍ଷା, ସବୁଜ କରଣ ଏବଂ ପ୍ରାକୃତିକ ସମ୍ପଦର ଗୁରୁତ୍ୱ ଉପରେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ବେଶ ଭୂଷରେ ସୁଜିତ ହୋଇ ନୃତ୍ୟ ସଂଗୀତ ମାଧ୍ୟମରେ ସବୁଜ ବଳୟର ପ୍ରେରଣା ପ୍ରଦାନ କରିଥିଲେ। କୁନି କୁନି ଛୋଟ ଛାତ୍ର ଛାତ୍ରୀଙ୍କୁ ନେଇ ଏହି କାର୍ଯ୍ୟକ୍ରମରେ ସବୁଜ ବଳୟ ସୃଷ୍ଟି କରି ପରିବେଶ ବିଷୟରେ ସଚେତନ କରିବା ସହିତ ଏହାର ସୁରକ୍ଷା ନିମନ୍ତେ ପ୍ରତ୍ୟେକଙ୍କୁ ବ୍ୟକ୍ତି ଗଛ ଲଗାଇବାକୁ ଉପଦେଶ ପ୍ରଦାନ ଗଛ ଲଗାଇ ପାରୁନାହଁ ତାହା ହେଲେ ଅତି କମରେ ଗଛ କାଟିବାକୁ ନ ଦେବା ଅଗ୍ନି ସଂଯୋଗ ନକରିବା ପାଇଁ ପ୍ରତିଜ୍ଞା କରିବା ପାଇଁ ନିଷ୍ପତ୍ତି ନେବା ଛୋଟ ଛୋଟ ପିଲା ମାନେ ପରିବେଶ ଉପରେ ସବୁଜ ବଳୟ ସୃଷ୍ଟି ପାଇଁ ଗୀତ ନୃତ୍ୟ ମାଧମରେ ରଙ୍ଗା ରଙ୍ଗ କାର୍ଯ୍ୟକ୍ରମରେ ସୂଚିତ କରିଥିଲେ। ନିର୍ମଳା ଇଂରାଜୀ ସ୍କୁଲର ଅଧକ୍ଷା ଏସ ଆର ବେର୍ଣ୍ଣଡ଼େତ୍ତ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସବୁଜ ବଳୟ ଉପରେ କରିଥିବା ପରିବେଷଣ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହ ପିଲାମାନେ ସେମାନଙ୍କ ଜନ୍ମଦିନରେ ଗୋଟିଏ ଗଛ ଲଗାଇବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ମାନେ ଉପସ୍ଥିତ ଥିଲେ।

# ବିଞ୍ଝାରପୁର ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ଦୁର୍ନୀତି ଅଭିଯୋଗ

## ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ୬ରେ ଏଡିଏମ୍‌ଙ୍କ ଶୁଣାଣି

**ପୋଷାକ କିଣା, ମଧ୍ୟାହ୍ନ ଭୋଜନ ଓ ବଦଳିରେ ବଡ ଧରଣର ଦୁର୍ନୀତି**

ବିଞ୍ଝାରପୁର (ଭାସ୍କର ନ୍ୟୁଜ୍) : ମଣିଷ ତିଆରି କାରଖାନା କୁହାଯାଉଥିବା ଶିକ୍ଷାନୁଷ୍ଠାନ ଏବେ ଦୁର୍ନୀତିରେ ପେଶି ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଜିଲ୍ଲା ଶିକ୍ଷା ଅଧିକାରୀ ଓ ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଅସାଧୁ ଉପାୟ ଆପଣାଇବାକୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସମଗ୍ର ବ୍ୟବସ୍ଥାକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହେଉଛି। ବିଞ୍ଝାରପୁର ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଓ ଏହାର ମୁଖ୍ୟ କାର୍ପଟଦାର ବିଇଓଙ୍କ ଛାତ୍ରଛାତ୍ରୀଙ୍କ ପୋଷାକ କିଣା, ମଧ୍ୟାହ୍ନ ଭୋଜନ, ଶିକ୍ଷକ ବଦଳିରେ ବିବାଦୀୟ ଭୂମିକାକୁ ପ୍ରତିବାଦ କରି ଅଜୟ କୁମାର ମଲ୍ଲିକ ସୂଚନା ଅଧିକାର ଆଇନରେ କେତେକ ତଥ୍ୟ ମାଗିଥିଲେ। ମାତ୍ର ତାଙ୍କୁ ବିଭାଗ ପକ୍ଷରୁ ସୂଚନା ଦିଆଗଲା ନାହିଁ। ପରେ ସେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଓ ପରେ ଜିଲାପାଳଙ୍କୁ ଭେଟି ଅନିୟମିତତାର ତଦନ୍ତ କରାଯିବାକୁ ନିବେଦନ କରିଥିଲେ। ଜିଲାପାଳ ଏନେଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଅଭିଯୋଗର ଶୁଣାଣି ପାଇଁ ଚଳିତ ମାସ ୬ ତାରିଖକୁ ଦିନ ଧାର୍ଯ୍ୟ କରି ସମସ୍ତ ପକ୍ଷଙ୍କୁ ଉପସ୍ଥିତ ରହି ପକ୍ଷ ରଖିବାକୁ ଚିଠି କରିଛନ୍ତି। ଅଭିଯୋଗ ... ଅନୁସାରେ ... ୨୦୨୪/ ... ୨୦୨୫ ଶିକ୍ଷା ବର୍ଷରେ ପିଲାଙ୍କ ପୋଷାକ ଯୋଗାଣ ପାଇଁ ବିଞ୍ଝାରପୁର ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ବିଞ୍ଝାରପୁର ବ୍ଲକର ୧୮୦ ଟି ସ୍କୁଲର ୧୮ ହଜାର ୧୦୬ ପିଲାଙ୍କୁ ପୋଷାକ ଯୋଗାଇବା ପାଇଁ ଜଣେ ମାତ୍ର ପୋଷାକ ଯୋଗାଣ ସଂସ୍ଥା ଅଲେଖ ମହିମା ଗାର୍ମେଣ୍ଟକୁ ଅନୁମୋଦନ କରାଗଲା। ଜିଲାରେ କେଉଁ ବ୍ଲକ୍‌ରେ ୨ ରୁ ୪୦ ଟି ସଂସ୍ଥାକୁ ପୋଷାକ ଯୋଗାଣ ପାଇଁ ଅନୁମତି ଦିଆଯାଇଥିବା ବେଳେ ବିଞ୍ଝାରପୁର ବ୍ଲକରେ ଗୋଟିଏ ସଂସ୍ଥାକୁ ଅନୁମୋଦନ କରିବା ପଛରେ ମନ୍ଦ ଉଦ୍ଦେଶ୍ୟ ଥିବା ଅଭିଯୋଗ ହୋଇଛି। ତେବେ ନବଘନ ମହନ୍ତ ମାୟାଧର ନୋଡାଲ ଉପ୍ରା ବିଦ୍ୟାଳୟ ଭଳି କେତେକ ସୁଶାନ୍ତ ... ସପ୍ଲାୟର୍ ... ୦ । ରୁ ... ପୋଷାକ ... ରଖିଥିଲେ। ପୋଷାକ ନିମ୍ନମାନର ବୋଲି ବିଞ୍ଝାରପୁର ଉଚ୍ଚ ବିଦ୍ୟାଳୟ ସମେତ ଅନ୍ୟ କେତେକ ସ୍କୁଲ ଶିକ୍ଷକ ବିଇଓ ନିକଟରେ ଲିଖିତ ଅଭିଯୋଗ କଲେ। ବିଇଓ ଶିକ୍ଷକ ଜ୍ଞାନରଞ୍ଜନ ସାମଲ ଓ ଅନ୍ୟ କେତେକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରି ପରେ ଚୁପ୍ ବସିଗଲେ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅନୁମୋଦନ ପାଇନଥିବା ସଂସ୍ଥା କିଭଳି ପୋଷାକ ଦେଲା ଓ ବିଇଓ ସେମାନଙ୍କୁ ପୋଷାକ ବାବଦ ଅର୍ଥ ପ୍ରଦାନ କଲେ। ମଧ୍ୟାହ୍ନ ଭୋଜନରେ ବ୍ୟାପକ ଘୋଟାଲା ଓ ଶିକ୍ଷକଙ୍କ ବଦଳି, ଏସ୍‌ଏମ୍‌ସି ପ୍ରସ୍ତାବ ଜାଲିଆତି ପଛରେ ବିଇଓଙ୍କ ଭୂମିକା ରହିଛି। ସିଂହପୁର ନୋଡାଲ ଶିକ୍ଷୟତ୍ରୀ ନିବେଦିତା ନାୟକଙ୍କ ବେନିୟମ ବଦଳି ନେଇ ଉଚ୍ଚ ନ୍ୟାୟାଳୟ ମଧ ଏନେଇ ପ୍ରଶ୍ନ ଉଠାଇଛନ୍ତି। ବାରମ୍ବାର ସବୁ ଆଡୁ ନିରାଶ ହୋଇ ସାମାଜିକ କର୍ମୀ ଅଜୟ କୁମାର ମଲ୍ଲିକ ଏବେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ୬ ତାରିଖ ଶୁଣାଣୀ ଉପରେ ଏବେ ସମସ୍ତଙ୍କ ନଜର। ଅସାଧୁ ଦୁର୍ନୀତି ଖୋର୍ ବିଇଓଙ୍କ ବିରୋଧରେ ପ୍ରଶାସନ କି ପଦକ୍ଷେପ ନେଉଛି ତା ୨ ଦିନ ପରେ ସ୍ପଷ୍ଟ ହେବ ନା ପ୍ରଶାସନ ପୂର୍ବଭଳି ସମୟ ଗଡ଼ାଇ ଚାଲିବ ଜଣା ପଡ଼ିବ। ଏ ସଂପର୍କରେ ବିଇଓ ସୁବାସ ଚନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ଅଭିଯୋଗ ତାଙ୍କ ନଜରରେ ଅଛି। ମାତ୍ର ସତ୍ୟତା ନାହିଁ। ଶିକ୍ଷୟତ୍ରୀଙ୍କ ବଦଳି ବାତିଲ ପାଇଁ ଅଦାଲତ ନିର୍ଦ୍ଦେଶ ଥିବାରୁ ଆମେ କେବଳ କାର୍ଯ୍ୟକାରୀ କରିଛୁ।

# ହାତୀ ବ୍ରିଜ ପାଲଟିଛି ଡ଼ମ୍ପିଂୟାର୍ଡ଼ : ବିନା ସୁରକ୍ଷାବାଡ଼ ଯୋଗୁଁ ହେଉଛି ଦୁର୍ଘଟଣା



ଜୟପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୟପାଟଣା ହାତୀ ବ୍ରିଜ ନିକଟ ରାସ୍ତା ଦୁଇ ପାର୍ଶ୍ୱରେ ବିଭିନ୍ନ ପ୍ରକାର ଆବର୍ଜନାର ପାହାଡ଼ ସୃଷ୍ଟି ହୋଇଛି। ଯାହାଫଳରେ ଅଞ୍ଚଳର ଦୁର୍ଗନ୍ଧରେ ଫାଟି ପଡୁଥିବା ବେଳେ ଯିବା ଆସିବା କରୁଥିବା ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଦୈନିକ ସହରର ଅନେକ ଆବର୍ଜନା ରାସ୍ତାର ଦୁଇ କଡ଼ରେ ପକାଯାଉଥିବା ବେଳେ ଟଏଲେଟ କ୍ଲିନର ଗାଡି ମଧ ଏଥିରେ ଆବର୍ଜନା ଛାଡୁଛନ୍ତି। ଏଥିଯୋଗୁଁ ହାତୀ ନଦୀର ପାଣି ଦୂଷିତ ହେବାରେ ଲାଗିଛି। ପାଖରେ ଗାଁର ଶ୍ମଶାନ ରହିଛି ଲୋକେ କେହି ମୃତ୍ୟୁ ବରଣ କଲେ ତାର ଶେଷକୃତ୍ୟ ସମ୍ପନ୍ନ ପାଇଁ ଏଠାକୁ ଆଣୁଥିବା ବେଳେ ଦୁର୍ଗନ୍ଧ ଯୋଗୁଁ ହନ୍ତସନ୍ତ ହେଉଛନ୍ତି। ଅନ୍ୟପକ୍ଷରେ ବ୍ରିଜ ରାସ୍ତା କଡରେ ସୁରକ୍ଷା ବାଡ଼ ନଥିବା ବେଳେ ବିଭିନ୍ନ ସମୟରେ ଅନେକ ଦୁର୍ଘଟଣା ମାନ ଘଟୁଛି। ତଳରେ ବଡ଼ ବଡ଼ ଖାଇ ସହ ନାଳ ରହିଛି। ଟିକିଏ ଭୁଲ ହୋଇଗଲେ ଏକ ବଡ଼ ଦୁର୍ଘଟଣା ହେବ ବୋଲି ଆଶଙ୍କା ରହିଛି।ଏ ନେଇ ବିଗତ ଦିନରେ ପୂର୍ତ୍ତ ବିଭାଗର ଅଧିକାରୀ ମାନଙ୍କୁ ଅବଗତ କରାଯାଇ ଥିଲେ ମଧ କିଛି ସୁଫଳ ମିଳି ନାହିଁ। ବ୍ଲକ୍ ପ୍ରଶାସନ ପକ୍ଷରୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରି ରାସ୍ତା କଡରେ ଫିଙ୍ଗୁଥିବା ଆବର୍ଜନାକୁ ବନ୍ଦ କରିବା ସହ ହାତୀ ନଦୀ ଦୁଇ ପାର୍ଶ୍ୱରେ ସୁରକ୍ଷା ବାଡ଼ ନିର୍ମାଣ ପାଇଁ ଦାବି ହୋଇଛି।

# ନିଶାଦେଇ ମହିଳାଙ୍କୁ ଅସଦାଚରଣ ଅଭିଯୋଗ

କାଳିମେଳା, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲା କାଳିମେଳା ବ୍ଲକ ଏମ୍‌ଭି ୭୯ ଥାନା ଅନ୍ତର୍ଗତ ତେଲରାଇ ପଞ୍ଚାୟତର ଏମ୍‌ଭି ୧୨୬ କେନାଲ ହୁଡ଼ା ନିକଟରେ ରବିବାର ସନ୍ଧ୍ୟାରେ ଜଣେ ମହିଳାଙ୍କୁ କେତେକ ବ୍ୟକ୍ତି ଅଚେତ ଅବସ୍ଥାରେ ଉଦ୍ଧାର କରିଛନ୍ତି। ତାଙ୍କୁ ଆମ୍ବୁଲାନ୍ସ ଯୋଗେ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତାଙ୍କ ଘର ମତୁଗୁଡା ଅଞ୍ଚଳରେ। ସେ ଶନିବାର ଏମ୍‌ପିଭି ୮୩ ଗ୍ରାମ ପୋଖରୀରୁ ବାହାରିଥିବା କୁମ୍ଭୀର ଦେଖିବାକୁ ଯାଇଥିଲେ ଓ ସେଠାରୁ ଏମ୍‌ପିଭି ୪୨ ଗ୍ରାମକୁ ଯାଉଥିବାବେଳେ ବାଟରେ ତାଙ୍କୁ କେହି ଥଣ୍ଡା ପାନୀୟ ପିଇବାକୁ ଦେଇଥିଲେ, କିଛି ସମୟ ପରେ ସେ ଚେତା ହରାଇଥିଲେ। ତାଙ୍କୁ ଅସଦାଚରଣ କରାଯାଉଥିବା ସମୟରେ ଏହି ଅଞ୍ଚଳର କେତେକ ଲୋକ ଏହା ଦେଖି ତାଙ୍କୁ ଉଦ୍ଧାର କରିଥିବା ସହ ପୋଲିସ କୁ ଖବର ଦେଉଥିଲେ। ପୋଲିସ ଖବର ପାଇବା ପରେ ତାଙ୍କର ଏକ ଟିମ୍ ଆସି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। କିନ୍ତୁ ଏହାର ପ୍ରକୃତ କାରଣ ଏଯାବତ୍ ଜଣାପଡି ନଥିବା ଜଣାଇଛନ୍ତି।



ବନ୍ଧୁଗାଁ (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ସଦର ପଞ୍ଚାୟତର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୃଷ୍ଟି ବାଧିତ ଛାତ୍ରଛାତ୍ରୀଙ୍କୁ ଚଷମା ବଣ୍ଟନ ନିମନ୍ତେ ସ୍ୱତନ୍ତ୍ର ଭାବେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଜାନୁଆରୀ ମାସରେ ବୀର ସୁରେନ୍ଦ୍ର ସାଏ ଯୋଜନା କାର୍ଯ୍ୟକ୍ରମ ମାଧ୍ୟମରେ ଡ଼ା ନାରାୟଣ ମାଝୀ ଓ ତାଙ୍କ ଟିମ୍ ୧୧୨ଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୯୧ଜଣ ଛାତ୍ରଛାତ୍ରୀଙ୍କୁ ଚଷମା ବ୍ୟବହାର ପାଇଁ ଯୋଗ୍ୟ ହୋଇଥିଲେ। ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ ପାଳନ ଅବସରରେ ବିଦ୍ୟାଳୟରେ ଅଧ୍ୟୟନରତ ଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ ଚଷମା ବଣ୍ଟନ ଶିବିରରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ମିନତୀ ଜଗଦେବ, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ଡି ଏଙ୍କାଟି, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଦନ ମୁଦୁଲି, ଗୋଷ୍ଠୀ ଦିବ୍ୟାଙ୍ଗ ସାଧନ କର୍ମୀ ସଂଗ୍ରାମ କେଶରୀ ନାୟକ, ଶିକ୍ଷକ ସଂଘ ସମ୍ପାଦକ କେ ପ୍ରତାପ କୁମାର, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ଚୌଧୁରୀ ଓ ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଚଷମା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଚନ୍ଦନ ନାୟକ ପରିଚାଳନା କରିଥିଲେ।

## ଶ୍ରୀ ଅମରେଶ୍ୱର ମହାଦେବ ମନ୍ଦିରରେ ଜଳାଭିଷେକ

ପାରାଦୀପ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗରେଇ ଶାସନ ଗ୍ରାମ ସ୍ଥିତ ଶ୍ରୀ ଅମରେଶ୍ୱର ମହାଦେବ ମନ୍ଦିରରେ ୨୮ତମ ଜଳାଭିଷେକ ସୋମବାର ଦିନ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଗରେଇ ଶାସନ ଗ୍ରାମର ଯୁବକମାନେ କଟକସ୍ଥିତ ଗଡ଼ଗଡିଆ ଘାଟରୁ ଗୋଟିଏ ଭାରରେ ୧୦୮ କଳସୀ ପାଣି ନେଇ ଅମରେଶ୍ୱର ମନ୍ଦିରରେ ଜଳାଭିଷେକ କରିଥିଲେ। ଏହି କାର୍ଯ୍ୟକ୍ରମରେ ପବିତ୍ର ମିଶ୍ର, ସାରଦା ଶତପଥି, ପିୟୁଷ ମିଶ୍ର, ପ୍ରଶାନ୍ତ ରାଉତ, ସରୋଜ ନାୟକ, ସୁଶାନ୍ତ ସ୍ୱାଇଁ, ନିବାରଣ ରାଉତ, ଜ୍ୟୋତିର୍ମୟ ପାଲ, ଶିବ ତାରେଣିଆ, ସତ୍ୟବ୍ରତ ପଟ୍ଟନାୟକ, ଶରତ ନାୟକ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଜଳାଭିଷେକ ପରେ ମନ୍ଦିରରେ ଅଭିଷେକ କରାଯାଇ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ଖାନନଗର ମହିମା ଆଶ୍ରମକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି

ଡେରାବିଶ (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଖାନନଗର ସ୍ଥିତ ମହିମା ତାରକ କ୍ଷେତ୍ରକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗତ ଶୁକ୍ରବାର ତାରକ ବାବାଙ୍କ ପୁଣ୍ୟତିଥି ଅବସରରେ ଅବଧୂତ କିଶୋର ବାବାଙ୍କ ନେତୃତ୍ୱରେ ବହୁ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ାରେ ନୂତନ ଭାବେ ଯୋଗଦେଇଥିବା ଜିଲ୍ଲାପାଳ ରଘୁରାମ ଆର ଆୟର ଯୋଗଦେଇ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ତାଙ୍କ ସହିତ ଆଶ୍ରମର ଅନ୍ୟ ସାଧୁସନ୍ଥ ଓ ଅଞ୍ଚଳବାସୀ ଯୋଗ ଦେଇଥିଲେ। ୧୯୦୭ ମସିହାରୁ ପ୍ରତିଷ୍ଠିତ ଏହି ଆଶ୍ରମ ତା'ର କଳେବର ବୃଦ୍ଧିକରି ଅଖଣ୍ଡବତୀ ମନ୍ଦିର, ଅଖଣ୍ଡଧୂନୀ ମନ୍ଦିର ଏବଂ ସିଦ୍ଧମହାପୁରୁଷ ମାନଙ୍କ ଗାଦିମନ୍ଦିର ନିର୍ମିତ କରାଯାଇଛି। ପ୍ରତିଦିନ ଶତାଧିକ ଶ୍ରଦ୍ଧାଳୁ ଭକ୍ତମାନେ ସେମାନଙ୍କ ମାନସିକ ଶାନ୍ତି କାମନା, ସିଦ୍ଧି ପାଇଁ ସାଧୁଙ୍କ ଆଶୀର୍ବାଦ ଭିକ୍ଷା କରିଥାନ୍ତି। ଆଶ୍ରମର ବାର୍ଷିକ ମହୋତ୍ସବ, ଫଗୁଦଶମୀ, ମହାପୁରୁଷଙ୍କ ଶୂନ୍ୟଦିବସ, ନୂଆଖାଇ ଆଦି ପର୍ବ ମହାସମାରୋହରେ



ପାଳନ କରାଯାଇଥାଏ। ଏହାଛଡ଼ା ପ୍ରତିବର୍ଷ ମାଘ ଶୁକ୍ଳ ଚତୁର୍ଦ୍ଦଶୀରେ ମହାପ୍ରଭୁଙ୍କ ବାଲ୍ୟଲୀଳା ଅର୍ପଣ କରାଯାଇ ପ୍ରସାଦ ବଣ୍ଟନ କରାଯାଇଥାଏ। ଏହି ଆଶ୍ରମର ମହାତ୍ମ୍ୟ ପାଇଁ ଏହା ଓଡ଼ିଶାରେ ଦ୍ୱିତୀୟ ଯୋରନ୍ଦା କ୍ଷେତ୍ର ବୋଲି କୁହାଯାଏ। ବର୍ଷ ସାରା ଆଶ୍ରମର ବିଭିନ୍ନ ଧର୍ମୀୟ କାର୍ଯ୍ୟ ଅନୁଷ୍ଠିତ ହୋଇଆସୁଥିଲା ବେଳେ ବହୁ ମହିମା ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗଦେବା ସହ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଏହି ଆଶ୍ରମକୁ ଲୋକମାନେ ଆସିଥାନ୍ତି। ଏଣୁ ଏହାକୁ ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାକୁ ଉପସ୍ଥିତ ଭକ୍ତସମୂହ ଓ ଅଞ୍ଚଳବାସୀ ଜିଲ୍ଲାପାଳ ମହୋଦୟଙ୍କୁ ଦାବିପତ୍ର ଦେଇଥିଲେ।

## ଦିନ ଦ୍ୱିପ୍ରହରରେ ଥାନାରେ ତାଲା, ଲୋକେ ହନ୍ତସନ୍ତ

କଣାସ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲାର କଣାସ ବ୍ଲକରେ ଅନେକ ସମୟରେ ଅନେକ କାର୍ଯ୍ୟାଳୟର ନଗ୍ନଚିତ୍ର ସାମ୍ନାକୁ ଆସିଥିବା ସମସ୍ତେ ଦେଖିଛନ୍ତି। ଏବେ କଣାସ ଥାନାର ନଗ୍ନଚିତ୍ର ସାମ୍ନାକୁ ଆସିଛି। ପୂର୍ବରୁ ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମର ଏକ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ (ନ୍ୟୁଜ୍‌ଫ୍ୟୁଜ)ରେ ଦେଖିବାକୁ ମିଳିଥିଲା କଣାସ ଥାନାରେ କାର୍ଯ୍ୟରତ ସମୟରେ କେଉଁଭଳି ଜଣେ ବାବୁ ଶୋଇଥିଲେ। କିନ୍ତୁ ପୁଣି କିଛିଦିନ ପରେ ଦେଖିବାକୁ ମିଳିଛି ଦିନ ଦ୍ୱିପ୍ରହରରେ ଗେଟ୍ ତାଲା ପଡିଥିବାର। ବାହାରେ ଘଣ୍ଟା ଘଣ୍ଟା ଧରି ଲୋକମାନେ ଅପେକ୍ଷା କରିଥିଲେ ମଧ୍ୟ ଏଥିପ୍ରତି କାହାର ନିଘା ନଥିଲା। ବାହାରେ ତାଲା ପକାଇ ଦେଇ ଭିତରେ ଆରାମରେ ଶୋଇଲେ ମଧ୍ୟ କେହି ଗଣମାଧ୍ୟମ ପ୍ରତିନିଧି ଆଉ ଜାଣିପାରିବେ ନାହିଁ ବୋଧେ ଭାବି ଏହି ପନ୍ଥା ଅପଣାଇଛନ୍ତି କଣାସ ଥାନାର ଅଧିକାରୀ ଓ କର୍ମଚାରୀ ମାନେ। ଦୁଃଖ ଓ ପରିତାପର ବିଷୟ ଯାହା କେବେ ହେଇନଥିଲା ତାହା ଏବେ ନୂଆ ନୂଆ କଥା ଦେଖିବାକୁ ମିଳୁଛି କଣାସ ଥାନାରେ। ଯେତେବେଳେ ନୂଆ ସରକାର ବାରମ୍ବାର ଘୋଷଣା କରିଛନ୍ତି କେହି ଅଭିଯୋଗକାରୀ ଥାନାକୁ ଆସିଲେ ତାକୁ ଯଥଚେଷ୍ଟା ସମ୍ମାନ ଜଣାଇ ତା'ର କାର୍ଯ୍ୟ ସମାପ୍ତ କରିବା ପାଇଁ। କିନ୍ତୁ କଣାସ ଥାନାରେ ସେହି ଘୋଷଣା କିଛି କାମ କରୁନଥିବା ଯାହା ବେଶ୍ ଅନୁମାନ କରିହେଉଛି। ଏହି ପ୍ରଶ୍ନ ଯେତେବେଳେ ସାମ୍ବାଦିକ କରିଥିଲେ ଏବଂ ପଚାରିଥିଲେ କାହିଁକି ଦିନରେ ତାଲା ପଡିଛି ବୋଲି, ସେହି ସମୟରେ ଜଣେ ମହିଳା କନେଷ୍ଟବଳ ବାହାରି ଆସି ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କରି ଭିତରେ କଏଦୀ ଥିବା ଯୋଗୁ ଗେଟ୍ ତାଲା ପଡିଥିବା ଦର୍ଶାଇଥିଲେ। ଏଠି ପ୍ରଶ୍ନ ଉଠୁଛି କଣାସ ଥାନାରେ କ'ଣ ଜଣେ ମାତ୍ର ଅଧିକାରୀ/କର୍ମଚାରୀ କି? ଯଦି ଆହୁରି ଅଧିକାରୀ/କର୍ମଚାରୀ ଅଛନ୍ତି ତେବେ ଦିନ ଦ୍ୱିପ୍ରହରରେ ଥାନା ଗେଟ୍‌ରେ ତାଲା ପକାଇ ଅନ୍ୟମାନେ ଗଲେ କୁଆଡେ? ଆହୁରି ପ୍ରଶ୍ନ ଉଠୁଛି ଏଠି ଅଧିକାରୀ ମାନେ ନିଜର କର୍ତ୍ତବ୍ୟରେ ଅବହେଳା କରୁଛନ୍ତି କି? ଯଦି ଅବହେଳା କରୁଛନ୍ତି ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ କାହିଁକି? ଯଦି କର୍ତ୍ତବ୍ୟ ଠିକ୍‌ରେ କରୁଛନ୍ତି ତେବେ ଏମିତି ଅଭାବନୀୟ ଦୃଶ୍ୟ କାହିଁକି ବାରମ୍ବାର ଦେଖିବାକୁ ମିଳୁଛି କଣାସ ଥାନାରେ। ଏବେ




ଅପେକ୍ଷା କେବେ କଣାସ ଥାନାର ସ୍ଥିତି ସୁଧୁରୁଛି ନା ସେମିତି କାର୍ଯ୍ୟରେ ଅବହେଳା ଏବଂ ଲୋକମାନଙ୍କୁ ହଇରାଣ କରି କରି ସମୟ ବିତୁଛି।

## ଚାଷୀ ପଞ୍ଜିକରଣରେ ଜଟିଳତା, ନେରଡା ସମିତିରେ ପଡିଲା ତାଲା

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ନେରଡା ପ୍ରାଥମିକ କୃଷି ସମବାୟ ସମିତିରେ ଖରିଫ ଧାନକ୍ରୟ ଚାଷୀ ପଞ୍ଜିକରଣରେ ଚାଷୀମାନେ ହଇରାଣ ହରକତ ହେଉଥିବା ଅଭିଯୋଗ କରି ସୋମବାର ତାଲା ପକାଯାଇଥିବା ଜଣାଯାଇଛି। ପୈତୃକ ଜମିର ବଂଶାବଳୀ ବା କୃଷିନାମା ଆବଶ୍ୟକ ଥିବାରୁ ଚାଷୀମାନେ ରାଜସ୍ୱ ନିରୀକ୍ଷକଙ୍କ ନିକଟକୁ ଦୌଡି ଦୌଡି ନୟାନ୍ତ ହେଉଛନ୍ତି। ମାତ୍ର ପଞ୍ଜିକରଣ ପାଇଁ କୃଷିନାମା ରାଜସ୍ୱ ନିରୀକ୍ଷକଙ୍କ ନିକଟରୁ ମିଳିପାରୁ ନାହିଁ। ପଞ୍ଜିକରଣ ସମୟସୀମା ଗଡି ଯାଉଥିବାରୁ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି। ଏହାର ପ୍ରତିବାଦରେ ଚାଷୀମାନେ ସୋମବାର ସମିତି କାର୍ଯ୍ୟାଳୟରେ ତାଲା ପକାଇଥିବା ଜଣାଯାଇଛି। ସମିତି ସଭାପତି ସତ୍ୟନାରାୟଣ ମିଶ୍ର ଚାଷୀମାନଙ୍କୁ ବୁଝାସୁଝା କରି ପ୍ରତିକାର ପାଇଁ ପ୍ରତିଶ୍ରୁତି ଦେବା ପରେ ତାଲା ଖୋଲାଯାଇଥିବା ଜଣାଯାଇଛି।

## ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନଶୁଣାଣି



ବାରିପଦା (ଭାସ୍କର ନ୍ୟୁଜ୍) : ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ପୂର୍ବାହ୍ନ ୧୦ଘଟିକା ସମୟରେ ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳ ହେମକାନ୍ତ ସୟ ଙ୍କ ଅଧକ୍ଷତାରେ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣି ଶିବିର ଆରମ୍ଭ ହୋଇଥିଲା। ଉକ୍ତ ଜନଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଆଧୀକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୨୬୧ଟି ଅଭିଯୋଗପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା। ଉକ୍ତ ୨୬୧ଗୋଟି ଅଭିଯୋଗ ମଧ୍ୟରୁ ୨୩୦ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ, ୩୧ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ୦୯ଟି ଆପତ୍ତିର ତତ୍କାଳ ସମାଧାନ ହୋଇଥିଲା। ଅଭିଯୋଗର ଗୁରୁତ୍ୱକୁ ବିଚାର କରି ଜିଲ୍ଲାପାଳ ୫ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୫ହଜାର ଟଙ୍କା ଏବଂ ୪ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨୫ହଜାର ଟଙ୍କା ମଞ୍ଜୁର କରିଛନ୍ତି। ଆଜିର ଜନ ଅଭିଯୋଗ ଶୁଣାଣିରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସହଯୋଗ କରିଥିଲେ।

## ଗୋରେଖନାଥଙ୍କୁ ଜଳଲାଗି କଲେ ୧୫ ହଜାର କାଉଡ଼ିଆ

ରଘୁନାଥପୁର (ଭାସ୍କର ନ୍ୟୁଜ୍): ଶ୍ରାବଣ ମାସ ଶେଷ ସୋମବାରରେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କେରେକେରା ସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କୁ ୧୫ ହଜାରରୁ ଉର୍ଦ୍ଧ୍ୱ କାଉଡ଼ିଆ ଜଳଲାଗି କରିଥିବାର ବରିଷ୍ଠ କମିଟି ସଦସ୍ୟ ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି। ପ୍ରଭୁଙ୍କୁ ଜଳଲାଗି ପାଇଁ କାଉଡ଼ିଆମାନଙ୍କ ରବିବାର ସନ୍ଧ୍ୟାରୁ ପୀଠକୁ ଆଗମନ ହୋଇଥିଲା। ଏହାଛଡା ହଜାର ହଜାର କାଉଡ଼ିଆ ତାରପୁର ବାଇପାସ୍ ଠାରୁ ଜଇପୁର ଛକ ମଧ୍ୟରେ ବିଭିନ୍ନ ସ୍ଥାନରେ ଅଟକି ରହି ବିଶ୍ରାମ ନେଇଥିଲେ। ପୁନଃ ମଧ୍ୟରାତ୍ରରୁ ନିତ୍ୟକର୍ମ ସାରି ସେମାନେ ପୀଠ ଆଭିମୁଖ୍ୟ ଯାତ୍ରା କରିଥିଲେ। କାଉଡିଆଙ୍କ ରହଣି ପାଇଁ ପୀଠ ପରିସରରେ ଟେଣ୍ଟ ଓ ପାଣିଭାର ରଖିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଏହାଛଡା ଫାଷ୍ଟେଡ ବ୍ୟବସ୍ଥା, ପର୍ଯ୍ୟାପ୍ତ ପାନୀୟଜଳ, ଆଲୋକୀକରଣ ଓ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା ହୋଇଥିଲା। ଭିଡକୁ ଦୃଷ୍ଟିରେ ରଖି ପୀଠ ପ୍ରଶାସନ ଓ ପୋଲିସ ସହଯୋଗରେ ରାତି ୧ଟା ୩୦ରୁ ପ୍ରଭୁଙ୍କ ପହୁଡ଼ ଖୋଲିବା ପରେ କାଉଡ଼ିଆମାନେ ବ୍ୟାରିକେଡରେ ଆସି ପ୍ରଭୁଙ୍କୁ ଜଳଲାଗି କରିଥିଲେ। ପୋଲିସ ଓ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ଶୃଙ୍ଖଳିତ ଜଳଲାଗିର ବ୍ୟବସ୍ଥା କରିଥିଲେ। ତିର୍ତ୍ତୋଲ ତହସିଲଦାର ମହେଶ୍ୱର ବେହେରା ଓ ଅତିରିକ୍ତ ତହସିଲଦାର ତପସ୍ୱିନୀ ନାୟକ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିଲେ। ପୀଠକୁ ଚତୁଃପାର୍ଶ୍ୱରେ ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ଆଗନ୍ତୁକ କାଉଡିଆଙ୍କ ପାଇଁ ମାଗଣା ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିଲା। ତିର୍ତ୍ତୋଲ ଆଇଆଇସି ପ୍ରଦୀପ୍ତ କୁମାର ସେଠି ଓ ରଘୁନାଥପୁର ଆଇଆଇସି ସୁଶାନ୍ତ କୁମାର ସେଠି ବିଭିନ୍ନ ସ୍ଥାନରେ ରହି ଜଳଲାଗି ପର୍ବକୁ ପରିଚାଳନା କରିଥିଲେ। କମିଟି ସଦସ୍ୟ ମହାନ୍ତି, ଗ୍ରାମ୍ୟ କମିଟି ପକ୍ଷରୁ ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି ଓ କର୍ମଚାରୀ ସରୋଜ କୁମାର ସାହାଣୀ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ। ମଧ୍ୟାହ୍ନ ପର୍ଯ୍ୟନ୍ତ ଜଳଲାଗି ପାଇଁ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥିଲା। ଶୃଙ୍ଖଳାର ସହ ଜଳଲାଗି ଉତ୍ସବ ଶେଷ ହୋଇଥିବାବେଳେ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ପାଇଁ ଦୁଇଦିନ ଲାଗିବ ବୋଲି କମିଟି କର୍ମକର୍ତ୍ତାଙ୍କ ଠାରୁ ପ୍ରକାଶ। ଅନୁକୂଳ ପାଗ ତଥା ବହୁ ସଂଖ୍ୟାରେ ଭକ୍ତଙ୍କ ଆଗମନ ହେତୁ ବ୍ୟବସାୟୀମାନେ ରାତି ଉଜାଗର ରହି ଭଲ ବ୍ୟବସାୟ କରିଥିଲେ।

## ଟ୍ରେନ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଚାନ୍ଦବାଲି (ଭାସ୍କର ନ୍ୟୁଜ୍): ଧାମରା-ଭଦ୍ରକ ରେଳ ଧାରଣାରେ କଟି ଯୁବକ ମୃତ। ମୃତ ଯୁବକ ହେଉଛନ୍ତି ଯଶିପୁର ପଞ୍ଚାୟତ ବଳସାହି ଗ୍ରାମର ସୁରେନ୍ଦ୍ର ବେହେରାଙ୍କ ପୁଅ ଶଶିକାନ୍ତ (୩୦)। ଭୋର ସମୟରେ କୌଣସି କାରଣ ପାଇଁ ରେଳ ଧାରଣା ପାରି ହେଉଥିବା ବେଳେ ଦୁର୍ଘଟଣା ହୋଇଛି ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ତେବେ ଏହିପରି ଦୁର୍ଘଟଣା ବାରମ୍ବାର ହେଉଥିବାରୁ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ପରିବାରକୁ କ୍ଷତିପୂରଣ ଦାବିରେ ରେଳ ଧାରଣା ଉପରେ ବସି ରହିଛନ୍ତି ଗ୍ରାମବାସୀ। ଧାମରା ଅଦାନୀ ଏବଂ ଭଦ୍ରକ ରେଳପଥକୁ ସଂଯୋଗ କରୁଥିବା ରେଳଧାରଣା ଉପରେ ଗ୍ରାମବାସୀ ଧାରଣା ଦେବା ଯୋଗୁ ରେଳ ଚଳାଚଳ ବନ୍ଦ ରହିଛି। ଘଟଣାସ୍ଥଳରେ ବାଂଶଡା ପୋଲିସ ଓ ଧାମରା ଆଦାନୀ କମ୍ପାନୀର କର୍ତ୍ତୃପକ୍ଷ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ପରିବାର ଏକମାତ୍ର ରୋଜଗାର ଯୁବକ ଥିଲେ ସେ। ତାଙ୍କ ମୃତ୍ୟୁ ଖବର ଶୁଣି କାନ୍ଦ ବୋବାଳି ପଡ଼ିଛି। ଏ ଖବର ଶୁଣି ଚାନ୍ଦବାଲିର ବିଧାୟକ ବ୍ୟୋମକେଶ ରାୟ, ପ୍ରିନ୍ସ, ଜିତୁନା ପାଣି, କଂଗ୍ରେସ ସଭାପତି, ବୈଲୋଚ ପଣ୍ଡା, ବଦ୍ରି ନାୟକ ଶେଖ କାଦିର, ବିଜେପିର ଅଞ୍ଜନ ଦାଶ, କୃଷକ ସଭାପତି ଉପେନ୍ଦ୍ର ରାଉଳ ଏବଂ ବିଶିଷ୍ଟ ସମାଜସେବୀ ଅକ୍ଷୟ ରାଉତ, ଶୋକ ପ୍ରକାଶ କରିଛନ୍ତି।

## ଚାଷୀ ପଞ୍ଜୀକରଣରେ ଗଞ୍ଜାମ ଚଳିତବର୍ଷ ବହୁ ପଛରେ !

ବ୍ରହ୍ମପୁର (ଭାସ୍କର ନ୍ୟୁଜ): ଅଗଷ୍ଟ ୧୮ରେ ଚଳିତ ଖରିଫ୍ ଋତୁ ଲାଗି ଚାଷୀ ପଞ୍ଜୀକରଣ ସରିବ। ଦେଖିବାକୁ ଗଲେ ହାତରେ ଆଉ ୧୫ ଦିନ। ହେଲେ ଏଯାଏ ଅଧା ହୋଇପାରିଲାନି ପଞ୍ଜୀକରଣ ବିଭିନ୍ନ ସମସ୍ୟା ଯୋଗୁଁ ଗଞ୍ଜାମ ଜିଲ୍ଲା ଚାଷୀ ପଞ୍ଜୀକରଣରେ ବହୁ ପଛରେ ପଡ଼ିଯାଇଛି। ଏପରି ଚାଲିଲେ, ଅଗଷ୍ଟ ୧୮ ବେଳକୁ ଗତବର୍ଷ ତୁଳନାରେ ଅଧା ଚାଷୀ ପଞ୍ଜୀକରଣ କରିବେ କି ନାହିଁ ସନ୍ଦେହ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବଢ଼ାଇଲେ ସରକାର। ଗତବର୍ଷ ଚାଷୀ ସଂଖ୍ୟା ବି ବଢ଼ିଲା। ଚଳିତବର୍ଷ ସେହି ଅନୁସାରେ ଚାଷୀ ପଞ୍ଜୀକରଣ ଅଧିକ ହେବ ବୋଲି ଆଶା ଥିଲା। ଗଞ୍ଜାମ ଜିଲ୍ଲାରେ କିନ୍ତୁ ଏ ଆଶା ମଉଳି ଯାଉଛି। ଭାଗଚାଷୀଙ୍କ ଲାଗି ମୂଳ ଜମି ମାଲିକଙ୍କ ପ୍ରମାଣପତ୍ର ଓ ଅନ୍ୟ ଚାଷୀଙ୍କ ଲାଗି ପଟ୍ଟା ସମସ୍ୟା ଏଥିରେ ବାଧକ ସାଜିଛି। ଆଜି ସନ୍ଧ୍ୟା ସୁଦ୍ଧା ଜିଲ୍ଲାରେ ମୋଟ୍ ୩୩,୮୬୧ ଚାଷୀ ପଞ୍ଜୀକରଣ କରିପାରିଛନ୍ତି। ଗତବର୍ଷ ଏତେ ବେଳକୁ ସଂଖ୍ୟା ୮୦ ହଜାର ଟପିଯାଇଥିଲା। ଗତବର୍ଷ ମୋଟ୍ ୧,୪୬,୫୦୪ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ୧,୩୯,୮୨୬ ଚାଷୀ ମଣ୍ଡିରେ ଧାନ ବିକ୍ରି କରିଥିଲେ। ଚଳିତବର୍ଷ ଚାଷୀ ପଞ୍ଜୀକରଣରେ ସବୁଠାରୁ ପଛରେ ପଡ଼ିଛି ଭଞ୍ଜନଗର ବ୍ଲକ୍। ଗତବର୍ଷ ଏଠାରେ ୪୧୫୬ ଚାଷୀ ପଞ୍ଜୀକରଣ କରିଥିଲେ। ଆଜି ପର୍ଯ୍ୟନ୍ତ ତାହା ୬୯୭ରେ ଅଟକିଛି। ସେଥିରୁ ଫାର୍ମର କୋଡ୍ ପାଇଛନ୍ତି ମାତ୍ର ୫୪୭। ଭଞ୍ଜନଗର ଠାରୁ ଟିକେ ଉପରକୁ ରହିଛି ବେଲଗୁଣ୍ଠା ବ୍ଲକ ଏଠାରେ ୭୧୯ ଚାଷୀ ପଞ୍ଜୀକରଣ କରିଛନ୍ତି। କବିସୂର୍ଯ୍ୟନଗରରେ ୭୭୧, ଜଗନ୍ନାଥପ୍ରସାଦରେ ୮୬୬, ହିଞ୍ଜିଳିକାଟୁରେ ୯୦୮ ଓ ଚିକିଟିରେ ୯୯୦ ଚାଷୀ ପଞ୍ଜୀକରଣ କରିଛନ୍ତି। ମୋଟାମୋଟି କହିବାକୁ ଗଲେ ଏହି ୬ ବ୍ଲକ୍‌ରେ ଚାଷୀ ପଞ୍ଜୀକରଣ ଏଯାଏ ୪ ଅଙ୍କ ଛୁଇଁ ପାରିଲା ନାହିଁ। ଅନ୍ୟପଟେ ଆସିକାରେ ୨୨୬୬, ବେଗୁନିଆପଡ଼ାରେ ୧୦୪୬, ବୁଗୁଡ଼ାରେ ୧୧୦୦, ଛତ୍ରପୁରରେ ୧୮୪୪, ଧରାକୋଟରେ ୧୬୨୨, ଦିଗପହଣ୍ଡିରେ ୨୦୧୭, ଗଞ୍ଜାମରେ ୧୮୬୯, ଖଲ୍ଲିକୋଟରେ ୨୨୨୮, କୁକୁଡ଼ାଖଣ୍ଡିରେ ୧୮୧୫, ପାତ୍ରପୁରରେ ୧୭୬୩, ପୋଲସରାରେ ୧୪୧୨, ପୁରୁଷୋତ୍ତମପୁରରେ ୧୮୪୨, ରଙ୍ଗେଇଲୁଣ୍ଡାରେ ୧୮୩୭, ସାନଖେମୁଣ୍ଡିରେ ୧୩୨୭, ଶେରଗଡ଼ରେ ୧୪୮୯ ଓ ସୋରଡ଼ାରେ ୧୦୯୫ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଗତ ଜୁଲାଇ ୧୯ ତାରିଖରୁ ଖରିଫ୍ ଧାନ କିଣା ଲାଗି ଆରମ୍ଭ ହୋଇଥିବା ଚାଷୀ ପଞ୍ଜୀକରଣ ଆସନ୍ତା ୧୮ ତାରିଖରେ ଶେଷ ହେବ। ଏହି ସମୟ ଭିତରେ ଚାଷୀ ନିଜର ସମସ୍ତ ପ୍ରମାଣପତ୍ର ଦାଖଲ କରି 'ଫାର୍ମର କୋଡ୍' ପାଇବାକୁ ହେବ। ନଚେତ୍ ମଣ୍ଡିରେ ଧାନ ବିକ୍ରି ଲାଗି ଟୋକନ୍ ମିଳିବ ନାହିଁ। ତେବେ ବିଭିନ୍ନ ସଂଶୋଧିତ ନିୟମ ଭିତରେ ଛନ୍ଦି ହୋଇ ପଡ଼ିଥିବା ଚାଷୀ ଆଉ କିଛିଦିନ ଲାଗି ପଞ୍ଜୀକରଣ ଅବଧି ବଢ଼ାଇବାକୁ ଏବେଠାରୁ ଦାବି କଲେଣି। ସରକାର ଏଥିରେ ହସ୍ତକ୍ଷେପ କରିବାକୁ ସେମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ପଞ୍ଜୀକରଣ ପରେ ସାଟେଲାଇଟ୍ ସର୍ଭେ କରାଯାଇ ଧାନଚାଷୀ ଚିହ୍ନଟ କରାଯିବ। ସେମାନଙ୍କ ଠାରୁ ସରକାର ବିଭିନ୍ନ ମଣ୍ଡି ମାଧ୍ୟମରେ ଧାନ କିଣିବାର ନିୟମ ରହିଛି।

## ବିଦ୍ୟାଳୟ ପରିସରରେ ଅଙ୍ଗନବାଡ଼ି ଗୃହ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

ଧାମନଗର (ଭାସ୍କର ନ୍ୟୁଜ) : ରାଜ୍ୟ ସରକାର ଶିକ୍ଷାର ଉନ୍ନତି ନିମନ୍ତେ ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ଏହାସହ ବିଦ୍ୟାଳୟର ଉନ୍ନତିକରଣ ନିମନ୍ତେ କଂକ୍ରିଟ ଘର, ଚତୁଃପାର୍ଶ୍ୱ ପାଚେରୀ ନିର୍ମାଣ, ଖେଳ ପଡିଆ, ବଗିଚା ଆଦି ନିର୍ମାଣ କରି ଛୋଟ ଛୋଟ ପିଲାଙ୍କ ଶାରୀରିକ ଓ ମାନସିକ ସ୍ତରରେ ବିକାଶ କରିବା ଲକ୍ଷ୍ୟରେ କାର୍ଯ୍ୟ କରୁଛନ୍ତି। ସେହିପରି ବିଦ୍ୟାଳୟ ପରିସରରେ କୌଣସି ଧର୍ମାନୁଷ୍ଠାନ, ବ୍ୟକ୍ତିଗତ ଅନୁଷ୍ଠାନ କିମ୍ବା ଅନ୍ୟାନ୍ୟ ସରକାରୀ ଅନୁଷ୍ଠାନ କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି ମଧ୍ୟ ସରକାରୀ ନିୟମ ରହିଛି। ହେଲେ ଏହିସବୁ ନିୟମକୁ ଉଲ୍ଲଙ୍ଘନ କରି ନିଜର ବ୍ୟକ୍ତିଗତ ସ୍ୱାର୍ଥ ସାଧନ ନିମନ୍ତେ ବିଭାଗୀୟ ଯନ୍ତ୍ରୀଙ୍କୁ ହାତବାରିଶି କରି ଏକ ସଂକୀର୍ଣ୍ଣ ଜାଗାରେ ଅବସ୍ଥିତ ବିଦ୍ୟାଳୟରେ ଥିବା ରୋଷେଇ ଘର ଭାଙ୍ଗି ବେନିୟମ ଭାବେ ଅଙ୍ଗନବାଡ଼ି ଗୃହ ନିର୍ମାଣ କରାଯାଉଛି। ଏହାକୁ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ




- ବିନା ସୂଚନା ଫଳକରେ ଚାଲିଛି ନିର୍ମାଣ କାର୍ଯ୍ୟ
- ରୋଷେଇ ଘର ଭାଙ୍ଗି ବେନିୟମ ଭାବେ ନିର୍ମାଣ ହେଉଛି ଗୃହ

ଧାମନଗର ବିଡ଼ିଓ ବନବିହାରୀ ଦୀଣ୍ଡାଙ୍କ ଠାରେ ଗତ ଗୁରୁବାର ଦିନ ଅଭିଯୋଗ ହୋଇଛି। ବିଡ଼ିଓ ଶ୍ରୀ ଦୀଣ୍ଡା ଅନୁପସ୍ଥିତ ଥିବାରୁ ଏବିଡ଼ିଓ ଶର୍ମିଷ୍ଠା ମଲ୍ଲିକଙ୍କୁ ଅଭିଯୋଗପତ୍ର ଦେବା ସହ ବିଡ଼ିଓ ଆସିଲେ ଏ ସଂପର୍କରେ ଆଲୋଚନା କରାଯିବ ବୋଲି ଅଭିଯୋଗକାରୀ ଗ୍ରାମବାସୀଙ୍କୁ ଶ୍ରୀମତୀ ମଲ୍ଲିକ କହିଥିଲେ। ଅଭିଯୋଗ ମୁତାବକ ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ସ୍ଥିତ ଇଟୁଆ ଗ୍ରାମରେ ଅନେକ ବର୍ଷ ହେଲା ଅଙ୍ଗନବାଡ଼ି ଗୃହ ନଥିଲା। ଚଳିତ ବର୍ଷ ପଞ୍ଚାୟତ ସମିତି ପକ୍ଷରୁ ଅଙ୍ଗନବାଡ଼ି ଗୃହ ନିର୍ମାଣକୁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଉକ୍ତ ଗୃହଟି କେଉଁଠି ନିର୍ମାଣ ହେବ ଏନେଇ ବିଭାଗୀୟ ଅଧିକାରୀ ଗ୍ରାମ ଲୋକଙ୍କ ବିନା ପରାମର୍ଶରେ ଜୋରଜବରଦସ୍ତ ଗ୍ରାମ ନିକଟରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଙ୍ଗନବାଡ଼ି ଗୃହ ନିର୍ମାଣ କରାଯାଉଛି। ଏହାସହ ଏକ ବର୍ଷ ପୂର୍ବରୁ ନିର୍ମାଣ ହେଇଥିବା ରୋଷେଇ ଘରକୁ ବିନା ସରକାରୀ ଅନୁମତିରେ ଭାଙ୍ଗି ସେଠାରେ ଉକ୍ତ ଘର ନିର୍ମାଣ ହେଉଛି। ଗ୍ରାମବାସୀଙ୍କ ଅଭିଯୋଗ ହେଲା ଉକ୍ତ ବିଦ୍ୟାଳୟଟି ଅତ୍ୟନ୍ତ ସଂକୀର୍ଣ୍ଣ ଜାଗାରେ ହେଇଥିବାରୁ ଏହାର ପରିସର ମଧ୍ୟରେ ଅଙ୍ଗନବାଡ଼ି ଗୃହ ନିର୍ମାଣ ହେଲା ଏହାର ପରିସର କମିଯିବ। ଏହାସହ ଗ୍ରାମ ତଥା ବିଦ୍ୟାଳୟ ନିକଟରେ ଅନେକ ସରକାରୀ ରଖିତ ଓ ଅନାବାଦୀ ଜମି ପ୍ରଶସ୍ତ ଭାବେ ରହିଛି ହେଲେ ସେଠାରେ ନକରି ଜୋରଜବରଦସ୍ତ ବିଭାଗୀୟ ଅଧିକାରୀ କିଛି କୁଚକ୍ରି ଲୋକଙ୍କୁ ଧରି ନିର୍ମାଣ କରିବା ଯାହାକି ସରକାରୀ ନିୟମକୁ ସମ୍ପୂର୍ଣ୍ଣ ଭାବେ ଉଲ୍ଲଙ୍ଘନ କରୁଛି। ସେହିପରି କୌଣସି ସରକାରୀ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କରିବା ପୂର୍ବରୁ ସର୍ବସାଧାରଣଙ୍କ ପାଇଁ ସୂଚନା ଫଳକ ମାରିବାକୁ ନିୟମ ରହିଥିଲେ ବି ବିଭାଗୀୟ ଅଧିକାରୀ ସେପରି କରିନାହାନ୍ତି। ତରବରିଆ ଭାବେ କେବଳ କଂକ୍ରିଟ ପାଇଲିଂ କରିବା ସମୟରେ ଗ୍ରାମବାସୀ ଏହି ନିର୍ମାଣକୁ ବିରୋଧ କରି କାର୍ଯ୍ୟ ବନ୍ଦ ରଖିଥିଲେ। ଏଥିରୁ ସ୍ପଷ୍ଟ ଅନୁମାନ କରାଯାଉଛି ଏହି ଗୃହ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଭାବେ ଅନିୟମିତତା ହୋଇଥିବାର ସନ୍ଦେହ ସୃଷ୍ଟି ହୋଇଛି। ଏହାସହ ତୁରନ୍ତ ବିଦ୍ୟାଳୟ ପରିସର ମଧ୍ୟରେ ନିର୍ମାଣାଧିନ ଅଙ୍ଗନବାଡ଼ି ଗୃହ କାର୍ଯ୍ୟକୁ ବନ୍ଦ କରି ଅନ୍ୟ ସରକାରୀ ସ୍ଥାନରେ ନିର୍ମାଣ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ଅଭିଯୋଗକୁ ନେଇ ଉଚ୍ଚ ଶିକ୍ଷାମନ୍ତ୍ରୀ, ଗଣଶିକ୍ଷା ସଚିବ, ଜିଲ୍ଲାପାଳ ଭଦ୍ରକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଓ ପଞ୍ଚାୟତ ସମିତି ଅଧକ୍ଷାଙ୍କୁ ରମାକାନ୍ତ ବାରିକ, ମନୋଜ ଦାସ, ଗଣେଶ ଯେନା, ସୁଜ୍ଞାନ କୁମାର ନାୟକ, ମମତା ଦାସ, ଗୟାଧର ବାରିକ, ରାଜେଶ ନାୟକ, ଆକାଶ ନାୟକ, ପଦ୍ମିନୀ ନାୟକ କନକ ଲତା ନାୟକ, ସଞ୍ଜୟ ନାୟକ ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ଶିକ୍ଷକଙ୍କ ବଦଳି ପଛରେ ପାରିବାରିକ ଦ୍ୱନ୍ଦ୍ୱ !

ବାରିପଦା (ଭାସ୍କର ନ୍ୟୁଜ୍):ଜଣେ ଶିକ୍ଷକ ବଖାଣିଲେ ନିଜ ଦୁଃଖର କାହାଣୀ, ମାନ୍ୟବର ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଗଣମାଧ୍ୟମ ସମ୍ମୁଖରେ। ଶିକ୍ଷକ ଲକ୍ଷ୍ମଣ ବିଷାଣ ମୁର୍ମୁ ବାଙ୍ଗିରିପୋଷି ବ୍ଲକ୍ ଅଧିନ ହିଞ୍ଜିଳି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ଏବେ ତାଙ୍କର ବଦଳି ହୋଇଛି ଓଡ଼ିଶା ସୀମାନ୍ତ ବ୍ରହ୍ମପୁର ଜିଲ୍ଲାକୁ। ସେ ଜଣେ ଭଲ ଶିକ୍ଷକ ବୋଲି ହିଞ୍ଜିଳି ଗ୍ରାମବାସୀ ତାଙ୍କ ବଦଳିକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇଛନ୍ତି। ଅପରପକ୍ଷରେ ମୟୂରଭଞ୍ଜରୁ ସୁଦୂର ବ୍ରହ୍ମପୁର ବଦଳିକୁ ବିରୋଧ କରି ଶିକ୍ଷକଙ୍କ ଧର୍ମପତ୍ନୀ ମଧ୍ୟ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। ମାତ୍ର କୌଣସି ସୁଫଳ ନମିଳିବାରୁ ଆଜି ଶିକ୍ଷକ ନିଜେ ମିଳିତ ଜନଶୁଣାଣିରେ ଏ ବାବଦରେ ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ବାଙ୍ଗିରିପୋଷୀ ବିଧାୟିକା ସଞ୍ଜଲୀ ମୁର୍ମୁ କ୍ଷମତାର ଦୁରୁପଯୋଗ କରି ତାଙ୍କୁ ବାଙ୍ଗିରିପୋଷି ହିଞ୍ଜିଳିରୁ ସୁଦୂର ବ୍ରହ୍ମପୁରକୁ ବଦଳି କରାଇଛନ୍ତି। ଏହି ଘଟଣା ଗଭୀର ରୂପ ଧାରଣ କରିଛି ଯେତେବେଳେ ଲକ୍ଷ୍ମଣଙ୍କ ଧର୍ମପତ୍ନୀ ସରସ୍ୱତୀ ମୁର୍ମୁ ମଧ୍ୟ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଲେଖା ଦେଇ ତାଙ୍କ ସ୍ୱାମୀଙ୍କୁ ନ୍ୟାୟ ପାଇଁ ଅନୁରୋଧ କରିଛନ୍ତି। ଚିଠି ଅନୁସାରେ, ସେ ଲେଖିଛନ୍ତି ଯେ ଏହି ବଦଳି କୌଣସି ପ୍ରଶାସନିକ ଆବଶ୍ୟକତା ଅନୁଯାୟୀ ନୁହେଁ, ବରଂ ପୈତୃକ ଜମି ଭାଗାବଣ୍ଟା ନେଇ ଦୀର୍ଘଦିନ ଧରି ଲାଗିଥିବା ପାରିବାରିକ




ଦ୍ୱନ୍ଦ୍ୱର ପ୍ରତିଫଳନ ଅଟେ। ଶିକ୍ଷକଙ୍କ ସ୍ତ୍ରୀ କହିଛନ୍ତି ଯେ 'ମୋ ସ୍ୱାମୀ ଏବଂ ତାଙ୍କ ପରିବାର ନିଜ କାର୍ଯ୍ୟକ୍ଷେତ୍ରରେ ସତ୍ୟ ଓ ନୀତିରେ ରହିଛନ୍ତି। କୌଣସି ଧରଣର ଅନୁଚିତ କାର୍ଯ୍ୟ କରିନାହାନ୍ତି। ଏହି ଧରଣର ବଦଳି ମୋ ପରିବାର ଉପରେ ଅନ୍ୟାୟ ଓ ଅତ୍ୟାଚାର ଅଟେ। ଏହି ଘଟଣା ବର୍ତ୍ତମାନ ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ଚରମ ଚର୍ଚ୍ଚାର କାରଣ ପାଲଟିଛି। ବୁଦ୍ଧିଜୀବୀ ମହଲରୁ ମଧ୍ୟ ବିଭିନ୍ନ ପ୍ରତିକ୍ରିୟା ମିଳୁଛି। ବିଧାୟିକାଙ୍କ ପଦମର୍ଯ୍ୟାଦା ବ୍ୟବହାର କରି ପାରିବାରିକ ଦ୍ୱନ୍ଦ୍ୱର ପ୍ରତିଶୋଧ ନେବାକୁ ନିଜ କ୍ଷମତାର ଅପବ୍ୟବହାର କରିଛନ୍ତି ବୋଲି ଲୋକେ କହିଛନ୍ତି। ଅପର ପକ୍ଷରେ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି ଯେ ଶିକ୍ଷକ ବଦଳିରେ ସାଂସଦ ଓ ବିଧାୟକମାନେ ହସ୍ତକ୍ଷେପ କରିପାରିବେ ନାହିଁ। ତେଣୁ ଦେଖିବାକୁ ବାକି ରହିଲା, ଉଚ୍ଚ ପଦସ୍ଥ ଅଧିକାରୀମାନେ ଏହି ଅଭିଯୋଗକୁ କିପରି ଭାବେ ଗ୍ରହଣ କରି ନ୍ୟାୟ ଦେବେ? ଏବଂ ଏହି ଧରଣର କ୍ଷମତା ଦୁରୁପଯୋଗ ରୋକିବା ପାଇଁ କିପରି କାର୍ଯ୍ୟପନ୍ଥା ଗ୍ରହଣ କରୁଛନ୍ତି?

## ରାଶିଫଳ

**ମଙ୍ଗଳବାର, ୦୫ ଅଗଷ୍ଟ ୨୦୨୫**




**ମେଷ:** ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ବ୍ୟବସ୍ଥାରେ ଉନ୍ନତି ହେବ। ସମ୍ମାନ ପାଇବେ। ଆଖି ଯନ୍ତ୍ରଣା ହୋଇପାରେ। ଅଧିକାରୀମାନେ ସହଯୋଗ କରିବେ ନାହିଁ। ଋଣ ନେବାକୁ ପଡିପାରେ। ପାରିବାରିକ କାର୍ଯ୍ୟଗୁଡ଼ିକୁ ପ୍ରାଥମିକତା ଦିଅନ୍ତୁ।




**ବୃଷ:** ବକେୟା ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ଯାତ୍ରା ସଫଳ ହେବ। ରୋଜଗାର ବୃଦ୍ଧି ପାଇବ। ବିପଦ କାମ କରନ୍ତୁ ନାହିଁ। ନିଶାକୁ ନିୟନ୍ତ୍ରଣ କରନ୍ତୁ। ଲାଭ ହେବାର ସମ୍ଭାବନା। ପତ୍ନୀ ଉପଦେଶ ଦେଉଥିବା ରାସ୍ତାରେ ଗଲେ ଲାଭ ସମ୍ଭାବନା। ଭ୍ରମଣରୁ ଲାଭ। ଯାନ-ଯନ୍ତ୍ରପାତି କ୍ରୟ ସମ୍ଭାବନା।



**ମିଥୁନ:** ଅପଚୟ ଖର୍ଚ୍ଚ ହେବ। ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ଚିନ୍ତା ଏବଂ ଟେନ୍‌ସନ ରହିବ। ବ୍ୟବସାୟ ଯୋଜନା କାର୍ଯ୍ୟକାରୀ ହେବ ନାହିଁ। ପରିବାର ଚିନ୍ତିତ ହେବେ। ଆୟଠାରୁ ବ୍ୟୟ ଅଧିକ ହେବ।



**କର୍କଟ:** ରାଜନୈତିକ ବ୍ୟକ୍ତିମାନେ ସଫଳତାର ଯୋଗ ରହିଛି। ସହଭାଗିତାରେ ନୂତନ ପ୍ରସ୍ତାବ ଗ୍ରହଣ କରାଯିବ। ରୋଜଗାର ବୃଦ୍ଧି ପାଇବ। ଉପହାର ଗ୍ରହଣ କରିବେ। ବ୍ୟବସାୟ ଯାତ୍ରା ସଫଳ ହେବ। ଶତ୍ରୁମାନେ ସକ୍ରିୟ ରହିବେ। ଅହଂକାର ଦୂର କରନ୍ତୁ।




**ସିଂହ:** ଜମି ଏବଂ ନିର୍ମାଣ ଯୋଜନା ପ୍ରସ୍ତୁତ ହେବ। ରୋଜଗାର ବୃଦ୍ଧି ପାଇବ। ଚାକିରିରେ ଅଧିକାର ବଢିପାରେ। ଅର୍ଥନୈତିକ କାର୍ଯ୍ୟରେ ସଫଳତା ପାଇ ଆପଣ ଖୁସି ହେବେ। ସୁଖୀ ଭବିଷ୍ୟତର ସ୍ୱପ୍ନ ସାକାର ହେବ। ଧାରଣା ସକରାତ୍ମକତା ବୃଦ୍ଧି କରିବ।




**କନ୍ୟା:** ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ଆଇନଗତ ପ୍ରତିବନ୍ଧକ ହଟାଯିବ। ଆରାମ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହେବ। ବ୍ୟବସାୟ ଭଲ କରିବ। ଜିନିଷକୁ ସୁରକ୍ଷିତ ରଖନ୍ତୁ। ବ୍ୟବସାୟ ଭଲ ଚାଲିବ।



**ତୁଳା:** ଜୀବନସାଥୀଙ୍କଠାରୁ ସମର୍ଥନ ମିଳିବ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ସମ୍ପର୍କୀୟଙ୍କ ସହ ସମ୍ପର୍କ ସୁଦୃଢ ହେବ। ଶତ୍ରୁମାନଙ୍କଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟ ଲାଭଦାୟକ ହେବ। ଖର୍ଚ୍ଚ ହ୍ରାସ କରନ୍ତୁ। କରାଯାଇଥିବା କାର୍ଯ୍ୟ ସମାପ୍ତ ହେବ।




**ବିଛା:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। କୋର୍ଟ କାର୍ଯ୍ୟ ସଫଳ କରାଯିବ। ବ୍ୟବସାୟ ଭଲ କରିବ। ଆଘାତ ଏବଂ ରୋଗରୁ ଦୂରେଇ ରୁହନ୍ତୁ। କାର୍ଯ୍ୟ-ବ୍ୟବସାୟ ଲାଭ କରିବାର ସମ୍ଭାବନା ଅଛି। ବିବାହିତ ଜୀବନରେ ସୁସଙ୍ଗତତା ରହିବ। ସାମାଜିକ ସମାବେଶରେ ଅଂଶଗ୍ରହଣ କରିବେ। ଭଲ ଲାଭଦାୟକ ଫଳାଫଳ ଦେବ।




**ଧନୁ:** ଆପଣଙ୍କ ପାଇଁ ଖୁସି ଖବର। ମାନ ବୃଦ୍ଧି ହେବ। ଖୁସି ହେବ। ମନରେ ଉତ୍ସାହ ରହିବ, ଯେଉଁଥିପାଇଁ କାର୍ଯ୍ୟର ଗତି ବଢିବ। ଆପଣଙ୍କ କାର୍ଯ୍ୟ ସମାଜରେ ପ୍ରଶଂସା ପାଇବେ। ସହଭାଗୀତାରେ ଆପଣ ଯେଉଁ ନିଷ୍ପତ୍ତି ନିଅନ୍ତି ତାହା ଲାଭଦାୟକ ହେବ। ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ।




**ମକର:** ପ୍ରତିଷ୍ଠା ବୃଦ୍ଧି ପାଇବ। ରୋଜଗାର ବୃଦ୍ଧି ପାଇବ। ଯାତ୍ରା ର ଶୁଭ ସମୟ ସହିତ, ଆପଣ କଠିନ କାର୍ଯ୍ୟରେ ସଫଳତା ପାଇବେ। ସମ୍ପର୍କୀୟଙ୍କ ସହିତ ସମ୍ପତ୍ତି ବିବାଦ ହୋଇପାରେ। ବ୍ୟବସାୟ-ଚାକିରିରେ ଲାଭ ହେବ। କ୍ରନିକ ରୋଗ ଦେଖାଦେଇପାରେ। ପ୍ରୟାସ ସଫଳ ହେବ।



**କୁମ୍ଭ:** ଦୁଃଖ, ଭୟ, ଚିନ୍ତା ଏବଂ ଅସ୍ଥିରତାର ପରିବେଶ ସୃଷ୍ଟି ହୋଇପାରେ। ଆପଣ ଦୁଃଖଦ ଖବର ପାଇପାରିବେ, ଧୈର୍ଯ୍ୟବାନ ହୁଅନ୍ତୁ। କାହାକୁ ବିଶ୍ୱାସ ନକରି ଆପଣ କାମ କରନ୍ତୁ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହସ୍ତକ୍ଷେପରୁ କ୍ଷତି ହେବାର ସମ୍ଭାବନା ଅଛି। ପରିବାରରେ ଉତ୍ତେଜନା ଦେଖାଦେବ। ବ୍ୟବସାୟ ମଧ୍ୟମ ହେବ।



**ମୀନ:** ଆପଣ ସ୍ୱାଦିଷ୍ଟ ଖାଦ୍ୟ ଉପଭୋଗ କରିବେ। ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ବ୍ୟବସାୟ ଭଲ କରିବ। ଆପଣ ଭଲ ଲୋକଙ୍କୁ ଭେଟିବ ଯେଉଁମାନେ ଉପକାରକାରୀ ହେବେ। ଯୋଜନା ସଫଳ ହେବ। ଚାକିରିରେ ପଦୋନ୍ନତି ଅଛି। ଅଳସୁଆରୁ ଦୂରେଇ ରୁହନ୍ତୁ। ପରିବାର ଲୋକେ ସାହାଯ୍ୟ କରିବେ।



ପ୍ରସ୍ତୁତି

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ରାଉରକେଲା, (ଭାସ୍କର ନ୍ୟୁଜ): ଓଡ଼ିଶାର ଅଗ୍ରଣୀ ଏକ୍ସପୋ ଇଭେଣ୍ଟ ମ୍ୟାନେଜମେଣ୍ଟ ଗ୍ରୁପ୍ ଆନୁକୁଲ୍ୟରେ ଏକ ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଆଜି ସେକ୍ଟର ୧୩ ମେଳନ ପଡ଼ିଆରେ ଆରମ୍ଭ ହୋଇଛି। ରଘୁନାଥପାଲୀ ର ମାନ୍ୟବର ବିଧାୟକ ଦୁର୍ଗା ଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତା କାଟି ନଡ଼ିଆ ଭାଙ୍ଗି ଆନୁଷ୍ଠାନିକ ଭାବେ ଏହି ପ୍ରଦର୍ଶନୀର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ନିଜ ମତ ରଖି ଆଗକୁ ପାର୍ବଣ ନେଇ ସହରବାସୀ ଗୋଟିଏ ଛାତ ତଳେ ପ୍ରାୟ ୧୭ ଟି ରାଜ୍ୟ ର ହସ୍ତତନ୍ତ ସାମଗ୍ରୀ ପାଇପାରିବେ। ତେଣୁ ସହରବାସୀ ଏହାର ସୁଯୋଗ ନେବା ପାଇଁ ଆହ୍ୱାନ କରିଥିଲେ। ଆୟୋଜିତ ପ୍ରଦର୍ଶନୀ ରେ ୭୦ ଟି ଷ୍ଟଲ୍ ରେ ବିଭିନ୍ନ ରାଜ୍ୟ ର ହସ୍ତତନ୍ତ ସାମଗ୍ରୀ ପ୍ରଦର୍ଶିତ ହୋଇଛି ଯାହା ଗ୍ରାହକମାନଙ୍କୁ ୨୦ ପ୍ରତିଶତ ରିହାତି ମୂଲ୍ୟରେ ମିଳିବ। ମେଳାରେ ପ୍ରବେଶ ନିଶୁଳ୍କ ରହିଥିବା ବେଳେ ପ୍ରତ୍ୟହ ସକାଳ ସାଢ଼େ ଏଗାରଟା ରୁ ରାତ୍ର ୧୦ ଘଣ୍ଟିକା ପର୍ଯ୍ୟନ୍ତ ଚାଲିବ। ଉଭୟ ପୁରୁଷ ଓ ମହିଳାଙ୍କ ସମସ୍ତ ପ୍ରକାର କପଡ଼ା, ଡ୍ରେସ୍, ଶାଢ଼ୀ ସାମଗ୍ରୀ ସହ ଛୋଟ ପିଲାଙ୍କର ମଧ୍ୟ ଡ୍ରେସ୍ ରହିଛି। ପ୍ରମୁଖ ସାମଗ୍ରୀ ମଧ୍ୟରେ ଜୟପୁର ବେଡସିଟ୍,ବନାରସୀ ଶାଢ଼ୀ,ମିରଟ ର ଖାଦୀ ସାର୍ଟ ଲକ୍ଷ୍ନୌ କୁର୍ତ୍ତି,ଭାଗଲପୁର ଶାଢୀ,ବେଙ୍ଗଲ ଜାମଦାନୀ ଶାଢ଼ୀ, କର୍ଣ୍ଣାଟକ ସିଲ୍କ ଶାଢ଼ୀ ,ଜୟପୁରୀ ନାଇଟୀ, କାଶ୍ମୀର କୁର୍ତ୍ତି, ଗୁଜରାଟର ଚୁରନ,ଏଣ୍ଟିକ୍ ଜ୍ୱେଲେରୀ, ଇମିଟେସନ ଜ୍ୱେଲେରୀ,ପଞ୍ଜାବୀ ଜୋତା, ରାଜସ୍ଥାନର ବେଡ଼ ସିଟ୍ ସହ ଅନେକ କିଛି। ଆୟୋଜିତ ଉଦଘାଟନୀ ଉତ୍ସବରେ ଏକ୍ସପୋ ଗ୍ରୁପ୍ ର ନିର୍ଦ୍ଦେଶିକା ଲୀନା ନାୟକ ଓ ମେଳା ର ସଂଯୋଜକ ଏସକେ ଅନାର ଉପସ୍ଥିତ ଥିଲେ। ଆଗକୁ ପବିତ୍ର ରାକ୍ଷୀପୂର୍ଣ୍ଣିମା ଓ ଜନ୍ମାଷ୍ଟମୀ ଉପଲକ୍ଷେ ରାଉରକେଲା ବାସୀ ସପରିବାର ଆସି ଏହି ମେଳାର ସୁଯୋଗ ନେବା ପାଇଁ ନିର୍ଦ୍ଦେଶିକା ଲୀନା ନାୟକ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

## ଅଗ୍ନିକାଣ୍ଡରେ ୨ ଦୋକାନ ଭସ୍ମୀଭୂତ



ରାଉରକେଲା (ଓଡ଼ିଶା ଭାସ୍କର): ଝିରପାଣି ଥାନା ଅନ୍ତର୍ଗତ ଝିରପାଣି ଫୁଟବଲ ପଡ଼ିଆରେ ଲାଗିଥିବା ଏକ ମୀନା ବଜାର ମେଳାରେ ରାତିରେ ନିଆଁ ଲାଗି ପାଖାପାଖି ୨୦ଟି ଦୋକାନ ପୋଡ଼ି ଯାଇଛି। ଦୋକାନର ସମସ୍ତ ଆସବାବପତ୍ର ସଂପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବା ଜଣାପଡ଼ିଛି। ଏହି ପଡିଆ ରେ ବିଜୟ କ୍ଲବ୍ ନିୟନ୍ତ୍ରଣରେ ଥିବା ବେଳେ ସେମାନଙ୍କ ଆବଶ୍ୟକୀୟ ଅନୁମତି ସହ ଜିଲ୍ଲା ପ୍ରଶାସନ ଅନୁମତିରେ ଏହି ମୀନା ବଜାର ମେଳା ଗତ ଜୁଲାଇ ୨୦ ତାରିଖି ରୁ ଆରମ୍ଭ ହୋଇ ଚାଲୁ ରହିଥିଲା। ଗତକାଲି ରାତ୍ରି ୩ଟା ରୁ ସାଢ଼େ ତିନିଟା ମଧ୍ୟରେ ନିଆଁ ଲାଗିବା ପରେ ହଠାତ୍ ଖୁବ୍ ଜୋରରେ ଜଳିବା ଆରମ୍ଭ ହୋଇଥିଲା। ମୀନା ବଜାର ଷ୍ଟଲ୍ ରେ ଥିବା ଦୋକାନୀ ଏ ନେଇ ଦମକଳ ବାହାନିଙ୍କୁ ଖବର ଦେବାପରେ ଦମକଳ ବାହିନୀଙ୍କୁ ପହଞ୍ଚି ନିଆଁ କୁ ଆୟତ୍ତ କରିଥିଲେ। ମାତ୍ର ତା' ଭିତରେ ୨୦ଟି ଦୋକାନ ଭସ୍ମୀଭୂତ ହୋଇଥିଲା। ଏହି ଦୁର୍ଘଟଣା ରେ ଫ୍ରିଜ୍,ମାଇକ୍ରୋଓଭେନ, ସ୍କୁଟି ଭଳି ଦାମୀ ଜିନିଷ ସହ ଇମିଟେସନ ଜ୍ୱେଲେରୀ,ପାପୋଛ ଓ କାର୍ପେଟ, ବାସନକୁସନ, କପ୍ ପ୍ଲେଟ୍,ଖେଳନା, ବ୍ୟାଗ ଆଦି ଜଳି ଭସ୍ମିଭୂତ ହୋଇଯାଇଛି। ଜଳିଯାଇଥିବା ଦୋକାନୀ ମାନେ ଉଭୟ ଆର୍ଥିକ ଓ ମାନସିକ ଚାପ ରେ ଅଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ତହସିଲଦାର ଆସି ଘଟଣାସ୍ଥଳ ପରିଦର୍ଶନ ସହ କ୍ଷୟକ୍ଷତିର ଏକ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ସୌଭାଗ୍ୟ ବଶତଃ ଏହି ଦୁର୍ଘଟଣାରେ ଜନଜୀବନର କୌଣସି କ୍ଷତି ହୋଇନାହିଁ।

## ଜିଲ୍ଲାରେ ବୁଲିଲା ବଜ୍ରପାତ ସଚେତନତା ରଥ



ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ବଜ୍ରପାତରୁ ଜନସାଧାରଣଙ୍କ ସୁରକ୍ଷା ତଥା ଏ ସମ୍ବନ୍ଧୀୟ ସତର୍କତା ଅବଲମ୍ବନ ନିମନ୍ତେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ନବରଙ୍ଗପୁର ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଡଃ ମହେଶ୍ୱର ସ୍ୱାଇଁଙ୍କ ଦ୍ୱାରା ବଜ୍ରପାତ ସୁରକ୍ଷା ସମ୍ପର୍କିତ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ଏହି ରଥ ସହରାଞ୍ଚଳ ଏବଂ ଜିଲ୍ଲାର ସମସ୍ତ ପଞ୍ଚାୟତ ସମିତି, ସମସ୍ତ ଗ୍ରାମ ପଞ୍ଚାୟତ ଏବଂ ଗ୍ରାମ ଗୁଡ଼ିକ ପରିକ୍ରମା କରି ଜନସାଧାରଣଙ୍କୁ ବଜ୍ରପାତ ସମୟରେ ଉଚିତ ପଦକ୍ଷେପ ନେଇ କିପରି ନିଜେ ସୁରକ୍ଷିତ ରହି ଅନ୍ୟମାନଙ୍କୁ କିପରି ସୁରକ୍ଷିତ ରଖିପାରିବେ ଏଥି ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ପ୍ରଦାନ କରିବ। ଏହି ବଜ୍ରପାତ ସଚେତନତା ରଥ ସତର୍କତାମୂଳକ ପଦକ୍ଷେପ, ସୁରକ୍ଷା ବାର୍ତ୍ତା, ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟା କମ କରିବା ଉପରେ ସୂଚନା ପ୍ରଚାର ପ୍ରସାର କରିବ। ବିଭିନ୍ନ ଅନୁଷ୍ଠାନ ତଥା ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ମଧ୍ୟ ସକ୍ରିୟ ଅଂଶଗ୍ରହଣ କରି ଏ ସମ୍ବନ୍ଧୀୟ ଜନ ସଚେତନତା କରାଇବାକୁ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସଚେତନତା ରଥର ଶୁଭାରମ୍ଭ ସମୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ ଚନ୍ଦ୍ର ବର୍ମନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦର୍ବାନ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଜାତି ଓ ଜନଜାତି ବିଭାଗ ରାଜୀବ ଲୋଚନ ସାହୁ,ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନବରଙ୍ଗପୁର ଡ ସୁନିଲ ଖରା, ଡେପୁଟି କଲେକ୍ଟର ସମୀର ପାତ୍ର, ସହାୟକ ଜିଲ୍ଲାପାଳ (ଜରୁରୀକାଳୀନ) ହେମନ୍ତ ସୌରା, ବିନାୟକ ଖାଡଙ୍ଗା, ଶିବ ପ୍ରସାଦ ପାଢ଼ି, ଜିଲ୍ଲା ପ୍ରକଳ୍ପ ଅଧିକାରୀ, (ଜରୁରୀକାଳୀନ) ହିମାଂଶୁ ଶେଖର ପଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଘାଷିଆ ହରିଜନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ଜରୁରୀକାଳୀନ ବିଭାଗ ସେକ୍ସନ ଅଫିସର ତ୍ରିପତି ବାଲାଜି ସାହୁ, ଗଗନ ବିଷୋଇ, ହର୍ଷା ଜୈନ, ପ୍ରଶାନ୍ତ କୁମାର ତ୍ରିପାଠୀ, ଏ.ମିନା କୁମାରୀ, ରାମକୃଷ୍ଣ ପୂଜାରୀ ଅଭିନାଶ ପାତ୍ର, ଜଗନ୍ନାଥ ମହାପାତ୍ର ଙ୍କ ସହ ଜିଲ୍ଲା କାର୍ଯ୍ୟାଳୟ ସମସ୍ତ କର୍ମକର୍ତ୍ତା ତଥା ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ଲଷ୍ଟର ସ୍ତରୀୟ ମାସିକ ବୈଠକ

ବରଗଡ଼, (ଭାସ୍କର ନ୍ୟୁଜ୍): ସୋହେଲା ବ୍ଲକ୍ ଅନ୍ତର୍ଗତ କନଗାଁ କ୍ଲଷ୍ଟରର ଦ୍ୱିତୀୟ ମାସିକ ବୈଠକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଢ଼ାମାଲ ଠାରେ ଅନୁଷ୍ଠିତ ହୋଇଯାଇଛି। ସିଆରସି ସି କେଦାରନାଥ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏବିଇଓ ମନୋହର ଉଟୀ ଏବଂ ବରଗଡ଼ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷିକା ରୀମାରାଣୀ ଭୋଇ ଯୋଗଦେଇ ବିଦ୍ୟାଳୟ ପରିଦର୍ଶନ ସହ ଉପସ୍ଥିତ ପ୍ରଧାନଶିକ୍ଷକ ଓ ଏଫ ଏଲ ଏନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବିଭିନ୍ନ ଶୈକ୍ଷିକ ବିଷୟରେ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସି ଆର ସି ସି କେଦାରନାଥ ସାହୁ ସରସ୍ୱତୀଙ୍କ ଫଟୋ ଚିତ୍ରରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ତୁଷାରକାନ୍ତ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷକ ବାଳମୁକୁନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

କାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ମୋଟୁ ର ପଡୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶର କାଲେରୁ ଗ୍ରାମ ସିଲେରୁ ନଦୀ ପାର୍ଶ୍ୱ ଜଙ୍ଗଲରେ ଏକ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ପଡିରହିଥିବା ଦେଖିବାକୁ ମିଳିଛି। ସୂଚନା ଥାଉକି କାଲେରୁ ଗ୍ରାମର ଢ଼ାବା ହୋଟେଲ ପଛ ପଟ ଜଙ୍ଗଲରେ ଏକ ଶବ ପଡିରହିବା କିଛି ଅଞ୍ଚଳବାସୀ ଦେଖି ସ୍ଥାନୀୟ ଚିନ୍ତୁର ପୋଲିସକୁ ଜଣେଇଥିଲେ। ଖବର ପାଇ ଚିନ୍ତୁର ଏସ ଆଇ ଏକ ଟିମ ହୋଇ ଘଟଣା ସ୍ଥଳରେ ପହଁଞ୍ଚି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତରୁ ଜଣାପଡିଲା ଯେ ମୃତକ ବେକରେ ଗାମୁଛା ବାନ୍ଧି ଏକ ଗଛରେ ଫାଶି ଦେଇଥିଲେ। ମୃତ ବ୍ୟକ୍ତି ଗୋଲାପୀ ଟି-ସାର୍ଟ ଏବଂ ଧୂସର ରଙ୍ଗର ହାଫପ୍ୟାଣ୍ଟ ପିନ୍ଧିଥିଲେ। ତାଙ୍କ ମୁହଁ ଅତୁଳନୀୟ ଭାବରେ ପଚିଯାଇଥିଲା। ଯାହା ଫଳରେ ମୃତ ବ୍ୟକ୍ତି କିଏ ଏବଂ କେଉଁଠାର ବର୍ତ୍ତମାନ ସୁଦ୍ଧା ଜଣା ପଡ଼ିନାହିଁ। ଶବ ସଂରକ୍ଷିତ ରଖାଯାଇଛି ବୋଲି ସୂଚନା ଦେଇଛନ୍ତି ଚିନ୍ତୁର ଏସ ଆଇ। ଯଦି କେହି ମୃତ ବ୍ୟକ୍ତିଙ୍କୁ ଚିହ୍ନିପାରନ୍ତି କିମ୍ବା କାହାର ବ୍ୟକ୍ତି ନିଖୋଜ ରହିଥିବେ ତେବେ ଚିନ୍ତୁର ଥାନା କୁ ଆସି ଯୋଗାଯୋଗ କରିପାରିବେ ଏବଂ ଏସ୍ଆଇଙ୍କ ୯୧୮୨୬୦୯୫୯୬ ଫୋନ ନମ୍ବର ଠାରେ ମଧ୍ୟ ଯୋଗାଯୋଗ କରିପାରିବେ ବୋଲି କହିଛନ୍ତି ଚିନ୍ତୁର ଥାନା ଏସଆଇ।

## ମାଗଣା ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ବଣ୍ଟନ

ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ ହରିଶଙ୍କର ଛକ ଠାରେ ଶ୍ରୀ ଅନ୍ନ ଅଭିଯାନ ଓକେକେ ପିସିଏଲ ଖପ୍ରାଖୋଲ ତରଫରୁ ମାଗଣା ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧମ ରେ ମିଲେଟ ଜାତୀୟ ଖାଦ୍ୟର ପ୍ରଚାର ଓ ପ୍ରସାର କରିବାକୁ ଲକ୍ଷ୍ୟ ରଖାଯାଇଛି। ଶ୍ରାବଣ ମାସରେ ହରିଶଙ୍କର ଛକରେ ହଜାର ହଜାର କାଉଡ଼ିଆ ଏବଂ ପର୍ଯ୍ୟଟକମାନେ ଜଳାଭିଷେକ ପାଇଁ ପ୍ରତିଦିନ ଯାଉଛନ୍ତି। ଏହି ଅବସରରେ କାଉଡ଼ିଆ ଓ ପର୍ଯ୍ୟଟକମାନଙ୍କୁ ବିନା ରସୁଣ ଓ ପିଆଜରେ ପ୍ରସ୍ତୁତ ମାଣ୍ଡିଆ, ଚା ଏବଂ ପକୋଡ଼ି ବଣ୍ଟନ କରାଯାଇଥିଲା। ଏହି ଅବସରରେ ବ୍ଲକ ସଂଯୋଜକ ଉମେଶ ଗୁପ୍ତା, ଶୋଭମୟ ଦାସ, ସର୍ବେସର ଗଡ଼ତିଆ, କେକେପିସିଏଲ ସିଇଓ ଗଣେଶ ବନଛୋର, ମେଣ୍ଟାଲ ହେଲଥ ସଂଯୋଜକ ମାଧବ ଚନ୍ଦ୍ର ଖର୍ସେଲ, ଅକ୍ଷୟ ଭୋଇ, ଜୟରାମ ପାତ୍ର, ତୁଳସୀରାମ ନିଆଲ,ହେମନ୍ତ ସାହୁ, ଚୂଡ଼ାମଣି ମଲ୍ଲିକ, ସୁପ୍ରିୟା ସାହୁ, ରତ୍ନାବତି ମାଝୀ, ଭୋଜରାଜ ବରିହା,ଫକୀର ସାହୁ,ସଦାନନ୍ଦ ବାଗ,ବାସନ୍ତୀ ମୁଣ୍ଡା, ଡ଼ମ୍ବୁରୁଧର ସାହୁ,ପୁରଞ୍ଜନ ସେଠ, ଶିବା ପୁଟେଲ,ପୁରନ୍ଦର ବନଛୋର,ବିକାଶ ପଧାନ, ଦୁର୍ଯ୍ୟୋଧନ ରାୟ, ସମୀର ପାଣିଗ୍ରାହୀ, ସୁଭଦ୍ରା ମଲ୍ଲିକ ଯୋଗଦେଇ ସହଯୋଗ କରିଥିଲେ।

## ପୂର୍ବତନ ରାଜ୍ୟପାଳଙ୍କ ଦୀର୍ଘାୟୁ କାମନା କରି ଦୀପଦାନ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପୂର୍ବତନ ରାଜ୍ୟପାଳ ତଥା ଓଡିଶାର ପୂର୍ବତନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କ ୯୨ତମ ଜନ୍ମ ବାର୍ଷିକ ଉପଲକ୍ଷେ ବୁଦ୍ଧିଜୀବୀ ମଞ୍ଚ ମାଲକାନାଗିରି ଜିଲ୍ଲା ପକ୍ଷରୁ ଆରୋଗ୍ୟ କାମନା ଓ ଦୀର୍ଘାୟୁ ନିମନ୍ତେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ସାମୁହିକ ପ୍ରଦ୍ୱୀପ ପ୍ରଜ୍ୱଳନ କରାଯାଇଥିଲା। ବୁଦ୍ଧିଜୀବୀ ମଞ୍ଚର ଆବାହକ ପଞ୍ଚାନନ ଦାଶଙ୍କ ତତ୍ତ୍ୱାବଧାନ ରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ଏହାର ସଭାପତିତ୍ୱ କରିଥିଲେ ବରିଷ୍ଠ ଆଇନଜୀବୀ ଗୁରୁଚରଣ ମହାନ୍ତି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଅଶୋକ ପଟ୍ଟନାୟକ, ବରିଷ୍ଠ ଆଇନିଜୀବୀ ଦୁର୍ଗାପ୍ରସାଦ ତ୍ରିପାଠୀ, ବିଜେପି ଜିଲ୍ଲା ସଭାପତି ଅଶୋକ ପରିଡା ପ୍ରମୁଖ ଶ୍ରୀ ହରିଚନ୍ଦନଙ୍କ ଜିବନୀ ସହ ରାଜନୈତିକ ରେ କିଭଳି ସେ ଜଣେ ଦକ୍ଷ ରାଜନେତା ଥିଲେ ଏବଂ ମାଲକାନାଗିରି ଜିଲ୍ଲା ପ୍ରତି ତାଙ୍କର କିଭଳି ଅବଦାନ ଥିଲା ଏହି ବିଷୟରେ ସମସ୍ତଙ୍କୁ ନିଜ ବକ୍ତବ୍ୟ ରେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲିମେଳା ପୌରାଧକ୍ଷ ପ୍ରଦୀପ କୁମାର ନାୟକ, ମାଲକାନାଗିରି ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ମାଣିକ ଚକ୍ରବର୍ତ୍ତୀ, ମହିଳା ମୋର୍ଚ୍ଚା ସଭାନେତ୍ରୀ ବେଣୀ କାର୍ତ୍ତୁଲ୍, ଯୁବମୋର୍ଚ୍ଚା ସଭାପତି ରତନ୍ ବନିକଙ୍କ ସମେତ ବିଜେପିର ବହୁ କର୍ମୀ ଏବଂ ବୁଦ୍ଧୀଜୀବୀ ମଞ୍ଚର ବହୁ ବୁଦ୍ଧୀଜୀବୀ ଉପସ୍ଥିତ ରହି ଶ୍ରୀ ହରିଚନ୍ଦନଙ୍କର ଦିର୍ଘଆୟୁ ନିମନ୍ତେ ମହାପ୍ରଭୁ ଜଗନ୍ନାଥ ନିକଟରେ ସାମୁହିକ ପ୍ରଦ୍ୱିପ ପ୍ରଜ୍ୱଳନ କରିବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

## ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଓ ଆକାଂକ୍ଷା ହାଟ ଶୁଭାରମ୍ଭ

କୋରାପୁଟ, (ଭାସ୍କର ନ୍ୟୁଜ୍): କୋରାପୁଟସ୍ଥିତ ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଓ ଆକାଂକ୍ଷା ହାଟ ଶୁଭାରମ୍ଭ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ କୋରାପୁଟ ବିଧାୟକ ରଘୁରାମ ମାଛ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ କୋଟପାଡ ବିଧାୟକ ରୁପୁ ଭତରା, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା ଓ ଆଇଏଏସ ପ୍ରୋବେସେନାରୀ ସନ୍ତୋଷ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ୨୦୨୪ ଜୁଲାଇରୁ ସେପ୍ଟେମ୍ବରରେ ଅନୁଷ୍ଠିତ ସମ୍ପୂର୍ଣ୍ଣତା ଅଭିଯାନରେ ଆକାଂକ୍ଷା ଜିଲ୍ଲା ଓ ଆକାଂକ୍ଷା ବ୍ଲକ କାର୍ଯ୍ୟକ୍ରମ ଅଧୀନରେ ୬ମୁଖ୍ୟ କାର୍ଯ୍ୟଦକ୍ଷତା ସୂଚାକଙ୍କ ହାସଲରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲା, ବ୍ଲକସ୍ତରୀୟ ଅଧିକାରୀ, ଫ୍ରଣ୍ଟଲାଇନ କର୍ମୀ ଓ ଅନ୍ୟ ଅଂଶୀଦାରମାନଙ୍କୁ ସମ୍ମାନିତ କରାଯାଇଥିବା ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା ସୂଚନା ଦେଇଥିଲେ। ସେମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ପଦକ ପ୍ରଦାନ କରିଥିଲେ। ଅତିଥିମାନେ ସପ୍ତାହବ୍ୟାପୀ ଆକାଂକ୍ଷା ହାଟର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାର କଫି, କଳାଜୀରା ଚାଉଳ, ହଳଦୀ, ଲେମନ ଗ୍ରାସ ତେଲ, ପୁଦିନା ତେଲ, ଷ୍ଟ୍ରବେରୀ, ବାଉଁଶ ହସ୍ତଶିଳ୍ପ ଓ ଟେରାକୋଟା କଳାକୃତି ଆଦି ପ୍ରଦର୍ଶିତ କରି ବିକ୍ରି କରାଯାଇଥିଲା। ସ୍ଥାନିୟ ଉତ୍ପାଦକମାନଙ୍କ ଦ୍ୱାରା ତିଆରି ଏବଂ ଚାଷ କରାଯାଇଥିବା ଏହି ଉତ୍ପାଦନଗୁଡିକ କୋରାପୁଟର ସମୃଦ୍ଧ ସାଂସ୍କୃତିକ ଓ କୃଷି ଐତିହ୍ୟକୁ ପ୍ରତିଫଳିତ କରେ ବୋଲି ଅତିଥି କହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର ଧନ୍ୟବାଦ ଦେଇଥିଲେ।

## ବ୍ଲକ୍‌ସ୍ତରୀୟ ୨ ଦିନିଆ ଶିକ୍ଷଣ ସାମଗ୍ରୀ କର୍ମଶାଳା

ମୁରିବାହାଲ /ବଙ୍ଗୋମୁଣ୍ଡା,(ଭାସ୍କର ନ୍ୟୁଜ) ମୁରିବାହାଲ ବ୍ଲକ୍ ସ୍ତରୀୟ ଦୁଇ ଦିବସୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ପତ୍ରାପାଲି କ୍ଲଷ୍ଟର ଅନ୍ତର୍ଗତ ଡଙ୍ଗରପଡ଼ା ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅନୁଷ୍ଠିତ ହୋଇଅଛି। ଉଘାଟନୀ ଦିବସରେ ମୁରିବାହାଲ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଭୋଇ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ୧୨ ଟି କ୍ଲଷ୍ଟରର ୩୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ୪ ଜଣ କଳା ଶିକ୍ଷକ ଅଂଶଗ୍ରହଣ କରିଥିଲେ। ୪ ଜଣ ସାଧନ କର୍ମୀ ଗଣାଧିପ ଦାସ, ଅନୀଲ କୁମାର ବେହେରା, ସୁଦର୍ଶନ ବେହେରା ଏବଂ କେଶରୀ ଚନ୍ଦ୍ର ସାହୁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବିନାମୂଲ୍ୟ ଏବଂ ସ୍ୱଳ୍ପମୂଲ୍ୟର ସାମଗ୍ରୀକୁ ନେଇ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ଆହ୍ୱାନ କରିଥିଲେ। ଏଥିରେ କ୍ଲଷ୍ଟରର ସିଆରସିସି ପ୍ରମୋଦ କୁମାର କର୍ମୀ, ଗଁରେଇ ସିଆରସିସି ସତ୍ୟନାରାୟଣ ଦାସ ଏବଂ ମୁରିବାହାଲ ସିଆରସିସି ହୃଷିକେଶ ଶିକା ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଲଳିତ ମୋହନ ଭୋଇ ସଂଯୋଜନା କରିଥିଲେ।

## ଶବ ରଖି ରାସ୍ତାରୋକ

ବେଲପଡ଼ା (ଭାସ୍କର ନ୍ୟୁଜ୍) ତେଲେଙ୍ଗାନାକୁ ଦାଦନ ଖଟିଯାଇଥିବା ବେଳେ ସେଠାରେ ଦୁର୍ଘଟଣାର ଶିକାର ହୋଇ ଜଣେ ଶ୍ରମିକ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ବେଲପଡା ବ୍ଲକ ଡେବ୍ରିପାଲି ଗାଁର ସଂଜିପ କୁମ୍ଭାର। ସେ ଗତ ମାସକ ତଳେ ତେଲେଙ୍ଗାନାର ଏକ ଚିଙ୍ଗୁଡ଼ି କମ୍ପାନୀକୁ କାମ କାଟିବାକୁ ଯାଇଥିଲେ। କୌଣସି କାମ ପାଇଁ ଅଟୋରେ ସେ ଯାଉଥିବାବେଳେ ଟ୍ରକ ଧକ୍କାରେ ତାଙ୍କର ଜୀବନ ଯାଇଥିବା ପରିବାର ଲୋକ କହିଛନ୍ତି। ସୋମବାର ଆମ୍ବୁଲାନ୍ସ ଯୋଗେ ଗାଁ କୁ ଶବ ଫେରିବା ପରେ ସରକାରୀ ସହାୟତା ଦାବି କରି ପରିବାର ଲୋକ ବେଲପଡ଼ା କଲେଜ ଛକ ଠାରେ ଧୁମାଭଟା ସଇଁତଳା ରାସ୍ତାକୁ ଅବରୋଧ କରିଥିଲେ। ଏଥିପାଇଁ ଉଭୟ ପାର୍ଶ୍ୱରେ ଗାଡ଼ି ଚଳାଚଳ ଠପ୍ ହୋଇଥିଲା। ପରେ ଘଟଣାସ୍ଥଳକୁ ବେଲପଡା ତହସିଲଦାର ଅଭିଷେକ କିଷାନ,ଥାନା ଅଧିକାରୀ ଅନନ୍ତ ପ୍ରଧାନ, ପହଞ୍ଚି ବୁଝାସୁଝା କରିବା ସହ ମୃତକଙ୍କ ପରିବାରକୁ ୧୦୦୦୦ ଟଙ୍କା, ୪ ଡ଼ିସିମିଲ ଜମି ଓ ପଞ୍ଚାୟତ ତରଫରୁ ହରିଚନ୍ଦ୍ର ଯୋଜନ ସହାୟତା ଦେବାକୁ ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଥିଲେ।

## ୧୩ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିବ ବିସ୍ଥାପିତ ଜନ ସଂଗ୍ରାମ ସମିତି

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ରେଳପଥ ନିର୍ମାଣ ଲାଗି ଜମି ଅଧିଗ୍ରହଣ ଆରମ୍ଭ ହୋଇଜାଇଛି। ଜମି ଅଧିଗ୍ରହଣ ପାଇଁ ମାଥିଲି, ଖଇରପୁଟ ଓ ମାଲକାନଗିରି ବ୍ଲକ ର ୪୨ ଟି ଗ୍ରାମରେ ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭହୋଇଛି। ତେବେ ଅଧିଗ୍ରହଣ ଜମିର ଉଚିତ ମୂଲ୍ୟ ପ୍ରଦାନ କରାଯାଉ ନାହିଁ। ଏହାର ପ୍ରତିବାଦରେ ରେଳବାଇ ଜମି ଅଧିଗ୍ରହଣ ବିସ୍ଥାପିତ ଜନ ସଂଗ୍ରାମ ସମିତି ପକ୍ଷରୁ ୮ଦଫା ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଛି ସମିତି। ରେଳପଥ ନିର୍ମାଣ ଲାଗି ଜମି ଅଧିଗ୍ରହଣ ବାବଦରେ ଏକର ପିଛା ୧୦ଲକ୍ଷଟଙ୍କା କ୍ଷତି ପୂରଣ ପ୍ରଦାନ କରାଯାଉଛି ଯାହାକି ଉଚିତ ମୂଲ୍ୟ ନୁହେଁ ଏବଂ ଜମି ଅଧିଗ୍ରହଣର ଉଚିତ ମୂଲ୍ୟ ପାଇଁ ଗ୍ରାମସଭା, ପଲ୍ଲୀ ସଭାରେ ଗ୍ରାମବାସୀଙ୍କ ମତାମତ ଲୋଡ଼ା ଯାଇନାହିଁ ଏବଂ ନୂତନ ଭାବେ ସଂଶୋଧିତ ଜମି ଅଧିଗ୍ରହଣ ପୁନର୍ବାସ, ଥଇଥାନ ଆଇନ ୨୦୧୩ ମୁତାବକ ନିଆଯାଇନାହିଁ ବାସ ଗୃହ, ମୂଲ୍ୟବାନ ଗଛର ମଧ କ୍ଷୟକ୍ଷତି ହେଉଥିବା ହିତାଧିକାରୀଙ୍କୁ ମଧ ଉଚିତ ମୂଲ୍ୟ ପ୍ରଦାନ କରାଯାଉନାହିଁ। ଫଳରେ ଆଦିବାସୀଙ୍କର ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଅଧିକ କ୍ଷତି ସହିବାକୁ ପଡୁଛି ବୋଲି ରେଳପଥ ଜମି ଅଧିଗ୍ରହଣ ବିସ୍ଥାପିତ ଜନ ସଂଗ୍ରାମ ସମିତି ମାଲକାନଗିରି ଜିଲ୍ଲା ପକ୍ଷରୁ ଅଭିଯୋଗ କରାଯଇଛି ନିର୍ମାଣ ଗ୍ରାମର ହିତାଧିକାରୀ ଓ ଗ୍ରାମବାସୀ ୮ ଦଫା ଦାବିନେଇ ଅଗଷ୍ଟ ୧୩ ତାରିଖରେ ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ନେଇ ବିଭିନ୍ନ ପୋଷ୍ଟର, ଲିଫଲେଟ ଦେଖିବାକୁ ମିଳିଛି।

## ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ଗଜପତି ଷ୍ଟାଡିୟମ୍ ଠାରେ ମହା ସମାରୋହରେ ପାଳିତ ହେବ। ଚଳିତ ବର୍ଷର ସ୍ୱାଧୀନତା ଦିବସଟିକୁ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରିବା ନେଇ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀଙ୍କ ଅଧକ୍ଷତାରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା ଓ ଜିଲ୍ଲାଶିକ୍ଷା ଅଧିକାରୀ ଗଜପତି ଡ଼.ମାୟାଧର ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ଜାତୀୟ ଉତ୍ସବ ପାଳନ ଦିନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସକାଳ ୪.୩୦ ଘଟିକା ସମୟରେ ପାରଳାଖେମୁଣ୍ଡି ସହରରେ ରାମଧୂନ ପରିବେଷଣ କରାଯିବ ଓ ସକାଳ ୬ ଘଟିକା ସମୟରେ ସହରରେ ଥିବା ସମସ୍ତ ବରପୁତ୍ର ମାନଙ୍କୁ ପୁଷ୍ପ ମାଲ୍ୟାର୍ପଣ କରାଯିବା। ସମସ୍ତ ସରକାରୀ, ବେସରକାରୀ ଓ ଶିକ୍ଷା ଅନୁଷ୍ଠାନ ଗୁଡ଼ିକରେ ଉକ୍ତ ଦିନ ସକାଳ ଘ.୭.୦୦ ଘ.ସମୟରେ ଜାତୀୟ ପତାକା ଉତ୍ତୋଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସ୍ୱାଧୀନତା ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ ସେହିପରି ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପ୍ୟାରେଡ଼ରେ ଅଂଶ ଗ୍ରହଣ କରିପାରିବେ। ଏଥି ସକାଶେ ଅଗଷ୍ଟ ୧୧,୧୨, ଓ ୧୩ ତାରିଖ ଦିନ ପ୍ୟାରେଡ଼ ଅଭ୍ୟାସ ଗଜପତି ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହେବ। ଉକ୍ତ ଦିନ ସକଳ ୯.୧୫ ମିନଟ ସମୟରେ ଗଜପତି ଷ୍ଟାଡିୟମ୍ ଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରି ସମବେତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିବେ ଓ ଅଭିଭାଷଣ ପ୍ରଦାନ କରିବେ। ସେହିପରି ପ୍ୟାରେଡ୍ ପ୍ରତିଯୋଗିତାର ଶ୍ରେଷ୍ଠ ବିବେଚିତ ଦଳଙ୍କୁ ସିଲ୍ଡ ଏବଂ ଅନ୍ୟାନ୍ୟ କୃତୀତ୍ୱ ହାସଲକାରୀ ଦଳଙ୍କୁ ମେମୋରିଆଲ୍ ସିଲ୍ଡ ପ୍ରଦାନ କରାଯିବ। ଜିଲ୍ଲାର ଜାତିୟ ଓ ଅନ୍ତର୍ଜାତୀୟ ଖେଳାଳି ଓ ଚଳିତ ଦଶମ ଶ୍ରେଣୀରେ ଇ୧ ରଖିଥିବା ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯିବ। ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଉତ୍ସବରେ ପୁରସ୍କୃତ କରାଯିବ। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରକ ଅଲ୍ଲୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନୋରମା ଦେବୀ, ନିର୍ବାହୀ ଅଧିକାରୀ ପୌରପରିଷଦ ଶ୍ରୀ ଲକ୍ଷ୍ମଣ କୁମାର ମୁର୍ମୁ, ଏସ.ଆଇ ଶ୍ରୀ ଖୁସିରାମ ଭଇ,ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ,ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ବରିଷ୍ଠ ନାଗରିକ ଗୁରୁ ରଘୁନାଥ ପାତ୍ରଙ୍କ ସମେତ ସଂପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ,ସମସ୍ତ ବିଦ୍ୟାଳୟ ଓ ମହା ବିଦ୍ୟାଳୟର ଶିକ୍ଷ ଶିକ୍ଷୟତ୍ରୀ, ସମସ୍ତ ଗଣ ମାଧ୍ୟମର ପ୍ରତିନିଧିଗଣ, ବ୍ୟାଙ୍କ ଶାଖା ପରିଚାଳକ,ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଓ ବୁଦ୍ଧିଜୀବି ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

## ୫୭ ନଂ ଜାତୀୟ ରାଜପଥ ଶୋଚନୀୟ



### ଦୈନିକ ଘଟୁଛି ଦୁର୍ଘଟଣା
### ବିଭାଗ ସାଜିଛି ନିରବଦ୍ରଷ୍ଟା

ବୌଦ୍ଧ, (ଭାସ୍କର ନ୍ୟୁଜ୍): ୫୭ ନମ୍ବର ଜାତୀୟ ରାଜପଥଟି ଖୋର୍ଦ୍ଧା ଠାରୁ ବଲାଙ୍ଗୀର ପର୍ଯ୍ୟନ୍ତ ପ୍ରାୟ ଛ ଗୋଟି ଜିଲ୍ଲା ଦେଇଯାଇଛି। ହେଲେ ଏହା ଏକ ଅଭିଶପ୍ତ ରାସ୍ତା ପାଲଟିଛି। ଖୋର୍ଦ୍ଧା ଠୁ ଆରମ୍ଭ କରି ବଲାଙ୍ଗୀର ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତି ଶୋଚନୀୟ। ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ରକ୍ଷଣାବେକ୍ଷଣା ଅଭାବରୁ ଖାଲ ଖମାରେ ପରିପୂର୍ଣ୍ଣ ହୋଇଛି। ଦୈନିକ ଉକ୍ତ ରାସ୍ତା ଦେଇ ସହ ସହ ଯାନବାହାନ ଚଳ ପ୍ରଚଳ ହୋଇଥାଏ। ପ୍ରତ୍ୟେକ ଦିନ ଉକ୍ତ ରାସ୍ତାରେ ଦୁର୍ଘଟଣା ହେବା ସହିତ ଦୁର୍ଘଟଣା ଜନିତ ମୃତ୍ୟୁ ମଧ ବଢ଼ିବାରେ ଲାଗିଛି। ସେଥି ମଧ୍ୟରୁ ବୌଦ୍ଧ ଜିଲ୍ଲା ଦେଇ ଯାଇଥିବା ଖୋର୍ଦ୍ଧା ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ମାଧପୁର ଠାରୁ ବୌଦ୍ଧ ପର୍ଯ୍ୟନ୍ତ ରାସ୍ତା ର ଅବସ୍ଥା ଅତି ଶୋଚନୀୟ। ଯେଉଁ ରାସ୍ତା ଦେଇ ଦୈନିକ ପଶ୍ଚିମ ଓଡ଼ିଶାର ନେତା ମନ୍ତ୍ରୀ ଠୁ ଆରମ୍ଭ କରି ବଡ଼ ବଡ଼ ସରକାରୀ ବାବୁ ମାନେ ଯିବା ଆସିବା କରିଥାନ୍ତି। ହେଲେ ଉକ୍ତ ରାସ୍ତା ପାଇଁ କାହାର ବି ଅନୁକମ୍ପା ନାହିଁ। ରାସ୍ତାର ଯେଉଁଠି ଦେଖିବ ସେଇଠି ଖାଲ ଖମା। ଫଳରେ ଦୁର୍ଘଟଣା ଦିନକୁ ଦିନ ବୃଦ୍ଧି ପାଉଚି। ଅନ୍ୟଦିନ ଅପେକ୍ଷା ବର୍ଷା ଦିନେ ରାସ୍ତା ଅବସ୍ଥା ବେଶୀ ଦୟନୀୟ ହୋଇଥାଏ। ଖାଲ ଖମା ଯୋଗୁଁ ରାସ୍ତା ମଝିରେ ଆଣ୍ଠୁଏ ପାଣି ଜମା ହୋଇ ରହିଥାଏ। ଫଳରେ ଗାଡ଼ି ଚାଳକ ଜାଣି ନ ପାରି ଦୁର୍ଘଟଣାର ଶିକାର ହୋଇଥାଏ। ଏହି ଜାତୀୟ ରାଜପଥ ର ମାଧପୁର, ରାଣୀଗଞ୍ଜ, ଆଡ଼େନିଗଡ଼, ଚାରିଛକ, ପୁରୁଣାକଟକ, ଲୁଣିବାହାଲ, ହରେକୃଷ୍ଣପୁର, ବିରନରସିଂହପୁର, ରାଧାନଗାର ଠୁ ଆରମ୍ଭ କରି ସରସରା, ବୁଟୁପାଲି ଏବଂ ବୌଦ୍ଧ ପର୍ଯ୍ୟନ୍ତ ଏମିତି ଗୋଟିଏ ଯାଗା ନାହିଁ ଯେଉଁଠି ଦୈନିକ ରାସ୍ତା ଯୋଗୁଁ ଦୁର୍ଘଟଣା ନ ଘଟୁଛି। ଏବଂ ଦୁର୍ଘଟଣା ରେ ନିରୀହ ଜୀବନ ସବୁ ଚାଲିଯାଉଛି। ଏହି ସବୁ ଖବର ବାରମ୍ବାର ଗଣମାଧ୍ୟମ ରେ ପ୍ରକାଶିତ ହେଉଚି, ହେଲେ ବିଭାଗ ନିରଦ୍ରଷ୍ଟା। କଥାରେ ଅଛି ମତେ ଯେତେ ମାଠିବୁ ମାଠ, ମୁଁ ସେଇ ଦରପୁଡ଼ା କାଠ ନୀତି ଆପଣେଇ ଜାତୀୟ ରାଜପଥ ବିଭାଗ ହାତବାନ୍ଧି ଚୁପ ହୋଇ ବସିଛି। ଅନ୍ୟପଟେ ପ୍ରତ୍ୟକ ବର୍ଷ ପୋଲିସ ପ୍ରଶାସନ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ରାସ୍ତାର ମରାମତି,ଦୁର୍ଘଟଣା ପ୍ରବଣ ଅଞ୍ଚଳ ର ଚିହ୍ନଟ, ଆଲୋକୀକରଣ ବ୍ୟବସ୍ଥା,କିଛି ବି ହୋଇ ପାରୁନ ଥିବା ଯୋଗୁଁ ସାଧାରଣ ଜନତାଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଉଚି। କେବେ ସୁଧୁରିବ ଏ ରାସ୍ତା ର ଅବସ୍ଥା ସେଇଟାକୁ ନେଇ ବୁଦ୍ଧିଜୀବି ମହଲରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଚି। ଏ ବାବଦରେରେ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କଲେ ମଧ କୌଣସି ଉତ୍ତର ମିଳିପାରୁନାହିଁ। ତେଣୁ ଆଗାମୀ ଦିନରେ ଯଦି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଉକ୍ତ ରାସ୍ତା ସମସ୍ୟା ର ସମାଧାନ ନ କରନ୍ତି ତା ହେଲେ ଅଞ୍ଚଳ ବାସୀ ଏକତ୍ରିତ ହୋଇ ଏକ ବିରାଟ ଜନଆନ୍ଦୋଳନ ସହିତ ରାଜରାସ୍ତାକୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବନ୍ଦକରିବା ପାଇଁ ନିଷ୍ପତ୍ତି ନେଇଥିବା ଚର୍ଚ୍ଚା ହେଉଚି।

## ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା




ଖଡ଼ିଆଳ, (ଭାସ୍କର ନ୍ୟୁଜ୍): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଖଡ଼ିଆଳ ଠାରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉଦଘାଟନୀ ସଭାରେ ଧ୍ରୁବ ପାତ୍ର, ଜିଲ୍ଲା ପ୍ରମୁଖ, ନୂଆପଡ଼ା ଜିଲ୍ଲା, ଶିକ୍ଷା ବିକାଶ ସମିତି ଓଡିଶା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ ମାନଙ୍କୁ ମାର୍ଗଦର୍ଶନ କରିଥିଲେ ଠିକ୍ ସେହିପରି ସମାରୋପ କାର୍ଯ୍ୟକ୍ରମରେ ସଭାପତି ଲୋହିତାକ୍ଷ ଯୋଷୀ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ଗୌରାଙ୍ଗ କୁମାର ସାହୁ, ଉପସଭାପତି ଆଦିତ୍ୟ ମହାଉତୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧକ୍ଷ ମୀନାକ୍ଷୀ ଗହିର, ସଦସ୍ୟା ଝୁନି ଚଲାନ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିଲେ। ବିଚାରକ ଭାବରେ ସ୍ଥାନୀୟ ଅଞ୍ଚଳର ବିଜ୍ଞାନ ଶିକ୍ଷକ ବୃନ୍ଦ ଯଥାକ୍ରମେ ଅଶୋକ ବେହେରା, ସିଦ୍ଧାର୍ଥ ଦାସ, ସଙ୍ଗୀତା ବେହେରା, ଜୟଶ୍ରୀ ଦଣ୍ଡସେନା, ବିକାଶ କୁମାର ଧାକଡ, ଶଶାଙ୍କ ଶେଖର ପଣ୍ଡା ଉପସ୍ଥିତ ରହି କୁନି ବୈଜ୍ଞାନିକ ମାନଙ୍କୁ ନିରୀକ୍ଷଣ କରିଥିଲେ। ବିଜ୍ଞାନ ପ୍ରମୁଖ ରବୀନ୍ଦ୍ର ଗୁରୁଜୀ ବୃତ୍ତ କଥନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁବାଟିକା ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୫୦ ଟି ପ୍ରକଳ୍ପ, ଗଣିତ ଓ ବିଜ୍ଞାନ ପ୍ରୟୋଗ, ମୂର୍ତ୍ତିକଳା, ପତ୍ରବାଚନ, କଥା କଥନ, ସଂସ୍କୃତି ଜ୍ଞାନ, ବିଜ୍ଞାନ ଓ ଗଣିତ ପ୍ରଶ୍ନମଞ୍ଚ ଇତ୍ୟାଦି ବିଷୟରେ ବିଦ୍ୟାଳୟର ୬୯୦ ଶିଶୁ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ଉମେଶ ଚନ୍ଦ୍ର ନାୟକ ଗୁରୁଜୀ, ବିଦିଶା ମୟୀ ରାଉତ ଗୁରୁମା ଙ୍କ ସହ ବିଜ୍ଞାନ ବିଭାଗର ଏବଂ ଅନ୍ୟ ସମସ୍ତ ଗୁରୁଜୀ ଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମ ଟି ପରିଚାଳିତ ହୋଇଛି। ମାତୃଭାରତୀ ସଦସ୍ୟା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ସମସ୍ତଙ୍କ ପ୍ରଚେଷ୍ଟାରେ କାର୍ଯ୍ୟକ୍ରମଟି ସଫଳ ହୋଇପାରିଛି।



କଟକ(ଭାସ୍କର ନ୍ୟୁଜ): ରାକ୍ଷୀ ପୂର୍ଣ୍ଣିମାକୁ ଦୃଷ୍ଟିରେ ରଖି କଟକ ଜିଲ୍ଲାର ବିଭିନ୍ନ ସ୍ଥାନର ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀର ମହିଳାମାନେ ଓରମାସ ସହାୟତାରେ ଗୋବର, ତାଳପତ୍ର, ବାଉଁଶ, ସୂତା ଆଦିରୁ ପ୍ରସ୍ତୁତ କରିଥିବା ରାକ୍ଷୀ ପସରା ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଗୋବରର ସ୍ୱାସ୍ଥ୍ୟଗତ ଉପକାରିତାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରାକ୍ଷୀ ଥାଳି ବେଶ୍ ଆକର୍ଷଣୀୟ ହୋଇଛି । ସବାଇ ଘାସରେ ପ୍ରସ୍ତୁତ ଏହି ଥାଳିରେ ହଳଦୀ, କୁଙ୍କୁମ, ଅରୁଆ ଚାଉଳ, ଦୀପ ଓ ମାଣ୍ଡିଆ ବିସ୍କୁଟ ସହିତ ଗୋବରରୁ ପ୍ରସ୍ତୁତ ରାକ୍ଷୀ ଓ ସ୍ୱସ୍ତିକ ରହିଛି । ଏଥିସହ ପଟ୍ଟଚିତ୍ର, ବାଉଁଶ, ମାଳି, ମାଣିଆବନ୍ଧ, ଖଣ୍ଡୁଆ ଆଦି କପଡାରୁ ପ୍ରସ୍ତୁତ ନିଆରା ପରିବେଶ ଅନୁକୂଳ ରାକ୍ଷୀ ଆଦି ଆକର୍ଷଣୀୟ ହୋଇପାରିଛି । ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଆଜି କଟକ ଜିଲ୍ଲା ପରିଷଦ ନିକଟ ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାରଠାରେ ଏହି ସ୍ୱତନ୍ତ୍ର ରାକ୍ଷୀ ଷ୍ଟଲର ଉଦଘାଟନ କରିଛନ୍ତି । ଏହି ପଦକ୍ଷେପ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ସହ ପାରମ୍ପରିକ ସଂସ୍କୃତିକୁ ଅଗ୍ରସର କରିପାରୁଛି । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଓରମାସର ଡେପୁଟୀ ସିଇଓ ମଧୁସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଗଣଶିକ୍ଷା ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନ୍ୟାସନାଲ ପ୍ୟାରେଣ୍ଟ୍ ଫେଡେରେସନ୍ ର ସଭାପତି ଶ୍ରୀ ଭୁମୋହନ ବେବର୍ତ୍ତା ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆଜି ଗଣଶିକ୍ଷା ମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଶିକ୍ଷା ଅଧିକାର ଆଇନ୍ ଅନୁଯାୟୀ ପ୍ରତ୍ୟେକ ବର୍ଷ ନାମ ଲେଖାଉଥିବା ପିଲା ନାମ ଲେଖାଉଥିବା ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ପ୍ରତ୍ୟେକ ବର୍ଷ ନାମ ଲେଖାଇଥିବା ପିଲାଙ୍କ ସଂଖ୍ୟା ବଢୁ ଥିବାର ଦୃଷ୍ଟି କୁ ଆସୁଛି, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଯଦିଓ ଏହାର ଦାୟିତ୍ୱରେ ଅଛି, କିନ୍ତୁ ନିର୍ଦ୍ଦିଷ୍ଟ କୌଣସି ଅଧିକାରୀ ଏହାର ଦାୟିତ୍ୱରେ ନାହାନ୍ତି ଫଳରେ ଅଭିଭାବକ ବ୍ଲକ୍ ଶିକ୍ଷାଧିକାରୀ କାର୍ଯ୍ୟାଳୟ, ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ଏବଂ ଶିକ୍ଷା ନିର୍ଦ୍ଦେଶାଳୟ କୁ ଦୌଡ଼ି ହଇରାଣ ହେଉଛନ୍ତି ଏହାକୁ ଦୃଷ୍ଟିରେ ରଖି ଏକ ବରିଷ୍ଠ ଅଧିକାରୀ ଙ୍କୁ ରାଜ୍ୟ ସଂଯୋଜକ ଭାବରେ ଦାୟିତ୍ୱ ଦେଇ ଆଗାମୀ ଦିନରେ ଏହାକୁ ସୁଚାରୁ ରୂପରେ ପରିଚାଳନା କରିବା ନିମନ୍ତେ ଏକ ସ୍ମାରକପତ୍ର ଆଜି ଗଣଶିକ୍ଷା ମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ଭେଟି ପ୍ରଦାନ କରାଯାଇଥିଲା ଏବଂ ମନ୍ତ୍ରୀ ମହୋଦୟ ମଧ୍ୟ ଏହାକୁ ଗ୍ରହଣ କରି ବିଭାଗୀୟ ସଚିବଙ୍କୁ ଏ ସମ୍ପର୍କରେ ଅବଗତ କରି ତୁରନ୍ତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଲେ । ଆଜିର ପ୍ରତିନିଧି ମଣ୍ଡଳୀରେ ଫେଡେରେସନ୍ ର ବରିଷ୍ଠ ଉପଦେଷ୍ଟା ଶ୍ରୀ ନାଗାର୍ଜୁନ ସେଠୀ, ଉପସଭାପତି ଶ୍ରୀ ସ୍ୱପ୍ନେନ୍ଦୁ ସାମନ୍ତରାୟ, ଶ୍ରୀ ନିର୍ମଳ ରାଉତ ସାଧାରଣ ସଂପାଦକ ଶ୍ରୀ ରମେଶ ଭାରତୀ, ଶ୍ରୀ ସଞ୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ନାରୀ ଓ ଛାତ୍ରୀଙ୍କୁ ନ୍ୟାୟ ଦାବିରେ ବିକ୍ଷୋଭ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ନାରୀ ସୁରକ୍ଷା ପାଇଁ ଓ ହତ୍ୟାକାରୀ ସଂଗଠନ ଏବିଭିପି ବିରୋଧରେ ବିକ୍ଷୋଭ କରାଯାଇଥିଲା । ବିଧାୟକ ବ୍ୟୋମକେଶ ରାୟ ଓ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଶହ ଶହ ବିଜୁ ଯୁବ ଓ ଛାତ୍ର ଜନତା ଦଳର କାର୍ଯ୍ୟକର୍ତ୍ତା ଓ କର୍ମୀ ଯୋଗ ଦେଇଥିଲେ । ଏ ରାଜ୍ୟରେ ନାରୀମାନେ ଅସୁରକ୍ଷିତ ଥିଲାବେଳେ ଛାତ୍ରୀମାନେ କଲେଜ କ୍ୟାମ୍ପସରେ ସୁରକ୍ଷିତ ନାହାନ୍ତି । କାରଣ ବିଜେପି ସମର୍ଥିତ ଛାତ୍ର ସଂଗଠନ ଏବିଭିପି ଯେଉଁଳି ନିଜର ସଂଗଠନକୁ ବଢାଇବା ପାଇଁ ବାଲେଶ୍ୱର ଏଫଏମ୍ କଲେଜର ସୌମ୍ୟାଶ୍ରୀଙ୍କ ପେଟ୍ରୋଲ ଓ ଦିଆସିଲ ଯୋଗାଇଦେଇ ତାଙ୍କୁ ମୃତ୍ୟୁମୁଖକୁ ଠେଲି ଦେଲେ ତାହା ସମସ୍ତଙ୍କୁ ଚକିତ କରିଛି । ଏହି ଘଟଣାରେ ଆହୁରି ୧୦ଏବିଭିପିର କାର୍ଯ୍ୟକର୍ତ୍ତା ସଂପୃକ୍ତ ଅଛନ୍ତି, ସେମାନେ ଏବେ ବିଜେପି ନେତାଙ୍କ ଛତ୍ରଛାୟା ତଳେ ଲୁଚି ରହିଛନ୍ତି । ସେମାନଙ୍କୁ ତୁରନ୍ତ ଗିରଫ କରାଯାଉ । ଏହି ଘଟଣା ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ ନିର୍ଦ୍ଦେଶରେ ଏବିଭିପିର ଛାତ୍ରନେତା ସୌମ୍ୟାଶ୍ରୀଙ୍କୁ ଆତ୍ମାହୁତି ଦେବା ପାଇଁ ପ୍ରବର୍ତ୍ତାଇ ଥିଲେ । ତେଣୁ ମନ୍ତ୍ରୀଙ୍କ କଲ୍ ରେକର୍ଡ ଯାଞ୍ଚ କରାଯାଇ ତାଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଉ । ମନ୍ତ୍ରୀ ତାଙ୍କ ପଦବୀରୁ ଇସ୍ତଫା ନଦେଲେ ତଦନ୍ତ ନିରପେକ୍ଷ ବାଟରେ ଯିବ ନାହିଁ । ଏହାସହ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ବିଜୁ ଯୁବ ଓ ଛାତ୍ର ନେତାମାନେ ଦାବି କରିଥିଲେ । ସେହିଭଳି ବଳଙ୍ଗା ଘଟଣାରେ ତିନି ଜଣ ଦୁର୍ବୃତ୍ତଙ୍କୁ ଖସାଇ ଦେବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଦିଲ୍ଲୀ ଯାଇ ପୀଡିତାଙ୍କ ଉପରେ ଚାପ ପକାଇ ତାଙ୍କ ବୟାନ ବଦଳାଇବାରେ ସଫଳ ହୋଇଛନ୍ତି । ଉପମୁଖ୍ୟମନ୍ତ୍ରୀ ଜଣେ ନାରୀ ହୋଇ ଜଣେ ନାବାଳିକା ପ୍ରତି ଅତ୍ୟାଚାର କରିଥିବା ଦୁର୍ବୃତ୍ତଙ୍କୁ କେଉଁ ଉଦ୍ଦେଶ୍ୟରେ ବଞ୍ଚାଉଛନ୍ତି ତାହା ସ୍ପଷ୍ଟ କରନ୍ତୁ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ତୁରନ୍ତ ଇସ୍ତଫା ଦେବା ପାଇଁ ବିଜୁ ଯୁବ ଛାତ୍ର ନେତାମାନେ ଦାବି କରିଛନ୍ତି । ଏଥିସହ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା ।

# ଜାତୀୟ ଅଙ୍ଗଦାନ ଦିବସ ପାଳିତ




କଟକ(ଭାସ୍କର ନ୍ୟୁଜ୍): ଓଡ଼ିଶା ଜୀବନଦାନ ଅଭିଯାନ କଟକ ଶାଖା ପକ୍ଷରୁ ଜାତୀୟ ଅଙ୍ଗଦାନ ଦିବସ ପାଳନ କରାଯାଇଛି । ଏହି ଅବସରରେ ଏକ ସଚେତନତା ସଭା ଆୟୋଜନ କରାଯାଇ ଅଙ୍ଗଦାନ ମହାନ ଦାନ ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ବକ୍ତାମାନେ ଗୁରୁତ୍ୱ ଆରୋପ କରିଥିଲେ । ଏହି ସଭାରେ ଦେବେନ୍ଦ୍ର ସୁତାର, ଡ଼ ହେମନ୍ତ କୁମାର ପରିଡା, ବିଜୟ ଓଝା, ଶ୍ୟାମ ସୁନ୍ଦର ମହାନ୍ତି, କୁଞ୍ଜ ବିହାରି ପଣ୍ଡା, ଲମ୍ବୋଦର ମହାରଣା, ରମେଶ ଚନ୍ଦ୍ର ସାହୁ, ଅରୁଣ କୁମାର ତରାଇ, ଦେବାନନ୍ଦ ଦଳବେହେରା, ନରେନ୍ଦ୍ର କୁମାର ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ମୃତ୍ୟୁ ପରେ ଶରୀର ଦାନ କରିବାକୁ ଘୋଷଣାପତ୍ର ପ୍ରଦାନ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

WORKS DEPARTMENT
OFFICE OF THE SUPERINTENDING ENGINEER,
RAIRANGPUR (R&B), DIVISION
e-mail: - eerbrairangpur@yahoo.co.in
Government of Odisha "e" Procurement Notice

B-359

Bid Identification No.SE 15 OF 2025-26

1. Nature of work:- Bridge & Road Work
2. Number of works: 2 ( Two )
3. Amount put to Tender: - Rs. 45,54,600.00 to Rs. 34,41,000.00
4. Class of Contractor: B Class for Sl No.1, C & B class for Sl No.2
5. Date & Time of availability of bid document in the portal: - Dt. 08.08.2025 at 10:00 AM
6. Last Date / Time of receipt of bid in the portal: - Dt. 16.08.2025 up to 04:00 PM
7. Date of opening of bid : - Dt. 18.08.2025 at 11:00 AM
8. Name & address of the Office inviting bid: - Superintending Engineer, Rairangpur (R&B)Division
9. The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in." All future corrigendum will be available on ONLINE mode only.

Sd/-Superintending Engineer
Rairangpur (R&B) Division

OIPR 34041/11/0013/2526

# ଦେବୀ ପ୍ରସନ୍ନ ପଟ୍ଟନାୟକ ପାଇବେ ଗଙ୍ଗାଧର ମେହେର ସମ୍ମାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗଙ୍ଗାଧର ମେହେର ଜୟନ୍ତୀ ପାଳନ ପାଇଁ ସ୍ଥାନୀୟ ବୁଦ୍ଧ ମନ୍ଦିର ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଗଙ୍ଗାଧର ମେହେର ପ୍ରତିଷ୍ଠାନର ଅଧକ୍ଷ ମିହିର ମେହେର ଅଧକ୍ଷତା କରିଥିବା ବେଳେ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଥିଲା ଯେ, ଚଳିତ ବର୍ଷର ସମ୍ମାନ ଜନକ ଗଙ୍ଗାଧର ମେହେର ସମ୍ମାନ ବରିଷ୍ଠ ତଥା ବିଶିଷ୍ଟ ଭାଷାବିତ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ ପ୍ରଦାନ କରାଯିବ । ସେହିଭଳି ଗଙ୍ଗାଧର ମେହେର ପ୍ରତିଭା ସମ୍ମାନ ଡ. ସୁଜିତ କୁମାର କୃଷେଠଙ୍କୁ ପ୍ରଦାନ କରାଯିବ । ଆସନ୍ତା ୯ ତାରିଖ ଶନିବାର ସଂନ୍ଧ୍ୟା ୬ ଟା ସମୟରେ ବୁଦ୍ଧ ମନ୍ଦିର ସଭାଗୃହରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ । ଏହି ବୈଠକରେ ଗଙ୍ଗାଧର ମେହେର ସ୍ମୃତି କମିଟିର ସମ୍ପାଦକ ତଥା ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମାଙ୍କ ସହିତ ଗଙ୍ଗାଧର ମେହେର ପ୍ରତିଷ୍ଠାନ, ଉତ୍କଳ ସମ୍ମିଳନୀ, ପଶ୍ଚିମ ଓଡିଶା ଅଗ୍ରଣୀ ଅନୁଷ୍ଠାନ, ବରଗଡଅ ଭୁବନେଶ୍ୱର, ଭୁବନେଶ୍ୱର ମେହେର ଭୁଲିଆ ସମାଜ ଓ ଇଣ୍ଟରନ୍ୟାସନାଲ୍ ଥିଏଟର ପକ୍ଷରୁ ସୁଶାନ୍ତ କୁମାର ପ୍ରଧାନ, ଲୋକେଶ କୁମାର ଜଗତ, ବଳିଷ୍ଠ ରାଉତ, ଆଶୁତୋଷ ମେହେର, ପଙ୍କଜ ମେହେର, ଗାନ୍ଧୀ ଦୋରା ଓ ତରଣୀ ସେନ ସାହୁ ଆଦି ଯୋଗ ଦେଇଥିଲେ ।

# କଂଗ୍ରେସରେ ଯୋଗଦେଲେ ମୟୂରଭଞ୍ଜର ଶତାଧିକ କର୍ମକର୍ତ୍ତା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୟୁରଭଞ୍ଜ ଜିଲ୍ଲା କଂଗ୍ରେସର ସଂଯୋଜକ(ପୂର୍ବ) ଅରବିନ୍ଦ ଦାସ ଓ ସଂଯୋଜକ(ପଶ୍ଚିମ) ଭୁବନ ବିହାରୀ ସାହୁଙ୍କ ନେତୃତ୍ୱରେ ସୋମବାର କଂଗ୍ରେସ ଭବନଠାରେ ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି । ଜେଏମଏମ ବିଧାୟକ ପାର୍ଥୀ ବିଷ୍ଣୁ ସିଂ, ଜେଏମଏମ ଜିଲ୍ଲା ପରିଷଦ ପାର୍ଥୀ ଦେବେନ୍ଦ୍ର ସିଂଙ୍କ ସମେତ ମୟୂରଭଞ୍ଜ ଜିଲ୍ଲାର ଜେଏମଏମ, ବିଜେଡି, ବିଜେପି ଦଳର ଶତାଧିକ କର୍ମୀ ଦଳ ପରିତ୍ୟାଗ କରି କଂଗ୍ରେସ ଦଳରେ ବିଧିବଦ୍ଧ ଭାବେ ଯୋଗଦାନ କରିଛନ୍ତି । ମିଡ଼ିଆ ସେଲ ଅଧକ୍ଷ ଅରବିନ୍ଦ ଦାସଙ୍କ ସଂଯୋଜନାରେ ଏବଂ ପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ପିସିସି କୋଷାଧକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାଶ,ମୁଖପାତ୍ର ମନୀଷା ଦାସ ପଟ୍ଟନାୟକ ପ୍ରମୁଖ ନେତୃବୃନ୍ଦଙ୍କ ଉପସ୍ଥିତିରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇଥିବା ନେତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ । ସଭା ପ୍ରାରମ୍ଭରେ ପିସିସି ସଭାପତି ଶ୍ରୀ ଦାସ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭାରତର ବରପୁତ୍ର ବିର୍ସା ମୁଣ୍ଡାଙ୍କ ପ୍ରତିକୃତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ । ଏହି ଅବସରରେ ବିଶିଷ୍ଟ ଆଦିବାସୀ ନେତା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କ ବିୟୋଗରେ ତାଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟର ନୀରବ ପ୍ରାର୍ଥନା କରାଯାଇ ଏବଂ ତାଙ୍କର ଶ୍ରୁତିଚାରଣ କରାଯାଇଥିଲା ।

# ସିବିଏସ୍ଇ ଜୋନ୍ ଟାଇକୋଣ୍ଡ ଟୁର୍ଣ୍ଣାମେଣ୍ଟରେ କିଟ୍‌ର ସଫଳତା




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗତମାସ ୨୪ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ମେଘାଳୟ ରାଜଧାନୀ ସିଲଂର ବିଡିଡବ୍ଲୁ ଇଣ୍ଟରନ୍ୟାସନାଲ ସ୍କୁଲରେ ଆୟୋଜିତ ସିବିଏସଇ ଜୋନ୍ ଟାଇକୋଣ୍ଡ ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱର କିଟ୍‌ର ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି । ଏଥିରେ ଶିବାଂଶି ଶତପଥୀ ରୌପ୍ୟ ପଦକ ହାସଲ କରିଥିବାବେଳେ ସିଦ୍ଧାନ୍ତ ସିଂଘଲ ବ୍ରୋଞ୍ଜ ଏବଂ ଜାନ୍‌ଭୀ ପାତ୍ର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏହି ସଫଳତା ପାଇଁ କିଟ୍ କର୍ତ୍ତୃପକ୍ଷ ସେମାନଙ୍କୁ ପ୍ରଶଂସା କରିଛନ୍ତି ।

ପୌରପରିଷଦ କାର୍ଯ୍ୟାଳୟ : ଜୟପୁର
OFFICE OF THE MUNICIPAL COUNCIL: JEYPORE
C-806
Main Road, Jeypore Dist. Koraput, Odisha Phone No. 06854-231098e-Mail :ulbjeypore@gmail.com
Letter No. 3406 /JM Date: 02.08.2025

ଜୟପୁର ପୌରପାଳିକା ଅଧିନସ୍ଥ ବିଭିନ୍ନ ୱାର୍ଡରେ ନିର୍ମାଣ କରାଯାଇଥିବା ପାର୍କ ଗୁଡିକର ରକ୍ଷଣା ବେକ୍ଷଣ ନିମନ୍ତେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠି / ଯୁବ ଗୋଷ୍ଠି ମାନଙ୍କ ଠାରୁ ଇଚ୍ଛା ପତ୍ର ଆହ୍ୱାନ ।

ଜୟପୁର ପୌରସଂସ୍ଥା ଦ୍ୱାରା ବିଭିନ୍ନ ୱାର୍ଡରେ ନିର୍ମାଣ କରାଯାଇଥିବା ପାର୍କ ଗୁଡିକର ରକ୍ଷଣା ବେକ୍ଷଣ ଓ ପରିଚାଳନା ପାଇଁ ଜୟପୁର ପୌରସଂସ୍ଥାରେ ପଞ୍ଜିକୃତ ସ୍ୱୟଂ ସହାୟିକା ଗୋଷ୍ଠି / ଯୁବ ଗୋଷ୍ଠି ମାନଙ୍କ ଠାରୁ ଇଚ୍ଛା ପତ୍ର ଆହ୍ୱାନ କରାଯାଉଛି । ଇଚ୍ଛୁକ ଗୋଷ୍ଠି ନିମ୍ନରେ ଦର୍ଶାଯାଇଥିବା ସର୍ତ୍ତାବଳି ଆଧାରରେ ସେମାନଙ୍କ ଇଚ୍ଛା ପତ୍ର 04.08.2025 ଠାରୁ 16.08.2025 ତାରିଖ ଅପରାହ୍ନ ୩.୦୦ ଘଣ୍ଟାମଧ୍ୟରେ, କେବଳ କାର୍ଯ୍ୟ ଦିବସରେ, ଦାଖଲ କରିପାରିବେ । କାର୍ଯ୍ୟାଳୟରେ ରଖା ଯାଇଥିବା ଟେଣ୍ଡର ବକ୍ସରେ ପକାଇବେ । ପ୍ରାପ୍ତ ହୋଇଥିବା ସମସ୍ତ ଇଚ୍ଛାପତ୍ର 18.08.2025 ତାରିଖ ଅପରାହ୍ନ ୪.୦୦ ଘଣ୍ଟା ସମୟରେ ସଂପୃକ୍ତ ଗୋଷ୍ଠିର ସଭାପତି / ସମ୍ପାଦକ କିମ୍ବା ତାଙ୍କ ଦ୍ୱାରା ଅଧିକୃତ କୌଣସି ସଭ୍ୟାଙ୍କ ଉପସ୍ଥିତିରେ ଖୋଲା ଯିବ ।

୧) ପାର୍କ ଯେଉଁ ୱାର୍ଡ ରେ ଅବସ୍ଥିତ କେବଳ ସେହି ୱାର୍ଡର ମହିଳା ସ୍ୱୟଂ ସହାୟିକା ଗୋଷ୍ଠି / ଯୁବ ଗୋଷ୍ଠି ଗୁଡିକୁ ହିଁ ପ୍ରାଧାନ୍ୟ ଦିଆଯିବ ।
୨) ପାର୍କ ପରିଚାଳନା ନିମନ୍ତେ ପୌରସଂସ୍ଥା ଦ୍ୱାରା କୌଣସି ଦେୟ ଦିଆଯିବ ନାହିଁ । ଚୟନ ହୋଇଥିବା ଗୋଷ୍ଠି ବିଭିନ୍ନ କାର୍ଯ୍ୟକ୍ରମ ଯଥା ଜନ୍ମ ଦିବସ ପାଳନ, ଭୋଜି ଆୟୋଜନ, ସଭା ଇତ୍ୟାଦି ଆୟୋଜନ କରାଇବେ ଏବଂ ସେଥିରୁ ଯାହା ଅର୍ଥ ପ୍ରାପ୍ତ ହେବ ସେଥିରେ ପାର୍କର ରକ୍ଷଣା ବେକ୍ଷଣ କରିବେ ।
୩) ଏଥି ସହ ୱାର୍ଡ ୱାରି ପାର୍କ ର ବିବରଣୀ ପ୍ରଦାନ କରାଗଲା
୪) ଗୋଷ୍ଠିର ପ୍ୟାନ କାର୍ଡ ସଂଲଗ୍ନ କରିବେ ।
୫) ଇଚ୍ଛାପତ୍ର ବନ୍ଦ ଲଫାପାରେ .................................... ପାର୍କ ପାଇଁ ଇଚ୍ଛାପତ୍ର ଲେଖି ଆବଶ୍ୟକୀୟ ଦସ୍ତାବିଜ ସହ ନିର୍ଦ୍ଧିତ ତାରିଖ ସୁଦ୍ଧା ଦାଖଲ କରିବେ
୬) ଅଧିକ ତଥ୍ୟ ପାଇଁ ଜୟପୁର ପୌର କାର୍ଯ୍ୟାଳୟର ସଂପୃକ୍ତ ଅଧିକାରୀଙ୍କ ସହ ଯୋଗା ଯୋଗ କରିପାରିବେ ।

ସ୍ୱା/-ନିର୍ବାହୀ ଅଧିକାରୀ
ଜୟପୁର ପୌରପରିଷଦ

OIPR 13079/11/0054/2526

# ଆଦିବାସୀ ସମାଜର ଉନ୍ନତି ପାଇଁ ଶିବୁଙ୍କ ଅବଦାନ ସ୍ମରଣୀୟ: ଭକ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କ ବିୟୋଗରେ ପିସିସି ସଭାପତି ଭକ୍ତ ଚରଣ ଦାସ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ଶୋକ ବାର୍ତାରେ ପିସିସି ସଭାପତି କହିଛନ୍ତି ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ, ଝାଡ଼ଖଣ୍ଡ ଆନ୍ଦୋଳନର ଜନନାୟକ ଓ ଆଦିବାସୀ ସମାଜର ସ୍ୱର, ଦିଶୋମ ଗୁରୁ ଶିବୁ ସୋରେନଙ୍କ ବିୟୋଗ ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ । ଝାଡ଼ଖଣ୍ଡ ଆନ୍ଦୋଳନ ସମୟରେ ଗୁରୁଜୀଙ୍କ ସହ କାର୍ଯ୍ୟ କରିବାର ସୁଯୋଗ ମିଳିଥିଲା । ସଂସଦରେ ମଧ୍ୟ ତାଙ୍କ ମାର୍ଗଦର୍ଶନ ପ୍ରାପ୍ତ ହୋଇଥିଲା । ନିୟମଗିରି ଆନ୍ଦୋଳନ ସମୟରେ ମୋ ଅନୁରୋଧ ରକ୍ଷା କରି ଗୁରୁ ଶିବୁ ସୋରେନ ଭୁବନେଶ୍ୱର ଆସିଥିଲେ ଓ ଆମକୁ ସହଯୋଗ କରିଥିଲେ । ଦିବଙ୍ଗତ ଆତ୍ମାଙ୍କ ସଦଗତି ନିମନ୍ତେ ପ୍ରାର୍ଥନା କରିବା ସହ ପରିବାର ଓ ଅନୁଗାମୀ ମାନଙ୍କୁ ମୋର ସମବେଦନା ଜଣାଉଛି । ଝାଡ଼ଖଣ୍ଡ ଆନ୍ଦୋଳନ ଏବଂ ଆଦିବାସୀ ସମାଜର ଉନ୍ନତି ପାଇଁ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ରହିବ ।

AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated: 04.08.2025, I Suresh Chandra Jena, Address: Flat No-6, Roshon-Sevens Heavens, Haridaspur, Naharkanta, Pahal, Balianta, Dist-Khordha, PIN-752101, declare that I have changed my son's name from Samarth Kumar Jena to Samartha Kumar Jena. Henceforth, He shall be known as Samartha Kumar Jena for all purposes.

Sd/- Suresh Chandra Jena

AFFIDAVIT

By virtue of an affidavit sworn before the Executive Magistrate, Jajpur, dated: 25.07.2025, I Swarnaprava Sahoo, Address: village-Badakainehi, Po-Madhubanhat, Ps-Kuakhia, dist- Jajpur, Odisha, PIN-755009, declare that I have changed my name from Swarnalata sahu to Swarnaprava Sahoo. Henceforth, I shall be known as Swarnaprava Sahoo for all purposes.

Sd/-Swarnaprava Sahoo

ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ରାଉରକେଲା
OFFICE OF THE DIVISIONAL FOREST OFFICER CUM WILDLIFE WARDEN
ROURKELA FOREST DIVISION, ROURKELA, SUNDARGARH, ODISHA
Phone No. 0661-2664637, Fax No. 0661-2664638, e mail- dfo.rourkela@odisha.gov.in
NOTICE NO. 201 / DATE.02.08.2025
MM-148

TENDER CALL NOTICE FOR "SUPPLY OF HDPE HEXA NET GABION OF SIZE ((HEIGHT 5 FT. WITH 2 FT. DIAMETER (TUBULAR IN SHAPE) OF 500 GSM)"

Sealed tenders are invited under Two-Bid system from reputed Manufacturer, Suppliers, Dealers and & Individuals for "SUPPLY OF HDPE HEXA NET GABION OF SIZE (HEIGHT 5FT. WITH 2FT. DIAMETER (TUBULAR IN SHAPE) OF 500 GSM" to Rourkela Forest Division on terms & Conditions mentioned in the standard bid documents. The standard bid documents and terms & condition can be downloaded from www.dforourkela.in/ www.sundargarh.odisha.gov.in / www. Odishaforest.in and also can be obtained from Office of the Divisional Forest Officer, Rourkela Forest Division, Panposh from 04.08.2025 to 14.08.2025 to during office hours. Please visit aforesaid website for more details.

Tender inviting authority reserves the right of accepting or rejecting one or more tender offer(s) or cancelling the tender without assigning any reason thereof.

Sd/-
(Tender calling authority)
Divisional Forest Officer,
Rourkela Forest Division.

OIPR 08044/11/0034/2526

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରକୃତ ଭାରତୀୟ...

ନେତା ହୋଇପାରିବେ ନାହିଁ । ଜଷ୍ଟିସ ଦତ୍ତା ଏହାର ଉତ୍ତରରେ କହିଥିଲେ, ଆପଣ ସଂସଦରେ ଯାହା କହିବାକୁ ଚାହୁଁଛନ୍ତି ତାହା କାହିଁକି କହୁନାହାନ୍ତି । ସୋସିଆଲ ମିଡିଆ ପୋଷ୍ଟରେ ଆପଣଙ୍କୁ ଏହା କାହିଁକି କହିବାକୁ ପଡ଼ିବ । ରାହୁଲଙ୍କ ମନ୍ତବ୍ୟ ସହିତ ଅସହମତି ପ୍ରକାଶ କରି ଜଷ୍ଟିସ ଦତ୍ତା କହିଥିଲେ, ଆପଣ କୌଣସି ପ୍ରମାଣ ବିନା ଏଭଳି ବୟାନ ଦେବା ଉଚିତ ନୁହେଁ । ବିନା ପ୍ରମାଣରେ କାହିଁକି ଆପଣ ଏଭଳି ବୟାନ ଦେଉଛନ୍ତି । ସୂଚନାଯୋଗ୍ୟ ଯେ ୨୦୨୩ ଭାରତଯୋଡ଼ ଯାତ୍ରା ସମୟରେ ରାହୁଲ କହିଥିଲେ ଯେ ଜଣେ ପୂର୍ବତନ ସେନା ଅଧିକାରୀ ତାଙ୍କୁ କହିଛନ୍ତି ଚୀନ୍ ୨୦୦୦ ବର୍ଗ କିଲୋମିଟର ଭାରତୀୟ ଅଞ୍ଚଳକୁ ଦଖଲ କରିଛି । ତାଙ୍କ ବିବୃତି ସେତେବେଳେ ହଇଚଇ ସୃଷ୍ଟି କରିଥିଲା ଓ ତାଙ୍କ ବିରୁଦ୍ଧରେ ମାନହାନି ମାମଲା ରୁଜୁ ହୋଇଥିଲା । ତେବେ ଏହାକୁ ଚାଲେଞ୍ଜ କରି ସେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ ।

### ସିରିଜ୍ ୨-୨ରେ...

ଶେଷ ମୁହୂର୍ତ୍ତରେ ଗସ୍ ଆଟକିନସନ ୧୭ ଓ ଆହତ କ୍ରିସ୍ ୱକ୍ସ କ୍ରିଜ୍‌ରେ ଥାଇ ଇଂଲଣ୍ଡକୁ ୩୬୭/୯ରେ ପହଞ୍ଚାଇଥିଲେ । ସେତେବେଳେ ଆଉମାତ୍ର ୭ ରନ୍‌ର ଆବଶ୍ୟକତା ଥିଲା । ତେବେ ସିରାଜ ଆଟକିନସନଙ୍କୁ ଆଉଟ କରି ୬ ରନରେ ଭାରତକୁ ବିଜୟୀ କରାଇଥିଲେ ।

### ୧୧ସୂତ୍ରୀ...

ଭେରିଫିକେସନ କରାଇବାକୁ ପଡ଼ିବ । କାର୍ଯ୍ୟସ୍ଥଳରେ ଶୌଚାଳୟ, ୱାଶରୁମ୍ ଓ ପାନୀୟଜଳର ଉପଯୁକ୍ତ ବ୍ୟବସ୍ଥା ସହ ସିସିଟିଭି କ୍ୟାମେରା ଓ ଯଥେଷ୍ଟ ଆଲୋକ ବ୍ୟବସ୍ଥା ରଖାଯିବା ଜରୁରି । କାର୍ଯ୍ୟସ୍ଥଳ ଓ ପରିବହନ ଗାଡ଼ିରେ ମହିଳା ହେଲ୍‌ପଲାଇନ ନମ୍ବର (୧୮୧) ଓ ଶ୍ରମ ବିଭାଗର ହେଲପଲାଇନ ନମ୍ବର (୧୮୦୦ ୩୪୫୬୭୦୩) ପ୍ରମୁଖ ଭାବେ ପ୍ରଦର୍ଶନ କରାଯିବ । କୌଣସି କିଶୋର କିଶୋରୀଙ୍କୁ ରାତିରେ କୌଣସି ପ୍ରତିଷ୍ଠାନରେ କାମ କରିବାକୁ ଅନୁମତି ଦିଆଯିବ ନାହିଁ । ଏହି ସର୍ତ୍ତଗୁଡ଼ିକ ପାଳନ ନ କଲେ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ-୧୯୫୬ର ଧାରା ୩୫ ଅନୁଯାୟୀ ଜରିମାନା ଲାଗୁ କରାଯିବ । ସୂଚନାଯୋଗ୍ୟ ଯେ ଏଫଏମ୍ କଲେଜ ଛାତ୍ରୀ ଆତ୍ମଦାହ ଘଟଣା ପରେ ଓଡ଼ିଶା ସରକାର ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟରେ ମହିଳାଙ୍କ ସୁରକ୍ଷା ନିମନ୍ତେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ ବାଧ୍ୟତାମୂଳକ କରିଥିଲେ ।

### ଶିବୁ ସୋରେନଙ୍କ...

୨୦୦୪ରେ ସେ ଡୁମ୍‌କା ଲୋକସଭା ଆସନରୁ ସାଂସଦ ହୋଇଥିଲେ । ସେ ୮ଥର ଲୋକସଭା ଓ ୩ଥର ରାଜ୍ୟସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହସ୍ପିଟାଲ ଯାଇ ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଓ ପୁଅ ହେମନ୍ତଙ୍କୁ ସମବେଦନା ଜଣାଇଥିଲେ । ସେହିପରି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ତାଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରି କହିଛନ୍ତି ଯେ ସେ ସମାଜର ଦୁର୍ବଳଶ୍ରେଣୀର ଲୋକଙ୍କ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ସେହିପରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିବୁ ସୋରେନଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହ ସମବେଦନା ଜଣାଇଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଓଡ଼ିଶାର ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଶୋକ ପ୍ରକାଶ କରିଛନ୍ତି ।

### ଜନ୍ମମାଟିରେ...

ବାରଣ କରାଯାଇଥିଲା । ଏଥିନେଇ ପୋଲିସ ପକ୍ଷରୁ ସୁରକ୍ଷାକୁ କଡ଼ାକଡ଼ି କରାଯାଇଥିଲା । ତେବେ ଘଟଣାସ୍ଥଳରେ ହଜାର ହଜାର ଲୋକ ରୁଣ୍ଡ ହୋଇଥିବାବେଳେ ସେଠାରେ ଘଟଣାର ପ୍ରତ୍ୟକ୍ଷଦର୍ଶୀ ଦୁଃଖିଶ୍ୟାମ ସେନାପତିଙ୍କୁ ଦେଖିବାକୁ ମିଳିନଥିଲା । ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସୂଚନାଯୋଗ୍ୟ ଯେ ଗତମାସ ୧୯ ତାରିଖରେ ପୀଡ଼ିତା ଜଣକ ଘରୁ ସାଇକେଲରେ ଜଣେ ସାଙ୍ଗଙ୍କ ଘରକୁ ଯାଉଥିବାବେଳେ ରାସ୍ତାରେ ୩ଜଣ ତାଙ୍କୁ ଅପହରଣ କରିନେଇ ନଦୀପଠାରେ କିରାସିନି ଢାଳି ନିଆଁ ଲଗାଇଥିବାର ଅଭିଯୋଗ ହୋଇଥିଲା । ଗୁରୁତର ଅବସ୍ଥାରେ ପୀଡ଼ିତାଙ୍କୁ ପ୍ରଥମେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା । ତେବେ ଉତ୍ତମମାନର ଚିକିତ୍ସା ଯୋଗାଇ ଦେବାପାଇଁ ତା ପରଦିନ ଅର୍ଥାତ ୨୦ ତାରିଖରେ ପୀଡ଼ିତାଙ୍କୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଥିଲା । ସେଠାରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା ଜାରି ରଖିଥିଲେ । ଏପରିକି ତାଙ୍କ ପୋଡ଼ି ଯାଇଥିବା ସ୍ଥାନରେ ୩ଥର ଅସ୍ତ୍ରୋପଚାର କରାଯାଇଥିଲା । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଜେଡିର ଏକ ଟିମ୍ ମଧ୍ୟ ଏମ୍ସ ଯାଇ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ । ଏପରିକି ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରୁଥିବା ନେଇ କୁହାଯାଇଥିଲା । କିନ୍ତୁ ଶନିବାର ସନ୍ଧ୍ୟାରେ ପୀଡ଼ିତାଙ୍କର ପରଲୋକ ଘଟିଥିଲା । ଏହାପରେ ତାଙ୍କ ମରଶରୀରକୁ ଏମ୍ସରେ ବ୍ୟବଚ୍ଛେଦ କରାଯାଇ ବିମାନରେ ଭୁବନେଶ୍ୱର ଅଣାଯାଇଥିଲା । ଏହି ଘଟଣା ଏବେ ଚର୍ଚ୍ଚାରେ ରହିଥିବାବେଳେ ଆସନ୍ତା ୭ ତାରିଖରେ ବିଜେଡି ୬ ଘଣ୍ଟିଆ ପୁରୀଜିଲ୍ଲା ବନ୍ଦ ଡାକରା ଦେଇଛି । ପୁରୀ ସମେତ ନିମାପଡ଼ା, ପିପିଲି, କଣାସ, ସତ୍ୟବାଦୀ, ବ୍ରହ୍ମଗିରି, ସାତପଡ଼ା, ଅସ୍ତରଙ୍ଗ, କାକଟପୁର ଓ କୋଣାର୍କରେ ବନ୍ଦ ପାଳନ କରାଯିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି । ପୀଡ଼ିତାଙ୍କ ଘଟଣାକୁ ଚପାଇ ଦେବାପାଇଁ ଷଡ଼ଯନ୍ତ୍ର କରାଯାଇଥିବା ବିଜେଡି ଅଭିଯୋଗ ଆଣିଛି । ଯାହାକୁ ନେଇ ନିମାପଡ଼ାରେ ରାଜନୈତିକ ପାଣିପାଗ ସରଗରମ ହୋଇଉଠିଛି ।

ଫର୍ମ -ବି
ସର୍ବସାଧାରଣ ଘୋଷଣା
(ଇନସଲଭାନ୍ସି ଆଣ୍ଡ ବ୍ୟାଙ୍କରପ୍ସି ବୋର୍ଡ ଅଫ୍ ଇଣ୍ଡିଆର ଧାରା ୧୨ ରେଗୁଲେସନ ୨୦୧୬ ଅନୁଯାୟୀ (ଲିକ୍ୟୁଡେସନ ପ୍ରସେସ୍)

ପିଲେଟେକ୍ ଇନ୍‌ଫ୍ରା ପ୍ରାଇଭେଟ ଲିମିଟେଡର ଷ୍ଟେକ ହୋଲଡରଙ୍କ ଅବଗତି ନିମନ୍ତେ

| କ୍ର.ନଂ | ବିବରଣୀ | ସମ୍ପୂର୍ଣ୍ଣ ବିବରଣୀ |
|---|---|---|
| ୧. | କର୍ପୋରେଟ୍ ଋଣଗ୍ରହୀତାଙ୍କ ନାମ | ପିଲେଟେକ୍ ଇନଫ୍ରା ପ୍ରାଇଭେଟ୍ ଲିମିଟେଡ୍ |
| ୨. | କର୍ପୋରେଟ୍ ଋଣଗ୍ରହୀତାଙ୍କ ଇନକର୍ପୋରେସନ ତାରିଖ | ୦୪.୦୭.୨୦୧୬ |
| ୩. | ଅଧିକାରୀ ଯାହା ଅଧୀନରେ କର୍ପୋରେଟ୍ ଋଣଗ୍ରହୀତା ଇନକର୍ପୋରେଟେଡ୍/ରେଜିଷ୍ଟର୍ଡ ହୋଇଛନ୍ତି | ଆରଓସି-ମୁମ୍ବାଇ |
| ୪. | କର୍ପୋରେଟ୍ ଋଣଗ୍ରହୀତାଙ୍କ କର୍ପୋରେଟ୍ ଆଇଡିଣ୍ଟି ନମ୍ବର/ଲିମିଟେଡ୍ ଲାଏବିଲିଟି ଆଇଡେଣ୍ଟିଫିକେସନ ନଂ | ୟୁ୪୫୩୦୯ଏମଏଚ୍୨୦୧୬ପିଟିସି୨୮୩୨୦୮ |
| ୫. | କର୍ପୋରେଟ୍ ଋଣଗ୍ରହୀତାଙ୍କ ପଞ୍ଜିକୃତ କାର୍ଯ୍ୟାଳୟ ଏବଂ ମୁଖ୍ୟ କାର୍ଯ୍ୟାଳୟ (ଯଦି ଥାଏ)ର ଠିକଣା | ୧୦୬,ସିଟିଏସ୍ ୧୬୨୨, ୱିଲିଂଟନ ବିଜିନେସ ପାର୍କ, ଏକେ ରୋଡ୍, ଅନ୍ଧେରୀ ଇଷ୍ଟ, ହୋଣ୍ଡା ସୋ ରୁମ୍ ସମ୍ମୁଖ, ମୁମ୍ବାଇ, ମହାରାଷ୍ଟ୍ର, ଇଣ୍ଡିଆ-୪୦୦୦୫୯ |
| ୬. | ଇନସଲଭାନ୍ସି ରିଜୋଲ୍ୟୁସନ ପ୍ରୋସେନ ବନ୍ଦ ତାରିଖ | ୩୦.୦୭.୨୦୨୫ |
| ୭. | କର୍ପୋରେଟ ଧାରକଙ୍କ ଲିକ୍ୟୁଡିସନ କମେନସମେଣ୍ଟ ତାରିଖ | ଏନସିଏଲଟିଙ୍କ ୩୧.୦୭.୨୦୨୫ର ନିର୍ଦ୍ଦେଶ ଅନୁଯାୟୀ |
| ୮. | ଲିକ୍ୟୁଡିଟର ଭାବେ କାର୍ଯ୍ୟ କରୁଥିବା ଇନସଲଭାନ୍ସି ପ୍ରଫେସନାଲଙ୍କ ନାମ ଓ ପଞ୍ଜିକରଣ ନମ୍ବର | ଏସ.ଗୋପାଲକ୍ରିଷ୍ଣନ (ଆଇବିବିଆଇ/ଆଇପିଏ-୦୦୨/ଆଇପି-ଏନ୦୦୧୫୧/୨୦୧୭-୧୮/୧୦୩୯୮ |
| ୯. | ବୋର୍ଡରେ ପଞ୍ଜିକୃତ ହୋଇଥିବା ଅନୁସାରେ ଇଣ୍ଟରିମ୍ ରିଜୋଲ୍ୟୁସନ ପ୍ରଫେସନାଲଙ୍କ ଠିକଣା ଓ ଇ-ମେଲ୍ | ଠିକଣା : ୨୦୩ ଘଟକାପୋର ନୀଳକଣ୍ଠ ସିଏଚ୍‌ଏସ୍ ଜେଠାଭାଇ ଲେନ୍, ଘଟକାପୋର ଇଷ୍ଟ, ମୁମ୍ବାଇ-୪୦୦୦୭୭ ଇମେଲ୍ ଆଇଡି :gopi63.ip@gmail.com |
| ୧୦. | ଲିକ୍ୟୁଡିଟରଙ୍କ ଠିକଣା ଓ ଇ-ମେଲ, ଯାହାକି ଯୋଗାଯୋଗ କରିବା ପାଇଁ ବ୍ୟବହାର | ଠିକଣା : ୨୦୩ ଘଟକପର ନୀଳକଣ୍ଠ ସିଏଚ୍‌ଏସ୍ ଜେଠାଭାଇ ଲେନ୍, ଘଟକପର ଇଷ୍ଟ, ମୁମ୍ବାଇ-୪୦୦୦୭୭ ଇମେଲ୍ ଆଇଡି :gopi63.ip@gmail.com liq.piletechinfra@gmail.com |
| ୧୧. | ଦାବି ଦାଖଲ କରିବାର ଶେଷ ତାରିଖ | ୩୦-୦୮-୨୦୨୫ |

ଏତଦ୍ୱାରା ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛି ଯେ ନ୍ୟାସନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ (ମୁମ୍ବାଇ ବେଞ୍ଚ) ମେସର୍ସ ପିଲେଟେକ୍ ଇନଫ୍ରା ପ୍ରାଇଭେଟ୍ ଲିମିଟେଡ୍‌ର କର୍ପୋରେଟ୍ ଇନସଲଭାନ୍ସି ରିଜୋଲ୍ୟୁସନ ପ୍ରୋସେସ ଆରମ୍ଭ କରିବାକୁ ୩୧.୦୭.୨୦୨୫ରେ ନିର୍ଦ୍ଦେଶ ଦେଇଛନ୍ତି ।
ମେସର୍ସ ପିଲେଟେକ୍ ଇନଫ୍ରା ପ୍ରାଇଭେଟ୍ ଲିମିଟେଡ୍‌ର କ୍ରେଡିଟରମାନଙ୍କୁ ଯୋଗାଯୋଗ କରାଯାଇ ସେମାନଙ୍କ ଦାବି ପ୍ରମାଣ ସହ ୩୦-୦୮-୨୦୨୫ରେ କିମ୍ବା ଏହା ପୂର୍ବରୁ ଇଣ୍ଟରିମ୍ ରିଜୋଲ୍ୟୁସନ ପ୍ରଫେସନାଲଙ୍କ ନିକଟରେ ଉପରେ ୧୦ନମ୍ବର ପଏଣ୍ଟରେ ଦର୍ଶାଯାଇଥିବା ଠିକଣାରେ ପହଞ୍ଚାଇବାକୁ କୁହାଯାଇଥିଲା ।
ଜଣେ ଫାଇନାନ୍ସିଆଲ କ୍ରେଡିଟର ତାଙ୍କ ଦାବି ଓ ପ୍ରମାଣ କେବଳ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ଦାଖଲ କରନ୍ତୁ । ଅନ୍ୟ ସମସ୍ତ କ୍ରେଡିଟରମାନେ ବ୍ୟକ୍ତିଗତ ଭାବେ, ପୋଷ୍ଟ ମାଧ୍ୟମରେ କିମ୍ବା ଇଲେକ୍ଟ୍ରୋନିକ୍ ମାଧ୍ୟମରେ ସେମାନଙ୍କ ଦାବି ଓ ପ୍ରମାଣ ଦାଖଲ କରନ୍ତୁ । ଏହି ବର୍ଗରେ ଆସିଥିବା ଜଣେ ଫାଇନାନ୍ସିଆଲ କ୍ରେଡିଟର ପଏଣ୍ଟ ୧୨ରେ ଦର୍ଶାଯାଇଥିବା ଅନୁସାରେ ଅଧିକୃତ ୩ଜଣ ଇନସଲଭାନ୍ସି ପ୍ରଫେସନାଲଙ୍କୁ ଏହି ବର୍ଗ (ବର୍ଗ ଦର୍ଶାନ୍ତୁ)ର ପ୍ରତିନିଧି ଭାବେ ପଏଣ୍ଟ ନଂ ୧୩ରେ ଦର୍ଶାଯାଇଥିବା ଅନୁସାରେ ଅଧିକୃତ ପ୍ରତିନିଧିଭାବେ ଦର୍ଶାଇ ଫର୍ମ ସିଏ ଦାଖଲ କରିପାରିବେ ।
ମିଥ୍ୟା ଏବଂ ମିସଲିଡିଂ ପ୍ରମାଣ ଦାଖଲ କଲେ ଜରିମାନା କରାଯାଇପାରେ ।

ଏସ. ଗୋପାଲକ୍ରିଷ୍ଣନ୍
ଇନସଲଭେନସି ପ୍ରଫେସନାଲ
ତାରିଖ : ୦୫-୦୮-୨୦୨୫ ଆଇବିବିଆଇ ରେଜିଷ୍ଟ୍ରେସନ ନଂ: ଆଇବିବିଆଇ/ଆଇପିଏ-୦୦୨/ଆଇପି-ଏନ୦୦୧୫୧/୨୦୧୭-୧୮/୧୦୩୯୮
ସ୍ଥାନ : ମୁମ୍ବାଇ ଏଏଫଏ ଭାଲିଡ୍ ତାରିଖ: ଡିସେମ୍ବର ୩୧,୨୦୨୫
ଠିକଣା: ୨୦୩,ଘଟକାପୋର, ନୀଳକଣ୍ଠ , ସିଏଚ୍‌ଏସ୍, ଜେଠାଭାଇ ଲେନ୍, ଘଟକାପୋର (ଇଷ୍ଟ), ମୁମ୍ବାଇ-୪୦୦୦୭୭

ଓଡ଼ିଶା ଉଠ ଜଳ ସେଚନ ନିଗମ
(ଓଡ଼ିଶା ସରକାରଙ୍କ ଏକ ସଂସ୍ଥା )
ପ୍ଲଟ ନଂ -17/2, ନୂଆଦିଲ୍ଲୀ, ଭୁବନେଶ୍ୱର-12, website:Odishalift.com
CAD-1382

2025-2026 ଆର୍ଥିକ ବର୍ଷ ପାଇଁ ଅଚଳ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ଓ ପୁରାତନ ସଚଳ ଉଠାଜଳସେଚନ ପ୍ରକଳ୍ପର ସୁଦୃଢୀକରଣ ନିମନ୍ତେ Online ଦରଖାସ୍ତ ଆହ୍ୱାନ

ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ଅଧିନସ୍ଥ ଓଡ଼ିଶା ଉଠାଜଳସେଚନ ନିଗମ ଜରିଆରେ ଅଚଳ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ଓ ପୁରାତନ ସଚଳ ଉଠାଜଳସେଚନ ପ୍ରକଳ୍ପର ସୁଦୃଢୀକରଣ ନିମନ୍ତେ ରାଜ୍ୟ ଯୋଜନା ଅଟକଳ (State Plan) ମାଧ୍ୟମରେ ପାଣିପଞ୍ଚାୟତର କର୍ମକର୍ତ୍ତା ବା ସଭ୍ୟମାନଙ୍କ ଠାରୁ ଅନଲାଇନ (On-line) ଦରଖାସ୍ତ ଆହ୍ୱାନ କରାଯାଉଛି ।

ଅଚଳ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର- ଭୂପୃଷ୍ଠ ଓ ଭୂତଳ ଜଳକୁ ଉତ୍ତୋଳନ କରି କୃଷିକ୍ଷେତ୍ରକୁ ଜଳସେଚନ ନିମନ୍ତେ ଉଠାଜଳସେଚନ ନିଗମ ତରଫରୁ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ସ୍ଥାପନ କରାଯାଇଆସୁଛି । ପ୍ରକଳ୍ପ ଗୁଡିକର ପରିଚାଳନା ଓରକ୍ଷଣାବେକ୍ଷଣ ନିମନ୍ତେ ପାଣି ପଞ୍ଚାୟତ ଗଠନ କରାଯାଇ ଚାଷୀମାନଙ୍କୁ ହସ୍ତାନ୍ତର କରାଯାଇଛି । ବିଭିନ୍ନ କାରଣ ଯୋଗୁଁ ଅନେକ ସମୟରେ ପ୍ରକଳ୍ପ ସବୁ ଅଚଳ ହୋଇଯାଇଥାଏ । ସେହିସବୁ ଅଚଳ ପ୍ରକଳ୍ପ ଗୁଡିକୁ ପାଣିପଞ୍ଚାୟତର ଆବେଦନ କ୍ରମେ ପର୍ଯ୍ୟାୟକ୍ରମେ ଆବଶ୍ୟକତା ଅନୁଯାୟୀ ଓ ଅଗ୍ରାଧିକାର ଭିତ୍ତିରେ ପୁନରୁଦ୍ଧାର କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ ।

ପୁରାତନ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପର ସୁଦୃଢୀକରଣ – ଦୀର୍ଘ ଦିନରୁ ନିୟମିତ ଭାବରେ କାର୍ଯ୍ୟକ୍ଷମ ଥିବା ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ଗୁଡିକର ଯନ୍ତ୍ରାଂଶ ଓ ଭିତ୍ତିଭୂମିର ସୁଦୃଢୀକରଣ କରିବା ପାଇଁ ଏହି ଯୋଜନା ପ୍ରଣୟନ କରାଯାଇଛି । ଫଳରେ ଅଚଳାବସ୍ଥା ଆସିବା ପୂର୍ବରୁ ଜଳସେଚନ ଭିତ୍ତିଭୂମିକୁ ସୁରକ୍ଷିତ ରଖା ଯାଇପାରିବ ଏବଂ ପ୍ରକଳ୍ପର ଆୟୁକୁ ବୃଦ୍ଧି କରାଯାଇପାରିବ । ଆଗ୍ରହୀ ପାଣି ପଞ୍ଚାୟତ ମାନେ ଏହି ଯୋଜନାର ସୁଯୋଗ ନେଇ ପ୍ରକଳ୍ପକୁ ସୁଦୃଢ କରି ପାରିବେ ।

ପ୍ରକଳ୍ପ ଚୟନ ପ୍ରକ୍ରିୟାକୁ ସ୍ୱଚ୍ଛ, ନିରପେକ୍ଷ ଓ ବାସ୍ତବାଭିମୁଖୀ କରିବା ନିମନ୍ତେ ପାଣି ପଞ୍ଚାୟତର କର୍ମକର୍ତ୍ତା କିମ୍ବା ସଭ୍ୟ-ସଭ୍ୟା ମାନଙ୍କଠାରୁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ଅନଲାଇନ (on-line) ମାଧ୍ୟମରେ ପଞ୍ଜୀକରଣ ପାଇଁ ଆସନ୍ତା ତା 05.08.2025 ରିଖ ଠାରୁ ତା 20.08.2025 ରିଖ ପର୍ଯ୍ୟନ୍ତ ଖୋଲା ରହିବ । ଚାଷୀ ଭାଇ ଓ ଭଉଣୀମାନେ ଏକତ୍ରିତ ହୋଇ ନିଜ ଘରେ ବସି mobile phone ଦ୍ୱାରା କିମ୍ବା ଗ୍ରାମରେ ଥିବା ଜଣ ସହାୟତା କେନ୍ଦ୍ର କିମ୍ବା ଗ୍ରାମ ପାଞ୍ଚାୟତ ଅଫିସକୁ ଯାଇ ଉଠା ଜଳସେଚନ ନିଗମର website: www.odishalift.com ରେ ଉପରୋକ୍ତ ସମୟ ସୀମା ମଧ୍ୟରେ online ଦରଖାସ୍ତ ପୂରଣ କରି ଏହି ଯୋଜନାର ପର୍ଯ୍ୟାପ୍ତ ସୁଯୋଗ ନେବାକୁ ଅନୁରୋଧ କରାଯାଉଅଛି ।

ସ୍ୱା/-
ପରିଚାଳନା ନିର୍ଦ୍ଦେଶିକା

OIPR 32135/11/0057/2526



ନୂଆଦିଲ୍ଲୀ: ୭୯ତମ ସ୍ୱାଧୀନତା ଦିବସ ପାଳନ ଅବ୍ୟବହିତ ପୂର୍ବରୁ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ହର ଘର ତିରଙ୍ଗା ଅଧୀନରେ ଜାତୀୟ ପତାକା ଉତ୍ତୋଳନ କରିବା ପରେ ଏହାକୁ ତଳକୁ ଓହ୍ଲାଇବା ପାଇଁ କିଛି ନିୟମ ରଖିଛି, ଯାହା ଦ୍ୱାରା ଜାତୀୟ ପତାକା ଅପମାନିତ ନ ହେଉ। ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ତାର ସରକାରୀ ଏକ୍ସ ହ୍ୟାଣ୍ଡେଲରେ ଦିଆଯାଇଥିବା ସୂଚନା ଅନୁସାରେ, ଆମେ ସମସ୍ତେ ଆମ ଘରେ ତ୍ରିରଙ୍ଗା ଉତ୍ତୋଳନ କରିବାକୁ ଯାଉଛୁ। ଆପଣଙ୍କୁ ଅନୁରୋଧ କରାଯାଉଛି ଯେ ଆପଣ ଜାତୀୟ ପତାକାକୁ ମୋଡ଼ିକରି ରଖନ୍ତୁ ଏବଂ ଏହାକୁ ସମ୍ମାନର ସହିତ ରଖନ୍ତୁ ଯାହା ଦ୍ୱାରା ଆପଣ ପରବର୍ତ୍ତୀ ଗଣତନ୍ତ୍ର ଦିବସ ଏବଂ ସ୍ୱାଧୀନତା ଦିବସରେ ପୁଣି ଥରେ ଆପଣଙ୍କର ତ୍ରିରଙ୍ଗା ଉତ୍ତୋଳନ କରିପାରିବେ। ପ୍ରଥମେ, ଜାତୀୟ ପତାକାକୁ ଭୂସମାନ୍ତର ରଖନ୍ତୁ। ଧଳା ମଧ୍ୟସ୍ଥ ପଟି ତଳେ କମଳା ଏବଂ ସବୁଜ ପଟିକୁ ମୋଡ଼ନ୍ତୁ। ଧଳା ପଟିକୁ ଏପରି ଭାବରେ ମୋଡ଼ନ୍ତୁ ଯେ କେବଳ ଅଶୋକ ଚକ୍ର ସହିତ କମଳା ଏବଂ ସବୁଜ ପଟି ଦେଖାଯିବ। ମୋଡ଼ ହୋଇଥିବା ପତାକାକୁ ହାତରେ ରଖନ୍ତୁ ଏବଂ ଏହାକୁ ଏକ ସୁରକ୍ଷିତ ସ୍ଥାନରେ ରଖନ୍ତୁ।

# ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଲା 'ପରୀକ୍ଷା ପେ ଚର୍ଚ୍ଚା ୨୦୨୫'




ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା (ପିପିସି) -୨୦୨୫ ଗୋଟିଏ ମାସରେ ସର୍ବାଧିକ ପଞ୍ଜୀକରଣ ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ରେଳ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦଙ୍କ ସହିତ ଆନୁଷ୍ଠାନିକ ଭାବରେ 'ପରୀକ୍ଷା ପେ ଆଲୋଚନା' ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡର ଏକ ପ୍ରମାଣପତ୍ର ଗ୍ରହଣ କରିଛନ୍ତି। ଶ୍ରୀ ପ୍ରଧାନ ଖୁସି ପ୍ରକାଶ କରିବା ସହ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ 'ପରୀକ୍ଷା ପେ ଚର୍ଚ୍ଚା' ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡ ଗ୍ରହଣ କରିବା ମୋ ପାଇଁ ଆନନ୍ଦ ଏବଂ ଆତ୍ମସନ୍ତୋଷର ବିଷୟ। ୩ କୋଟି ୫୩ ଲକ୍ଷରୁ ଅଧିକ ପଞ୍ଜୀକରଣ ଏବଂ ଟେଲିଭିଜନରେ ୨୧ କୋଟିରୁ ଅଧିକ ଦର୍ଶକମାନେ ଏହାର ପ୍ରସାରଣ ଦେଖିଛନ୍ତି, ଯାହା ଦ୍ୱାରା ପରୀକ୍ଷା ପେ ଚର୍ଚ୍ଚା -୨୦୨୫କୁ ଏକ ବିଶ୍ୱ ରେକର୍ଡର ସ୍ଥାନ ଦେଇଛି। ଏହି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ପାଇଁ ଶ୍ରୀ ପ୍ରଧାନ ଦେଶର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ସ୍କୁଲଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି। ସେ ଆହୁରି କହିଛନ୍ତି ଯେ ଆମର ଏଗଜାମ ୱାରିୟର୍ସ ତଥା ପରୀକ୍ଷା ଯୋଦ୍ଧା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବହୁ ପ୍ରତୀକ୍ଷିତ ଆଲୋଚନା କାର୍ଯ୍ୟକ୍ରମ ହେଉଛି 'ପରୀକ୍ଷା ପେ ଆଲୋଚନା'। ଚାପମୁକ୍ତ ଏବଂ ଆନନ୍ଦଦାୟକ ଶିକ୍ଷା ପାଇଁ ଏହି କାର୍ଯ୍ୟକ୍ରମ ଏକ ଦେଶବ୍ୟାପୀ ମହୋତ୍ସବରେ ପରିଣତ ହୋଇଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ କ୍ୟାବିନେଟ ମନ୍ତ୍ରୀ ଭାବରେ ମୋର କାର୍ଯ୍ୟକାଳ ମଧ୍ୟରେ ଏହା ମୋର ଦ୍ୱିତୀୟ ସ୍ୱୀକୃତି। ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏଲପିଜି ପାଇଁ ବିଶ୍ୱର ସର୍ବବୃହତ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଯୋଜନା 'ପହଲ' ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡ ପ୍ରମାଣପତ୍ର ପ୍ରଦାନ କରିବା ମୋର ସ୍ପଷ୍ଟ ମନେହେଉଛି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରମୁଖ ପଦକ୍ଷେପ ପରୀକ୍ଷା ପେ ଚର୍ଚ୍ଚା ୨୦୧୮ ପରଠାରୁ ମାଇଗଭ୍ ସହଯୋଗରେ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ସଫଳତାର ସହିତ ଆୟୋଜନ ହୋଇଆସୁଛି। ପରୀକ୍ଷା ପେ ଆଲୋଚନା ହେଉଛି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ପରିକଳ୍ପିତ ଏବଂ ନେତୃତ୍ୱାଧୀନ ଏକ ଅନନ୍ୟ ପ୍ଲାଟଫର୍ମ। ଏହି କାର୍ଯ୍ୟକ୍ରମରେ ସେ ସିଧାସଳଖ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କ ସହିତ ଆଲୋଚନା କରନ୍ତି। ଏହାକୁ 'ଗୋଟିଏ ମାସରେ ନାଗରିକ ସଂଗଠନ ପ୍ଲାଟଫର୍ମରେ ସର୍ବାଧିକ ଲୋକ ପଞ୍ଜୀକୃତ' ପାଇଁ ଗିନିଜ୍ ବିଶ୍ୱ ରେକର୍ଡ ସହିତ ସମ୍ମାନିତ କରାଯାଇଛି। ଏହି ମାନ୍ୟତା ମାଇଗଭ୍ ପ୍ଲାଟଫର୍ମରେ ଆୟୋଜିତ କାର୍ଯ୍ୟକ୍ରମର ଅଷ୍ଟମ ସଂସ୍କରଣରେ ପ୍ରାପ୍ତ ୩.୫୩ କୋଟି ବୈଧ ପଞ୍ଜୀକରଣର ଅଭୂତପୂର୍ବ ସଫଳତାକୁ ସ୍ୱୀକୃତି ଦେଇଛି।

## ଜାହାଜ ବୁଡ଼ି ୬୮ ଜଣଙ୍କ ମୃତ୍ୟୁ


ନୂଆଦିଲ୍ଲୀ: ୟେମେନରେ ଏକ ବଡ଼ ଧରଣର ଅଘଟଣ ଘଟିଯାଇଛି। ଦକ୍ଷିଣ ଅବିଆନ ପ୍ରଦେଶ ନିକଟରେ ନୌକା ଓଲଟି ପଡ଼ିବାରୁ ୬୮ ଜଣ ଶରଣାର୍ଥୀଙ୍କ ମୃତ୍ୟୁ ଘଟିଛି। ୟେମେନ ଗଣମାଧ୍ୟମ ଅନୁଯାୟୀ, ପ୍ରାୟ ୧୫୪ ଜଣ ଶରଣାର୍ଥୀଙ୍କୁ ନେଇ ଏହି ନୌକା ଗଲ୍ଫ ଅଫ ଏଡେନରେ ଖରାପ ପାଗ ଯୋଗୁ ଓଲଟି ପଡ଼ିଥିଲା। ମାତ୍ର ୧୨ ଜଣ ଉଦ୍ଧାର ହୋଇଛନ୍ତି, ଆଉ ୭୪ ଜଣ ନିଖୋଜ ଅଛନ୍ତି। ଖାନଫର ଜିଲ୍ଲାରେ ୫୪ ଜଣଙ୍କ ମୃତଦେହ ସମୁଦ୍ର କୂଳରେ ମିଳିଛି ଏବଂ ୧୪ ଜଣଙ୍କ ମୃତଦେହ ଜିଞ୍ଜିବାର ହସ୍ପିଟାଲରେ ରଖାଯାଇଛି। ଅନ୍ତଃରାଷ୍ଟ୍ରୀୟ ବିସ୍ଥାପନ ସଂଘର ମୁଖ୍ୟ ଘଟଣାକୁ 'ହୃଦୟ ବିଦାରକ' କହିଛନ୍ତି। ୟେମେନ ହେଉଛି ହର୍ନ ଅଫ ଆଫ୍ରିକାରୁ ଗଲ୍ଫ ଦେଶମାନଙ୍କୁ ଯିବା ପାଇଁ ଏକ ପ୍ରମୁଖ ରାସ୍ତା। ଅଘଟଣରେ ୬୮ ଜଣଙ୍କ ମୃତ୍ୟୁ ଓ ୭୪ ନିଖୋଜ ଥିବା ସୂଚନା ମିଳିଛି।

# ସତ୍ୟେନ୍ଦ୍ର ଜୈନଙ୍କ ବିରୋଧରେ ଦୁର୍ନୀତି ମାମଲା ବନ୍ଦ କଲେ କୋର୍ଟ




ନୂଆଦିଲ୍ଲୀ : ଦିଲ୍ଲୀ କୋର୍ଟ ସୋମବାର ଆମ୍ ଆଦମୀ ପାର୍ଟି (ଆପ୍)ର ନେତା ସତ୍ୟେନ୍ଦ୍ର ଜୈନଙ୍କ ବିରୋଧରେ ଚାଲିଥିବା ଦୁର୍ନୀତି ମାମଲାକୁ ବନ୍ଦ କରି ଦେଇଛନ୍ତି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଏହି ମାମଲାରେ କୌଣସି ପ୍ରକାରର ବେଆଇନ ଲାଭର କୌଣସି ପ୍ରମାଣ ମିଳି ନାହିଁ। ରାଉଜ ଆଭେନ୍ୟୁ କୋର୍ଟଙ୍କ ସ୍ୱତନ୍ତ୍ର ବିଚାରପତି (ପିସି ଆକ୍ଟ) ଡିଗ୍ ବିନୟ ସିଂହ ସିବିଆଇର କ୍ଲୋଜର ରିପୋର୍ଟ (ମାମଲା ବନ୍ଦ କରିବା ରିପୋର୍ଟ)କୁ ଗ୍ରହଣ କରିଛନ୍ତି। ସେ କହିଛନ୍ତି ଯେ, ଚାରି ବର୍ଷର ତଦନ୍ତ ପରେ ମଧ୍ୟ ଜୈନଙ୍କ ବିରୁଦ୍ଧରେ ଦୁର୍ନୀତିର କୌଣସି ପ୍ରମାଣ ମିଳି ନାହିଁ। କୋର୍ଟ କହିଛନ୍ତି, ଯେଉଁ ଅଭିଯୋଗ କରାଯାଇଛି ଏବଂ ଯେଉଁ ତଥ୍ୟାତ୍ମକ ପୃଷ୍ଠଭୂମି ଅଛି, ତାହା ଆଗାକୁ ତଦନ୍ତ ବା କାର୍ଯ୍ୟାନ୍ୱୟନ ଆରମ୍ଭ କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ। ଆଇନ ସ୍ପଷ୍ଟ ଭାବେ କହିଥାଏ ଯେ, ସନ୍ଦେହ ପ୍ରମାଣର ବିକଳ୍ପ ହୋଇ ପାରିବ ନାହିଁ। ଏହା ମଧ୍ୟ ଧ୍ୟାନ ଦେବା ଯୋଗ୍ୟ ଯେ, କୌଣସି ସନ୍ଦେହରେ କାହାକୁ ଦୋଷୀ ସାବ୍ୟସ୍ତ କରିବା ଯଥେଷ୍ଟ ନୁହେଁ। ଆଗକୁ ବଢ଼ିବା ପାଇଁ ଅତି କମ୍‌ରେ ଦୃଢ଼ ପ୍ରମାଣର ଆବଶ୍ୟ ହୋଇଥାଏ। ଆପର ନେତାଙ୍କ ଉପରେ ଅଭିଯୋଗ ଲାଗିଥିଲା ଯେ, ଯେବେ ବି ଦିଲ୍ଲୀ ସରକାରରେ ଲୋକ ନିର୍ମାଣ ବିଭାଗ ମନ୍ତ୍ରୀ ଭାବେ କାର୍ଯ୍ୟରତ ଥିଲେ, ତ ତାଙ୍କୁ ଆଉଟସୋର୍ସିଂ ମାଧ୍ୟମରେ ଚଡଉ ପାଇଁ ୧୭ ଜଣିଆ ପରାମର୍ଶଦାତା ଟିମ୍‌କୁ ନିଯୁକ୍ତ କରିବାକୁ ଅନୁମୋଦନ ଦେଇଥିଲେ। ଚାରି ବର୍ଷର ତଦନ୍ତ ପରେ ସିବିଆଇ ଜାଣିବାକୁ ପାଇଥିଲା ଯେ, ବିଭାଗର ତତ୍କାଳ ଆବଶ୍ୟକତା କାରଣରୁ ବୃତ୍ତିଗତଙ୍କ ନିଯୁକ୍ତି ଆବଶ୍ୟକ ଥିଲା ଏବଂ ଏହା ଯେ ନିଯୁକ୍ତ ପ୍ରକ୍ରିୟା ସ୍ୱଚ୍ଛ ଓ ପ୍ରତିଯୋଗିତାମୂଳକ ଥିଲା। ଏଜେନ୍ସି କହିଥିଲା ଯେ, ତାଙ୍କୁ ଦୁର୍ନୀତି, ଅପରାଧିକ ଷଡ଼ଯନ୍ତ୍ର, ଅନୁଚିତ ଲାଭ ବା ବ୍ୟକ୍ତିଗତ ଲାଭର କୌଣସି ପ୍ରମାଣ ମିଳି ନାହିଁ। କ୍ଲୋଜର ରିପୋର୍ଟ ଉପରେ ବିଚାର କରିବା ପରେ କୋର୍ଟ ଏହାକୁ ସ୍ୱୀକାର କରି ନେଇଛନ୍ତି ଏବଂ ମାମଲା ବନ୍ଦ କରିଦିଆ ଯାଇଛି। କୋର୍ଟ ଏହା ମଧ୍ୟ କହିଛନ୍ତି ଯେ, ଯଦି କାହା ବିରୁଦ୍ଧରେ କୌଣସି ନୂଆ ସାମଗ୍ରୀ ମିଳେ, ତ ସିବିଆଇ ମାମଲାର ଆଉଥରେ ତଦନ୍ତ କରିବାକୁ ମୁକ୍ତ ରହିବ।

# ପୁଣି ଭାରତକୁ ଧମକାଇଲେ ଟ୍ରମ୍ପ



ନୂଆଦିଲ୍ଲୀ: ଯୁକ୍ତରାଷ୍ଟ୍ର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷ-ୟୁକ୍ରେନ ଯୁଦ୍ଧ ମଧ୍ୟରେ ଭାରତ ରୁଷିଆରୁ 'ପ୍ରଚୁର ପରିମାଣରେ' ତେଲ କିଣୁଥିବା ଅଭିଯୋଗ କରି ଭାରତ ବିରୋଧରେ ଟାରିଫ୍ (ଶୁଳ୍କ) ବୃଦ୍ଧି କରିବାକୁ ଧମକ ଦେଇଛନ୍ତି। ଟ୍ରମ୍ପ ତାଙ୍କ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଟ୍ରୁଥ ସୋସିଆଲରେ ଲେଖିଛନ୍ତି, ଭାରତ କେବଳ ରୁଷିଆରୁ ପ୍ରଚୁର ପରିମାଣରେ ତେଲ କିଣୁନାହିଁ, ସେମାନେ ଏହି ତେଲର ଅଧିକାଂଶ ଖୋଲା ବଜାରରେ ବିକ୍ରି କରି ବଡ଼ ଲାଭ କରୁଛନ୍ତି। ୟୁକ୍ରେନରେ ରୁଷୀୟ ଯୁଦ୍ଧ ଯନ୍ତ୍ର ଦ୍ୱାରା କେତେ ଲୋକ ମରୁଛନ୍ତି, ତାହା ସେମାନେ ଚିନ୍ତା କରୁନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ମୁଁ ଭାରତ ଯୁକ୍ତରାଷ୍ଟ୍ରକୁ ଦେଉଥିବା ଟାରିଫ୍‌କୁ ନିଶ୍ଚିତ ଭାବେ ବୃଦ୍ଧି କରିବି। ଏହା ପୂର୍ବରୁ ଶୁକ୍ରବାର ଟ୍ରମ୍ପ ଭାରତୀୟ ରିଫାଇନାରୀଗୁଡ଼ିକ ରୁଷିଆରୁ ତେଲ କିଣା ବନ୍ଦ କରିଥିବା ଗଣମାଧ୍ୟମ ରିପୋର୍ଟକୁ ସ୍ୱାଗତ କରିଥିଲେ। କିନ୍ତୁ କିଛି ଘଣ୍ଟା ପରେ ଭାରତ ସରକାରୀ ସୂତ୍ର ଏହି ରିପୋର୍ଟକୁ ଖଣ୍ଡନ କରି କହିଥିଲେ ଯେ, ଭାରତର ଶକ୍ତି ଆମଦାନୀ ବଜାର ଶକ୍ତି ଓ ଜାତୀୟ ସ୍ୱାର୍ଥ ଦ୍ୱାରା ପରିଚାଳିତ ହୁଏ। ସୂତ୍ର ଅନୁଯାୟୀ, ଭାରତୀୟ ତେଲ କମ୍ପାନୀଗୁଡ଼ିକ ରୁଷିଆରୁ ତେଲ ଆମଦାନୀ ବନ୍ଦ କରିଥିବା କୌଣସି ରିପୋର୍ଟ ସରକାରଙ୍କ ପାଖରେ ନାହିଁ। ଟ୍ରମ୍ପ ପ୍ରଶାସନ ଭାରତର ରୁଷିଆରୁ ତେଲ ଆମଦାନୀ ଓ ଦୀର୍ଘଦିନର ବାଣିଜ୍ୟ ପ୍ରତିବନ୍ଧକକୁ କାରଣ ଦର୍ଶାଇ ଅଗଷ୍ଟ ୧ରୁ ଭାରତ ବିରୋଧରେ ୨୫ ପ୍ରତିଶତ ଟାରିଫ୍ ସହ ଅତିରିକ୍ତ ଜୋରିମାନା ଲାଗୁ କରିଛି। ଏହି ନୂଆ ଟାରିଫ୍ ବୃଦ୍ଧି ଭାରତ-ଯୁକ୍ତରାଷ୍ଟ୍ର ମଧ୍ୟରେ ବାଣିଜ୍ୟ ସମ୍ପର୍କକୁ ଆହୁରି ଜଟିଳ କରିପାରେ ବୋଲି ଆଶଙ୍କା କରାଯାଉଛି।

## ବିହାରରେ ଲାଗୁ ହେବ ଡୋମିସାଇଲ ନୀତି: ନୀତୀଶ

ବିହାର: ଡୋମିସାଇଲ ଅର୍ଥାତ୍ ବାସସ୍ଥାନ ନୀତିକୁ ବା ଡୋମିସାଇଲ ପଲିସିକୁ ନେଇ ବଡ଼ ଘୋଷଣା କରିଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର। ରାଜ୍ୟରେ ଆଗାମୀ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି, ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ଏବଂ ନିଯୁକ୍ତି ସୃଷ୍ଟି, ଏକ ପ୍ରମୁଖ ରାଜନୈତିକ ପ୍ରସଙ୍ଗ ପାଲଟିଥିବା ବେଳେ, ଏଭଳି ସମୟରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଡୋମିସିଲ ନୀତି ଘୋଷଣାକୁ ଏକ ବଡ଼ ପଦକ୍ଷେପ ଭାବରେ ଦେଖାଯାଉଛି। ଏହି ନୀତି ଅନୁସାରେ ବର୍ତ୍ତମାନ ରାଜ୍ୟରେ ଶିକ୍ଷକ ନିଯୁକ୍ତିରେ ବିହାରର ମୂଳ ବାସିନ୍ଦାକୁ ପ୍ରାଧାନ୍ୟ ଦିଆଯିବ।

## ୬ରେ କର୍ତ୍ତବ୍ୟ ଭବନ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୬ ଅଗଷ୍ଟ ପ୍ରାୟ ୧୨.୧୫ ସମୟରେ ଦିଲ୍ଲୀର କର୍ତ୍ତବ୍ୟ ପଥସ୍ଥିତ କର୍ତ୍ତବ୍ୟ ଭବନ ପରିଦର୍ଶନ କରି ଏହାର ଉଦଘାଟନ କରିବେ। ଏହା ପରେ ସନ୍ଧ୍ୟା ପ୍ରାୟ ୬.୩୦ ସମୟରେ ସେ କର୍ତ୍ତବ୍ୟ ପଥଠାରେ ଏକ ସାଧାରଣ କାର୍ଯ୍ୟକ୍ରମରେ ସମ୍ବୋଧିତ କରିବେ। ପ୍ରଧାନମନ୍ତ୍ରୀଙ୍କ ଆଧୁନିକ, ଦକ୍ଷ ଏବଂ ନାଗରିକ-କୈନ୍ଦ୍ରିକ ଶାସନ ଦୃଷ୍ଟିକୋଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ। ଉଦଘାଟନ ହେବାକୁ ଯାଉଥିବା କର୍ତ୍ତବ୍ୟ ଭବନ-୩ ସେଣ୍ଟ୍ରାଲ ଭିଷ୍ଟାର ବ୍ୟାପକ ରୂପାନ୍ତରଣର ଏକ ଅଂଶ। ଏହା ଅନେକ ଆଗାମୀ ସାଧାରଣ କେନ୍ଦ୍ରୀୟ ସଚିବାଳୟ କୋଠା ମଧ୍ୟରୁ ପ୍ରଥମ ଯାହା ପ୍ରଶାସନିକ ପ୍ରକ୍ରିୟାକୁ ସୁଗମ କରିବା ଏବଂ ସୁଦକ୍ଷ ଶାସନକୁ ସମ୍ଭବ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ପ୍ରକଳ୍ପ ସରକାରଙ୍କ ବ୍ୟାପକ ପ୍ରଶାସନିକ ସଂସ୍କାର ଏଜେଣ୍ଡାର ପ୍ରତୀକ। ମନ୍ତ୍ରଣାଳୟଗୁଡ଼ିକୁ ଏକାଠି କରି ଏବଂ ଅତ୍ୟାଧୁନିକ ଭିତ୍ତିଭୂମି ଗ୍ରହଣ କରି, ସାଧାରଣ କେନ୍ଦ୍ରୀୟ ସଚିବାଳୟ ଆନ୍ତଃ-ମନ୍ତ୍ରାଳୟ ସମନ୍ୱୟକୁ ଉନ୍ନତ କରି, ନୀତି କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରି ଏବଂ ଏକ ପ୍ରତିକ୍ରିୟାଶୀଳ ପ୍ରଶାସନିକ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବ।

# ଛତିଶଗଡର ୩୧ଲକ୍ଷ ସାଧାରଣ ଏବଂ ଆର୍ଥିକ ଦୁର୍ବଳ ଉପଭୋକ୍ତାଙ୍କୁ ୫୦% ବିଦ୍ୟୁତ୍ ଶୁଳ୍କ ଛାଡରେ ସଂଶୋଧନ



ରାୟପୁର: ଛତିଶଗଡ ସରକାର ଘରୋଇ ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ଅଧା ବିଦ୍ୟୁତ୍ ଛାଡ ଘୋଷଣା ଲାଗୁ କରିଛନ୍ତି। ପୂର୍ବରୁ ୪୦୦ୟୁନିଟ୍ ପାଇଁ ବିଦ୍ୟୁତ୍ ଶୁଳ୍କ ପ୍ରଦାନ କରାଯାଉଥିବା ବେଳେ ଏବେ ସେଥିରେ ପରିବର୍ତ୍ତନ କରାଯାଇ ୧୦୦ୟୁନିଟ୍ ମାସକୁ ବ୍ୟବହାର କରାଯାଉଥିବା ବିଦ୍ୟୁତ୍ ଉପଭୋକ୍ତଙ୍କୁ ୫୦% ରିହାତି ଦେବା ନେଇ ଘୋଷଣା କରାଯାଇଛି। ବର୍ତ୍ତମାନ ରାଜ୍ୟରେ ୪୫ଲକ୍ଷ ଘରୋଇ ବିଦ୍ୟୁତ୍ ଉପଭୋକ୍ତ ବିଦ୍ୟୁତ୍ ସେବା ପାଉଛନ୍ତି। ସେଥିମଧ୍ୟରୁ ୩୧ଲକ୍ଷ ୧୦୦ୟୁନିଟ୍ ମାସକୁ କମ୍ ବିଜୁଳି ବ୍ୟବହାର କରୁଛନ୍ତି। ତେଣୁ ସାଧାରଣ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଅଧିକ ସୁବିଧା ଯୋଗାଇ ଦେବା ପାଇଁ ସରକାର ଏହି ଘୋଷଣା କରିଛନ୍ତି। ୩୧ଲକ୍ଷ ବିଦ୍ୟୁତ୍ ଉପଭୋକ୍ତଙ୍କ ମଧ୍ୟରୁ ୧୫ଲକ୍ଷ ବିପିଏଲ୍ ହିତାଧିକାରୀ ଯେଉଁମାନେଙ୍କି ୩୦ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ପାଉଛନ୍ତି। ଏହି ଯୋଜନାରେ ଏହି ପରିବାର ମଧ୍ୟ ସାମିଲ ହୋଇପାରିବେ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଅନ୍ୟ ପକ୍ଷରେ ଛତିଶଗଡ ସରକାର ପିଏମ୍ ସୂର୍ଯ୍ୟଘର ଯୋଜନା କାର୍ଯ୍ୟକାରି କରିବା ଆରମ୍ଭ କରିଛନ୍ତି। ଏଥିରେ ଘରର ଛାତ ଉପରେସୋଲାର ଶକ୍ତି ପ୍ଲାଣ୍ଟ ଲଗାଇବାର ବ୍ୟବସ୍ଥା କରାଯାଇଛି। ଯେଉଁମାନେ ସୋଲାର ପାୱାରପ୍ଲାଣ୍ଟ ବସାଇବାକୁ ଚାହିଁବେ ସେମାନଙ୍କୁ ୧ଲକ୍ଷ ୮ହଜାର ପର୍ଯ୍ୟନ୍ତ ସବ୍‌ସିଡ୍ ପ୍ରଦାନ କରାଯିବ। ଏହି ଯୋଜନାରେ ୧କିଲୋୱାଟ କାପାସିଟ ଥିବା ସୋଲାର ପ୍ଲାଣ୍ଟରୁ ୧୨୦ୟୁନିଟ୍ ବିଜୁଳି ମାସକୁ ଉତ୍ପାଦନ କରାଯାଇପାରିବ। ଏଥିରେ ମାସିକ କେନ୍ଦ୍ର ସରକାରଙ୍କ ୩୦ହଜାର ଏବଂ ରାଜ୍ୟ ସରକାରଙ୍କ ୪୫ହଜାର ଓ ଗ୍ରାହକଙ୍କର ୧୫ହଜାରଟଙ୍କାର ସହାୟତା ଦେଇପାରିବେ।

# ବାଣିଜ୍ୟ

Arcil
Premier ARC

ନୂଆଦିଲ୍ଲୀ: ଭାରତର ପ୍ରଥମ ସଂପତି ପୁନର୍ଗଠନ କମ୍ପାନି ଆସେଟ୍ ରିକନଷ୍ଟ୍ରକ୍ସନ କମ୍ପାନି (ଇଣ୍ଡିଆ ଲିମିଟେଡ୍ (ଏଆର୍‌ସିଆଇଏଲ୍) ପକ୍ଷରୁ ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସ୍‌ପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି। ଏହି ଆଇପିଓରେ ୧୦୫,୪୬୩,୮୯୨ ଇକ୍ୱିଟି ସେୟାରକୁ ବିକ୍ରି କରାଯିବ। ଅଫର୍ ଫର୍ ସେଲ୍‌ରେ ଆଭେନ୍ୟୁ ଇଣ୍ଡିଆ ରିସର୍ଜେନ୍ସ ପିଟିଇ ଲିମିଟେଡ୍ ପକ୍ଷରୁ ୬୮,୭୩୯,୦୩୪ ପର୍ଯ୍ୟନ୍ତ ଇକ୍ୱିଟି ସେୟାର, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ୧୯,୪୪୫,୦୦୦ ପର୍ଯ୍ୟନ୍ତ ଇକ୍ୱିଟି ସେୟାର, ଲାଥେ ଇନଭେଷ୍ଟମେଂଟ୍ ପିଟିଇ ଲିମିଟେଡ୍ ପକ୍ଷରୁ ୧୬,୨୪୪,୮୫୮ ପର୍ଯ୍ୟନ୍ତ ଇକ୍ୱିଟି ସେୟାର ଏବଂ ଦି ଫେଡେରାଲ୍ ବ୍ୟାଙ୍କ ଲିମିଟେଡ୍ ପକ୍ଷରୁ ୧,୦୩୫,୦୦୦ ପର୍ଯ୍ୟନ୍ତ ଇକ୍ୱିଟି ସେୟାର ବିକ୍ରି କରାଯିବ। ଏହି ଅଫରର ବୁକ୍ ରନିଂ ଲିଡ୍ ମ୍ୟାନେଜରମାନେ ହେଉଛନ୍ତି ଆଇଆଇଏଫ୍‌ଏଲ୍ କ୍ୟାପିଟାଲ୍ ସର୍ଭିସେସ୍ ଲିମିଟେଡ୍, ଆଇଡିବିଆଇ କ୍ୟାପିଟାଲ୍ ମାର୍କେଟ୍‌ସ ଆଣ୍ଡ ସିକ୍ୟୁରିଟିଜ୍ ଲିମିଟେଡ୍ ଓ ଜେଏମ୍ ଫାଇନାନ୍ସିଆଲ୍ ଲିମିଟେଡ୍।

# ଆଲେନ୍ ଟାଲେଣ୍ଟଏକ୍ସ ୨୦୨୬ ଘୋଷଣା

ALLEN CAREER INSTITUTE
KOTA (RAJASTHAN)
path to success




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଆଲେନ୍ କ୍ୟାରିଅର ଇନଷ୍ଟିଚ୍ୟୁଟ୍, ଏହାର ଜାତୀୟ ସ୍ତରୀୟ ପ୍ରତିଭା ଅନ୍ୱେଷଣ ପରୀକ୍ଷା, ଆଲେନ୍ ଟାଲେଣ୍ଟଏକ୍ସ ୨୦୨୬ ମାଧ୍ୟମରେ ପୁଣି ଥରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ଆଣିଦେଉଛି। ଶ୍ରେଣୀ ୫ ରୁ ୧୦ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ୨.୫ କୋଟି ଟଙ୍କାର ନଗଦ ପୁରସ୍କାର ଏବଂ ୨୫୦ କୋଟି ଟଙ୍କାର ଛାତ୍ରବୃତ୍ତି ଘୋଷଣା କରିଛି। ଆଲେନ୍ କ୍ୟାରିଅର ଇନ୍ଷ୍ଟିଚ୍ୟୁଟ୍ ଉପାଧ୍ୟକ୍ଷ ଏବଂ ଓଡ଼ିଶା, ଡବ୍ଲୁବି ଜୋନାଲ୍ ମୁଖ୍ୟ ରଜନୀଶ ଶ୍ରୀବାସ୍ତବ କହିଛନ୍ତି ଯେ, ଚଳିତ ବର୍ଷ, ଆମେ ଟାଲେଣ୍ଟ ଏକ୍ସ ପରୀକ୍ଷା ପାଇଁ ଓଡ଼ିଶା ରାଜ୍ୟରୁ ଏକ ଉଲ୍ଲେଖନୀୟ ପ୍ରତିକ୍ରିୟା ପାଉଛୁ। ଆମେ ଆଶା କରୁଛୁ ଯେ ରାଜ୍ୟର ୨୫୦ ସିବିଏସ୍‌ଇ ଏବଂ ଆଇସିଏସ୍‌ଇ ସ୍କୁଲରୁ ୧୦,୦୦୦ରୁ ଅଧିକ ଛାତ୍ରଛାତ୍ରୀ ଏହି ପରୀକ୍ଷାରେ ଯୋଗଦେବେ। ଏପର୍ଯ୍ୟନ୍ତ ସମଗ୍ର ଓଡ଼ିଶାରେ ୬୦,୦୦୦ରୁ ଅଧିକ ଛାତ୍ରଛାତ୍ରୀ ଟାଲେଣ୍ଟ ଏକ୍ସ ପରୀକ୍ଷାରେ ଅଂଶଗ୍ରହଣ କରିଛନ୍ତି, ଯାହା ଛାତ୍ର ଏବଂ ଅଭିଭାବକଙ୍କ ମଧ୍ୟରେ ଏହାର ବୃଦ୍ଧି ପାଉଥିବା ଲୋକପ୍ରିୟତା ଏବଂ ବିଶ୍ୱସନୀୟତାକୁ ପ୍ରତିଫଳିତ କରେ। ସୁଗମ ଅଂଶଗ୍ରହଣକୁ ସୁଗମ କରିବା ପାଇଁ, ସମଗ୍ର ଓଡ଼ିଶାରେ ୪୦ ଟି ଅଫଲାଇନ୍ ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଉଛି। ଅଫ୍ଲାଇନ୍ ପରୀକ୍ଷା ୧୨ ଅକ୍ଟୋବର ୨୦୨୫ରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି, ଯେତେବେଳେ ପରୀକ୍ଷାର ଅନଲାଇନ୍ ମୋଡ୍ ୫ ଅକ୍ଟୋବର ୨୦୨୫ ରେ ଅନୁଷ୍ଠିତ ହେବ। ପଞ୍ଜୀକରଣ ସମୟରେ ଛାତ୍ରଛାତ୍ରୀମାନେ ସେମାନଙ୍କର ପସନ୍ଦର ପରୀକ୍ଷା ମୋଡ୍ ବାଛିପାରିବେ। ଟାଲେଣ୍ଟଏକ୍ସର ପ୍ରଭାବ ଏହାର ପୂର୍ବ ଫଳାଫଳରେ ସ୍ପଷ୍ଟ। ଝଇଖଖରଘଞରଢ ୨୦୨୫ରେ, ଓଡ଼ିଶାରୁ ୩ ଜଣ ଛାତ୍ର ଶ୍ରେଷ୍ଠ ୧୦ ସର୍ବଭାରତୀୟ ରାଙ୍କରେ ସ୍ଥାନ ପାଇଥିଲେ, ଯେତେବେଳେ ୨୬ ଜଣ ଛାତ୍ରଛାତ୍ରୀ ଶ୍ରେଷ୍ଠ ୧୦୦ ଇଓଜ ରେ ସ୍ଥାନ ପାଇଥିଲେ। ଏହି ସଫଳତାଗୁଡ଼ିକ ପ୍ରାରମ୍ଭିକ ପର୍ଯ୍ୟାୟରେ ଶୈକ୍ଷିକ ପ୍ରତିଭା ଚିହ୍ନଟ ଏବଂ ପୋଷଣ କରିବାରେ ଏହି ପ୍ରତିଭା ପ୍ରୋତ୍ସାହନ ପରୀକ୍ଷାର ଭୂମିକାକୁ ରେଖାଙ୍କିତ କରେ। ଏହାର ସ୍ଥାପନା ପରଠାରୁ, ଟାଲେଣ୍ଟ ଏକ୍ସ ସାରା ଦେଶରେ ୧୮ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିଛି। ପ୍ରତ୍ୟେକ ଅଂଶଗ୍ରହଣକାରୀ ଛାତ୍ର ଏକ ବ୍ୟାପକ କାର୍ଯ୍ୟଦକ୍ଷତା ରିପୋର୍ଟ, ରାଜ୍ୟ ଏବଂ ଜାତୀୟ ସ୍ତରୀୟ ର୍ୟାକିଂ ଏବଂ ଆଲେନ୍‌ର ଜାତୀୟ ପ୍ଲାଟଫର୍ମରେ ସ୍ୱୀକୃତି ପାଇବାର ସୁଯୋଗ ପାଆନ୍ତି। ଏହା ସହିତ, ମନୋନୀତ ଛାତ୍ରଛାତ୍ରୀମାନଙ୍କୁ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବବିଜ୍ଞାନ, ଗଣିତ ଏବଂ କ୍ୟାରିଅର ଯୋଜନାର ସ୍ୱତନ୍ତ୍ର ଅଧିବେଶନରେ ଯୋଗଦେବାକୁ ଏବଂ ଆଲେନ୍‌ର ବିଶେଷଜ୍ଞ ଅଧ୍ୟାପକଙ୍କଠାରୁ ପରାମର୍ଶ ଗ୍ରହଣ କରିବାକୁ ଆମନ୍ତ୍ରଣ କରାଯାଇଛି, ଆଲେନ୍ ଶ୍ରେଣୀଗୃହ ପାଠ୍ୟକ୍ରମରେ ବିଶେଷ ସୁବିଧା ସହିତ। ଟାଲେଣ୍ଟଏକ୍ସ ୨୦୨୬ରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଛାତ୍ରଛାତ୍ରୀମାନେ ଅଫିସିଆଲ୍ ୱେବସାଇଟ୍: www.tallentex.com ପରିଦର୍ଶନ କରି ଅନଲାଇନରେ ପଞ୍ଜୀକରଣ କରିପାରିବେ।

## ମିଲିୟନ ଡଲାର ଷ୍ଟାର୍ଟଅପ୍‌ର ନେତୃତ୍ୱ ନେଉଛନ୍ତି ସନ୍ଦୀପ ଚୌଧୁରୀ

ନୂଆଦିଲ୍ଲୀ: ୨୦୦୭ରେ ଏଲନ ମସ୍କଙ୍କ ସହ-ସ୍ଥାପିତ କମ୍ପାନୀ ପେପାଲ୍ ଭାରତର ଜଳବାୟୁ ଯୋଦ୍ଧା ଓ ଉଦ୍ଭାବକ ସନ୍ଦୀପ ଚୌଧୁରୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ପେମେଂଟକୁ ଅଟକାଇ ଦେଇଥିଲା। ପେପାଲର ଏହି ପଦକ୍ଷେପ ଯୋଗୁଁ ସନ୍ଦୀପ ଚୌଧୁରୀଙ୍କର ଜୟପୁରସ୍ଥିତ ଅଫିସ ବନ୍ଦ ହୋଇଯାଇଥିଲା। ଜୟପୁରର ଜି-୩୪, ସିଟି ସେଂଟର, ସଂସାର ଚନ୍ଦ୍ର ରୋଡରୁ ପରିଚାଳିତ ହେଉଥିବା ତାଙ୍କର ଛୋଟ କିନ୍ତୁ ମହତ୍ୱାକାଂକ୍ଷୀ ଷ୍ଟାର୍ଟଅପକୁ ବଡ ଝଟକା ଲାଗିଥିଲା। ଆଜି ସନ୍ଦୀପ ଅନେକ ମିଲିୟନ ଡଲାର ମୂଲ୍ୟର ଏକ ଷ୍ଟାର୍ଟଅପର ନେତୃତ୍ୱ ନେଉଛନ୍ତି। ସେ ପୃଥିବୀ ପାଇଁ ସମର୍ପିତ ସେଭ୍ ଅର୍ଥ ମିଶନର ଭାରତର ଅଧ୍ୟକ୍ଷ ଅଟନ୍ତି। ସନ୍ଦୀପଙ୍କୁ ଏବେ ଫୋର୍ବସ, ରାଉଟର୍ସ, ଟେଡଏକ୍ସ, ବିଜନେସ୍ ଇନ୍‌ସାଇଡର ଓ ଦ ଗ୍ଲୋବ ଆଣ୍ଡ ମେଲ ଭଳି ଆନ୍ତର୍ଜାତୀୟ ପ୍ଲାଟଫର୍ମଗୁଡିକରେ ଜଣେ ଥଟ୍ ଲିଡର ଭାବେ ସ୍ୱୀକୃତି ଦିଆଯାଇଛି। ନିଜର ନୂଆ ପଦକ୍ଷେପ 'ଦ ବିଗେଷ୍ଟ କେସ ଷ୍ଟଡି ଅନ ଅର୍ଥ' ସହିତ ସେ ପରବର୍ତ୍ତୀ ପିଢିକୁ ବଡ ସ୍ୱପ୍ନ ଦେଖିବା, ନିର୍ଭୀକ ଭାବେ ନିର୍ମାଣ କରିବା ଓ ନିଜ ଉପରେ ବିଶ୍ୱାସ ରଖିବା ପାଇଁ ଅନୁପ୍ରାଣିତ କରିବା ଲାଗି ପଡକାଷ୍ଟ, ପବ୍ଲିକେଶନ ଓ ଗ୍ଲୋବାଲ ଡିଜିଟାଲ ପ୍ଲାଟଫର୍ମଗୁଡିକର ବ୍ୟବହାର କରୁଛନ୍ତି। ସନ୍ଦୀପ କହିଛନ୍ତି, 'ଏଲନ ମସ୍କ ମଙ୍ଗଳ ଗ୍ରହରେ ପହଂଚିବାକୁ ସ୍ୱପ୍ନ ଦେଖୁଥିବା ବେଳେ ମୁଁ ପୃଥିବୀକୁ ସଜାଡିବାକୁ ସ୍ୱପ୍ନ ଦେଖୁଛି।

# 'ଷ୍ଟିଲେଜ ମହୋତ୍ସବ' କ୍ୟାମ୍ପେନର ଶୁଭାରମ୍ଭ



ନୂଆଦିଲ୍ଲୀ: ଗ୍ଲୋବାଲ ଲିଡର ଗୁନେବୋ ୯୦ ବର୍ଷରୁ ଅଧିକ ସମୟ ହେବ ଷ୍ଟିଲେଜ ଓ ଚୁବସେଫ୍‌ସ ଭଳି ପ୍ରତିଷ୍ଠିତ ବ୍ରାଣ୍ଡଗୁଡିକ ମାଧ୍ୟମରେ ଭାରତୀୟ ଗ୍ରାହକଙ୍କୁ ସେବା ଯୋଗାଇ ଆସୁଛି। ଅଗଷ୍ଟ ୧ ତାରିଖରୁ ୧୪ ତାରିଖ ୨୦୨୫ ପର୍ଯ୍ୟନ୍ତ ଏହି ସଂସ୍ଥା ବିଆଇଏସ୍ ମାନଦଣ୍ଡ ସମେତ ବିଆଇଏସ ସାର୍ଟିଫାଏଡ ସେଫ୍, ଷ୍ଟ୍ରଙ୍ଗରୁମ ଡୋର ଓ ଭଲ୍ଟଗୁଡିକ ସମ୍ପର୍କରେ ଅଳଙ୍କାର ବ୍ୟବସାୟୀଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବାର ଲକ୍ଷ୍ୟ ସହିତ ଏହାର ଫ୍ଲାଗସିପ କ୍ୟାମ୍ପେନ 'ଷ୍ଟିଲେଜ ମହୋତ୍ସବ'ର ଶୁଭାରମ୍ଭ କରିଛି। ଦେଶବ୍ୟାପୀ ପରିଚାଳିତ 'ଷ୍ଟିଲେଜ ମହୋତ୍ସବ' କ୍ୟାମ୍ପେନର ଅଂଶ ଭାବେ ଏହି କାର୍ଯ୍ୟକ୍ରମ କଟକରେ ଗୁନେବୋର ଚ୍ୟାନେଲ ପାର୍ଟନରଙ୍କ ସମର୍ଥନରେ ଅଗଷ୍ଟ ୪ ତାରିଖରେ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅଳଙ୍କାର ବ୍ୟବସାୟୀଙ୍କୁ ବ୍ୟବସାୟର ସୁରକ୍ଷା ବୃଦ୍ଧି କରିବା କ୍ଷେତ୍ରରେ ପ୍ରମାଣିତ ଉତ୍ପାଦର ଭୂମିକାକୁ ଭଲ ଭାବରେ ବୁଝିବାରେ ସାହାଯ୍ୟ କରିବା ପାଇଁ ଲାଇଭ୍ ପ୍ରଦର୍ଶନୀ, ବିଶେଷଜ୍ଞ-ଆଧାରିତ ଆଲୋଚନା ଓ ଦ୍ୱିପାକ୍ଷିକ ଅଧିବେଶନର ଆୟୋଜନ କରାଯାଇଛି। ଏହି କ୍ୟାମ୍ପେନ ସମ୍ପର୍କରେ ଗୁନେବୋ ସେଫ୍ ଷ୍ଟୋରେଜ, ଏସିଆର ମାର୍କେଟିଂ ଓ ପ୍ରଡକ୍ଟ ମ୍ୟାନେଜମେଂଟ ବିଭାଗର ମୁଖ୍ୟ ଅନିର୍ବାନ ମୁଖୁଟି କହିଛନ୍ତି, 'ଷ୍ଟିଲେଜ ମହୋତ୍ସବ ହେଉଛି ଭାରତର ଅଳଙ୍କାର ବ୍ୟବସାୟୀମାନଙ୍କୁ ସଂଯୋଜିତ କରିବା ପାଇଁ ଏକ ସର୍ବଭାରତୀୟ ସ୍ତରର ଅଭିଯାନ। ଏହା ବିଆଇଏସ ସାର୍ଟିଫାଏଡ ସିକ୍ୟୁରିଟି ସଲ୍ୟୁଶନଗୁଡିକ ପାଇଁ ସଚେତନତା ସୃଷ୍ଟି କରୁଛି। 'ଷ୍ଟିଲେଜ ମହୋତ୍ସବ'ର ଲକ୍ଷ୍ୟ ହେଉଛି ଅଳଙ୍କାର ବ୍ୟବସାୟୀଙ୍କୁ ବିଆଇଏସ-ପ୍ରମାଣିତ ସିକ୍ୟୁରିଟି ପ୍ରଡକ୍ଟଗୁଡିକର ବ୍ୟବହାରର ମହତ୍ୱ ଉପରେ ସଚେତନ କରିବା ଏବଂ ସେମାନଙ୍କୁ ନିଜର ଜୁଏଲରୀ ଆଉଟଲେଟଗୁଡିକ ପାଇଁ ସଠିକ ସେଫ୍, ଭଲ୍ଟ ଓ ହାଇ-ସିକ୍ୟୁରିଟି ଲକ୍ ଚୟନ କରିବାରେ ସାହାଯ୍ୟ କରିବାଆଗାମୀ ଦିଗରେ 'ଷ୍ଟିଲେଜ ମହୋତ୍ସବ' ଭାରତର ସମସ୍ତ ଅଂଚଳରେ ପ୍ରମୁଖ ସହରଗୁଡିକୁ କଭର କରିବ ଯାହା ଦେଶବ୍ୟାପୀ ବ୍ୟବସାୟୀ ସମୁଦାୟ ପାଇଁ ବିଆଇଏସ-ପ୍ରମାଣିତ ସୁରକ୍ଷା ସମାଧାନଗୁଡିକର ନିକଟତର କରୁଛି।

# ହିମାଳୟ ୱେଲନେସ୍ ନିମ୍ ଫେସ୍ ୱାଶ୍ ପ୍ରସ୍ତୁତ




ମୁମ୍ବାଇ : ହିମାଳୟ ୱେଲନେସ ବ୍ରଣର ଯତ୍ନ ପଦ୍ଧତିକୁ ଏବେ ପୁନଃଲିଖନ କରିଛି। ବ୍ରଣ-ପ୍ରବଣ ତ୍ୱଚା ନିମନ୍ତେ ରାଷ୍ଟ୍ରର ସମାଧାନ ହେବାର ୨୫ ବର୍ଷ ପରେ ପ୍ରମୁଖ ହିମାଳୟ ପିୟୋରିଫାୟିଂ ନିମ ଫେସ ୱାଶ୍ ସମ୍ପ୍ରତି ପୁନଃପ୍ରସ୍ତୁତ, ପୁନଃପରିକଳ୍ପିତ ଏବଂ ବ୍ରଣ ସୃଷ୍ଟି ଧାରା ଭାଙ୍ଗିବାକୁ ପ୍ରସ୍ତୁତ। ଏବେ ୫-ପାର୍ଟ ଅଫ ନିମ ଫର୍ମୁଲେସନ ସହିତ ଉନ୍ନୀତ ହୋଇଥିବା ବ୍ରାଣ୍ଡର ଅଗ୍ରଣୀ ଫେଓ ୱାଶ ବାରମ୍ବାର ବ୍ରଣ ସୃଷ୍ଟି ହେବାଭଳି ତ୍ୱଚାଯତ୍ନ କ୍ଷେତ୍ରରେ ସର୍ବାଧିକ ବିରକ୍ତିକର ଆହ୍ୱାନଗୁଡିକ ପ୍ରତି ଦୃଷ୍ଟିଦେବାକୁ ଏକ ଦମଦାର ଲ ପ୍ରଦାନ କରିଛି। ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ହିମାଳୟ ନିମ ଫେସ ୱାଶ ବ୍ରଣ-ପ୍ରବଣ ତ୍ୱଚା ନିମନ୍ତେ ସର୍ବାଧିକ ପସନ୍ଦ ହୋଇ ରହିଆସିଛି। ନୂଆକରି ଉନ୍ନୀତ କରାଯାଇଥିବା ହିମାଳୟ ନିମ ଫେସ ୱାଶ ସେଥିରେ ପରିବର୍ତ୍ତନ ଆଣିବାକୁ ଡିଜାଇନ କରାଯାଇଛି। '୨୫ ବର୍ଷ ଧରି ହିମାଳୟ ନିମ ଫେସ ୱାଶ ସମଗ୍ର ଭାରତରେ ନିୟୁତ ନିୟୁତ ଲୋକଙ୍କ ନିମନ୍ତେ ଏକ ବିଶ୍ୱସନୀୟ ତ୍ୱଚାଯତ୍ନ ହୋଇ ରହିଆସିଛି। 'ବାରମ୍ବାର ବ୍ରଣ ସୃଷ୍ଟିକୁ ନେଇ ଗ୍ରାହକମାନେ ଜୀବନ ବଞ୍ଚିବା ଶିଖିଛନ୍ତି- ତେବେ ସେମାନେ ଏହା ଚାହୁଁଥିବା ପାଇଁ ନୁହେଁ, ବରଂ ଉକ୍ତ ସମସ୍ୟାର କେହି ସଫଳତାର ସହିତ ସମାଧାନ କରିନାହାନ୍ତି ବୋଲି ରାଗିଣୀ ହରିହରନ, ମାର୍କେଟିଂ ଡାଇରେକ୍ଟର- ବିୟୁଟି ଆଣ୍ଡ ପର୍ସନାଲ କେୟାର, ହିମାଳୟ ୱେଲନେସ କହିଥିଲେ। 'ନୂତନ ଫର୍ମୁଲା ଏ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନାନ୍ତରଣ ଆଣିବା ସହିତ ଏହାକୁ ପ୍ରକୃତିର ସମର୍ଥନ, ବିଜ୍ଞାନ ଦ୍ୱାରା ବୈଧୀକୃତ ଏବଂ ବ୍ରଣ ସୃଷ୍ଟିର ଧାରାରେ ପରିସମାପ୍ତି ଘଟାଇ ଏକ ବାସ୍ତବ ପାର୍ଥକ୍ୟ ଆଣିବା ନିମନ୍ତେ ଡିଜାଇନ କରାଯାଇଥିବା ଏକ ମଜଭୁତ ଏବଂ ସର୍ବାଧିକ ଫଳପ୍ରଦ ସମାଧାନରେ ପରିଣତ କରିଛି। ପ୍ରଭାବୀ ଗୁଣ ଏବଂ କୋମଳତା ନିମନ୍ତେ ଚିକିତ୍ସା ବିଜ୍ଞାନ ଦ୍ୱାରା ପରୀକ୍ଷିତ ନୂଆ ହିମାଳୟ ନିମ ଫେସ ୱାଶ ୫ମ ଦିନରୁ ବ୍ରଣ ହ୍ରାସକରେ ଏବଂ ବ୍ରଣର ଦାଗ ଲିଭିବାରେ ସହାୟତା କରିଥାଏ- ଯାହା ଏକ ପରିଷ୍କୃତ ତ୍ୱଚା ଏବଂ ବୃହତ୍ତର ଆତ୍ମବିଶ୍ୱାସ ଆଣିଦେଉଛି। 'ଏକ ପରମ୍ପରାକୁ ସଂରକ୍ଷିତ ରଖିବା ନିମନ୍ତେ' ଏହାର ପୁନଃ ବଜାର ପ୍ରବେଶ କରାଯାଇନାହିଁ- ଏହା ଏକ ନୂତନ ମାନକ ସ୍ଥାପନ ପାଇଁ ଉଦ୍ଦିଷ୍ଟ ବୋଲି ଅଭିଷେକ ଆଶାତ, ଜେନେରାଲ ମ୍ୟାନେଜର- ଫେସ କେୟାର କ୍ୟାଟେଗୋରୀ, ହିମାଳୟ ୱେଲନେସ କହିଥିଲେ।

# ଟାଟା ପାୱାର ପକ୍ଷରୁ ପ୍ରଥମ ତ୍ରୈମାସିକର ବ୍ୟବସାୟ ଫଳାଫଳ ଘୋଷଣା

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଟାଟା ପାୱାର ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସିକର ବ୍ୟବସାୟ ଫଳାଫଳ ଘୋଷଣା କରାଯାଇଛି। କମ୍ପାନି ୬ ପ୍ରତିଶତ ବୃଦ୍ଧି ସହ ୧୨୬୨ କୋଟି ଟଙ୍କାର ଟିକସ ପରବର୍ତ୍ତୀ ଲାଭ (ପିଏଟି) ହାସଲ କରିଛି। ରାଜସ୍ୱ ପରିମାଣ ୪ ପ୍ରତିଶତ ବୃଦ୍ଧି ପାଇ ୧୭,୪୬୪ କୋଟି ଟଙ୍କା ହୋଇଛି। ଏବିଟଡା ୧୭ ପ୍ରତିଶତ ବୃଦ୍ଧି ପାଇ ୩୯୩୦ କୋଟି ଟଙ୍କା ରହିଛି। ଅକ୍ଷୟ ଶକ୍ତିର ଟିକସ ପରବର୍ତ୍ତୀ ଲାଭ ୯୫ ପ୍ରତିଶତ ବୃଦ୍ଧି ସହ ୫୩୧ କୋଟି ଟଙ୍କା ହୋଇଛି। ପ୍ରଥମ ତ୍ରୈମାସିକରେ କମ୍ପାନି ୯୪ ମେଗାୱାଟର ଅକ୍ଷୟ ଶକ୍ତି କ୍ଷମତା ଯୋଡ଼ିଛି। ଫଳରେ ଏହାର ମୋଟ ଅକ୍ଷୟ ଶକ୍ତି କ୍ଷମତା ୫.୬ ଗିଗାୱାଟକୁ ବୃଦ୍ଧି ପାଇଛି। ରୁଫଟପ ସୋଲାର କ୍ଷେତ୍ରରେ କମ୍ପାନି ଏକ ନମ୍ବର ସ୍ଥାନ ବଜାୟ ରହିଛି। କମ୍ପାନି ମୋଟ ୨ ଲକ୍ଷ ରୁଫଟପ ସୋଲାର ସ୍ଥାପନ କରିଛି। ଏହି ବର୍ଗରୁ କମ୍ପାନି ୮୨୩ କୋଟି ଟଙ୍କାର ରାଜସ୍ୱ ହାସଲ କରିଛି। କେବଳ ପ୍ରଥମ ତ୍ରୈମାସିକରେ ୪୫,୫୦୦ରୁ ଅଧିକ ରୁଫଟପ ସୋଲାର ସ୍ଥାପନ କରାଯାଇଛି। କମ୍ପାନି ଏଥିରେ ୯୦ କୋଟି ଟଙ୍କାର ଟିକସ ପରବର୍ତ୍ତୀ ଲାଭ ହାସଲ କରିବା ସହ ୨୭୦ ଏମଡବ୍ଲୁପି ସୌର ପ୍ରକଳ୍ପ କାର୍ଯ୍ୟକ୍ଷମ କରିଛି ଯାହା ଗତବର୍ଷର ୧୧୧ ଏମଡବ୍ଲୁ ତୁଳନାରେ ୧୪୩ ପ୍ରତିଶତ ଅଧିକ। କମ୍ପାନି ପାଇଁ ବିନିର୍ମାଣ ଏକ ପ୍ରମୁଖ ଯୋଗଦାନକାରୀ ଭାବେ ଉଭା ହୋଇଛି। ଟିପି ସୋଲାରର ଟିକସ ପରବର୍ତ୍ତୀ ଲାଭ ୧୦୦ କୋଟି ଟଙ୍କା ଥିବା ବେଳେ ରାଜସ୍ୱ ୧୬୧୩ କୋଟି ଟଙ୍କା ରହିଛି। କମ୍ପାନି ୯୪୯ ମେଗାୱାଟର ସୋଲାର ମଡ୍ୟୁଲ ଓ ୯୦୪ ମେଗାୱାଟର ସୋଲାର ସେଲ ଉତ୍ପାଦନ କରିଛି। ଏହି ଅବସରରେ ଟାଟା ପାୱାରର ସିଇଓ ଓ ପରିଚାଳନା ନିର୍ଦ୍ଦେଶକ ଡ. ପ୍ରବୀର ସିହ୍ନା କହିଛନ୍ତି ଯେ, 'ସମସ୍ତ ବ୍ୟବସାୟ କ୍ଷେତ୍ରରେ ଦୃଢ଼ ପ୍ରଦର୍ଶନ ସହିତ ୨୦୨୫-୨୬ ଆର୍ଥିକ ବର୍ଷରୁ ଆମେ ଦୃଢ଼ ଭାବେ ଆରମ୍ଭ କରିଛୁ। ସ୍ୱଚ୍ଛ ଶକ୍ତି ମୂଲ୍ୟ ଶୃଙ୍ଖଳାରେ ଆମେ ନବସୃଜନ, ଦକ୍ଷତା ଓ ବ୍ୟାପକତାକୁ ବଢ଼ାଉଥିବା ବେଳେ ଆମ ଅକ୍ଷୟ ଶକ୍ତି ପୋର୍ଟଫୋଲିଓ ଆମ ଆଶାଠାରୁ ଅଧିକ ଭଲ ପ୍ରଦର୍ଶନ କରିଛି।



ଲଣ୍ଡନ: ଇଂଲଣ୍ଡର ତାରକା ବ୍ୟାଟର ଜୋ ରୁଟ୍ ରବିବାର ଭାରତ ବିପକ୍ଷ ପଞ୍ଚମ ଟେଷ୍ଟର ଦ୍ୱିତୀୟ ଇନିଂସରେ ଦମଦାର ବ୍ୟାଟିଂ କରିଛନ୍ତି। ସେ ଲଣ୍ଡନର କେନିଙ୍ଗଟନ ଓଭାଲ ଷ୍ଟାଡିୟମରେ ଭାରତ ଦ୍ୱାରା ଧାର୍ଯ୍ୟ ୩୭୪ ରନର ବିଜୟ ଲକ୍ଷ୍ୟକୁ ପିଛା କରିବା ସମୟରେ ଶତକ ହାସଲ କରିଛନ୍ତି। ସେ ୧୫୨ ବଲ୍ ?ରୁ ୧୦୫ ରନ କରିଛନ୍ତି। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ୩୯ତମ ଶତକ। ଏହା ସହ ସେ ନିଜ ନାଁରେ ଏକ ବଡ଼ ରେକର୍ଡ କରିଛନ୍ତି। ରୁଟ୍ ଘରୋଇ ମାଟିରେ ସବୁଠୁ ଅଧିକ ଶତକ ହାସଲ କରିବାରେ କ୍ରିକେଟ୍ ପାଲଟିଛନ୍ତି। ସେ ଇଂଲଣ୍ଡରେ ୨୪ତମ ଶତକ ହାସଲ କରି ଏକ ନମ୍ବର ସ୍ଥାନକୁ ଉଠିଛି। ରୁଟ୍ ଶ୍ରୀଲଙ୍କାର ପୂର୍ବତନ ବ୍ୟାଟର ମହେଲା ଜୟବର୍ଦ୍ଧନେ, ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂ ଓ ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଲରାଉଣ୍ଡର ଜ୍ୟାକ୍ କାଲିସଙ୍କୁ ପଛରେ ପକାଇଛନ୍ତି। ଏହି ତିନି ବ୍ୟାଟର ନିଜ ଘରୋଇ ମାଟିରେ ଟେଷ୍ଟ କ୍ରିକେଟ୍ ?ରେ ୨୩-୨୩ ଶତକ ହାସଲ କରିଥିଲେ। ଅନ୍ୟପଟେ ୩୪ ବର୍ଷୀୟ ରୁଟ୍ ଶ୍ରୀଲଙ୍କାର ପୂର୍ବତନ କିମ୍ବଦନ୍ତୀ କ୍ରିକେଟ୍‌ର କୁମାର ସାଙ୍ଗାକାରାଙ୍କୁ ପଛରେ ପକାଇଛନ୍ତି। ସେ ଏବେ ଟେଷ୍ଟ ଇତିହାସରେ ସବୁଠୁ ଅଧିକ ଶତକ ହାସଲ ତାଲିକାରେ ଚତୁର୍ଥ ସ୍ଥାନରେ ପହଞ୍ଚିଛନ୍ତି। ଆଉ ସାଙ୍ଗାକାରା ପଞ୍ଚମ ସ୍ଥାନକୁ ଖସିଛନ୍ତି। ସାଙ୍ଗାକାରା ଟେଷ୍ଟରେ ୩୮ ଟେଷ୍ଟ ଶତକ ହାସଲ କରିଥିଲେ। ଟେଷ୍ଟରେ ସର୍ବାଧିକ ଶତକର ରେକର୍ଡ ମହାନ ବ୍ୟାଟର ସଚିନ ତେନ୍ଦୁଲକର(୫୧)ଙ୍କ ନାଁରେ ରହିଛି। ଏହା ପରେ କାଲିସ(୪୫) ଓ ପଣ୍ଟିଂ(୪୧) ରହିଛନ୍ତି।

# ଗିଲ୍‌ଙ୍କ ପ୍ରଦର୍ଶନ ବହୁତ ଭଲ: ଗାଭାସ୍କର



ଲଣ୍ଡନ: ଘରୋଇ ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳାରେ ପ୍ରଥମଥର ଭାରତର ନେତୃତ୍ୱ ନେଇଥିବା ଶୁଭମନ ଗିଲ୍ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି। ଏହି ଶୃଙ୍ଖଳାରେ ଗିଲ୍ ୧୦ଟି ଇନିଂସରୁ ୪ଟି ଶତକ ସହ ୭୫.୪୦ ଆଭ୍ରେଜରେ ସର୍ବାଧିକ ୭୫୪ ରନ୍ କରିଛନ୍ତି। ନେତୃତ୍ୱର ପଦାର୍ପଣରେ ଗିଲ୍‌ଙ୍କ ଏପରି ବ୍ୟାଟିଂକୁ ବେଶ୍ ପ୍ରଶଂସା କରିଛନ୍ତି କିମ୍ବଦନ୍ତୀ ଭାରତୀୟ ବ୍ୟାଟ୍‌ସମ୍ୟାନ ସୁନୀଲ ଗାଭାସ୍କର। ୧୯୭୧ରେ ତାଙ୍କ ପ୍ରଥମ ଟେଷ୍ଟ ଶୃଙ୍ଖଳାରେ ଗାଭାସ୍କର ରେକର୍ଡ ୭୭୪ ରନ୍ କରିଥିଲେ। ହେଲେ ଇଂଲଣ୍ଡରେ ଗିଲ୍‌ଙ୍କ ପ୍ରଦର୍ଶନ ତାଙ୍କ ୭୭୪ ରନ୍‌ଠାରୁ ବହୁତ ଭଲ ବୋଲି ଗାଭାସ୍କର କହିଛନ୍ତି। ଗିଲ୍ ରେକର୍ଡରୁ ବଞ୍ଚିତ ହୋଇଥିଲେ ହେଁ ତାଙ୍କ କୃତିତ୍ୱକୁ ଗାଭାସ୍କର ବେଶ୍ ପ୍ରଶଂସା କରିଛନ୍ତି। ବ୍ୟକ୍ତିଗତ ଭାବେ ଶୁଭମନ ଗିଲ୍‌ଙ୍କୁ ଭେଟି ତାଙ୍କୁ ଅଭିନନ୍ଦନ ଜଣାଇବା ପରେ ସୁନୀଲ ଗାଭାସ୍କର କହିଛନ୍ତି, ମୋ ରେକର୍ଡ ଗିଲ୍ ଅତିକ୍ରମ କରିବେ ବୋଲି ଅନୁମାନ କରି ତାଙ୍କ ପାଇଁ ଉପହାର ରଖିଥିଲି। ହେଲେ ଈଶ୍ୱରଙ୍କ ହାତରେ ସବୁକିଛି ଅଛି। ହେଲେ ଏକ ଶୃଙ୍ଖଳାରେ ୭୫୪ ରନ୍ ବେଶ୍ ଚମତ୍କାର। ମୋର ଓ ଗିଲ୍‌ଙ୍କ ରନ୍ ମଧ୍ୟରେ ଏହା ଫରକ ଥିଲା ଯେ ନେତୃତ୍ୱର ଅତିରିକ୍ତ ବୋଝ ନେଇ ଗିଲ୍ ଏହି ରନ୍ ସ୍କୋର କରିଛନ୍ତି। ୧୯୭୧ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ଶୃଙ୍ଖଳାରେ ପଦାର୍ପଣ କରିଥିଲି। ଫଳରେ ଦଳରେ ମୁଁ ଜଣେ ଶିଶୁ ଥିଲି। ମୁଁ ବିଫଳ ହୋଇଥିଲେ କେହି କିଛି କହି ନଥାଆନ୍ତେ। ତେବେ ଅଧିନାୟକ ଭାବେ ୭୫୦ରୁ ଅଧିକ ରନ୍ କରିବା ସହ ଗିଲ୍ ଦଳର ଭାଗ୍ୟରେ ପରିବର୍ତ୍ତନ ଆଣିଥିଲେ। ଆମ ମଧ୍ୟରେ ଥିବା ୨୦ ରନ୍‌ର ବ୍ୟବଧାନକୁ ଦେଖନାହିଁ। ଦେଖନ୍ତୁ ଯେ ଶୁଭମନ ଗିଲ୍‌ଙ୍କ ୭୫୪ ରନ୍ ଭାରତୀୟ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ଥିଲା। ଲିଡ୍‌ସରେ ପ୍ରଥମ ଟେଷ୍ଟମ୍ୟାଚ୍‌ରେ ଗିଲ୍ ଚମତ୍କାର ୧୪୭ ରନ୍ କରିବା ପରେ ବର୍ମିଂହାମ୍‌ରେ ୨ୟ ଟେଷ୍ଟରେ ଗିଲ୍ ୨୬୯ ଓ ୧୬୧ ଏହିପରି ମୋଟ ୪୩୦ ରନ୍ କରିଥିଲେ। ୪ର୍ଥ ଟେଷ୍ଟରେ ଗିଲ୍ ୧୦୩ ରନ୍‌ର ଶତକୀୟ ଇନିଂସ ଖେଳି ଭାରତକୁ ଶୃଙ୍ଖଳା ପରାଜୟରୁ ବଞ୍ଚାଇବା ସହ ମ୍ୟାଚ୍‌କୁ ଡ୍ର ରଖି ପାରିଥିଲେ।

# କୋହଲିଙ୍କୁ ନେଇ ମୁହଁ ଖୋଲିଲେ ତମନ୍ନା

ନୂଆଦିଲ୍ଲୀ: ଭାରତର ଷ୍ଟାର ବ୍ୟାଟ୍ସମ୍ୟାନ୍ କୋହଲିଙ୍କୁ ନେଇ ମୁହଁ ଖୋଲିଲେ ତମନ୍ନା ଭାଟିୟା। ବହୁତ ଦିନ ତଳେ ବିରାଟ କୋହଲି ଓ ତମନ୍ନା ଭାଟିୟାଙ୍କ ଏକ ଫଟୋ ଭାଇରାଲ ହୋଇଥିଲା। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ନେଇ ଗୁଜବ ଜୋର ଧରିଥିଲା। ସେତେବେଳେ କୋହଲି ଭାରତୀୟ କ୍ରିକେଟର ଷ୍ଟାର ଖେଳାଳି ଥିଲେ। ଏ ନେଇ ସେ ସମୟରେ ଉଭୟ ଚୁପ ରହିବା ଶ୍ରେୟ ମନେ କରିଥିଲେ। ଦୀର୍ଘ ଦିନ ପରେ କୋହଲିଙ୍କ ସହ ସମ୍ପର୍କକୁ ନେଇ ତମନ୍ନା ମୁହଁ ଖୋଲିଛନ୍ତି। ସେ ଏକ ସାକ୍ଷାତକାରରେ କହିଛନ୍ତି ମୁଁ ଥରେ ମାତ୍ର କୋହଲିଙ୍କୁ ଭେଟିଛି । ଏହି ଆଡ ଶୁଟ ପରେ ମୋର ତାଙ୍କ ସହିତ ଭେଟ ହୋଇନି। ଏହି ଅବସରରେ ପାକିସ୍ତାନ କ୍ରିକେଟର ଅବଦୁଲ ରଜାକଙ୍କ ସହ ସମ୍ପର୍କକୁ ନେଇ ମଧ୍ୟ ଖୁଲାସା କରିଥିଲେ। ସୋସିଆଲ ମିଡିଆରେ ମୁଁ ରଜାକଙ୍କୁ ବିବାହ କରିଥିବା ଖବର ପ୍ରକାଶ ପାଇଛି । ମୋ ବାହାଘର ହୋଇଛି ଅଥଚ ମୁଁ ଜାଣିନି । ରଜାକ ସାର ମଧ୍ୟ ବିବାହିତ ଏବଂ ପାରିବାରିକ ଲୋକ। ଏ ଭଳି ଖବର ନିଶ୍ଚିତ ଭାବେ ସମସ୍ତଙ୍କ ସମ୍ମାନ କ୍ଷୁର୍ଣ୍ଣ କରିବ। ଏକ ଜୁଏଲାରୀ ଷ୍ଟୋରର ଓପିନଂ ବେଳେ ଆମେ ଭେଟ ହୋଇଥିଲୁ। କୌଣସି ପ୍ରକାରର ସମ୍ପର୍କ ନ ଥିବା ଅଯଥାରେ ଗୁଜବ ସୃଷ୍ଟି କରିବା ଗ୍ରହଣୀୟ ନୁହେଁ ବୋଲି ତମନ୍ନା କହିଛନ୍ତି ।



## ପାକିସ୍ତାନ-ୱେଷ୍ଟଇଣ୍ଡିଜ୍‌ର ଟି-୨୦ ସିରିଜ୍

# ପାକିସ୍ତାନ ୧୩ରନ୍‌ରେ ବିଜୟୀ



ଫ୍ଲୋରିଡା: ସୋମବାର ପାକିସ୍ତାନ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ତୃତୀୟ ଟି-୨୦ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌କୁ ପାକିସ୍ତାନ ୧୩ରନ୍‌ରେ ବିଜୟୀ ହୋଇଛି। ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ପାକିସ୍ତାନ ପକ୍ଷରୁ ସାହିବଜାଦା ଫାରହାନ୍ ଓ ସାମ୍ ଆୟୁବ ପାଳି ଆରମ୍ଭ କରିଥିଲେ। ଉଭୟ ଭଲ ଆରମ୍ଭ କରିଥିଲେ। ଓପନର ସାହିବଜାଦା ଫାରୁନ୍ ୫୩ଟି ବଲ୍ ଖେଳି ୭୪ ରନ୍ କରିଥିବା ବେଳେ ସାମ୍ ଆୟୁବ ୪୮ଟି ବଲ୍ ଖେଳି ୬୬ରନ କରି ଆଉଟ ହୋଇଯାଇଥିଲେ। ଅନ୍ୟ ବ୍ୟାଟ୍ସମ୍ୟାନ୍ ଆଖିଦୃଶିଆ ରନ୍ କରି ନପାରିବାରୁ ଦଳ ବଡ ରନ୍ କରିବାକୁ ସକ୍ଷମ ହୋଇନଥିଲା। ଅନ୍ୟପକ୍ଷରେ ହାସନ ନୱାଜ ୧୫, ୱିକେଟକିପର ମହମ୍ମଦ ହାରିସ ୨, ଖୁସ୍‌ଦିଲ ୧୧, ଫାହଲ ଅସରଫ୍ ୧୦ରନ୍ କରିଥିଲେ। ଯାହାଫଳରେ ଦଳ ୪ୱିକେଟ ବିନିମୟରେ ୧୮୯ରନ୍ କରିବାକୁ ସକ୍ଷମ ହୋଇଥିଲା। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ହେଲ୍‌ଡର, ରୋଷ୍ଟନ ଚେସ୍, ସାମର ଜୋସେଫ୍ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ୧୯୦ରନ୍‌ର ଟାର୍ଗେଟ ନେଇ ମୈଦାନକୁ ଓହ୍ଲାଇଥିଲା ୱେଷ୍ଟଇଣ୍ଡିଜ୍। ଦଳ ନିର୍ଦ୍ଧାରିତ ଓଭରରେ ୬ୱିକେଟ ହରାଇ ୧୭୬ରନ୍ କରିଥିଲା। ଯାହା ଫଳରେ ମ୍ୟାଚ୍ ହାରିଯାଇଥିଲା। ଦଳ ପକ୍ଷରୁ ୱିକେଟକିପରି ଜେୱେଲ ଆଣ୍ଡରୁ ୨୧, ଅଲିକ୍ ଆନ୍ଥେଜା ୬୦, ଅଧିନାୟକ ସାଇ ହୋପ୍ ୭, ସରଫାନ୍ ରଦରଫୋର୍ଡ ୫୧, ରୋଷ୍ଟନ ଚେସ୍ ୧୨, ରୋମାରିଓ ସେଫର୍ଡ ୪, ଗୁଡକେସ୍ ମୋତି ୧୦ରନ୍ କରିଥିଲେ। ପାକିସ୍ତାନ ପକ୍ଷରୁ ହାସନ୍ ଅଲି, ମହମ୍ମଦ ନୱାଜ, ହାରିସ ରୁଫ୍, ସେମ୍ ଆୟୁବ ଓ ସୁଫିଆନ୍ ମୁକିମ୍ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

# ଇଂଲଣ୍ଡରେ ଭାରତର ଦ୍ୱିତୀୟ ସର୍ବାଧିକ ରନ୍



ନୂଆଦିଲ୍ଲୀ: ଇଂଲଣ୍ଡ ଗସ୍ତରେ ଭାରତୀୟ କ୍ରିକେଟ ଟିମ ଅନେକଗୁଡିଏ ରେକର୍ଡ ନିଜ ନାମରେ କରିଛି । ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଭାରତ ୪୭୦ ବାଉଣ୍ଡରୀ ମାରି ଇତିହାସ ସୃଷ୍ଟି କରିଛି । ଏହା ପୂର୍ବରୁ ଟିମଇଣ୍ଡିଆ ୧୯୬୪ରେ ୩୮୪ ବାଉଣ୍ଡରୀ ମାରିଥିଲା । ଏଥିରେ ୪୨୨ ଚୌକା ଓ ୪୮ ଛକା ସାମିଲ । ୬୦ ବର୍ଷ ପରେ ଏବେ ଏହି ରେକର୍ଡ ଭାଙ୍ଗିଛି । ସେହିପରି ପ୍ରଥମ ଥର ପାଇଁ ଭାରତୀୟ ବ୍ୟାଟ୍ସମ୍ୟାନ ୨୮ ଥର ୫୦ରୁ ଅଧିକ ରନ ସଂଗ୍ରହ କରିଛନ୍ତି । ତେନ୍ଦୁଲକର-ଆଣ୍ଡରସନ ଟ୍ରଫିରେ ଭାରତ ଓଭରାଲ ୩୮୦୯ ରନ ସଂଗ୍ରହ କରିଛି । ଟେଷ୍ଟ ଇତିହାସରେ ଏହା ଦ୍ୱିତୀୟ ସର୍ବାଧିକ ରନ ସଂଗ୍ରହ । ୧୯୮୯ରେ ଅଷ୍ଟ୍ରେଲିଆ ୬ ମ୍ୟାଚ ବିଶିଷ୍ଟ ଆଶେସ ସିରିଜରେ ୩୮୭୭ ରନ କରି ଏବେ ବି ଶୀର୍ଷରେ ରହିଛି। ଦଳ ଉକ୍ତ ଟେଷ୍ଟରେ ୫୮୭ ରନର ପାହାଡ଼ କରିଥିଲା। ଏହି ବିଶାଳ ସ୍କୋର ଟିମ୍ ଇଣ୍ଡିଆକୁ ବର୍ମିଂହାମ ଟେଷ୍ଟରେ ୩୩୬ ରନରେ ଜିତିବାରେ ସାହାଯ୍ୟ କରିଥିଲା। ଲିଡ୍ସରେ ଖେଳାଯାଇଥିବା ପ୍ରଥମ ଟେଷ୍ଟର ଉଭୟ ଇନିଂସରେ ଟିମ୍ ଇଣ୍ଡିଆ ମୋଟ ୮୩୫ ରନ କରିଥିଲା। ବର୍ମିଂହାମରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ଭାରତୀୟ ବ୍ୟାଟରମାନେ ମୋଟ୍ ୧,୦୧୪ ରନ କରିଥିଲେ। ତୃତୀୟ ଟେଷ୍ଟର ଉଭୟ ଇନିଂସରେ ମୋଟ ୫୫୭ ରନ ଏବଂ ଚତୁର୍ଥ ଟେଷ୍ଟରେ ଭାରତୀୟ ବ୍ୟାଟର ୭୮୩ ରନ କରିଥିଲେ। ଓଭାଲ୍ ଟେଷ୍ଟରେ ଟିମ୍ ଇଣ୍ଡିଆ ୬୨୦ ରନ କରିଥିଲା। ଏହିପରି ଭାବରେ, ସମଗ୍ର ସିରିଜରେ ଭାରତୀୟ ବ୍ୟାଟର ୩,୮୦୯ ରନ କରିଥିଲେ। ଅଧିନାୟକ ଶୁଭମନ ଗିଲ୍ ସିରିଜରେ ଭାରତ ପାଇଁ ସର୍ବାଧିକ ରନ କରିଛନ୍ତି। ଗିଲ୍ ମଧ୍ୟ ଏହି ସିରିଜରେ ୪ ଶତକ ହାସଲ କରିଛନ୍ତି। ଦ୍ୱିତୀୟ ସର୍ବାଧିକ ରନ ସ୍କୋରର ଥିଲେ କେଏଲ ରାହୁଲ, ଯିଏ ୨ ଶତକ ସହାୟତାରେ ୫୩୨ ରନ କରିଛନ୍ତି। ରବୀନ୍ଦ୍ର ଜାଡେଜା ମଧ୍ୟ ତାଙ୍କ ବ୍ୟାଟିଂରେ ପ୍ରଭାବିତ ହୋଇଥିଲେ, ୫ ଅର୍ଦ୍ଧଶତକ ଏବଂ ଗୋଟିଏ ଶତକ ସହାୟତାରେ ୫୧୬ ରନ କରିଛନ୍ତି। ଆଘାତ ଯୋଗୁଁ ପଞ୍ଚମ ଟେଷ୍ଟ ଖେଳିପାରି ନଥିବା ଋଷଭ ପନ୍ତ ୪୭୯ ରନର ଅବଦାନ ଦେଇଥିଲେ।

# ସୂର୍ଯ୍ୟକୁମାର ଏସିଆ କପ୍‌ରେ ଭାରତର ନେତୃତ୍ୱ ନେବେ!



ନୂଆଦିଲ୍ଲୀ: ସୂର୍ଯ୍ୟକୁମାର ଯାଦବ ବର୍ତ୍ତମାନ ଜାତୀୟ କ୍ରିକେଟ୍ ଏକାଡେମୀ - କିମ୍ବା ସେଣ୍ଟର ଅଫ୍ ଏକ୍ସଲେନ୍ସ ରେ ଅଛନ୍ତି - କାରଣ ସେ ଏସିଆ କପ୍ ପାଇଁ ସମୟ ମଧ୍ୟରେ ଫିଟ୍ ହେବାକୁ ଲକ୍ଷ୍ୟ ରଖିଛନ୍ତି। ଭାରତ ଟି୨୦ଓ ଅଧିନାୟକ ସମ୍ପ୍ରତି ପୁନର୍ବାସ ଏବଂ ଫିଟନେସ୍ ମୂଲ୍ୟାଙ୍କନ ପାଇଁ ବେଙ୍ଗାଲୁରୁରେ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ସୁବିଧାରେ ରିପୋର୍ଟ କରିଛନ୍ତି। ପଶ୍ଚିମ ଜୋନ୍ ଚୟନକର୍ତ୍ତାମାନେ ତାଙ୍କୁ ସେମାନଙ୍କର ୧୫ ସଦସ୍ୟ ବିଶିଷ୍ଟ ଦୁଲୀପ ଟ୍ରଫି ଦଳରୁ ବାଦ ଦେବାର ମୁଖ୍ୟ କାରଣ ଥିଲା ଯାହା ପାଇଁ ଶାର୍ଦ୍ଦୁଳ ଠାକୁରଙ୍କୁ ଅଧିନାୟକ ନିଯୁକ୍ତ କରାଯାଇଥିଲା। ସମ୍ପ୍ରତି ବାଛିଥିବା ଦଳରେ ମୁମ୍ବାଇର ଅନେକ ପ୍ରମୁଖ ଖେଳାଳି ଅଛନ୍ତି, ଯେଉଁଥିରେ ଯଶସ୍ୱୀ ଜୟସୱାଲ, ଶ୍ରେୟସ ଆୟର, ସରଫରାଜ ଖାନ, ଶାମସ ମୁଲାନି, ତନୁଶ କୋଟିଆନ ଏବଂ ତୁଷାର ଦେଶପାଣ୍ଡେ ସାମିଲ ଅଛନ୍ତି କିନ୍ତୁ ସୂର୍ଯ୍ୟକୁମାର ନାହାଁନ୍ତି। ଚୟନ ସମୟରେ, ପଶ୍ଚିମ ଜୋନ ଚୟନକର୍ତ୍ତାମାନେ ତାଙ୍କର ଉପଲବ୍ଧତା ବିଷୟରେ ପଚାରିଥିଲେ ଏବଂ ସୂର୍ଯ୍ୟକୁମାର ସେମାନଙ୍କୁ ସୂଚନା ଦେଇଥିବା ଜଣାପଡିଛି ଯେ ସେ ସିଓଇରେ ଯାଞ୍ଚ କରିଛନ୍ତି। ପୁନର୍ବାସ ପ୍ରକ୍ରିୟା ସ୍ପଷ୍ଟ ଭାବରେ ମ୍ୟୁନିଚ୍ ରେ ତାଙ୍କର ହୋଇଥିବା ହାର୍ନିଆ ଅସ୍ତ୍ରୋପଚାରର ଏକ ଅନୁସରଣ, ଯାହା ସେ ଜୁନ୍ ମାସରେ ସାର୍ବଜନୀନ ଭାବରେ ଘୋଷଣା କରିଥିଲେ। 'ଡାହାଣ ପେଟର ତଳ ଭାଗରେ ସ୍ପୋର୍ଟସ୍ ହାର୍ନିଆ ପାଇଁ ଅସ୍ତ୍ରୋପଚାର କରାଯାଇଛି। ସୂର୍ଯ୍ୟକୁମାରଙ୍କ ପରବର୍ତ୍ତୀ ଲକ୍ଷ୍ୟ ହେଉଛି ସେପ୍ଟେମ୍ବର ୯ ରୁ ୨୮ ପର୍ଯ୍ୟନ୍ତ ୟୁଏଇରେ ହେବାକୁ ଥିବା ଏସିଆ କପ୍। ଏହି ଗତିଶୀଳ ଟି୨୦ ବ୍ୟାଟ୍ସମ୍ୟାନ ଟୁର୍ଣ୍ଣାମେଣ୍ଟରେ ଭାରତକୁ ନେତୃତ୍ୱ ଦେବେ ବୋଲି ଆଶା କରାଯାଉଛି। ମୁମ୍ବାଇ କ୍ରିକେଟ ଆସୋସିଏସନର ଅଧିକାରୀଙ୍କ ଅନୁଯାୟୀ, ସେ ଏହି ଇଭେଣ୍ଟ ପାଇଁ ସମୟ ମଧ୍ୟରେ ପୂର୍ଣ୍ଣ ଫିଟନେସ୍ ହୋଇଯାଇଥିବେ ବୋଲି ଆଶା ରଖିଛନ୍ତି। ସେ ଶେଷ ଥର ପାଇଁ ଆଇପିଏଲ୍ ସମୟରେ ମୁମ୍ବାଇ ଇଣ୍ଡିଆନ୍ସ ଦଳର ପ୍ରତିନିଧିତ୍ୱ କରି କାର୍ଯ୍ୟରେ ନଜର ଆସିଥିଲେ। ସେହିପରି ଶ୍ରେୟସ ଆୟର ଗତ ସପ୍ତାହରେ ଫିଟନେସ୍ ପରୀକ୍ଷା ପାଇଁ ସିଓଇ ଯାଇଥିଲେ। ସେ ଫିଟ୍ ଥିବାଜଣା ପଡିଛି। ଏସିଆ କପ୍ ପାଇଁ ମନୋନୀତ ନହେଲେ ସେ ଦୁଲୀପ୍ ଟ୍ରଫିରେ ଯୋଗଦେବା ଉଚିତ। ଆୟରଙ୍କୁ ଶେଷ ଥର ପାଇଁ ଆଇପିଏଲ୍ ଫାଇନାଲରେ ଦେଖାଯାଇଥିଲା, ସେ ପଞ୍ଜାବ କିଙ୍ଗ୍ସ ଫ୍ରାଞ୍ଚାଇଜ୍ ର ନେତୃତ୍ୱ ନେଇଥିଲେ। ଏକ ଅତ୍ୟନ୍ତ ସଫଳ ଆଇପିଏଲ୍ ସିଜିନ୍ ପରେ, ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫି ପାଇଁ ଭାରତୀୟ ଟେଷ୍ଟ ଦଳରେ ତାଙ୍କର ଅନ୍ତର୍ଭୁକ୍ତି ବିଷୟରେ ବହୁତ କଳ୍ପନାଜଳ୍ପନା କରାଯାଉଥିଲା, କିନ୍ତୁ ଆଶା କରାଯାଇଥିବା ତାକରା ବାସ୍ତବରେ ପରିଣତ ହୋଇନଥିଲା। ଚାରି ଦିନିଆ ଦୁଲୀପ୍ ଟ୍ରଫି ମ୍ୟାଚ୍ ଅଗଷ୍ଟ ୨୮ ରେ ବେଙ୍ଗାଲୁରୁରେ ଆରମ୍ଭ ହେବ, କିନ୍ତୁ ପଶ୍ଚିମ ଜୋନ୍ ଦଳ - ସିଧାସଳଖ ସେମିଫାଇନାଲରେ ସ୍ଥାନ ପାଇଥିବାରୁ - ସେପ୍ଟେମ୍ବର ୪ ରୁ ସେମାନଙ୍କର ପ୍ରଥମ ମ୍ୟାଚ୍ ଖେଳିବ।

# ଏସୀୟ ଜୁନିଅର ଉସୁ ଚାମ୍ପିଅନସିପ୍ ବ୍ରୋଞ୍ଜ ବିଜେତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା



ଭୁବନେଶ୍ୱର/କେନ୍ଦୁଝର (ଭାସ୍କର ନ୍ୟୁଜ୍): ଚୀନରେ ଆୟୋଜିତ ଦ୍ୱାଦଶ ଏସୀୟ ଜୁନିଅର ଉସୁ ଚାମ୍ପିଅନସିପରେ ଚମତ୍କାର ପ୍ରଦର୍ଶନ କରିବା ସହ ୪୮ କେଜି ବର୍ଗରେ ବ୍ରୋଞ୍ଜ ମେଡାଲ ଜିତି ଦେଶ ପାଇଁ ଗୌରବ ଆଣିଥିବା ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର ଶ୍ୱେତାରାଣୀ ମହାନ୍ତଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରିଛନ୍ତି। କେନ୍ଦୁଝର ଷ୍ଟାଡିୟମରେ ଅନୁଷ୍ଠିତ ସାହାଣୀ କପ୍ ଫାଇନାଲ ମ୍ୟାଚ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ୱେତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଖୁସି ବ୍ୟକ୍ତ କରିବା ସହ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଝିଅଟିଏ ବିଶ୍ୱସ୍ତରରେ ସଫଳତା ଅର୍ଜନ କରିବା ନିଶ୍ଚିତ ଭାବେ ଜିଲ୍ଲାବାସୀଙ୍କ ପାଇଁ ଗୌରବର ବିଷୟ ବୋଲି କହିଛନ୍ତି। ଏହି ସମ୍ବର୍ଦ୍ଧନା ପାଇବା ପରେ ଶ୍ୱେତା ଆନନ୍ଦିତ ହେବା ସହ ଜିନ୍ଦଲ ଫାଉଣ୍ଡେସନ ଓ ଏହାର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲଙ୍କୁ କୃତଜ୍ଞତା ଜଣାଇଛନ୍ତି। ତାଙ୍କର ଏହି ସଫଳତା ପଛରେ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର ଅବଦାନ ପାଇଁ ମଧ୍ୟ ସେ ଧନ୍ୟବାଦ ଦେଇଛନ୍ତି। ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପାରିପାର୍ଶ୍ୱିକ ଅଞ୍ଚଳରେ କୃଷି, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ ସଂସ୍କୃତିର ବିକାଶ ପାଇଁ କାର୍ଯ୍ୟ କରିଆସୁଛି। ସ୍ଥାନୀୟ ଅଞ୍ଚଳର କ୍ରୀଡ଼ା ପ୍ରତିଭାଙ୍କ ବିକାଶ ପାଇଁ ଫାଉଣ୍ଡେସନର ପ୍ରୋତ୍ସାହନରେ ଏହି ସ୍ପୋର୍ଟସ ହଷ୍ଟେଲ ପ୍ରତିଷ୍ଠିତ ହୋଇଛି। ଏହି ସଫଳତାରେ ଶ୍ରୀମତୀ ଜିନ୍ଦଲ ଖୁସି ପ୍ରକାଶ କରିବା ସହ କହିଛନ୍ତି, ଏସୀୟ ଜୁନିୟର ଉସୁ ଚାମ୍ପିଅନସିପରେ ଶ୍ୱେତାଙ୍କ ସଫଳତା ପାଇଁ ଆମେ ଅତ୍ୟନ୍ତ ଗୌରବାନ୍ୱିତ। ତାଙ୍କ ସଫଳତାରେ ଆମ ସ୍ପୋର୍ଟସ ହଷ୍ଟେଲର ଉଦ୍ୟମ ଓ ଗ୍ରାମୀଣ ଆଦିବାସୀ ପ୍ରତିଭାଙ୍କ ଦକ୍ଷତା ପ୍ରତିଫଳିତ ହେଉଛି। ତାଲିମ, ଶିକ୍ଷା ଓ ସୁଯୋଗ ପ୍ରଦାନ ଦ୍ୱାରା ଯୁବ କ୍ରୀଡ଼ାବିତଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହିତ କରିବାକୁ ଜିନ୍ଦଲ ଫାଉଣ୍ଡେସନ ସର୍ବଦା ପ୍ରତିଶ୍ରୁତିବଦ୍ଧ। ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର କ୍ରୀଡ଼ାବିତ ଶ୍ୱେତାରାଣୀ, ପ୍ରେମ, ରାଜକୁମାର, ବବଲୁ, ମଞ୍ଜୁ ମୁଣ୍ଡା ଚୀନ, ବ୍ରାଜିଲ, ବ୍ରୁନେଇ ଓ ମସ୍କୋରେ ଆୟୋଜିତ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସମୁଦାୟ ୧୦ଟି ମେଡାଲ ଜିତିଛନ୍ତି। ଏହି ମେଡାଲ ଶ୍ୱେତାରାଣୀଙ୍କର ଚତୁର୍ଥ ଅନ୍ତର୍ଜାତୀୟ ମେଡାଲ। ଜିନ୍ଦଲ ଷ୍ଟିଲର ପ୍ରେସିଡେଣ୍ଟ ତଥା ଗ୍ରୁପ ମୁଖ୍ୟ (ସିଏସଆର) ପ୍ରଶାନ୍ତ ହୋତା କହିଛନ୍ତି, ଜଣେ ସମର୍ପିତ କ୍ରୀଡ଼ାପ୍ରେମୀ ତଥା ଆମ ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଦୂରଦୃଷ୍ଟି ଆଧାରରେ ଏବଂ ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ, ଜିନ୍ଦଲ ଫାଉଣ୍ଡେସନ ତୃଣମୂଳସ୍ତରର କ୍ରୀଡ଼ାବିତଙ୍କୁ ଭବିଷ୍ୟତରେ ଅନ୍ତର୍ଜାତୀୟ ପ୍ରତିଯୋଗିତା ତଥା ଅଲିମ୍ପିକ ପାଇଁ ପ୍ରସ୍ତୁତ କରିବା ପାଇଁ ଉଦ୍ୟମ ଜାରି ରଖିଛି। ଜିନ୍ଦଲ ଫାଉଣ୍ଡେସନ ସହଯୋଗରେ କେନ୍ଦୁଝରର ଆଦିବାସୀ ପ୍ରତିଭାମାନେ ଦେଶକୁ ଗର୍ବିତ କରୁଥିବାରୁ ଆମେ ବହୁତ ଖୁସି। ଏହାସହିତ କେନ୍ଦୁଝର ଜିଲ୍ଲା ଉସୁ ଆସୋସିଏସନ ଏବଂ ଉସୁ ଆସୋସିଏସନ ଅଫ୍ ଓଡ଼ିଶାର ସମସ୍ତ ସାହାଯ୍ୟ ଓ ସହଯୋଗ ପାଇଁ ସେମାନଙ୍କୁ ଧନ୍ୟବାଦ ଜଣାଉଛୁ। ଫାଉଣ୍ଡେସନ ପକ୍ଷରୁ ଦେଶର ୪୦ ହଜାର ଗ୍ରାମୀଣ ଓ ଆଦିବାସୀ ପ୍ରତିଭାଙ୍କୁ ସାମରିକ କଳା, ହକି, ଫୁଟବଲ, କବାଡ଼ି, ଖୋ-ଖୋ, ତୀରନ୍ଦାଜୀ ଓ କ୍ରିକେଟରେ ଭବିଷ୍ୟତ ନିର୍ମାଣ ପାଇଁ ପ୍ରୋତ୍ସାହିତ କରାଯାଉଛି।

## ତରତୁଆ ରାଇଜିଙ୍ଗ ଷ୍ଟାର ଜୁନିଅର ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# କେରଙ୍ଗ ଅହମ୍ମଦିୟା କ୍ଲବ୍ ଚାମ୍ପିଅନ୍



ଖୋର୍ଦ୍ଧା (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ନିକଟସ୍ଥ ତରତୁଆ ଖେଳ ପଡ଼ିଆରେ ତରତୁଆ ରାଇଜିଙ୍ଗ ଷ୍ଟାର ଜୁନିଅର ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ କେରଙ୍ଗ ଅହମଦୀୟା କ୍ଲବ, ତରତୁଆ ରାଇଜିଙ୍ଗ ଷ୍ଟାର କ୍ଲବ, ଏସ.ଏସ ଶରଧାପୁର, ସୋରଡ଼ା, ଫ୍ରେଣ୍ଡସ୍ କ୍ଲବ ତରତୁଆ, ମା' ଯୋଗମାୟା କ୍ଲବ ଶରଧାପୁର, ଆଦିବାସୀ ଜାଗରଣ କ୍ଲବ ପାଇକତିଗିରିଆ ଏବଂ ମରନିଙ୍ଗ ଷ୍ଟାର କ୍ଲବ ଖୋର୍ଦ୍ଧା ଅଂଶଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚ୍ ଏସ.ଏସ ଶରଧାପୁର ଏବଂ କେରଙ୍ଗ ଅହମ୍ମଦିୟା କ୍ଲବ ମଧ୍ୟରେ ହୋଇଥିଲା। ଏହି ମ୍ୟାଚ୍ କେରଙ୍ଗ ଅହମଦୀୟା କ୍ଲବ ୩-୦ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଆଦିବାସୀ ଜାଗରଣ କ୍ଲବ ପାଇକତିଗିରିଆ ଏବଂ ମା' ଯୋଗମାୟା କ୍ଲବ ଶରଧାପୁର ମଧ୍ୟରେ ଖେଳା ଯାଇଥିଲା । ଏହି ମ୍ୟାଚ୍ ପାଇକତିଗିରିଆ ୧-୦ ଗୋଲରେ ବିଜୟୀ ହୋଇଥିଲା । ତୃତୀୟ ମ୍ୟାଚ୍ ତରତୁଆ ରାଇଜିଙ୍ଗ ଷ୍ଟାର କ୍ଲବ ଏବଂ ମରନିଙ୍ଗ ଷ୍ଟାର କ୍ଲବ ଖୋର୍ଦ୍ଧା ମଧ୍ୟରେ ଖେଳା ଯାଇଥିଲା। ଏହି ମ୍ୟାଚ୍‌ରେ କେହି କାହାରିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୋଲ ମାରି ପାରିନଥିଲେ। ଶେଷରେ ଟ୍ରାଇବେକରର ସାହାଯ୍ୟ ନିଆଯାଇଥିଲା। ଟ୍ରାଇବେକର ୫-୪ ଗୋଲରେ ମରନିଙ୍ଗ ଷ୍ଟାର କ୍ଲବ ଖୋର୍ଦ୍ଧା ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚ୍ ବାଇ ଦ୍ୱାରା ସୋରଡ଼ା ବିଜୟୀ ହୋଇଥିଲା। ପ୍ରଥମ ସେମିଫାଇନାଲ କେରଙ୍ଗ ଅହମଦୀୟା କ୍ଲବ ଏବଂ ଆଦିବାସୀ ଜାଗରଣ କ୍ଲବ ପାଇକତିଗିରିଆ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ କେରଙ୍ଗ ଅହମଦୀୟା କ୍ଲବ ୧-୦ ଗୋଲରେ ଆଦିବାସୀ ଜାଗରଣ କ୍ଲବ ପାଇକତିଗିରିଆକୁ ପରାସ୍ତ କରି ଫାଇନାଲରେ ସ୍ଥାନ ବନାଇଥିଲା। ଦ୍ୱିତୀୟ ସେମିଫାଇନାଲ ସୋରଡ଼ା ଏବଂ ମରନିଙ୍ଗ ଷ୍ଟାର କ୍ଲବ ଖୋର୍ଦ୍ଧା ମଧ୍ୟରେ ଖେଳାଯାଇଥିଲା । ଏହି ମ୍ୟାଚ୍ ଅମିମାଂଶିତ ହୋଇଥିବା ବେଳେ ୫-୪ ଟ୍ରାଇବେକର ମାଧ୍ୟମରେ ମରନିଙ୍ଗ ଷ୍ଟାର କ୍ଲବ ଖୋର୍ଦ୍ଧା ବିଜୟୀ ହୋଇଥିଲା। ଫାଇନାଲ ମ୍ୟାଚ୍ ମରନିଙ୍ଗ ଷ୍ଟାର କ୍ଲବ ଖୋର୍ଦ୍ଧା ଏବଂ କେରଙ୍ଗ ଅହମଦୀୟା କ୍ଲବ ମଧ୍ୟରେ ହୋଇଥିଲା। ଫାଇନାଲ ଖେଳ ବହୁତ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ କେରଙ୍ଗ ଅହମଦୀୟା କ୍ଲବ ପକ୍ଷରୁ ବାରମ୍ବାର ଆକ୍ରମଣ ହେବା ଫଳରେ ମରନିଙ୍ଗ ଷ୍ଟାର କ୍ଲବ ଖୋର୍ଦ୍ଧା ଡ଼ିଫେନ୍ସ ପ୍ରତିଦ୍ୱନ୍ଦ୍ୱି ଖେଳାଳିଙ୍କୁ ରୋକି ପାରିବାରେ ବିଫଳ ହୋଇଥିଲେ। ଫଳରେ କେରଙ୍ଗ ଅହମଦୀୟା କ୍ଲବ ୪-୦ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ଏହି ଖେଳକୁ ରେଫେରି ଭାବେ ଅଫରୋଜ ଅହମଦ, ସେକ ରଫି, ସାହିଲ ଖାଁ ଏବଂ ସେକ ସାଜିଦ ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ସୂର୍ଯ୍ୟ ପ୍ରସାଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ସୟ ବଡ଼ଜେନା, ସାହିଦ ଖାଁ ଏବଂ ପୂର୍ବତନ ପୋଲିସ କୋଚ୍ ସେକ ଅବ୍ଦୁଲ କରିମ ଯୋଗ ଦେଇଥିଲେ । ଏହି ଟୁର୍ଣ୍ଣାମେଂଟକୁ ସମ୍ପାଦନ କରିବାରେ ମ୍ୟାନେଜର ଜମିର ଖାଁ, କେରଙ୍ଗର ପୂର୍ବତନ ମ୍ୟାନେଜର ଅମଜଦ ଖାଁ ଓ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ କବାଡି ରେଫରୀ ପରୀକ୍ଷା ଅନୁଷ୍ଠିତ



କେନ୍ଦୁଝର (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ଓ ଜିଲ୍ଲା ଶିକ୍ଷା ବିଭାଗର ମିଳିତ ଆନୁକୁଲ୍ୟରେ ରାଜ୍ୟ ସ୍ତରୀୟ କବାଡି ରେଫରୀ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦୁଝର ସମେତ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କଟକ, ସମ୍ବଲପୁର, ସୁନ୍ଦରଗଡ଼, ଗଞ୍ଜାମ, କୋରାପୁଟ, ଦେବଗଡ଼, ବୌଦ୍ଧ, ସୋନପୁର, ଅନୁଗୁଳ, ଝାରସୁଗୁଡ଼ା, ଯାଜପୁର, କେନ୍ଦ୍ରାପଡ଼ା, ପୁରୀ, ଢେଙ୍କାନାଳ, ଖୋର୍ଦ୍ଧା ଆଦି ବିଭିନ୍ନ ଜିଲ୍ଲାରୁ ୧୩୦ ଜଣ ପରୀକ୍ଷାର୍ଥୀ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରାଙ୍କ ସଂଯୋଜନା ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ସହକାରୀ ନିର୍ଦ୍ଦେଶକ,ଶାରୀରିକ ଶିକ୍ଷା ନିର୍ଦ୍ଦେଶାଳୟ ଜ୍ୟୋତି ପ୍ରସାଦ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ କବାଡି ସଂଘ ସଂପାଦକ ଅଜୟ କୁମାର ବେହେରା,ଯୁଗ୍ମ ସମ୍ପାଦକ ସୂର୍ଯ୍ୟକାନ୍ତ ମହାନ୍ତି,କୋଷାଧ୍ୟକ୍ଷ ବିକ୍ରମ କୁମାର ପ୍ରଧାନ, ଡି.ଏନ୍. ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରବୀର କୁମାର ମହାନ୍ତି, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟପ୍ରକାଶ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ଉଦଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ମୁଖ୍ୟ ଅତିଥି,ରାଜ୍ୟ କବାଡି ସଂଘ ଉପାଧ୍ୟକ୍ଷ ପୃଥ୍ୱୀରାଜ ପଟ୍ଟନାୟକ ଓ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ଡା.ଜନାର୍ଦ୍ଦନ ଦାଶ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ।

MANAPPURAM ASSET FINANCE LTD.
Regd. Office: Door No. III/105, Opp: Nattika Firka Co -Op Rural Bank, Valapad (P O)-680567 Thrissur Dt Kerala CIN : U65921KL1987PLC004810

ନିଲାମୀ ସୂଚନା

ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚିତ କରାଇଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନୀନ ନିଲାମ ନିମ୍ନଲିଖିତ ଶାଖାରେ ଏବଂ ଧାର୍ଯ୍ୟ ତାରିଖରେ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି । ଆମେ ସେହି ବକେୟାଦାର ଗ୍ରାହକ ମାନଙ୍କର ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜୀକୃତ ପତ୍ର ଜରିଆରେ ସୂଚିତ କରାଇବା ପରେ ମଧ୍ୟ ସେମାନେ ସେମାନଙ୍କର ଋଣରାଶି ପୈଠ କରିବାରେ ବିଫଳ ହୋଇଛନ୍ତି । ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବସାଇଟ୍‌ରେ (www.maafin.in) ପ୍ରଦର୍ଶିତ କରାଯିବ । ଧାର୍ଯ୍ୟ ତାରିଖରେ ନିଲାମ ନକରାଯାଇଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ଆଗାମୀ ଦିନ ମାନଙ୍କରେ ନିଲାମ କରାଯିବ, ଯାହାର ବିଶଦବିବରଣୀ ନିଲାମ କେନ୍ଦ୍ରରେ ତଥା ୱେବସାଇଟ୍‌ରେ ପ୍ରଦର୍ଶିତ କରାଯିବ ।
ତାଲିକାଭୁକ୍ତ ସ୍ୱର୍ଣ୍ଣ ଋଣ ଗୁଡିକ ଆମର ନିମ୍ନଲିଖିତ ଶାଖାରେ 16.08.2025 ତାରିଖ ଦିନ ସକାଳ ୧୦ ଘଣ୍ଟିକା ଠାରୁ ନିଲାମ କରାଯିବ ।

ବାଲିଚନ୍ଦ୍ରପୁର:0433690700019089, 19134, 19145, 19147, 19162, 19163, 19164, 19200, 19201, 19202, 19203, 19208, 19215, 19222, 19246, 19247, 19254, ବନମାଳିପୁର: 0433560700021767, 21929, 21963, 22010, ବେଗୁନିଆ:0433800700034282, 34324, 34625, 34648, 34680, 34719, 34748, ବ୍ରହ୍ମଗିରି: 0433570700025668, 25699, 25715, 25716, 25738, 25739, 25811, ଚନ୍ଦପୁର:0433350700128571, 28572, 28573, 28577, 28582, 28588,28591, 28612, 28616, 28617, 28618,28632, 28636, 28661, 28663, 28670, 28676, 28680, 28703, 28705, 28715, 28726, 28728, 28732, 28736, 28740, 28741, 28750, 28756, 28769, 28786, 28798, 28815, 28823, 28830, 28852, 28853, 28855, ଚନ୍ଦ୍ରସେଖରପୁରଭୁବନେଶ୍ୱର:0431590700068191, 68203, 68216, 68246, 68250, 68261, 68305,68308, 68309, 68310, 68350, 68359, 68374, 68381, 68386, 68405, 68416, 68421, 68432, 68435, 68453, 68463, 68467, 68541, 68542, 68549, 68565, 68597, DUMDUMA: 0433790700016067, 16153, 16162, 16163, 16181, 16186, 16188, 16211, 16290, 16388, ଇରାସାମା: 0433370700072176, 72179, 72183, 72192, 72195, 72201, 72204, 72239, 72242, 72243, 72244, 72249, 72253, 72259, 72278, 72281, 72282, 72285, 72310, 72353, 72366, 72379 ଗ୍ରାଣ୍ଡ ରୋଡ୍ ପୁର :0432000700123406, 23415, 23426, 23443, 23481, 23482, 23511, 23558, କଳାପଥର:0433820700018752, 18761, 18774, 18778, 18789, 18833, 18836, 18850, 18867, 18871, ଖୋର୍ଦ୍ଧା: 0433050700109625, 9629, 9637, 9640, 9648, 9651, 9660, 9666, 9667, 9676, 9692, 9710, 9760, 9787, 9796, 9821, 9846, 9874, 9875, 9883, 9908, 9922, 9928, 9934, 9942, କୁଜଙ୍ଗ: 0433030700090948, 90950, 90969, 90972,90981,90986, 90996,91003, 91007, 91027, 91030, 91040, 91047, 91083, 91092, 91102, 91122, 91139, 91146, 91152, 91183, 91197, 91221, 91227, 91229, 91231, 91232, 91233, 91235, 91241, 91249, 91250, 91252, ମାଧୁ ପାଟନା କଟକ :0431580700064903, 64931, 64951, 64953, 64985, 64986, 65010, 65053, 65060, ମାର୍ଶାଘାଇ:0433680700011080, 11090, 11093, 11094, 11102, 11113, 11114, 11121, 11124, 11127, 11143, 11144, 11161, ନାଚୁନି:0433810700047556,47548, 47559, 47648, 47671, 47953, 47977, 47998, 48040, 48080,48081, 48093,ନିସଚିନ୍ତାକୋଇଲି: 0433360700021583, 21587, 21595, 21597, 21607, 21618, 21634, 21635, 21663, 21694, 21695, 21723, 21724, 21729, 21765, 21766, 21803, 21804,21807, 21808, 21817, 21824, 21825, 21842, ଫୁଲନଖରାକଟକ: 0431800700066663, 66665, 66671, 66683, 66689, 66695, 66714, 66717, 66718, 66733, 66736, 66741, 66755, 66758, 66761, 66789, 66790, 66797, 66798, 66799, 66822, 66824, 66830, 66836, 66841, 66848, 66854, 66860, 66866, 66868, 66870, 66871, 66872, 66873, 66874, 66876, 66879, 66880, 66896, 66903, 66911, 66914, 66921, 66926, 66927, 66956, 66961, 66963, 66969, 66978, 66994, 66996, 66999, 67006, 67009, 67020, 67031, 67040, 67050, 67068, 67087, 67088, 67091, 67092, 67099, ରଘୁନାଥପୁର:0433130700036844, 36850, 36868, 36874, 36882, 36883, 36894, 36897, 36898, 36908, 36919, 36920, 36979, 37015, ରାହାମା: 0433040700075319, 75324, 75349, 75351, 75354, 75362, 75381, 75389, 75397, 75402, 75412, 75421, 75423, 75436, 75448, 75462, 75469, 75472, 75482, 75490, 75503, 75504, 75505, 75523, 75554, 75556, 75580, 75615, ରଣପୁର:0433150700096857, 96859, 96867,96900, 96902, 96903, 96937, 96947, 96971, 96973,96977,97074, 97052,97107, 97170, 97171, 97182, 97221, 97231, 97310, 97321, 97328, 97329, 97330, 97332, 97333, 97334, SAKHIGOPAL PURI: 0431900700129944, 29963, 29984, 29995, 30076, 30095, 30107, 30128, 30161, 30221, 30267, 30271, 30288, ସାମନ୍ତରାପୁର ଭୁବନେଶ୍ୱର : 0431600700073036, 73051, 73103, 73123, 73126, 73128, 73141, 73142, 73143, 73158, 73159, 73173, 73174, 73224, 73282, 73285, 73324, 73348, 73366, 73373, 73391, 73394, 73395, 73396, 73416, 73417, 73418, 73419, 73421, 73430, 73434, 73439, 73467, 73476

ଉପରୋକ୍ତ ନିଲାମିରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତି ନିମ୍ନଲିଖିତ ଅନୁପାଳନ କରିବା ଜରୁରୀ :- ଇଚ୍ଛୁକ ବୋଲିଦାତା ଇଏମଡି ରୂପେ ଟ.10,000/- ଜମା କରିବା ଜରୁରୀ । (ଅସଫଳ ବୋଲିଦାତାଙ୍କୁ ଫେରସ୍ତ କରାଯିବ) ନିଲାମି ଦିନ ହିଁ ନଗଦ ରୂପେ ଫେରସ୍ତ କରାଯିବ । ବୋଲିଦାତାମାନେ ବୈଧ ଆଇଡି କାର୍ଡ / ପ୍ୟାନ୍ କାର୍ଡ ପାଖରେ ରଖିବା ଜରୁରୀ । ଅଧିକ ଜାଣିବା ନିମନ୍ତେ ଦୟାକରି 18005729787 ନମ୍ବରକୁ ଯୋଗାଯୋଗ କରନ୍ତୁ ।
ମାନାପୁରମ୍ ଆସେଟ୍ ଫାଇନାନ୍ସ ଲିମିଟେଡ୍‌ର
କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରକାଶିତ

# ବିବିଧବର୍ଣ୍ଣା






କ'ଣ ଆପଣଙ୍କ ପାଦ ସବୁବେଳେ ଥଣ୍ଡା ରହୁଛି କି ? ସାବଧାନ ରୁହନ୍ତୁ, ନଚେତ ହୋଇପାରେ ଏହି ବଡ଼ ରୋଗ। ଅନେକ ଲୋକଙ୍କର ପାଦ ବହୁତ ଥଣ୍ଡା ରହିଥାଏ, ଲୋକମାନେ ଏହାକୁ ଗମ୍ଭୀରତାର ସହ ନିଅନ୍ତି ନାହିଁ। କିନ୍ତୁ ଏହି ଲକ୍ଷଣ ବଡ଼ ବଡ଼ ରୋଗକୁ ସୂଚିତ କରେ। ତେବେ ଆସନ୍ତୁ ଜାଣିବା ସେସବୁ କଣ। ଗୁରୁଗ୍ରାମର ପାରସ ହସ୍ପିଟାଲର ଡାକ୍ତର ସଞ୍ଜୟ ଗୁପ୍ତା କହିଛନ୍ତି ଯେ, ଥଣ୍ଡା ପବନର ସଂସ୍ପର୍ଶରେ ଆସିବା ଯୋଗୁଁ ପାଦ ଶିରାଗୁଡ଼ିକ ସଙ୍କୁଚିତ ହୋଇଯାଏ। ଏହା ରକ୍ତ ପ୍ରବାହକୁ ହ୍ରାସ କରେ ଏବଂ ପାଦ ଥଣ୍ଡା ହେବାକୁ ଲାଗେ।ଯଦି ଶରୀରରେ ରକ୍ତ ପ୍ରବାହ ଠିକ୍ ଥାଏ ତେବେ ଶରୀର ଉଷ୍ମତା ପାଏ। ଯେତେବେଳେ ରକ୍ତ ସଞ୍ଚାଳନ କମିଯାଏ ସେତେବେଳେ ପାଦ ଚର୍ମକୁ ଅମ୍ଳଜାନ ପହଞ୍ଚିପାରେ ନାହିଁ। ରକ୍ତ ପ୍ରବାହ କମିଯିବା ଯୋଗୁଁ ପାଦ ଥଣ୍ଡା ହୋଇଯାଏ ଏବଂ ହାଲୁକା ନୀଳ ଦେଖାଯାଏ। ଯାହା ସଙ୍କେତ ଦିଏ ଯେ ଆପଣଙ୍କ ପାଦରେ ସଠିକ୍ ପରିମାଣର ରକ୍ତ ପହଞ୍ଚି ପାରୁନାହିଁ। ଯଦି ଶରୀର କମ୍ ଥାଇରଏଡ୍ ହରମୋନ୍ ଉତ୍ପାଦନ କରେ, ତେବେ ମେଟାବୋଲିଜିମ୍ ଧୀର ହୋଇଯାଏ। ଏହା ରକ୍ତ ସଞ୍ଚାଳନ, ହୃଦସ୍ପନ୍ଦନ ଏବଂ ଶରୀରର ତାପମାତ୍ରାରେ ବାଧା ସୃଷ୍ଟି କରେ ଏବଂ ପାଦ ଥଣ୍ଡା ରହିଥାଏ। ରକ୍ତହୀନତା ଅର୍ଥାତ୍ ରକ୍ତ ଅଭାବ ଥିଲେ ମଧ୍ୟ ପାଦ ଥଣ୍ଡା ରହିଥାଏ। ଆଇରନ୍, ଫୋଲେଟ୍ କିମ୍ବା ଭିଟାମିନ୍ ବି୧୨ ଅଭାବରୁ ଏହି ସମସ୍ୟା ବଢ଼ିପାରେ। ଏହା କିଡନୀ ରୋଗରେ ପୀଡିତ କିମ୍ବା ଡାଏଲିସିସ୍ ନେଉଥିବା ଲୋକଙ୍କଠାରେ ମଧ୍ୟ ଘଟେ।


## ଔଷଧୀୟ ଗୁଣରେ ଭରପୁର ଗଜା ମେଥି

*ମେଥିରେ ଭିଟାମିନ୍ ଏ,ବି, ସି , ଲୌହସାର, ମ୍ୟାଗ୍ନେସିୟମ୍, କାର୍ବୋହାଇଡ୍ରେଟ୍ ଆଦି ପୋଷକ ତତ୍ତ୍ୱ ଥାଏ । ଔଷଧୀୟ ଗୁଣରେ ଭରପୁର ମେଥିକୁ ଖାଇଲେ ଶରୀରର ବିଭିନ୍ନ ରୋଗ ଦୂର ହୋଇଥାଏ। ତେବେ ବର୍ତ୍ତମାନ ସମୟରେ ଗଜା ମେଥି ଖାଇବାର ଟ୍ରେଣ୍ଡ ବୃଦ୍ଧି ପାଉଛି। ସଂକ୍ଷେପରେ ଜାଣନ୍ତୁ ଗଜା ମେଥି ଖାଇବାର ଉପକାର*

- ନିୟମିତ ଉପଯୁକ୍ତ ମାତ୍ରା ଏବଂ ଠିକ ସମୟରେ ଗଜା ମେଥି ସେବନ କଲେ ବିଶେଷ କରି ସ୍ତ୍ରୀ ରୋଗ ଆଦିରେ ଉପଶମ ମିଳେ । ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ଅଙ୍କୁରିତ ମେଥି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଥିରେ ଥିବା ଫାଇବର ବଦହଜମୀ ଦୂର କରେ ।
- ଗଜା ମେଥି ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଥାଏ । କୋଲେଷ୍ଟ୍ରଲ ମଧ୍ୟ ନିୟନ୍ତ୍ରଣ କରିବାରେ ଏହା ବେଶ୍ ଲାଭପ୍ରଦ ।
- ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଗଜା ମେଥି ଖାଇପାରିବେ। ତା ସହ ଗଜା ମେଥି ସର୍ଦ୍ଦି, କାଶ, ଥଣ୍ଡା, ଜ୍ୱର ଆଦି ଦୂର କରିଥାଏ। ମେଥିରେ ଥିବା ଭିଟାମିନ୍ ସି ଓ ଆଣ୍ଟି ଅକ୍ସିଡାଣ୍ଟ ଯୋଗୁଁ ହୃଦରୋଗ ହେବାର ଆଶଙ୍କା ମଧ୍ୟ ହ୍ରାସ ପାଇଥାଏ ।



## ସିଜୁଆନ୍ ଫ୍ରାଏଡ୍ ରାଇସ୍



**ଆବଶ୍ୟକ ସାମଗ୍ରୀ:** ରନ୍ଧାଭାତ – ଦୁଇ କପ୍, ସିଜୁଆନ୍ ସସ୍ – ଦୁଇ ଚାମଚ, କଟା ରସୁଣ - ଏକ ଚାମଚ, କଟା ଅଦା – ଏକ ଚାମଚ, କଟା କଞ୍ଚା ଲଙ୍କ- ଦୁଇ ଗୋଟି, କଟା ପିଆଜ – ଏକ କପ୍, ଗାଜର ଅଧା କପ୍, କ୍ୟାପ୍‌ସିକମ୍ – ଅଧା କପ୍, ବନ୍ଧାକୋବି – ଅଧା କପ୍, ପିଆଜ ଶଣ୍ଢ- ଦୁଇ ଚାମଚ, ସୋୟା ସସ୍- ଏକ ଚାମଚ, ଭିନେଗାର୍ – ଏକ ଚାମଚ, କଳା ଗୋଲ ମରିଚ – ଏକ ଚାମଚ, ଲୁଣ – ସ୍ୱାଦାନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳି:** ପ୍ରଥମେ ଗ୍ୟାସ୍ ଲଗେଇ କଡ଼େଇ ବସାଇ ତେଲ ଦିଅନ୍ତୁ। ତେଲ ଗରମ ହୋଇଯିବା ପରେ ସେଥିରେ କଟା ଅଦା, ରସୁଣ ଦେଇ ଧିମା ଆଞ୍ଚରେ ୩୦ ସେକେଣ୍ଡ ଭାଜନ୍ତୁ। ଏହାପରେ କଞ୍ଚାଲଙ୍କା ଦେଇ ପିଠାଖଡ଼ିକାରେ ଏପାଖସେପାଖ କରନ୍ତୁ । ପରେ କଟା ପିଆଜ, ଗାଜର, କ୍ୟାପସିକମ୍ ବନ୍ଧାକୋବି ଦେଇ ହାଲୁକା ରାଜନ୍ତୁ । ଏଥିରେ ଦୁଇଟା ମଟ ସିଜୁଆନ୍ ଚଟଣୀ ଦିଅନ୍ତୁ । ଏହାକୁ ପରିବାରେ ମିଶାଇ ଭଲ ବି ରାଜି ଦିଅନ୍ତୁ । ଏହାପରେ ଏକ ଚାମଚ ସୋୟା ସସ୍, ଏକ ଚାମଚ ଭିନେଗାର ଦିଅନ୍ତୁ । ଏହାପରେ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ରନ୍ଧାଭାତକୁ ଦିଅନ୍ତୁ । ଏହାକୁ ଭଲଭାବେ ପରିବା ଓ ମସଲା ସହ ମିଶାଇ ଦିଅନ୍ତୁ । ଏହାପରେ ସ୍ୱାଦ ଅନୁସାରେ ଲୁଣ, ଗୋଲମରିଚ ଗୁଣ୍ଡ ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହାକୁ ଧୀମା ଆଞ୍ଚରେ ଦୁଇ ତିନି ମିନିଟ୍ ବସାଇ ଏପାଖସେପାଖ କରନ୍ତୁ। ଏହାପରେ ଗ୍ୟାସ୍‌କୁ ବନ୍ଦ କରି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ସିଜୁଆନ୍ ଫ୍ରାଏଡ ରାଇସ୍' ।

## ୨ ଟଙ୍କିଆ ଡାକ୍ତର







ଏମିତି ଡାକ୍ତର। ତାଙ୍କର ସେବା ଥିଲା ନିଆରା। ଦୀର୍ଘ ୫୦ ବର୍ଷ ଧରି ମାତ୍ର ୨ ଟଙ୍କାରେ ଗରିବ ରୋଗୀଙ୍କୁ ସେବା ଯୋଗାଇ ଆସୁଥିଲେ ଏହି ଡାକ୍ତର। ୨ ଟଙ୍କିଆ ଡାକ୍ତର ନାମରେ ବେଶ୍ ପରିଚିତ ଥିଲେ ଚିକିତ୍ସକ କେରଳର ଏ.କେ ଗୋପାଳ। କନ୍ନୁର ସ୍ଥିତ ନିଜ ବାସଭବନରେ ଗୋଟିଏ ଛୋଟ କ୍ଲିନିକ୍ ଚଳାଇ ଡାକ୍ତର ଜଣକ ପାଞ୍ଚ ଦଶନ୍ଧୀ ଧରି ଗରିବ ଲୋକଙ୍କୁ ମାତ୍ର ୨ ଟଙ୍କାରେ ସେବା ଯୋଗାଇ ଆସୁଥିଲେ। ପ୍ରତିଦିନ ଭୋର ୪ ଟାରୁ ସନ୍ଧ୍ୟା ୪ ଟା ପର୍ଯ୍ୟନ୍ତ ସେ ରୋଗୀଙ୍କ ଚିକିତ୍ସା କରୁଥିଲେ । ତାଙ୍କ ପାଖକୁ ପିଲାଠୁ ନେଇ ବୃଦ୍ଧ ପର୍ଯ୍ୟନ୍ତ ପ୍ରତିଟି ବର୍ଗର ରୋଗୀ ଚିକିତ୍ସା ହେବାକୁ ଆସୁଥିଲେ ଏବଂ ଚିକିତ୍ସା ପାଇଁ ସେ ମାତ୍ର ୨ ଟଙ୍କା ଫିସ୍ ନେଉଥିଲେ। ଡାକ୍ତରଙ୍କ ଏହି ଫିସ୍ କୁ ନେଇ ତାଙ୍କୁ ୨ ଟଙ୍କିଆ ଡାକ୍ତର ବୋଲି ଲୋକ କହୁଥିଲେ । ସମସ୍ତଙ୍କ ମଧ୍ୟରେ ସେ 'ଜନତାଙ୍କ ଡାକ୍ତର' ଏବଂ '୨ ଟଙ୍କିଆ ଡାକ୍ତର' ନାମରେ ପ୍ରସିଦ୍ଧ ଥିଲେ । ବର୍ଦ୍ଧିତ ବୟସ ଏବଂ ରୋଗକୁ ଦେଖି ସେ କ୍ଲିନିକ୍ ସମୟ ସକାଳ ୬ ରୁ ଆରମ୍ଭ କରି ଅପରାହ୍ନ ୪ ଟା ପର୍ଯ୍ୟନ୍ତ ରଖିଥିଲେ । ମାନବିକତାର ପରିଚୟ ସୃଷ୍ଟି କରିଥିବା ଏହି ଡାକ୍ତର ଜଣକ ଖାଲି ଚିକିତ୍ସା କରୁନଥିଲେ ଯେଉଁ ରୋଗୀଙ୍କ ପାଖରେ ଚିକିତ୍ସା କରାଇବାକୁ ଟଙ୍କା ନଥିଲା ସେ ସେମାନଙ୍କୁ ଟଙ୍କା ବି ଦେଉଥିଲେ ଏବଂ ମାଗଣାରେ ଔଷଧ ମଧ୍ୟ ଯୋଗାଇ ଦେଉଥିଲେ । ସେ ଏ ଦୁନିଆରେ ସତ କିନ୍ତୁ ଏକ ନିଆରା ଛାପ ଛାଡ଼ି ଚାଲିଯାଇଛନ୍ତି।

## ଆଇଟମ୍ ଗୀତ ପାଇଁ ୫୦ ଲକ୍ଷ ଟଙ୍କା ନେଇଛନ୍ତି ମୌନୀ

ଟିଭିରୁ କ୍ୟାରିୟର ଆରମ୍ଭ କରିଥିବା ଅଭିନେତ୍ରୀ ମୌନୀ ରୟ । ବର୍ତ୍ତମାନ ସମୟରେ ବଲିଉଡ୍‌ରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ମୌନିଙ୍କୁ ଆଗକୁ ଏକ ଦକ୍ଷିଣ ଭାରତୀୟ ଫିଲ୍ମରେ ଦେଖିବାକୁ ମିଳିବ। ସାଉଥ୍ ମେଗାଷ୍ଟାର ଚିରଞ୍ଜିବୀଙ୍କ ମୋଷ୍ଟ ୱାଣ୍ଟେଡ୍ ଫିଲ୍ମ 'ବିଶ୍ୱମ୍ଭରା'ରେ ସେ ଆଇଟମ୍ ଗୀତରେ ନଜର ଆସିବେ । ନିକଟରେ ମୌନି ଗୀତର ସୁଟିଂ ଶେଷ ବି କରିଛନ୍ତି। ତେବେ ସେହି ଗୋଟିଏ ଗୀତ ଲାଗି ମୌନି ପ୍ରାୟ ୫୦ ଲକ୍ଷ ଟଙ୍କା ପାରିଶ୍ରମିକ ନେଇଥିବା ନେଇ କୁହାଯାଉଛି । ଗୀତର ଡ୍ୟୁରେସନ ହେଉଛି ୪ ମିନିଟ୍ । ପୂର୍ବରୁ ସେହି ଗୀତ ଦୃଶ୍ୟରେ ନିର୍ମାତାମାନେ ଅଭିନେତ୍ରୀ କରୀନା କପୁରଙ୍କୁ ନେବାକୁ ଚାହୁଁଥିଲେ । କରୀନାଙ୍କ ସହିତ ସେମାନେ ଯୋଗାଯୋଗ ମଧ୍ୟ କରିଥିଲେ । କିନ୍ତୁ କରୀନା ଏଥିପାଇଁ ଯେଉଁ ମୋଟା ଅଙ୍କର ପାରିଶ୍ରମିକ ଡିମାଣ୍ଡ କରିଥିଲେ। ହେଲେ ତାହା ନିର୍ମାତାମାନଙ୍କୁ ସୁହାଇନଥିଲା । ଏହାପରେ ସେମାନେ ମୌନିଙ୍କୁ ନେବାକୁ ଚିନ୍ତା କରିଥିଲେ । ୱାର୍କଫ୍ରଣ୍ଟ କଥା କହିବାକୁ ଗଲେ ମୌନିଙ୍କୁ ଏହି ଫିଲ୍ମ ବ୍ୟତୀତ 'ହେ ଜୱାନୀ ତୋ ଇସ୍କ ହୋ ନା ହେ'ରେ ଦେଖିବାକୁ ମିଳିବ ।



## ମୁହଁ ଖୋଲିଲେ ତମନ୍ନା

ତମନ୍ନା ଭାଟିଆ ତାଙ୍କ ଫିଲ୍ମ ଅପେକ୍ଷା ତାଙ୍କ ଆଫେଆର୍ ପାଇଁ ଅଧିକ ଚର୍ଚ୍ଚାରେ ଅଛନ୍ତି । ବିଜୟ ବର୍ମାଙ୍କ ସହ ବ୍ରେକଅପ୍ ପରେ, ତମନ୍ନା ଭାଟିଆଙ୍କ ଆଫେଆର୍ ବିଷୟରେ ବହୁତ ଚର୍ଚ୍ଚା ହୋଇଥିଲା । ଅଭିନେତ୍ରୀଙ୍କ ବିଷୟରେ ଗୁଜବ ଥିଲା ଯେ ସେ କିମ୍ବଦନ୍ତୀ କ୍ରିକେଟର ବିରାଟ କୋହଲିଙ୍କୁ ଡେଟ୍ କରିଥିଲେ । ପାକିସ୍ତାନୀ କ୍ରିକେଟର ଅବଦୁଲ ରଜାକଙ୍କ ସହ ତାଙ୍କ ବିବାହକୁ ନେଇ ଗୁଜବ ଥିଲା । ଏହି ଗୁଜବ ଉପରେ ଅଭିନେତ୍ରୀ ଏବେ ତାଙ୍କର ପ୍ରତିକ୍ରିୟା ଦେଇଛନ୍ତି । ତମନ୍ନା ଭାଟିଆଙ୍କର ବହୁତ ବଡ଼ ଫ୍ୟାନ୍ ଫଲୋଇଂ ଅଛି । ଲୋକମାନେ ତାଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ ଜାଣିବାକୁ ଆଗ୍ରହୀ । ତାଙ୍କ ବିଷୟରେ ବହୁତ ଦିନ ଧରି ଗୁଜବ ଥିଲା ଯେ ସେ ବିରାଟ କୋହଲି ଏବଂ ଅବଦୁଲ ରଜାକଙ୍କ ଭଳି କ୍ରିକେଟରଙ୍କୁ ଡେଟ୍ କରିଛନ୍ତି । ତମନ୍ନା ଭାଟିଆ ପ୍ରାୟତଃ ଗୁଜବର ପ୍ରଥମେ ଥାଆନ୍ତି । ସେ ଏବେ ଏହି ଗୁଜବ ଉପରେ ତାଙ୍କର ପ୍ରତିକ୍ରିୟା ଦେଇଛନ୍ତି । ଭାରତୀୟ କ୍ରିକେଟ ସୁପରଷ୍ଟାର ବିରାଟ କୋହଲିଙ୍କ ସହ ତାଙ୍କ କଥିତ ସମ୍ପର୍କ ଉପରେ ତମନ୍ନା କହିଛନ୍ତି, 'ମୁଁ ବହୁତ ଖରାପ ଅନୁଭବ କରୁଛି କାରଣ ମୁଁ ତାଙ୍କୁ କେବଳ ଗୋଟିଏ ଦିନ ପାଇଁ ଭେଟିଥିଲି । ସୁଟିଂ ପରେ ମୁଁ କେବେ ବିରାଟଙ୍କୁ ଭେଟି ନଥିଲି । ନା ମୁଁ ତାଙ୍କ ସହ କଥା ହୋଇଥିଲି ନା ମୁଁ ତାଙ୍କୁ ଭେଟିଥିଲି ।' ତମନ୍ନାଙ୍କ ଏବଂ ବିରାଟଙ୍କ ଏକ ବିଜ୍ଞାପନ ସୁଟିଂର ଫଟୋ ଭାଇରାଲ ହୋଇଥିଲା, ଯାହା ଗୁଜବ ସୃଷ୍ଟି କରିଥିଲା ଯେ ସେମାନେ ୨୦୧୦ ର ପ୍ରାରମ୍ଭରେ ଡେଟ୍ କରୁଥିଲେ । କିନ୍ତୁ ସେମାନେ ଯେପରି କହିଥିଲେ, ଏହା କେବଳ ଏକ ପ୍ରଫେସ୍ନାଲ୍ ଆଲୋଚନା ଥିଲା ଏବଂ ଆଉ କିଛି ନୁହେଁ । ଏଥି ସହ ଜାଣିରଖନ୍ତୁ ଯେ, ତମନ୍ନାଙ୍କ ବିଷୟରେ ଆଉ ଏକ ଗୁଜବ ହେଉଛି ଯେ ସେ ପୂର୍ବତନ ପାକିସ୍ତାନୀ କ୍ରିକେଟର ଅବଦୁଲ ରଜାକଙ୍କୁ ଗୁପ୍ତ ଭାବରେ ବିବାହ ମଧ୍ୟ କରିଥିଲେ । ଉଭୟଙ୍କୁ ଏକ ଅଳଙ୍କାର ଦୋକାନରେ ଏକାଠି ଦେଖାଯାଇଥିଲା । ତମନ୍ନାଙ୍କ ହସି ହସି କହିଥିଲେ, 'ହଁ, ଯଦି ଇଣ୍ଟରନେଟରେ ବିଶ୍ୱାସ କରାଯାଏ, ତେବେ ମୁଁ ଅଳ୍ପ ସମୟ ପାଇଁ ଅବଦୁଲ ରଜାକଙ୍କ ସହ ବିବାହ କରିଥିଲି ।' ହିନ୍ଦୀ ବ୍ୟତୀତ ତମନ୍ନା ତାମିଲ ଏବଂ ତେଲୁଗୁ ସିନେମାରେ ମଧ୍ୟ କାମ କରିଛନ୍ତି । ସେ ୨୦୦୫ ମସିହାରେ 'ଚାନ୍ଦ ସା ରୋଶନ ଚେହରା' ଫିଲ୍ମ ମାଧ୍ୟମରେ ହିନ୍ଦୀ ସିନେମାରେ ଡେବ୍ୟୁ କରିଥିଲେ । ଏଥି ସହ ୨୦୧୫ ମସିହାରେ 'ବାହୁବଳୀ: ଦି ବିଗିନିଂ' ଫିଲ୍ମ ସହିତ ତମନ୍ନା ବହୁତ ଫେମସ୍ ହୋଇଥିଲେ, ଯେଉଁଥିରେ ତାଙ୍କ ଚରିତ୍ରକୁ ବହୁତ ପ୍ରଶଂସା କରାଯାଇଥିଲା ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ଜିଲ୍ଲାର ସମସ୍ତ ଘରୋଇ କମ୍ପାନୀ କୃଷି କର୍ମଚାରୀ ମାନଙ୍କୁ ନେଇ ଉମରକୋଟ ବ୍ଲକ ଅଧୀନରେ ଥିବା ସୁକିଗାଁ ଠାରେ ଏକ ବୈଠକ କରାଯାଇଥିଲା। ଉକ୍ତ ବୈଠକରେ ମା ପେଣ୍ଡ୍ରାଣୀ ସବୁଜ ସେନା ସଂଘର ନୂତନ ଏବଂ ସ୍ଥାୟୀ କମିଟି ଗଠନ କରାଯାଇଥିଲା। ସମାଜରେ ବିଭିନ୍ନ ଗଠନ ମୂଳକ କାର୍ଯ୍ୟ ଏବଂ ଜିଲ୍ଲାର ସମସ୍ତ ଘରୋଇ କମ୍ପାନୀ କୃଷି କର୍ମଚାରୀଙ୍କ ପାଇଁ ବିଭିନ୍ନ ସୁବିଧା ଅସୁବିଧାରେ ସହଯୋଗ କରିବା ଉଦ୍ଦେଶ୍ୟରେ ସଂଘ ଗଠନ କରାଯାଇଅଛି। ଏହି ସଂଘରେ ସର୍ବସମ୍ମତି କ୍ରମେ ସନ୍ତୋଷ କୁମାର ସାହୁ ସଭାପତି, ରାକେଶ ମିସ୍ତ୍ରୀ ଉପ- ସଭାପତି, ତୁନା ଦାଶ ସମ୍ପାଦକ, ନଶନ ଖରା ଯୁଗ୍ମ ସମ୍ପାଦକ ଏବଂ ସୁଶାନ୍ତ ସାହୁ କୋଷାଧକ୍ଷ ରୂପେ ମନୋନୀତ ହୋଇଥଲେ। ଉପଦେଷ୍ଟା ମଣ୍ଡଳୀରେ ବିଶ୍ୱବିହାରୀ ଦାଶ, ଯଶୋବନ୍ତ ମିଶ୍ର, ବ୍ରଜରାଜ ସ୍ୱାଇଁ, ସମୀର ବିଶ୍ୱାସ, ଶୈଳେନ ବିଶ୍ୱାସ ଓ ଶେହ୍ଜାଜ ଖାନଙ୍କୁ ମନୋନୀତ କରାଯାଇଥିଲା। ଉମରକୋଟ ସହଯୋଗୀ ରୂପେ ସରୋଜ ହରିଜନ ଓ କିଶୋର ମଣ୍ଡଳ, ରାଇଘର ସହଯୋଗୀ ରୂପେ ଇନ୍ଦ୍ରଜିତ ବରକନ୍ଦାଜ, ସୁବ୍ରଜିତ ବିଶ୍ୱାସ ଓ ଅସୀମ ରାୟ, ଝରିଗାଁ ଓ ଚନ୍ଦାହାଣ୍ଡି ପାଇଁ ପବିତ୍ର ମାଝିଆ ଓ ଚନ୍ଦ୍ରଶେଖର ଦାଶ ଡାବୁଗାଁ ଏବଂ ପାପଡାହାଣ୍ଡି ସହଯୋଗୀ ରୂପେ ଯଥାକ୍ରମେ ସୁବ୍ରତ ଦେ ଓ ରାକେଶ ନାୟକ ମନୋନୀତ ହୋଇଥିଲେ। ଏଥି ସହିତ ଉମରକୋଟ, ରାଇଘର, ଡାବୁଗାଁ, ପାପଡାହାଣ୍ଡି ଝରିଗାଁ, ଚନ୍ଦାହାଣ୍ଡି ଅଞ୍ଚଳରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଘରୋଇ କୃଷି କର୍ମଚାରୀ ଉପସ୍ଥିତ ଥିଲେ। ବୈଠକ ଶେଷରେ ବିଶ୍ୱବିହାରୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



# ସ୍ୱଦେଶୀ ଜାଗରଣ ମଞ୍ଚର ପ୍ରଶିକ୍ଷଣ ବର୍ଗ ଉଦ୍‌ଯାପିତ




ସମ୍ବଲପୁର, (ଭାସ୍କର ନ୍ୟୁଜ୍): ସ୍ୱଦେଶୀ ଜାଗରଣ ମଞ୍ଚ ଓଡିଶା ପଶ୍ଚିମ ପ୍ରାନ୍ତର ଦୁଇଦିନିଆ ପ୍ରଶିକ୍ଷଣ ତଥା ବିଚାରବର୍ଗ ରବିବାର ଉଦ୍‌ଯାପିତ ହୋଇଯାଇଛି। ଭାରତକୁ ସମୃଦ୍ଧ କରିବାକୁ ହେଲେ ସ୍ୱଦେଶୀ ସ୍ୱାବଲମ୍ବନ ହିଁ ଏକମାତ୍ର ପନ୍ଥା। ଏଇ ମାଧ୍ୟମରେ ଭାରତ ଆର୍ଥିକ ସ୍ତରରେ ମଜବୁତ ହେବା ସହ ବିଶ୍ୱଗୁରୁ ହେଇପାରିବ ବୋଲି ଉଦଘାଟନ ସମାରୋହରେ କହିଛନ୍ତି ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ରବିନାରାୟଣ ନାଏକ। ଦୈନନ୍ଦିନ ଜୀବନରେ ସ୍ୱଦେଶୀକୁ ଅପଣେଇବା ସହ ଭାରତୀୟ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ ମନ୍ତ୍ରୀ। ସେହିପରି ଉଦଯାପନି ସମାରୋହରେ ଯୋଗଦେବା ଅବସରରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ଯେ ଦେଶରେ ହିନ୍ଦୁ ଜନସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଟିଏଫଆର ୨ ଦଶମିକ ରୁ ଖସି ୧.୩ ରେ ପହଁଚିଛି। ତେଣୁ ପରିବାର ନିୟୋଜନ ବଦଳରେ ପରିବାର ବଢ଼େଇବାକୁ ଆହ୍ୱାନ ଦେଇଛନ୍ତି। ଅଧିକ ଜନସଂଖ୍ୟା ଭାରତ ପାଇଁ ବିପଦ ନୁହେଁ ବରଂ ସମୃଦ୍ଧିର କାରଣ। ଦେଶର ଆର୍ଥିକ ନୀତି, କୃଷି ଓ ଜୈବିକ କୃଷି, ସ୍ଥାନୀୟ ଅଞ୍ଚଳରେ ପର୍ଯ୍ୟଟନର ବିକାଶ, କୁଟୀର ଶିଳ୍ପର ବିକାଶ, ଦକ୍ଷତା ବୃଦ୍ଧି, ପରିବେଶର ସୁରକ୍ଷା, ସ୍ୱଦେଶୀ ସୁରକ୍ଷା ସ୍ୱାବଲମ୍ବନ ଅଭିଯାନ କାର୍ଯ୍ୟକ୍ରମ ତଥା ସମସ୍ତ ସରକାରୀ ଯୋଜନାର ସଫଳ ରୁପାୟନ ଭଳି ବିଭିନ୍ନ ବିଷୟରେ ଆଲୋଚନା ଓ ବିଚାର ବିମର୍ଷ ଗତ ଦୁଇଦିନ ଧରି ଚାଲିଥିଲା। ଓଡ଼ିଶା ପଶ୍ଚିମ ପ୍ରାନ୍ତର ୧୪ ଜିଲ୍ଲା ମାନଙ୍କରୁ ୧୨୦ କାର୍ଯ୍ୟକର୍ତ୍ତା ସ୍ୱଦେଶୀ ଜାଗରଣ ମଞ୍ଚର ପ୍ରଶିକ୍ଷଣ ବିଚାରବର୍ଗରେ ଯୋଗ ଦେଇଥିଲେ। ମଞ୍ଚର ରାଷ୍ଟ୍ରୀୟ ସହ ସଂଯୋଜକ ଧନପତରାମ ଅଗ୍ରୱାଲ, ଅଖିଳ ଭାରତୀୟ ସଂଘର୍ଷ ବାହିନୀ ପ୍ରମୁଖ ଅନ୍ନଦା ଶଙ୍କର ପାଣିଗ୍ରାହୀ, ରାଷ୍ଟ୍ରୀୟ ପର୍ଯ୍ୟାବରଣ ପ୍ରମୁଖ ବଂଦେଶଙ୍କର ସିଂହ, କ୍ଷେତ୍ରୀୟ ସମନ୍ୱୟକ ଶାରଦା ପ୍ରସାଦ ଶତପଥି, ପ୍ରାନ୍ତ ସଂଯୋଜକ ରମାକାନ୍ତ ପାତ୍ର, ସହ ସଂଯୋଜକ ମନୋରଞ୍ଜନ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ପ୍ରାନ୍ତ ବିଚାର ବିଭାଗ ପ୍ରମୁଖ ରବିନାରାୟଣ ମିଶ୍ର ସଂଯୋଜନା କରିଥିବା ବେଳେ ମଞ୍ଚର ସମ୍ବଲପୁର ଜିଲ୍ଲା ସଂଯୋଜକ ଈଶ୍ୱର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭରତ ଗୌଡ଼, ସୁବ୍ରତ ମିଶ୍ର, ରିତେଶ ହଲଦାର, ତନ୍ମୟ ପ୍ରଧାନ, ଜଗଦୀଶ ପାଢ଼ୀ, ଅଭୟ ପ୍ରସାଦ ଜେନାସାହୁ, ମନୋଜ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

କୋଷାଗୁମୁଡା, (ଭାସ୍କର ନ୍ୟୁଜ୍): ରବିବାର ବିଳମ୍ବିତ ରାତିରେ ସନ୍ତୋଷପୁର ଗାଁ ମଝିର ବଜାର ନିକଟରେ ଥିବା ଏକ ବିଦ୍ୟୁତ ଖମ୍ବ ସହ ବାଇକରେ ପିଟିହୋଇ ତିନିଜଣଙ୍କୁ ଗୁରୁତର ଅବସ୍ଥାରେ ଏକ ଆମ୍ବୁଲାନ୍ସରେ କୋଷାଗୁମୁଡା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଥି ମଧ୍ୟରୁ ଜଣେ ଯୁବକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆଉ ଦୁଇ ଜଣଙ୍କ ମଧ୍ୟରୁ ଜଣେ କୋରାପୁଟକୁ ସ୍ଥାନାନ୍ତରିତ କରାଯାଇଛି। ଜଣେ ଯୁବକ ଠିକ ଥିବା ଯୋଗୁଁ ସେ ଘରକୁ ଫେରି ଯାଇଥିବା ପୋଲିସ କହିଛି। ଘଟଣା ସମ୍ପର୍କରେ ସୂଚନା ମିଳିଛି ଯେ ରବିବାର ରାତିରେ ଏକ ଜନ୍ମଦିନ ପାଳନକୁ ନେଇ ସମସ୍ତ ସାଙ୍ଗ ଏକ ପାର୍ଟି କରିଥିବା ବେଳେ ତିନି ଜଣ ଗୋଟିଏ ବାଇକରେ ସନ୍ତୋଷପୁର ଅଭିମୁଖେ ଯିବା ବେଳେ ହଠାତ ବାଇକର ସନ୍ତୁଳନ ହରାଇ ଏକ ବିଦ୍ୟୁତ ଖୁଣ୍ଟକୁ ବାଡେଇ ହୋଇଥିଲେ। ତିନି ଯୁବକ ମଧ୍ୟରୁ କହେଇ ହରିଜନ(୨୫)ପିତା କୁମର ହରିଜନ ଭଣ୍ଡାରୀ ଗୁଡ଼ାର ବାଇକ ଚଳାଉଥିବା ବେଳେ ବାଇକରେ ଚନ୍ଦନ ସେଠୀ(୨୧)କୋଷାଗୁମୁଡାର ଏକ ଯୁବକ ଓ ଆଉ ଜଣେ ବୀରେନ୍ଦ୍ର ମାଳି(୨୨) ମାଳି ଆଟିଗାଁର ଯୁବକ ଏକ ହିରୋ ସ୍ପ୍ଲେଣ୍ଡରରେ ସନ୍ତୋଷପୁର ବଜାର ନିକଟର ବିଦ୍ୟୁତ ଖୁଣ୍ଟରେ ବାଡ଼େଇ ହୋଇଥିଲେ। ଏହି ବାଇକ ଦୁର୍ଘଟଣାରେ କଂହେଇ ହରିଜନ ମୃତ୍ୟୁ ବରଣ କରିଥିବା ବେଳେ କୋଷାଗୁମୁଡାର ଚନ୍ଦନ ସେଠୀ ନାମକ ଯୁବକଙ୍କୁ ଗୁରୁତର ଅବସ୍ଥାରେ କୋରାପୁଟ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି ବୋଲି ଜଣାପଡ଼ିଛି। ଏପଟେଏହି ଘଟଣାରେ କୋଷାଗୁମୁଡା ଥାନା ଏସଆଇ କୂଳଭୂଷଣ ନାୟକ ଏକ ମାମଲା ରୁଜୁ କରି ମୃତ ଯୁବକର ଶବକୁ ନବରଙ୍ଗପୁର ମେଡ଼ିକାଲରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି ବୋଲି କହିଛନ୍ତି।

## ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ରଣପୁର, (ଭାସ୍କର ନ୍ୟୁଜ୍): ପଟିଆ ଗ୍ରାମ ପଂଚାୟତ ଅନ୍ତର୍ଗତ ସରକାରୀ କେନ୍ଦୁଆ ଆଶ୍ରମ ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ମିତାଲି ମଲ୍ଲଙ୍କୁ ବିଦାୟ କାଳୀନ ଓ ମାଟ୍ରନ ସସ୍ମିତା ସାହୁ ଙ୍କୁ ଅବସର ସମ୍ବର୍ଦ୍ଧନା ସଭା ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ଆନନ୍ଦ ଚନ୍ଦ୍ର ବଟବ୍ରହ୍ମାଙ୍କ ଅଧକ୍ଷତା ଓ ଶିକ୍ଷକ ବିଶ୍ବଜିତ ସାମନ୍ତରାୟଙ୍କ ସଂଯୋଜନା ରେ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷା ରାଧାମଣୀ ନାୟକ ଅତିଥିଭାବେ, ସହକାରୀ ଶିକ୍ଷୟତ୍ରୀ ସସ୍ମିତା ପ୍ରଧାନ ଓ ସଂଯୁକ୍ତା ରାଣୀ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଅବସର ନେଇଥିବା ମାଟ୍ରନ ସସ୍ମିତା ସାହୁ ଓ ବିଦାୟୀ ଶିକ୍ଷୟତ୍ରୀ ମିତାଲି ମଲ୍ଲଙ୍କ କର୍ମମୟ ଜୀବନ ଉପରେ ଗୁଣଗାନ କରିଥିଲେ। ଶେଷରେ ଶିକ୍ଷକ ବିନୟ ସାର ଧନ୍ୟବାଦ ଅର୍ପଣ କରିଥିଲେ।

## ସଡ଼କ ଦୁର୍ଘଟଣାରେ ୩ ଛାତ୍ର ଗୁରୁତର

ବଡ଼ଚଣା, (ଭାସ୍କର ନ୍ୟୁଜ୍): ବଡ଼ଚଣା ଥାନ ଅନ୍ତର୍ଗତ ସୁଭଦ୍ରା ପୁର ଛକ ନିକଟରେ ୫୩ ନମ୍ବର୍ ଡୁବୁରୀ ଚଣ୍ଡିଖୋଲ ଜାତୀୟ ରାଜପଥରେ ଚଣ୍ଡିଖୋଲ ବାବା ଭୈରବାନନ୍ଦ ମହାବିଦ୍ୟାଳୟରୁ ହିରୋହଣ୍ଡା ବାଇକ୍ ଯୋଗେ ଏନସି,ସି କ୍ଲାସ ସାରି ଚଣ୍ଡିଖୋଲ ଅଭିମୁଖେ ଆସୁଥିଲେ। ତିନି ଛାତ୍ର ହେଉଛନ୍ତି ସୌମ୍ୟ ପ୍ରକାଶ ବାଇ(୨୦) ଗ୍ରାମ ଭୁବନପୁର, ଅଙ୍କୁଶ ବେହେରା (୨୦)ଗ୍ରାମ ପଲେଇ, ବଳରାମ ସେଠୀ (୨୦) ଗ୍ରାମ ନଠୁଆବର। ଛାତ୍ରଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ୩ ଜଣ ଛାତ୍ର ରୋଡ ଉପରେ ପଡ଼ିଯିବାରୁ ଗୁରୁତର ଭାବେ ଆହତ ହୋଇଛନ୍ତି। ଖବର ପାଇ ଘଟଣାସ୍ଥଳକୁ ବଡ଼ଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରା ଓ ଧାନମଣ୍ଡଳ ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ମହାନ୍ତି ସମେତ ପହଞ୍ଚି ଚଣ୍ଡିଖୋଲ ଅଗ୍ନିଶମକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ ସଦଳବଳେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଯାଇଥିଲା। ସେଠାରେ ବଳରାମ ସେଠୀଙ୍କ ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହି ଦୁର୍ଘଟଣା ଖବର ପାଇ ବାବା ଭୈରବନନ୍ଦ ମହାବିଦ୍ୟାଳୟର ଏନ୍‌ସିସି ବିଭାଗୀୟ ମେଜର ଦିଲ୍ଲୀପ କୁମାର ନାୟକ ବଡ଼ଚଣା ମେଡ଼ିକାଲରେ ଚିକିତ୍ସିତ ହେଉଥିବା ଛାତ୍ରଙ୍କ ପାଖରେ ପହଞ୍ଚି ସମସ୍ୟା ବୁଝି ଥିଲେ।

## ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ

ମୁରିବାହାଲ, (ଭାସ୍କର ନ୍ୟୁଜ ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ କାର୍ଯ୍ୟାଳୟର ସଭା ଗୃହ ଠାରେ ବ୍ଲକ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁରିବାହାଲ ବିଡିଓ ବାସନ୍ତୀ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକ ରେ ବି ଏସ ଏସ ଓ ରିଙ୍କୁ ମେହେର ପରିଚାଳନା କରିଥିଲେ। କିପରି ଶାନ୍ତିଶୃଙ୍ଖଳା ଭାବରେ ୬୯ ତମ ସ୍ୱାଧୀନତା ଦିବସ ପାଳନ କରାଯିବ ସେହି ବିଷୟରେ ଆଲୋଚନା କରାଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ଅର୍ଥ ବିଭାଗ ଅଧିକାରୀ ଘେନୁରାମ ତାଣ୍ଡି ଏବଂ ବ୍ଲକର ସମସ୍ତ କର୍ମଚାରୀ, ଭାରତୀୟ ଜନତା ପାର୍ଟିରେ ତଥା ସାଂସଦ ନୋମିନି ଶ୍ରୀବତ୍ସ ବେହେରା, ସମସ୍ତ ପ୍ରଶାସନିକ ଅଧିକାରୀ, ସ୍କୁଲ ଓ କଲେଜର ଅଧକ୍ଷ, ଅଞ୍ଚଳର ସମାଜସେବୀ, ବିଭିନ୍ନ ଅନୁଷ୍ଠାନ ର କାର୍ଯ୍ୟକର୍ତ୍ତା ଓ ସାମ୍ବାଦିକ ସଂଘର କର୍ମକର୍ତ୍ତା, ଜର୍ଣ୍ଣାଲିଷ୍ଟ ଆସୋ-ସିଏସନ୍‌ର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## ବାଲି ମାଫିଆଙ୍କ ଦୌରାତ୍ମ୍ୟର ଅନ୍ତ କେବେ !

- ଦେବୀ ନଦୀ ଗର୍ଭରେ ଲୀନ ହୋଇଯିବ କି ନଦୀପଠାରେ ଥିବା ଗାଁ ?
- ରାତିରେ ଚାଲୁଛି କୋଟି କୋଟି ଟଙ୍କାର ଖେଳ
- ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣ ରୋକିବାକୁ ଗଢ଼ା ହୋଇଥିବା ଏନଫୋର୍ସମେଣ୍ଟ କମିଟିର ଦୃଷ୍ଟି ପଡିବ କେବେ ?
- ସ୍ଥାନୀୟ ପୋଲିସ ସବୁ ଜାଣି ଅଜଣା

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଦିନ ହେଉ କି ରାତି ଦେବୀ ନଦୀଶଯ୍ୟାରୁ ଉଠୁଛି ଟନଟନ ବାଲି। ଲକ୍ଷଲକ୍ଷ ଟଙ୍କା ରାଜସ୍ୱ ଲୁଟ୍ କରୁଛନ୍ତି ବାଲି ମାଫିଆ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଠାରୁ କିଛି ଦୂରରେ ଥିବା ତାଳଦା ନଦୀପଠାର ଝାଉଁଆ ଦଣ୍ଡାରେ ବାଲି ମାଫିଆଙ୍କ ରାଜ। ବେଆଇନ ଭାବେ ନଦୀପଠାରୁ ବାଲି ଉଠାଉଛନ୍ତି ମାଫିଆ। ବାଲି ଲୁଟ୍ ଫଳରେ ନଦୀ ଜଳର ଗତିପଥ ବଦଳିବା ସହ ନଦୀକୂଳ ଖାଉଛି। ନଦୀଗର୍ଭରେ ସୃଷ୍ଟି ହେଉଛି ବଡ଼ବଡ଼ ଗର୍ତ୍ତ। ଯାହାକୁ ନେଇ ଆତଙ୍କିତ ଅବସ୍ଥାରେ କାଳ କାଟୁଛନ୍ତି ନଦୀକୂଳରେ ରହୁଥିବା ତାଳଦା ଅଞ୍ଚଳବାସୀ। ଦେବୀ ନଦୀକୂଳରେ ବାଲି ମାଫିଆଙ୍କ ରାଜ। ରାତି ହେଲେ ବେଧଡକ ଚାଲିଛି ଚୋରାଚାଲାଣ। କିଟ୍‌ମିଟ୍ ଅନ୍ଧାର ଭିତରେ ଚାଲିଛି କୋଟିକୋଟି ଟଙ୍କାର ଖେଳ। ରାତି ସହିତ ଶୋଇଯାଇଛି ପ୍ରଶାସନ। ଆଉ ଲୁଟ ହେଉଛି ହଜାର ହଜାର ଟ୍ରାକ୍ଟର ବାଲି। ନଦୀପଠାରେ ଲାଗିଛି ଏକାଧିକ ଟ୍ରକ ଓ ଟ୍ରାକ୍ଟର। କେତେ ବେଖାତିର ଓ ବେପରୱାକର ବାଲି ମାଫିଆ। ଯୁଆଡେ ଚାହିଁବେ କେବଳ ବଡ଼ବଡ଼ ଗର୍ତ୍ତ। ସତେ ଯେମିତି ପୋଖରୀ ଖୋଳା ଯାଇଛି। ନିଜକୁ କରିତ କର୍ମା ସହ ଗୁଣ୍ଡାରାଜ ଦେଖାଇ ଦିନ ହେଉ କି ରାତି ଜେସିବି ଟ୍ରାକ୍ଟର ଲଗାଇ ଲୁଟ କରୁଛନ୍ତି ବାଲି। ଏହାର ପ୍ରତିବାଦରେ ବାଲିମାଫିଆମାନେ ଧମକ ଦେଉଥିବା ଅଭିଯୋଗ କରିଛନ୍ତି ବୋଲି ସ୍ଥାନୀୟ ଲୋକ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ଅନ୍ୟ ପଟେ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ରୋକିବାକୁ ଗଢ଼ା ହୋଇଥିବା ପାଞ୍ଚ ଜଣିଆ ଏନ ଫୋର୍ସ ମେଣ୍ଟ କମିଟି କାହିଁକି ଚୁପ ବସିଛି ପ୍ରଶ୍ନ ଉଙ୍କି ମାରିଛି। ଫଳରେ ଖାଲି ହେବାକୁ ବସିଲାଣି ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ତାଳଦା ଦେବୀ ନଦୀ ପଠା। କେବେ ମାଫିଆଙ୍କ ରାଜ ବନ୍ଦ ହେବ ପ୍ରଶାସନ କେବେ ମାଫିଆଙ୍କ ପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ନେବ ତାହା ହିଁ ଅପେକ୍ଷା।

## ୟୁଏଏସ୍ ବ୍ୟବସ୍ଥାକୁ ସ୍ଥଗିତ ରଖିବାକୁ ଦାବି




ତିହିଡ଼ି, (ଭାସ୍କର ନ୍ୟୁଜ୍): ଗଣଶିକ୍ଷା ବିଭାଗ ଲାଗୁ କରିଥିବା ୟୁନିଫାଏଡ ଅଟୋମେସନ ସିଷ୍ଟମ (ୟୁଏଏସ)କୁ ସ୍ଥଗିତ ରଖିବାକୁ 'ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ' ପକ୍ଷରୁ ଦାବି କରାଯାଇଛି। ଏ ନେଇ ସୋମବାର ଅପରାହ୍ନରେ ଗୋଷ୍ଠୀ ଶିକ୍ଷାଧିକାରୀ ସୂର୍ଯ୍ୟଶିଖା ମହାନ୍ତିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ୍ ଶିକ୍ଷକ ସଂଘର ସମ୍ପାଦକ ରମାକାନ୍ତ ଦାସ ଏବଂ ଜିଲ୍ଲା ସଂଗଠନ ସମ୍ପାଦକ ରୂପେଶ କୁମାର ସାହୁ ଗଣମାଧ୍ୟମକୁ ଦେଇଥିବା ବିବୃତିରେ ପ୍ରକାଶ କରିଛନ୍ତି ଯେ ସରକାର ବର୍ତ୍ତମାନ ଶିକ୍ଷକ ମାନଙ୍କ ଉପରେ ବିଭିନ୍ନ ଅଣଶୈକ୍ଷିକ କାର୍ଯ୍ୟକୁ ଲଦି ଦେଉଛନ୍ତି। ଯାହାଦ୍ୱାରା ଗୁଣାତ୍ମକ ଶିକ୍ଷାର ମାନ ହ୍ରାସ ହେଉଛି। ଅଧିକାଂଶ ବିଦ୍ୟାଳୟ ଦୁଇରୁ ତିନି ଜଣ ଶିକ୍ଷକରେ ଚାଲୁଅଛି। ଏବେ ପୁଣି ଶିଶୁ ବାଟିକା ନାମରେ ନୂତନ ଶ୍ରେଣୀଟିଏ ବିଦ୍ୟାଳୟ ସହିତ ଯୋଡ଼ି ଦିଆଯାଇଛି କିନ୍ତୁ ସେଥିପାଇଁ ଆବଶ୍ୟକୀୟ ଶିକ୍ଷକ ବ୍ୟବସ୍ଥା କରାଯାଇନାହିଁ। ଏତେସବୁ ସମସ୍ୟା ଥିବା ସତ୍ତ୍ୱେ ବିଭାଗ ତରଫରୁ ୟୁଏଏସ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶନାମା ଆସିଛି। ଉକ୍ତ ବ୍ୟବସ୍ଥା ପ୍ରଚଳିତ ହେଲେ ଏହାକୁ କାର୍ଯ୍ୟକାରୀ କରିବାକୁ ଶ୍ରେଣୀ ଶିକ୍ଷକ ଓ ପ୍ରଧାନ ଶିକ୍ଷକ ଦିନ ତମାମ ଉକ୍ତ କାର୍ଯ୍ୟରେ ନିୟୋଜିତ ରହିବେ। ଏଭଳି ପରିସ୍ଥିତିରେ ଶିକ୍ଷାଦାନ କାର୍ଯ୍ୟ ନିଶ୍ଚିତ ବାଧାପ୍ରାପ୍ତ ହେବ। ଏଥି ସହିତ ଅଧିକାଂଶ ସ୍ଥାନରେ ମୋବାଇଲ ନେଟୱର୍କ ନଥିବାରୁ ଅଧିକାଂଶ ବିଦ୍ୟାଳୟରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରିବ ନାହିଁ। ତେଣୁ ୟୁଏଏସ ପ୍ରଚଳନ ପୂର୍ବରୁ ସରକାର ପ୍ରଥମେ ଶ୍ରେଣୀ ୱାରୀ ଶିକ୍ଷକ ଓ ବିଷୟ ଭିତ୍ତିକ ଶିକ୍ଷକ ନିଯୁକ୍ତିର ବ୍ୟବସ୍ଥା କରନ୍ତୁ ଏବଂ ଶିକ୍ଷକ ମାନଙ୍କର ବହୁ ଦିନର ନ୍ୟାର୍ଯ୍ୟ ଦାବୀ ଯଥା ପଦୋନ୍ନତୀ, ପ୍ରାରମ୍ଭିକ ସ୍ତର ଗ୍ରେଡ-ପେ ବୃଦ୍ଧି, କ୍ୟାଡ଼ର ସଂଶୋଧନ, ବଦଳି ନିୟମ ପରିବର୍ତ୍ତନ, ପୁରୁଣା ପେନସନ ପ୍ରଚଳନ, ଆନ୍ତଃଜିଲ୍ଲା ବଦଳି ଏବଂ ଶିକ୍ଷକ ମାନଙ୍କୁ ସ୍ୱାସ୍ଥ୍ୟ ବୀମା ପ୍ରଦାନ ଭଳି ଦାବିଗୁଡ଼ିକୁ ତୁରନ୍ତ ପୁରଣ କରନ୍ତୁ ଏବଂ ତାପରେ ଏହି ବ୍ୟବସ୍ଥା ଲାଗୁ କରନ୍ତୁ ବୋଲି ସଂଘ ତରଫରୁ ଦାବି କରାଯାଇଛି। ଶିକ୍ଷକ ଶିକ୍ଷୟତ୍ରୀ ମାନେ ଶିକ୍ଷକ ସଂଘ ଭବନରୁ ବ୍ଲକ୍ କାର୍ଯ୍ୟାଳୟ ଏବଂ ସେଠାରୁ ଶିକ୍ଷା ବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା କରି ଆସିବା ପରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବ୍ଲକ୍ ସଂଘ ସଭାପତି ମାୟାଧର ସାହୁ, ଗିରିଧାରୀ ଚାନ୍ଦ, ଦେବବ୍ରତ ଶତପଥୀ, ତ୍ରିନାଥ ସେଠି , ରବୀନ୍ଦ୍ର ମଲ୍ଲିକ, ଲକ୍ଷ୍ମୀକାନ୍ତ ପରିଡ଼ା, ପ୍ରମୋଦ ମହାପାତ୍ର, ରେବତୀ ପଲେଇ, କାର୍ଯ୍ୟକାରୀ ସମ୍ପାଦକ ବଂଶୀଧର ଦାସ, ସସ୍ମିତା ମଞ୍ଜରୀ ନାୟକ, ଶ୍ରୀନାଥ ମଲ୍ଲିକ, ମନ୍ମଥ ଦାସ, ଗୋପାଳ ଦାସ, ସଞ୍ଜୟ ମହାଳିକ, ରାଜେନ୍ଦ୍ର ବାରିକ, ଶୁଭେନ୍ଦୁ କୁମାର ସାହୁ, ମଧୁସ୍ମିତା ପଣ୍ଡା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ସମସ୍ୟାର ଆପୋଷ ସମାଧାନ ନିମନ୍ତେ ନୂତନ ଜିଲ୍ଲାପାଳଙ୍କ ସହ ଆଲୋଚନା



ମାଲକାନଗିରି, (ଭାସ୍କର ନ୍ୟୁଜ୍): "ମିରର୍ ଅଫ୍ ମାଲକାନଗିରି" (ସାମାଜିକ ସଂସ୍ଥା)ର ସଦସ୍ୟ ମାନେ ନୂତନ ଜିଲ୍ଲାପାଳଙ୍କୁ ସ୍ୱାଗତ ଓ ଅଭିନନ୍ଦନ କରିବାସହ ନିଜର ପରିଚୟ ରଖିଥିଲେ। "ମିରର୍ ଅଫ୍ ମାଲକାନଗିରି" ଗତ ବର୍ଷ ହେବ ଜାତି, ଧର୍ମ, ବର୍ଣ୍ଣ, ଭାଷା, ଆର୍ଥିକ ବ୍ୟବସ୍ଥାରୁ ଦୂରରେ ରହି ମାଲକାନଗିରି ଜିଲ୍ଲାର ସର୍ବାଙ୍ଗିନ ବିକାଶରେ ସହଭାଗିତା କରିଆସିଛି। ଏହି ସଂଗଠନର ସହାୟତାରେ ବିଜୁଳି ଅବ୍ୟବସ୍ଥା, ରାସ୍ତାଘାଟର ନିର୍ମାଣରେ ମାନବୃଦ୍ଧି, ବିକଳାଙ୍ଗ ଓ ବାର୍ଦ୍ଧକ୍ୟ ଭତ୍ତା ସହ ଅନ୍ୟାନ୍ୟ ସହଯୋଗ ପ୍ରଦାନ, ଉଚ୍ଚ ଶିକ୍ଷା ଓ ଉଚ୍ଚ ଚିକିତ୍ସା ନିମନ୍ତେ ଏହି ଜିଲ୍ଲାରେ ସହଯୋଗ ପ୍ରଭୁତି କାର୍ଯ୍ୟ କରିଆସିଛି। ଗ୍ରାମାଞ୍ଚଳର ବିଶେଷ ସମସ୍ୟା ଯାହା ଖବର ଆମ ମାଧ୍ୟମରେ ପ୍ରଶାସନକୁ ଅବଗତ କରିବା ଫଳରେ ଅତିଶିଘ୍ର ସେଗୁଡ଼ିକର ସମାଧାନ ହେଉଅଛି ଯାହାଫଳରେ ଲୋକମାନେ, ଛାତ୍ରଛାତ୍ରୀମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ଆମ ଜିଲ୍ଲାର ଅନେକ ଦିନରୁ ପଡି ରହିଥିବା ୧୨ଟି ମୂଳଭୁତ ସମସ୍ୟାର ଆଶୁ ସମାଧାନ ନିମନ୍ତେ ଜିଲ୍ଲାପାଳ ତଥା ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ମାଲକାନଗିରି ସହରର ମୁଖ୍ୟ ରାସ୍ତା (ଦିପ୍ତି କନଭେଣ୍ଟ ସ୍କୁଲ୍ ଠାରୁ ବସ୍ ଷ୍ଟାଣ୍ଡ ପର୍ଯ୍ୟନ୍ତ, ଆଇ.ଟି.ଡି.ଏ କାର୍ଯ୍ୟାଳୟ ଠାରୁ ଡି.ଏନ୍.କେ ଛକପର୍ଯ୍ୟନ୍ତ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଛକ)ର ମରାମତି, ଏନ୍.ଏଚ୍.-୩୨୬ର ଜିଲ୍ଲା ସଦରମହକୁମା ମଧ୍ୟ ଦେଇ ଯାଉଥିବା ରାସ୍ତାର ରାସ୍ତା ବିଭାଜକରେ ଲାଗିଥିବା ଲୁହା ଜାଲି ଗୁଡିକ ଅତି ପୁରୁଣା ହୋଇ ସେଥିରୁ ପ୍ରାୟ ୫୦% ଭାଙ୍ଗି ଯାଇଛି। ଯାହା ଫଳରେ ପ୍ରାଣୀସମ୍ପଦ ସହଜରେ ରାସ୍ତାର ଗୋଟିଏ ପଟରୁ ଅନ୍ୟପଟକୁ ଚାଲିଯାଉଛନ୍ତି। ଫଳରେ ଦୁର୍ଘଟଣାମାନ ପ୍ରତିଦିନ ହୋଇ ନିରିହ ପ୍ରାଣୀଙ୍କ ଜୀବନ ସହ ଲୋକଙ୍କ ଧନ ଓ ଜୀବନ ନଷ୍ଟ ହେଉଅଛି। ଟାଟା ପାୱାର୍ ବିଦ୍ୟୁତ୍ ବିତରଣ ବ୍ୟବସ୍ଥା ନେବାପୁର୍ବରୁ ଲୋକଙ୍କ ଥିବା ବକେୟା ବିଦ୍ୟୁତ ବିଲ୍ ପଇସାକୁ ଜବରଦସ୍ତ ଆଦାୟ କରିବା, ନଚେତ ସମଗ୍ର ଗ୍ରାମ ଓ ବସ୍ତିର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ। ପ୍ରତ୍ୟେକ ଉପୋଭକ୍ତାଙ୍କ ବାସଗୃହରେ ବିଦ୍ୟୁତ୍ ମିଟର ସ୍ଥାପନା କରାଯାଉ। ସେମାନଙ୍କ ବିଦ୍ୟୁତ୍ ବିଲ୍ ବର୍ତ୍ତମାନର ବ୍ୟବହାର ବିଲ୍ଲ ଅନୁଯାୟୀ ପୁରୁଣା ବକେୟା ବିଲ୍‌ର ରିଭାଇଜ୍ କରି ସଠିକ୍ କରାଯାଉ। ପ୍ରତି ମାସର ବିଲ୍ ସହ କିଛି ପୁରୁଣା ବକେୟା ଦେବାପାଇଁ ଉପୋଭକ୍ତାଙ୍କୁ ଆଗ୍ରହ କରାଯାଉ। ମାଲକାନଗିରି ସହରର ମଶାଣି ଠାରୁ ଗ୍ରାମ ତରଙ୍ଗ ପ୍ରଶିକ୍ଷଣ କେନ୍ଦ୍ର, ଅନ୍ୱେଶା ଛାତ୍ରାବାସ, କିଶୋର ପର୍ଯ୍ୟବେକ୍ଷଣ ଗୃହ ଦେଇ ଗୌଡଗୁଡା ପଞ୍ଚାୟତ ପର୍ଯ୍ୟନ୍ତ ସଂଯୋଗ କରୁଥିବା ରାସ୍ତା ଯାହାପ୍ରାୟ ୧୦ ବର୍ଷରୁ ଅଧିକ ଦିନ ହେବ ଖରାପହୋଇ ରହିଛି ତାହାର ପ୍ରାଥମିକତା ଭିତ୍ତିରେ ତୁରନ୍ତ ମରାମତି କରାଯାଉ। ଯେଉଁ ରାସ୍ତା ଉପରେ ପ୍ରାୟ ୨୦ରୁ ଅଧିକ ଗ୍ରାମବାସୀ ଓ ହଜାରେରୁ ଅଧିକ ଛାତ୍ରଛାତ୍ରୀ ପ୍ରତିଦିନ ଯିବାଆସିବା କରିଥାନ୍ତି। ଶିଖପାଲି ଠାରୁ ପଡିଆବ୍ଲକ୍‌କୁ ସଂଯୋଗ କରୁଥିବା ରାସ୍ତାର ନବିକରଣ କରାଯାଉ। ଯାହା ଫଳରେ ୮ଟି ପଞ୍ଚାୟତର ଲୋକଙ୍କୁ ସଂଯୋଗ ନିମନ୍ତେ ପରିବହନ ସୁବିଧା ହୋଇପାରିବ। ମାଥିଲି ବ୍ଲକ୍‌ର ସାଗରସାହିର ରାସ୍ତା ଯାହା ଗ୍ରାମର ୩ଟି ଧର୍ମବିଶ୍ୱାସୀଙ୍କର ମଶାଣିକୁ ଯିବାର ମୁଖ୍ୟ ସଡକ ଅଟେ, ତାହାର ନବୀକରଣ କରାଯାଉ। ମାଲକାନଗିରି ବ୍ଲକ୍‌ର ତମସା ପଞ୍ଚାୟତ ଅନ୍ତର୍ଗତ ଏମ୍ ଭି-୯ ଗ୍ରାମରୁ ବୈଲାପାରି ଗ୍ରାମକୁ ସଂଯୋଗ କରୁଥିବା ୫ କିଲୋମିଟର ରାସ୍ତା ଯାହା ପ୍ରାୟ ୧୦ ବର୍ଷ ହେବ ଗ୍ରାମବାସୀଙ୍କ ଦ୍ୱାରା ମରାମତି ନିମନ୍ତେ ଅଭିଯୋଗ ହୋଇଆସୁଅଛି ତାହାର ପୁନଃ ନିର୍ମାଣ କରାଯାଉ। ଚିତ୍ରକୋଣ୍ଡା ବ୍ଲକ୍ ର ଅଣ୍ଡ୍ରାପାଲି ଗ୍ରାମପଞ୍ଚାୟତରୁ ରାମାଗୁଡା ଗ୍ରାମକୁ ସଂଯୋଗ କରୁଥିବା ବ୍ରିଜ୍ (ପୋଲ) ଯାହା କି ୨୦୨୪ ଅଗଷ୍ଟ ମାସରୁ ସମ୍ପୁର୍ଣ୍ଣ ଭିଷୁଡି ପଡିଛି, ଯାହା ବିଷୟରେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ୩୦ ଡିସେମ୍ବର ୨୦୨୪ରେ କ୍ରମିକ.ନଂ. ୨୪ରେ ଅଭିଯୋଗ ହୋଇଥିଲା ଓ ବିଧାୟକ ଚିତ୍ରକୋଣ୍ଡା ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଚିତ୍ରକୋଣ୍ଡାଙ୍କୁ ବାରମ୍ବାର ଅବଗତି କରାଯାଇଥିଲା ତାହାର ପୁନଃ ନିର୍ମାଣ କରାଯାଉ। ମାଲକାନଗିରି ବ୍ଲକ୍‌ର ସିନ୍ଧ୍ରିମାଳ ପଞ୍ଚାୟତ ଅନ୍ତର୍ଗତ ପଦ୍ମପୁରଗ୍ରାମକୁ ସଂଯୋଗ କରିଥିବା ରାସ୍ତାରେ ଯେଉଁ ପଥରଘାଟି ରହିଛି ତାକୁ ସମତଳ କରିରାସ୍ତା ନିର୍ମାଣ କରାଯାଉ। ପଡିଆ ବ୍ଲକ୍ ସଦରମହକୁମାର ବସ୍ ଷ୍ଟାଣ୍ଡର ଅବ୍ୟବସ୍ଥା କହିଲେ ନସରେ। ଏଠାକୁ ବସ୍ ରହିବାପାଇଁ ଆସୁନାହିଁ ତଥା ଏହା ବୁଲାବିକାଳି ତଥା ଅନୈତିକ କାର୍ଯ୍ୟର ଆଡ୍ଡାସ୍ଥଳି ପାଲଟିଛି। ଏହାର ପୁନଃ କାର୍ଯ୍ୟକ୍ଷମ ନିମନ୍ତେ ବ୍ୟବସ୍ଥା କରିବା ସହ, ପୋଲିସ୍ ବିଭାଗର ପଇଁତରା ରାତ୍ର ସମୟରେ କରିବା ବ୍ୟବସ୍ଥା କରାଯାଉ। ମାଲକାନଗିରି ପୌରପରିଷଦ ସହ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ରତ୍ୟେକ ୱାର୍ଡ଼କୁ ଅଧିକାରୀଙ୍କ ସହ ଜନପ୍ରତିନିଧିଙ୍କ ପରିଦର୍ଶନ କରି ଲୋକଙ୍କ ସମସ୍ୟା ବିଷୟରେ ସମସ୍ତ ଅବଗତ ହେବାସହ ସମସ୍ୟାର ସମାଧାନ ନିମନ୍ତେ ତତ୍ପର ହୁଅନ୍ତୁ। ଏହି ପତ୍ରର ଏକନକଲ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦଙ୍କ ନିକଟକୁ ସୂଚନା ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରିଥିବା ସଂଗଠନର ସଂଯୋଜକ କହିଛନ୍ତି।

## ପୂର୍ବତନ ଜିଲ୍ଲା ସଂଘ ଚାଳକଙ୍କ ପରଲୋକ



ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବତନ ଜିଲ୍ଲା ସଂଘ ଚାଳକ ମୁରାରୀ ମହାପାତ୍ରଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ହେଇଥିଲା ଏବଂ ସେ ବହୁଦିନ ଧରି କିଡ଼ନୀ ଏବଂ ହାର୍ଟ ଜନିତ ରୋଗରେ ପୀଡିତ ଥିଲେ। ଗତକାଲି ସ୍ୱାସ୍ଥ୍ୟ ବସ୍ଥା ବିଗିଡ଼ିବାରୁ ପରିବାର ତରଫରୁ ମାଥିଲି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ସେଠାରୁ ତାଙ୍କୁ ନିଜ ବାସଭବନ ମାଥିଲି ବ୍ଲକ ଅନ୍ତର୍ଗତ ଚଲାନଗୁଡ଼ା ଗ୍ରାମକୁ ଅଣାଯାଇଥିଲା ଏବଂ ସେଠାରେ ତାଙ୍କର ଶେଷକୃତ୍ୟ ସମାପନ କରାଯାଇଥିଲା। ସ୍ୱର୍ଗତ ମହାପାତ୍ର ଜଣେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହୋଇଥିବା ବେଳେ ବିଗତ ଦିନରେ ଜଣେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜଣେ ସକ୍ରିୟ ସ୍ୱୟଂ ସେବକ ଥିଲେ, ଜଣେ ସାଧାରଣ ସ୍ୱୟଂ ସେବକରୁ କାର୍ଯ୍ୟ ଆରମ୍ଭ କରି ଜିଲ୍ଲା ସଂଘ ଚାଳକ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ। ତା'ସହ ସେ ଜଣେ ଧର୍ମ ପାରାୟଣ ବ୍ୟକ୍ତି ଥିଲେ। ଗୋବିନ୍ଦପାଲ୍ଲୀ ସ୍ଥିତ ଗୋବିନ୍ଦ ଶ୍ରୀକ୍ଷେତ୍ରରେ ହେଉଥିବା ପ୍ରତ୍ୟେକ ପର୍ବପର୍ବାଣୀରେ ନିଜେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ନୀତିକାନ୍ତି ଅନୁସାରେ ସମାପନ କରୁଥିଲେ ଏବଂ ଗୋବିନ୍ଦପାଲ୍ଲୀ ଠାରେ ଗୃହିଣୀମାନଙ୍କୁ ପ୍ରତ୍ୟେକ ଦିନ ସକାଳୁ ଯୋଗଶିକ୍ଷା ଦେଉଥିଲେ। ମହାପାତ୍ରଙ୍କ ମୃତ୍ୟୁ ଖବର ଶୁଣି ସାରା ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି।


## ଉପଜିଲ୍ଲାପାଳ ଭାବେ କସ୍ତୁରୀ ପଣ୍ଡାଙ୍କ ଯୋଗଦାନ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଦୀର୍ଘଦିନ ଅପେକ୍ଷାର ଅନ୍ତ ଘଟିଛି। ପାଞ୍ଚପିଢ଼ ଉପଜିଲ୍ଲାପାଳ ଭାବେ ମହିଳା ଆଇଏଏସ କସ୍ତୁରୀ ପଣ୍ଡା କାର୍ଯ୍ୟରେ ଯୋଗ ଦେଇଛନ୍ତି। ଦାୟିତ୍ୱରେ ଥିବା ଉପଜିଲ୍ଲାପାଳ ପ୍ରକାଶ କୁମାର ଦାସଙ୍କ ଠାରୁ ଦାୟିତ୍ୱ ନେଇଛନ୍ତି। ସେ କାର୍ଯ୍ୟାଳୟରେ ଯୋଗ ଦେବାବେଳେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ତାଙ୍କୁ କରଞ୍ଜିଆ ମହୋତ୍ସବ କମିଟି, ପ୍ରେସ କ୍ଲବ କରଞ୍ଜିଆ, ପାଞ୍ଚପିଢ଼ ପ୍ରଗତି ମଞ୍ଚ ପକ୍ଷରୁ ମଧ୍ୟ ସ୍ୱାଗତ କରଯାଇଥିଲା। ସେ ପୂର୍ବରୁ କଳାହାଣ୍ଡିରେ ଆଇଇଏସର ଟ୍ରେନିଂ ନେଉଥିଲେ କରଞ୍ଜିଆ ଉପଜିଲ୍ଲାପାଳ ତାଙ୍କ ପ୍ରଥମ ପୋଷ୍ଟିଂ। କସ୍ତୁରୀ ମାଡ଼ମ ହେଉଛନ୍ତି ପାଞ୍ଚପିଢ଼ର ପ୍ରଥମ ମହିଳା ଓ ଆଇଏଏସ। କରଞ୍ଜିଆର ସର୍ବାଙ୍ଗୀନ ଉନ୍ନତି ଦିଗରେ କାର୍ଯ୍ୟ କରିବେ ବୋଲି ସୂଚନା ଦେଇଥିଲେ।

## ଗଞ୍ଜେଇ ଜବତ ବେଳେ ଜଣେ ଗିରଫ ହେବା ପରେ ଚମ୍ପଟ !

ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ପରଚିପାରା ଠାରେ ୩/୫/୨୫ତାରିଖ ଦିନ ସ୍ଥାନୀୟ ଅବକାରୀ ବିଭାଗ ଚଢ଼ାଉ କରି ପ୍ରାୟ ଦଶ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହିତ ଏହି କାରବାରରେ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଥିଲା, କିନ୍ତୁ ଯୁବକ ଜଣକ ପରିସ୍ରା ଯିବା ବାହାନାରେ ପୋଲିସ ପଞ୍ଝାରୁ ଫେରାର ମାରିଛି। ଯୁବକ ଜଣକ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅଧୀନରେ ଥିବା ପାରଚିପାରା ଗ୍ରାମର ଲଖମୁ ଗଣ୍ଡଙ୍କ ପୁଅ ସିଆଲାଲ ଗଣ୍ଡ ବୋଲି ଜଣାପଡ଼ିଛି। ସୂଚନା ଅନୁଯାଇ ପରଚିପାରା ଗ୍ରାମରେ ଗଞ୍ଜେଇ କାରବାର ହେଉଥିବା କୌଣସି ସୂତ୍ରରୁ ଖବର ପାଇ ସ୍ଥାନୀୟ ଅବକାରୀ ଅଧିକାରୀ ରଞ୍ଜୁଲତା ବାରିକଙ୍କ ନେତୃତ୍ୱରେ ଏକ ଟିମ ପରଚିପାରା ଠାରେ ପହଞ୍ଚି ଥିଲେ। ସିଆଲାଲ ଗଣ୍ଡଙ୍କ ଉପରେ ଟାର୍ଗେଟ ରଖି ତାଙ୍କ ଘର ପଛପଟ ଯାଞ୍ଚ କରିଥିଲେ। ଏକ ବୁଦା ମୂଳେ ଗଞ୍ଜେଇ ଗଛିତ ଥିବା ଦେଖି ତୁରନ୍ତ ସିଆଲାଲକୁ ଗିରଫ କରିଥିଲେ। ଜବତ ଗଞ୍ଜେଇ ପ୍ରାୟ ଦଶ କିଲୋଗ୍ରାମ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ଏକ ଲକ୍ଷ ଟଙ୍କା ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଚଢ଼ାଉ ସମୟରେ ସବ୍ ଇନ୍ସପେକ୍ଟର ସୁଶୀଲ କୁମାର ଭୋଇ, କନେଷ୍ଟବଳ ଜ୍ୟୋସ୍ନା ହରିଜନ , ଅନନ୍ତ ମଲ୍ଲିକ ଏବଂ ଟୁକୁ ଦଲାଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଚଢ଼ାଉ ସମୟରେ ରାଇଘର ପୋଲିସ ସହଯୋଗ କରିଥିବା ଜଣାପଡ଼ିଛି। ଗିରଫ ହୋଇଥିବା ସିଆଲାଲକୁ ଉମରକୋଟ ଅବକାରୀ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରେ ସନ୍ଧ୍ୟାରେ ସିଆଲାଲ ଗଣ୍ଡ ପରିସ୍ରା ଯିବାକୁ କହି ଚମ୍ପଟ ମାରିଥିଲା। ଯାହାଫଳରେ ଅବକାରୀ ବିଭାଗୀୟ ଅଧିକାରୀଙ୍କ ସମେତ ସମସ୍ତ କର୍ମଚାରୀ ଚମ୍ପଟ ମାରିଥିବା ସିଆଲାଲକୁ ଖୋଜାଖୋଜି ଚଳେଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ସିଆଲାଲ ଅବକାରୀ ବିଭାଗର ହାତରେ ଧରା ପଡିନଥିଲା।

## ଯୁବତୀ ହତ୍ୟା ମାମଲାରେ ପ୍ରେମିକ ଗିରଫ



କୋଷାଗୁମୁଡା, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ଯୁବତୀ ଅସ୍ତମା ଗୌଡ଼ଙ୍କ ହତ୍ୟା ଘଟଣାରେ ପ୍ରେମିକ ଦିନେଶ୍ୱର ସରାବୁ ଗିରଫ। ପ୍ରେମ ସମ୍ପର୍କରୁ ହତ୍ୟାକାଣ୍ଡ ଘଟିଥିବା ନେଇ ସମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ଅତିରିକ୍ତ ଏସପି। ପ୍ରେମିକ ଦିନେଶ୍ୱର ଏବଂ ମୃତ ଯୁବତୀଙ୍କ ଭିତରେ ପ୍ରେମ ସମ୍ପର୍କ ରହିଥିଲା, କିନ୍ତୁ ପ୍ରେମିକ ଦିନେଶ୍ୱର ର ବାହାଘର ଅନ୍ୟତ୍ର ଠିକ ହୋଇଯିବାରୁ ଏହାକୁ ମୃତ ଯୁବତୀ ବିରୋଧ କରିଥିଲେ। ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଯାହାଫଳରେ ପ୍ରେମିକାକୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲା ପ୍ରେମିକ। ଯୁବତୀଙ୍କୁ ଏକୁଟିଆ ଡକାଇ ତଣ୍ଟି ଚିପି ହତ୍ୟା କରିଥିବା ସୂଚନା ଦେଇଛନ୍ତି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ। ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ମହକୁମା ବ୍ଲକ କୁମ୍ଭାର ସାହିର ପର୍ଶୁ ଗୌଡ଼ଙ୍କ ଝିଅ ଅସ୍ତମା ଗୌଡ଼। ଗତ ୨ତାରିଖ ରାତିରେ ଘରପାଖ ପଡ଼ିଆକୁ ଶୌଚ ପାଇଁ ଯାଇ ଆଉ ଘରକୁ ଫେରି ନଥିଲେ। କିଛିସମୟ ପରେ ଯୁବତୀଙ୍କୁ ଏକ ଆମ୍ବ ଗଛ ମୂଳେ ପଡିଥିବା ଦେଖି ପରିବାର ଲୋକେ ଉଦ୍ଧାର କରି କୋଷଗୁମୁଡ଼ା ମେଡ଼ିକାଲରେ ଭର୍ତି କରିଥିଲେ। ଡାକ୍ତରଖାନାରେ ଯୁବତୀଙ୍କ ମୃତ୍ୟୁ ହୋଇଥିଲା। ଏନେଇ ୩ ତାରିଖ ଦିନ ମୃତକାଙ୍କ ପରିବାର ତରଫରୁ ଯୁବତୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣି କୋଷଗୁମୁଡ଼ା ଥାନାର ଦ୍ୱାରସ୍ତ ହୋଇଥିଲେ। ଗ୍ରାମବାସୀ ଯୁବତୀଙ୍କୁ ଧର୍ଷଣ ପରେ ଜବରଦସ୍ତ ବିଷ ପିଆଇ ତଣ୍ଟି ଚିପି ହତ୍ୟା କରାଯାଇଥିବା ମଧ୍ୟ ଅଭିଯୋଗ ଆଣିଥିଲେ। ଘଟଣାକୁ ଅତି ଗମ୍ଭୀରତାର ସହ ନେଇଥିଲା ପୋଲିସ ସାଇଣ୍ଟିଫିକ ଟିମ ଏବଂ ସନ୍ଧାନୀ କୁକୁରର ସହାୟତାରେ ତଦନ୍ତ ଆରମ୍ଭ କରିଥିଲା ପୋଲିସ। ଅଭିଯୋଗର ମାତ୍ର ୨୪ ଘଣ୍ଟା ଭିତରେ କୋଷାଗୁମୁଡା ସୁନାରି ସାହିର ପ୍ରେମିକ ଦିନେଶ୍ୱରଙ୍କୁ ଗିରଫ କରିଛି ପୋଲିସ। ତଦନ୍ତ ବେଳେ ପଚରାଉଚରା କରିବା ସମୟରେ ସବୁ ସତ ମାନିଯାଇଥିଲା ଦିନେଶ୍ୱର। ପୋଲିସକୁ ଘଟଣା ସ୍ଥଳ ନିଜେ ଦେଖାଇଥିଲା ଅଭିଯୁକ୍ତ। ଏନେଇ ପାପଡାହାଣ୍ଡି ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ନବରଙ୍ଗପୁର ପୋଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ।



କାଳିମେଳା, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ପଡିଆ ପୋଲିସ ପକ୍ଷରୁ ବିପୁଳ ପରିମାଣରେ ବିଦେଶୀ ମଦ ଜବତ କରାଯାଇଥିବା ଦେଖିବାକୁ ମିଳିଛି। ଏହି ଘଟଣାରେ ଜଣେ ଯୁବକକୁ ଗିରଫ କରାଯାଇଥିବା ବେଳେ ସୋମବାର ଦିନ ଯୁବକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପରେ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି। ସୁଚନା ଅନୁଯାୟୀ ରବିବାର ସନ୍ଧ୍ୟା ସମୟରେ ମାଲକାନଗିରି ଏସଡିପିଓ ଦିବ୍ୟଶଙ୍କର ଦଳେଇ ଓ ପଡିଆ ଥାନା ଅଧିକାରୀ ଡିଏସପି ରାମେଶ୍ୱର ପଧାନ ମିଳିତ ଭାବେ ଏକ ଟିମ୍ ଗଠନ କରି କାଳିମେଳାରୁ ଉଣ୍ଡୁରୁକୋଣ୍ଡା ଅଭିମୁଖେ ବେଆଇନ ଭାବେ ବିଦେଶୀ ମଦ ଚାଲାଣକାରୀଙ୍କୁ ଠାବ କରିବାକୁ ଜାଲ ବିଛାଯାଇଥିଲା। ସନ୍ଧ୍ୟା ସମୟରେ ଯୋଜନା ମୁତାବକ ବେଆଇନ ଭାବେ ବିଦେଶୀ ମଦ ଚାଲାଣ ହେଉଥିବା ଏକ ବୋଲେରୋ ଗାଡ଼ିରୁ ମୋଟ ୧୬୫ ଲିଟର ବିଦେଶୀ ମଦ ଓ ଉକ୍ତ ବୋଲେରୋ ଗାଡ଼ି ଜବତ କରିବା ସହ ଜଣଙ୍କୁ ଗିରଫ କରିଥିବା ଜଣାପଡିଛି। ଗିରଫ ବ୍ୟକ୍ତି ଜଣଙ୍କ ଏହି ମଦ ଉଣ୍ଡୁରୁକୋଣ୍ଡା ଅଞ୍ଚଳରେ ବିକ୍ରି କରିବାକୁ ନେଇଥିବା ପୋଲିସ ସମ୍ମୁଖରେ କହିଥିବା ଜଣାପଡିଛି। ଏ ନେଇ ପଡିଆ ଥାନାରେ ମାମଲା ସଂଖ୍ୟା ୯୪/୨୦୨୫ ରୁଜୁ କରାଯାଇ ଏସଆଇ ନିରୋଦ କୁମାର ବାଘ ଘଟଣାର ତଦନ୍ତକାରୀ ରଖିଥିବା ଜଣାପଡିଛି। ଅନ୍ୟପଟେ ସୀମାବର୍ତ୍ତୀ ଅଞ୍ଚଳରେ ପୋଲିସର ଏଭଳି ଚଢ଼ାଉ ସହ ବିପୁଳ ପରିମାଣର ମଦ ଜବତ କରାଯିବା ପରେ ଖୋଲା ବ୍ୟବସାୟୀଙ୍କ ମଧ୍ୟରେ କୋକୁଆ ଭୟ ଖେଳିଯାଇଛି।

# ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ନାମରେ ୪ଲକ୍ଷ ଲୁଟ୍

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ଗ୍ରାମ ପଂଚାୟତରେ ଏକ ମାର୍କେଟ କମ୍ପ୍ଲେକ୍ସ ସରକାରୀ କାଗଜକଲମରେ ନିର୍ମାଣ ହୋଇଥିବାର ଦର୍ଶାଇ ବିଭାଗୀୟ ଅଧିକାରୀ ସରକାରୀ ତହବିଲରୁ ୪ଲକ୍ଷ ଟଙ୍କା ହରିଲୁଟ କରିନେଇଥିବାର ଖୋଦ ବିଜେପି ଯୁବନେତା ମଳୟ କୁମାର ଘଡେଇ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ ଦାବି ହୋଇଛି। କୋଲଣପୁର ଗ୍ରାମପଂଚାୟତର ମାର୍କେଟ କମ୍ପ୍ଲେକ୍ସ କଟକ-ଚାନ୍ଦବାଲି ରାସ୍ତାର କୁଳିଆ ଠାରେ ରହିଛି। ପଂଚାୟତର ବିଭିନ୍ନ ଉନ୍ନୟନ ପାଣ୍ଠିରେ ଗତ ୨୦୦୭-୦୮ଏବଂ ଗତ ୨୦୧୭-୧୮ଆର୍ଥିକ ବର୍ଷରେ ୨ଟି ପର୍ଯ୍ୟାୟରେ ୨୦ଟି ଗୃହ ନିର୍ମାଣ କରାଯାଇଥିଲା। ବ୍ଲକର ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ଏବଂ ତତ୍କାଳୀନ ବିଡିଓ ପରସ୍ପର ମଧ୍ୟରେ ସଲାସୁତୁରା କରି ନିଶ୍ଚିନ୍ତକୋଇଲି ବ୍ଲକ ଆମ ଓଡିଶା ନବୀନ ଓଡିଶା ପ୍ରକଳ୍ପ କେଶ ରେକର୍ଡ ନଂ ୨୪୦/୨୦୨୩-୨୪ ମୁତାବକ ସ୍ଥାନୀୟ ରଘୁନାଥ ଜୀୟୁ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇ ଥିଲା। ଏହି ପ୍ରକଳ୍ପ ନିମନ୍ତେ ୪ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ତେବେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପରିବର୍ତ୍ତେ କୁଳିଆ ସ୍ଥିତ ମାର୍କେଟ କମ୍ପ୍ଲେକ୍ସର ପୂର୍ବ ପାଖରେ ଥିବା ଏକ କୋଠରୀରେ ନାମକୁ ମାତ୍ର ରଙ୍ଗ ଓ ଚଟାଣରେ ଟାଇଲ ବିଛାଇ ସରକାରୀ ରାଜକୋଷରୁ ୪ଲକ୍ଷ ଟଙ୍କା ଲୁଟ ହୋଇଥିବାର ଅଭିଯୋଗ ହୋଇଛି। ଏହି ଅର୍ଥ ଗତ ୨୦୨୪ ମେ ୧୦ ତାରିଖ ଦିନ ଭାଉଚର ନଂ ଏଓଏନଓ/୨୦୨୪-୩୫/ପି/୮୩ରେ ଏହି ଟଙ୍କା ହଡପ କରାଯାଇଥିବାର ସ୍ଥାନୀୟ ବିଜେପି ଯୁବନେତା ପ୍ରଣବ କୁମାର ବେହେରା କଟକ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି।

## ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା

# ଖବର ପ୍ରସାରଣ ପରେ ମୃତଦେହ ଆଣିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ

କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ବରଗୋଛା ପଞ୍ଚାୟତର ମାଝିପଡା ଗ୍ରାମର ଅତି ଗରିବ ନିରୀହ ରମେଶ ଜଗଦଲା (୪୦) ତାମିଲ ନାଡୁରେ ଦାଦନ ଶ୍ରମିକ ଭାବରେ କାର୍ଯ୍ୟ କରୁଥିବା ବେଳେ ଗତକାଲି ତାଙ୍କର ମୃତ୍ୟୁ ହୋଇଯାଇଛି। ଅଗ୍ରଣୀ ସାମାଜିକ ସଂଗଠନ ବୌଦ୍ଧ ଜିଲ୍ଲା ପାଣ - ଗଣ୍ଡା ସମାଜ ବିକାଶ ପରିଷଦ ପକ୍ଷରୁ ଜିଲ୍ଲା ଶ୍ରମ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ମୃତକଙ୍କ ଶବ ଘରକୁ ଆଣିବା ପାଇଁ ଅନୁରୋଧ କରାଯାଇଥିଲା। ସୂଚନା ଅନୁସାରେ, ମାଝିପଡ଼ା ଗ୍ରାମର ରମେଶ ଗତ ମାର୍ଚ୍ଚ ୨୧ ତାରିଖରୁ ତାମିଲନାଡୁ ରାଜ୍ୟର ଏରୋଡ ଜିଲ୍ଲା ଅଧୀନସ୍ଥ ଚିନିମେଲାଇ ଥାନାର ଏଙ୍ଗର ଶିବକୋଟ ଏରିୟା ଗ୍ରାମର ସୁପ୍ରିମ ଇଣ୍ଡୋଷ୍ଟିୟା ପ୍ରାଇଭେଟ୍ ଲିମିଟେଡ୍ ରେ ଏକ ପ୍ଲାଷ୍ଟିକ କମ୍ପାନୀ ରେ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ। ରବିବାର ଦିବା ପ୍ରାୟ ୧୧ଟା ସମୟରେ କମ୍ପାନୀ ଭିତରେ କାର୍ଯ୍ୟ କରୁଥିବା ସମୟରେ ହଠାତ କମ୍ପାନୀ ଭିତରେ ଚେତାଶୁନ୍ୟ ହୋଇ ପଡିଗଲେ। ଅଚେତ୍ ଅବସ୍ଥାରେ ତାଙ୍କ ସହିତ କାମ କରୁଥିବା ଶ୍ରମିକମାନେ ମେଡିକାଲକୁ ନେଇଥିଲେ ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ଓ ମୃତ ଦାଦନ ଶ୍ରମିକ ରମେଶ ଜଗଦଲାଙ୍କ ଧର୍ମ ପତ୍ନୀ ମହେନ୍ଦ୍ରୀ ଜଗଦଲା ସହିତ ଚାରୋଟି ପୁଅ ଝିଅ ଥିବା ବେଳେ ବାପାଙ୍କୁ ହରାଇ ସମସ୍ତେ ଅନାଥ ହୋଇ ପଡିଛନ୍ତି। ପରିବାରର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ସମସ୍ତେ ଭାଙ୍ଗି ପଡି ଥିବା ବେଳେ ୪ପୁଅ ଝିଅଙ୍କୁ ନେଇ କେମିତି ଚଳିବେ ସେ ନେଇ ମହେନ୍ଦ୍ରି ଚିନ୍ତାରେ ପଡିଛନ୍ତି। ଦାଦନ ଶ୍ରମିକ ରମେଶଙ୍କ ମର ଶରୀରକୁ ନିଜ ଜନ୍ମ ମାଟିକୁ ଆଣିବା ସହିତ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଉପଯୁକ୍ତ ଆର୍ଥିକ କ୍ଷତିପୂରଣ ସହାୟତା ଯୋଗାଇ ଦେବାକୁ ଅଗ୍ରଣୀ ସାମାଜିକ ସଂଗଠନ ବୌଦ୍ଧ ଜିଲ୍ଲା ପାଣ - ଗଣ୍ଡା ସମାଜ ବିକାଶ ପରିଷଦ ପକ୍ଷରୁ ସମ୍ପାଦକ ସୁଧାଂଶୁ ତାଙ୍ଗଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ନିକଟରେ ଅନୁରୋଧ କରିଥିଲେ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଆଜି ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ମୃତ ଶ୍ରମିକଙ୍କ ଶବ ନିଜ ଗ୍ରାମକୁ ଆଣିବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## କାଦୁଅରେ ଭର୍ତ୍ତି ରାମାସା ଛକ
### ଯାତାୟତରେ ସମସ୍ୟା

ଝରିଗାଁ, (ଭାସ୍କର ନ୍ୟୁଜ୍): ମେଦେନା ମୁଖ୍ୟ ରାସ୍ତାର ୧୬ କିମି ଦୂରରେ ଅବସ୍ଥିତ ରାମାସା ଛକର ଅବସ୍ଥା ଶୋଚନୀୟ। ଚଳିତ ବର୍ଷ ନିର୍ମାଣ ସରିଛି ନୂତନ ଝରିଗାଁ ମେଦେନା ମୁଖ୍ୟ ପିଚୁ ରାସ୍ତା। ରାସ୍ତା ନିର୍ମାଣ ପରେ ରାସ୍ତାର ଉଭୟ ପାର୍ଶ୍ୱରେ ହୋଇଥିବା ମାଟି ପେକିଙ୍ଗ ଖସି ବର୍ଷାରେ କାଦୁଅ ଭର୍ତ୍ତି। ମୁଖ୍ୟ ରାସ୍ତା ଉଚ୍ଚା ହୋଇଥିବା ବେଳେ ବର୍ଷା ଯୋଗୁଁ ମାଟି ସବୁ ଖସି ରାମାସା ଛକ ଉପରେ ମାଟି ସ୍ତର ଜମି ରହିଲା। ଯାହା ଫଳରେ ଯାନବାହାନ ଚଳାଚଳ ଏବଂ ବାଇକ୍ ଆରୋହୀ, ସାଇକେଲ ଚାଳକ ଛକ ଦେଇ ଯିବାବେଳକୁ ଏକାଧିକ ଲୋକ ଖସି ପଡୁଥିବା ଏବଂ ଆହତ ହେଉଥିବା ଅଭିଯୋଗ କରୁଛନ୍ତି ସ୍ଥାନୀୟ ବାସୀ। ମୁଖ୍ୟ ରାସ୍ତାରୁ ତଳକୁ ହୋଇଥିବାରୁ ଛକ ତଳକୁ ଯିବାବେଳେ ଏବଂ ମୁଖ୍ୟ ରାସ୍ତାକୁ ଉଠିବା ବେଳେ ଖସଡ଼ା କାଦୁଅ ଲାଗି ଲୋକେ ଖସି ପଡୁଥିବା ଘଟଣା ଘଟୁଛି। ମୁରୁମ ରେ ମାଟି ଅଂଶ ପରିମାଣ ଅଧିକ ରହିଥିବାରୁ ସାମାନ୍ୟ ବର୍ଷା ହେଲେ କାଦୁଅ ମୟ ହେଉଛି ଛକ। ପ୍ରଶାସନ ତୁରନ୍ତ ଭଲ ମୋରମ ପକାଇ ଲୋକଙ୍କ ଗମନାଗମନ ସୁବିଧା ଓ ସୁରକ୍ଷା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ଛକ ଦେଇ ପ୍ରାୟ ୧୦ ଖଣ୍ଡ ଗ୍ରାମର ଲୋକେ ଯିବା ଆସିବା କରୁଥିବା ବେଳେ ଏହାର ମରାମତି କରିବା ଜରୁରୀ ରହିଛି।

# ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ବୈଠକ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ବିଲଣାସ୍ଥିତ କଲ୍ୟାଣ ମଣ୍ଡପରେ ମା ବାସନ୍ତୀ ଆଞ୍ଚଳିକ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଏକ ସଭା ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ନାଗରିକ ଅଜୟ ନାୟକ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ମୁଖ୍ୟବକ୍ତା ଭାବେ ମହାସଂଘ ସମ୍ପାଦକ କୈଳାଶ ମହାପାତ୍ର ଯୋଗଦେଇ ସମାଜରେ ସଂସ୍କାର ଆଣିବା ବରିଷ୍ଠ ନାଗରିକ ମାନଙ୍କର ଗୁରୁ ଦାୟିତ୍ୱ ବୋଲି କହିଥିବା ବେଳେ ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ସମସ୍ତେ ଏକତାବଦ୍ଧ ହେବା ଆବଶ୍ୟକ ବୋଲି କହିଥିଲେ। ପୂର୍ବ ବୈଠକରେ ସ୍ଥିର ହୋଇଥିବା ମା ବାସନ୍ତୀ ଆଞ୍ଚଳିକ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ନାମକରଣକୁ ଅନୁମୋଦନ କରାଯାଇଥିଲା। ଏହାଛଡ଼ା ସୁରକ୍ଷା ମଞ୍ଚର ଲକ୍ଷ୍ୟ ସମ୍ପର୍କରେ ତିହିଡ଼ି ଥାନା ଅଧିକାରୀଙ୍କୁ ଅବଗତ କରାଯିବା, ସ୍ଥାନୀୟ ବ୍ୟାଙ୍କରେ ଆକାଉଣ୍ଟ ଖୋଲାଯିବ ନେଇ ନିଷ୍ପତ୍ତି ହୋଇଥିଲା। ବିଲଣା, ବାରୋ, ତଳଗୋପବିନ୍ଧା ଓ ବୋଡ଼କ ପଞ୍ଚାୟତର ବରିଷ୍ଠ ନାଗରିକମାନଙ୍କୁ ନେଇ ଖୁବ ଶୀଘ୍ର ଏକ ପୂର୍ଣ୍ଣାଙ୍ଗ କମିଟି ଗଠିତ ହେବବୋଲି ସଭାପତି ନାୟକ ସୂଚନା ଦେବା ସହ ମଞ୍ଚକୁ ସୁଦୃଢ଼ କରିବାକୁ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଶଶଧର ସାମଲ, ଶରତ ମଳିକ, ଶିକ୍ଷାବିତ ସୁବାସ ଦାସ, ରବିନ୍ଦ୍ର ନାୟକ, ଲକ୍ଷ୍ମୀକାନ୍ତ ନାୟକ, ବୃନ୍ଦାବନ ନାୟକ, ପ୍ରଫୁଲ୍ଲ ନାୟକ, ବଳରାମ ପରିଡ଼ା, ଭାସ୍କର ପରିଡ଼ା, ହୃଷିକେଶ ବାରିକ, ରବିନାରାୟଣ ଖଟୁଆ, ଧନେଶ୍ୱର ଦାସ, ଅଭିରାମ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ହାତୀ ଆକ୍ରମଣ ଓ ସର୍ପାଘାତରେ ମୃତ ପରିବାରକୁ ଭେଟିଲେ ସାଂସଦ



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ସ୍ଥାନରେ ହାତୀ ଆକ୍ରମଣରେ ଓ ସର୍ପାଘାତରେ ମୃତ ପରିବାରବର୍ଗଙ୍କୁ ରବିବାର ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହଯୋଗ କରିଛନ୍ତି। ପ୍ରଥମେ ନୂଆବଗ ପଞ୍ଚାୟତ ଅନ୍ତର୍ଗତ ବାଘଧରିଆ ଗ୍ରାମକୁ ଆସି ଗତ ଗୁରୁବାର ହାତୀ ଆକ୍ରମଣରେ ମୃତ କରୁଣାକର ଦେହୁରି, ଝୁଲଣ ଦେହୁରି ଓ ଶଶି ସାହୁଙ୍କ ଘରକୁ ଯାଇଥିଲେ। ପରିବାର ଲୋକଙ୍କ ସହ ଆଲୋଚନା କରି ଏଭଳି ଦୁଃଖଦ ସମୟରେ ଧର୍ଯ୍ୟ ଧରିବାକୁ କହିଥିଲେ। ଏହା ପରେ ଠୋକର ପଞ୍ଚାୟତ ଅନ୍ତର୍ଗତ ଠୋକର ଗ୍ରାମରେ ଗ୍ରାମବାସୀ ସାଂସଦଙ୍କୁ ଗ୍ରାମକୁ ପାଛୋଟି ଆଣି ଉପଢୌକନ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ଗ୍ରାମର ହାତୀ ଆକ୍ରମଣରେ ମୃତ ଖେନା ମାଝିଙ୍କ ଘରକୁ ଯାଇ ବିଷଦ ଆଲୋଚନା କରିବା ପରେ ଉପସ୍ଥିତ ଗ୍ରାମବାସୀଙ୍କ ଠାରୁ ଗ୍ରାମର ବିଭିନ୍ନ ସମସ୍ୟା ଶୁଣି ମହାଲୁଣ୍ଡା ପଞ୍ଚାୟତକୁ ଗ୍ରସ୍ତ କରିଥିଲେ। ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗିଶାଳ ଗ୍ରାମରେ ହାତୀ ଆକ୍ରମଣରେ ମୃତ ସୁଧାକର ସାମଲଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ଭେଟି ବିଭିନ୍ନ ସ୍ଥାନରେ ମୃତ ପରିବାର ଲୋକଙ୍କୁ କିପରି ଶିଘ୍ର ସମସ୍ତ ପ୍ରକାର ସରକାରୀ ସାହାର୍ଯ୍ୟ ସହଯୋଗ ମିଳିପାରିବ ସେନେଇ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କର ଓ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରାଙ୍କ ସହ ବିଷଦ ଆଲୋଚନା କରିଥିଲେ। ଏହାପରେ କାରନ୍ଦା ଗ୍ରାମରେ ସର୍ପାଘାତରେ ମୃତ ଦମୟନ୍ତି ବିଶ୍ୱାଳଙ୍କ ଘରକୁ ଯାଇ ପରିବାର ଲୋକଙ୍କ ସହ ଆଲୋଚନା କରି ସମବେଦନା ଜଣାଇବା ସହ ଆର୍ଥିକ ସହଯୋଗ କରିଥିଲେ। ସାଂସଦଙ୍କ ସହ ବ୍ଲକ ଉପାଧକ୍ଷ ବରୁଣ ସର, ରାଜ୍ୟପରିଷଦ ସଦସ୍ୟ ଅଜୟ ଦାଶ, ଜିଲ୍ଲାପରିଷଦ ସଦସ୍ୟ ସୁମନ୍ତ ଦେହୁରି, ସୁବ୍ରତ ଆଚାର୍ଯ୍ୟ, ପରିବେଶବିତ ତଥା ସମାଜସେବୀ ରତିକାନ୍ତ ଗଡନାୟକ, ସରପଞ୍ଚ ଦୁଷ୍ମନ୍ତ ନାଏକ, ରଣଜିତ ପ୍ରଧାନ, ବସନ୍ତ ସାହୁ, ପ୍ରତାପ ପ୍ରଧାନ, ରୁଜିତା ମାଝି, ଅଦ୍ୱୈତ ଅମାନ୍ତ, ଗିରିଷ ସେଠି, ମଣ୍ଡଳ ସଭାପତି ସର୍ବଶ୍ରୀ ପ୍ରବୋଧ ପ୍ରଧାନ, ରବିନ ବାରିକ, ସୁଜିତ ଜେନା, ଲିଙ୍ଗରାଜ ସାହୁ, ବିଜେପି ନେତା ଭାସ୍କର ନାୟକ, ସହଦେବ ପୃଷ୍ଟି, ପ୍ରଶାନ୍ତ ପ୍ରଧାନ, ସନ୍ତୋଷ ନାଏକ, ମନୋରଂଜନ ନାଥ, ବାନାମ୍ବର ପତି, ସର୍ବେଶ୍ୱର ସାମଲ, ଲଳିତ ସାହୁ, ରବିନ ବାରିକ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ଗଞ୍ଜେଇ ସହ ବାଇକ ଜବତ, ଜଣେ ଗିରଫ

କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ସୂର୍ଯ୍ୟାଭଟା ନିକଟରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ଘଣ୍ଟାପଡା ପୋଲିସ କୌଣସି ସୂତ୍ରରୁ ଖବର ପାଇ ଏକ ଟିମ ଚଢ଼ାଉ କରିଥିଲେ। ପୋଲିସ ଘଟଣା ସ୍ଥଳରୁ ୨୨ କେଜି ଗଂଜେଇ ସହ ଗୋଟିଏ ବାଇକ ଜବତ କରିଥିଲା



ଓ ଉକ୍ତ ଘଟଣାରେ ପୋଲିସ ବିକାଶ ରଣାକୁ ଗିରଫ କରିଛି। ଏ ନେଇ ଘଣ୍ଟାପଡା ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ବେଳେ ବିକାଶକୁ ସୋମବାର କୋର୍ଟ ଚାଲାଣ କରାଯାଇ ଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ବନବିଭାଗ ଦ୍ୱାରା ୮ କାଠ ଗଣ୍ଡି ଜବତ



ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଜଳେଶ୍ୱର ବ୍ଲକ ମହମ୍ମଦନଗରପାଟଣା ପଂଚାୟତର ଜଗନ୍ନାଥ ମନ୍ଦିର ପଛପଟେ ଥିବା ସୁବର୍ଣ୍ଣରେଖା ନଦୀବନ୍ଧରୁ ଦୁର୍ବୃ□ମାନେ ମୂଲ୍ୟବାନ ଆକାସିଆ ଗଛ କାଟି ନେଉଥିବା ଖବର ପାଇ ବନବିଭାଗ ଚଢାଉ କରିଥିଲା। ଦୁର୍ବୃତ୍ତମାନେ ରବିବାର ରାତିରେ ଗଛଗୁଡିକୁ କାଟି କେତେକ ଗଣ୍ଡି ବୋହିନେବାବେଳେ ଆଜି ସକାଳେ ଖବର ପାଇ ଜଳେଶ୍ୱର ବନପାଳ ମିନାରାଣୀ ବେହେରା, ବନରକ୍ଷୀ ରଂଜିତା ବିଶ୍ୱାଳ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ୮ଟି ଗଣ୍ଡିକୁ ଜବ୍ତ କରିଥିଲେ। ଦୁର୍ବୃତ୍ତମାନେ ଚମ୍ପଟ ମାରିଥିବା ବେଳେ ଜବତ୍ ହୋଇଥିବା ଗଣ୍ଡି ଗୁଡିକ ୮୦ ସିଏଫଟି ହେବ ବୋଲି ବନପାଳ କରିଛନ୍ତି। ସୂଚନାଯୋଗ୍ୟ ସେହିସ୍ଥାନରେ ସାଗୁଆନ ଭଳି ମୂଲ୍ୟବାନ ଗଛ ରହିଥିବା ବେଳେ ଦୁର୍ବୃତ୍ତମାନେ ସେ ଗୁଡିକୁ ମଧ୍ୟ କାଟିନେବାର ସମ୍ଭାବନ ରହିଥିବାରୁ ଏହାକୁ ସୁରକ୍ଷା ଦେବାକୁ ସାଧାରଣରେ ଦାବି ହେଉଛି।

# ନିଖୋଜ ଝିଅକୁ ପରିବାରକୁ ହସ୍ତାନ୍ତର କଲା ବାଙ୍କୀ ପୋଲିସ

ବାଙ୍କୀ, (ଭାସ୍କର ନ୍ୟୁଜ୍): ଜୁଲାଇ ତିନି ତାରିଖରେ ବାଙ୍କୀ ଡମପଡ଼ା ବାଘୁଆ ଗ୍ରାମର କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ସାନ ଝିଅ ବେବିନା ସ୍ୱାଇଁ ହଠାତ ଘରୁ ନିଖୋଜ ହୋଇଯାଇଥିଲା। ଘଟଣାକୁ ନେଇ ପ୍ରଥମେ ନିକଟସ୍ଥ ତାଳବସ୍ତ ଫାଣ୍ଡିରେ ପରିବାର ଲୋକେ ଅଭିଯୋଗ କରିଥିଲେ ମଧ୍ୟ ଘଟଣାକୁ ଗୁରୁତର ଭାବେ ନ ନେବାରୁ ବା ବାରମ୍ବାର ଫାଣ୍ଡିକୁ ଯାଇ ନିଷ୍ଫଳ ହେବାରୁ ପୁନଶ୍ଚ ସ୍ଥାନୀୟ କିଛି ପତ୍ରକାର ଏବଂ ସମାଜସେବୀ ତଥା ଓଡିଶା ହାଇକୋର୍ଟର ଆଇନଜୀବୀ ଭକ୍ତି ପଟନାୟକ ଏଥିରେ ହସ୍ତକ୍ଷେପ କରି ପୋଲିସ ବିଭାଗ ସହିତ ଆଲୋଚନା କରିଥିଲେ। ପରେ ବାଙ୍କୀ ଥାନା ଅଧିକାରୀ ଦିଲୀପ ମର୍ଦରାଜ ଭୂୟାଁଙ୍କ ନେତୃତ୍ୱରେ ତଦନ୍ତକୁ ଜୋରଦାର କରିଥିଲେ ବାଙ୍କୀ ପୋଲିସ। ପ୍ରାୟ ଏକମାସର ବ୍ୟବଧାନ ପରେ ପୋଲିସର ଜୋରଦାର କସରତରେ ଶେଷରେ ସୋମବାର ଝିଅ ବେବିନାକୁ ଉଦ୍ଧାର କରି ପରିବାର ପାଖରେ ବାଙ୍କୀ ପୋଲିସ ପହଞ୍ଚାଇଛି। ଏ ନେଇ ଏବେ ବାଙ୍କୀ ପୋଲିସକୁ ବେବିନାଙ୍କ ପରିବାର ଧନ୍ୟବାଦ ଜଣାଇଛନ୍ତି।

# ଗ୍ରୀନ୍ ଇଣ୍ଡିଆ ଗ୍ରୁପ୍ ତରଫରୁ ଚାରାରୋପଣ



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ଲାକ୍ଷ୍ମୀପୁର ଗ୍ରୀନ ଇଣ୍ଡିଆ ଗ୍ରୁପ ତରଫରୁ ରଞ୍ଜିତ ଗୁଡା ରାସ୍ତା କଡରେ ଥିବା ୟୁଏନ ରାଜୁ ବାଳିକା ବିଦ୍ୟାଳୟ ନିକଟରେ ଚାରା ରୋପଣ କରା ଯାଇଛି। ଗ୍ରୁପର ମୁଖ୍ୟ ଗୋପେଶ୍ୱର ଗରଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରକମର ସମୁଦାୟ ୧୨ଟି ଔଷଧୀୟ ଚାରା ରୋପଣ କରାଯାଇଥିଲା। ଏଇ କ୍ଷେତ୍ରରେ କୋରାପୁଟର ପୂର୍ବତନ ସାଂସଦ ଝୀନ୍ନ ହିକକା, ସମାଜ ସେବି ସଙ୍ଗୀତା ମିଶ୍ର, ପୂର୍ବତନ ସମିତି ସଭ୍ୟ ରାଜେଶ ଯାନୀ ଉପସ୍ଥିତ ରହି ଗୋଟିଏ ଲେଖାଏଁ ଚାରା ରୋପଣ କରିଥିଲେ। ଏଥିରେ ସୁବାସ ମାଝୀ, ସନ୍ତୋଷ ଯାନୀ, ବେଣୁ ସୁଚେନ ଓ ହେମନ୍ତ ମହାନନ୍ଦିଆ ଉପସ୍ଥିତ ରହି ସବୁ କ୍ଷେତ୍ରରେ ସହଯୋଗ କରିଥିବା ବେଳେ ଗ୍ରୀନ ଇଣ୍ଡିଆ ଗ୍ରୁପର ଏଇଭଳି ପ୍ରୟାସକୁ ସବୁ ମହଲରେ ପ୍ରଶଂସା କରାଯାଇଛି।

# ବର୍ଷୀୟାନ୍ ଗୁରୁ ଦାମୋଦର ଲେଙ୍କାଙ୍କ ସ୍ମୃତି ସଭା



ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ଗୁରୁମାନେ ହିଁ ସମାଜର ଶ୍ରେଷ୍ଠ ଦିଗ୍‌ଦର୍ଶକ ଓ ସମାଜ ସଂହତିର ଶ୍ରେଷ୍ଠ ଚିନ୍ତକ। ଗୁରୁ ମୃତ୍ୟୁ ପରେ ବି ତାଙ୍କର ତ୍ୟାଗ, ସୁମହତ କାର୍ଯ୍ୟ, ସାମାଜିକ ଅବଦାନ ପାଇଁ ସମାଜ ଆଇନାରେ ସଦାସର୍ବଦା ପ୍ରତିବିମ୍ବିତ ଓ ପ୍ରତିଫଳିତ ହେଉଥାନ୍ତି ବୋଲି ଡେଲାଙ୍ଗ କୋଠବାଡ ଗ୍ରାମ ପଞ୍ଚାୟତ ଅଧୀନ ଗଞ୍ଜେଇଗୋଡି ଗ୍ରାମର ବର୍ଷୀୟାନ୍ ଆଦର୍ଶ ଶିକ୍ଷକ ଦାମୋଦର ଲେଙ୍କାଙ୍କ ଏକାଦଶାହରେ ଗ୍ରାମ୍ୟ ମଧ୍ୟସ୍ଥ ବାଲୁଙ୍କେଶ୍ୱର ମନ୍ଦିର ସନ୍ନିକଟେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ସମାଜର ସୁଚିନ୍ତକ ଓ ଶିକ୍ଷା ଶିକ୍ଷକ ପ୍ରେମୀମାନେ ମତ ପୋଷଣ କରିଛନ୍ତି। ଏଥିରେ ପ୍ରାକ୍ତନ ରାଜ୍ୟ ଶିଶୁ ସୁରକ୍ଷା ଅଧକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ, ସମାଜସେବୀ ତଥା ଶିକ୍ଷାପ୍ରେମୀ ବିଭୂତି ଭୂଷଣ ପାଇକରାୟ, ଏଥିରେ ଜିଲ୍ଲା ପରିଷଦ ପ୍ରସନ୍ନ କୁମାର ସାହୁ, ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଶରତ ରାଉତ, କୃଷକ ନେତା ସମାଜସେବୀ ଅଶୋକ ପ୍ରଧାନ, ସ୍ଥାନୀୟ ନାଏବ ସରପଞ୍ଚ ନଳିନୀ ସ୍ୱାଇଁ, ସମାଜ ସେବୀ ନବ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ବିଚିତ୍ରାନନ୍ଦ ଲେଙ୍କା, ପ୍ରଭାସ ମହାରଣା, ଶିକ୍ଷକ ଓ ସିଆରସିସି ଅଭିମନ୍ୟୁ ପ୍ରଧାନ, ଲୋକନାଥ ପ୍ରଧାନ, ଡ଼େଲାଙ୍ଗ ଉନ୍ନୀତ ଉପ୍ରା ବିଦ୍ୟାଳୟର ଶିକ୍ଷକ ଅଭୟ ଚରଣ ସାହୁ ଓ ଅନ୍ୟମାନେ ଏଥିରେ ଯୋଗଦେଇ ସ୍ୱର୍ଗତ ଲେଙ୍କାଙ୍କର ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ସେହି ଆମର ଆତ୍ମାର ସଦ୍ଗତି କାମନା କରିଥିଲେ। ସଭାରେ ସୁନାମଧନ୍ୟ ଆଧ୍ୟାତ୍ମିକବାର୍ତ୍ତା ପ୍ରଚାରକ ଶରତ ରାଉତ୍ ଓ ପାଇକରାୟ ସ୍ୱର୍ଗତ ଲେଙ୍କାଙ୍କ ଶୈକ୍ଷିକ ଜୀବନ ଆଧାରରେ ଜୀବନ ଦର୍ଶନ ଓ ମାନବ ଜୀବନର ମହତ୍ତ୍ୱ ଉପରେ ସମବେତ ଜନତାଙ୍କୁ ଦିଗ୍ ଦର୍ଶନ ଦେଇଥିଲେ। ପ୍ରକାଶ ଥାଉକି ସେ ଡ଼େଲାଙ୍ଗ ବ୍ଲକ୍‌ର ଚାନ୍ଦଳ, ମୁନିଦା, ବର୍କ୍ଲିଲ ଓ ଜଗଦଳପୁର ବିଦ୍ୟାଳୟରେ ଶିକ୍ଷକତା କରି ନିଜର କର୍ତ୍ତବ୍ୟ ନିଷ୍ଠା ଓ ସୁଗୁଣ ପାଇଁ ଛାତ୍ର ଓ ଶିକ୍ଷକ ସମାଜ ସହ ଅନ୍ୟ ସମସ୍ତଙ୍କର ମଧ୍ୟ ଆଦରଣୀୟ ହୋଇ ପାରିଥିଲେ। ସେ ନିଜ ଗାଁ ରେ ପୂର୍ଣ୍ଣାନନ୍ଦ ଆଶ୍ରମ ପ୍ରତିଷ୍ଠା କରି ଆଧ୍ୟାତ୍ମିକ ବାର୍ତ୍ତା ପ୍ରଚାର କରୁଥିଲେ। ସଭାରେ ତାଙ୍କ ଅମର ଆତ୍ମାର ସଦ୍ଗତି ପାଇଁ ନୀରବ ପ୍ରାର୍ଥନା ଓ ଗୀତା ପାଠ କରାଯାଇଥିଲା। ସୁପୁତ୍ର ସତ୍ୟବ୍ରତ,ତିଳବ୍ରତ, ଗୁରୁଦତ୍ତ, ସମୀର ରଞ୍ଜନ ଓ ପ୍ରେମ ରଞ୍ଜନ ସମସ୍ତଙ୍କୁ ଅଶେଷ କୃତଜ୍ଞତା ଜ୍ଞାପନ କରିଥିଲେ। ପାଖ ପଡିଶା ଗାଁ ଓ ଦୂରଦୂରାନ୍ତରୁ ପ୍ରାୟ ୧୫୦୦ ଶ୍ରଦ୍ଧାଳୁ ଏଥିରେ ଯୋଗ ଦେଇ ତାଙ୍କ ଗୁଣ ଗାନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ସମସ୍ତଙ୍କୁ ମହାପ୍ରସାଦ ସେବନରେ ଆପ୍ୟାୟିତ କରାଯାଇଥିଲା।

# ବନ୍ୟାପାଣିରେ ଜଳବନ୍ଦୀ ଜୀବନ



ଆଳି, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକରେ ଦ୍ୱିତୀୟ ଥର ବନ୍ୟାରେ ବ୍ରାହ୍ମଣୀ, ଖରସ୍ରୋତା ଓ ଏହାର ଶାଖା ନଦୀ କାଣୀ ରେ ବନ୍ୟା ଆସିବା ଦ୍ୱାରା ଅନେକ ଅଞ୍ଚଳ ଜଳମଗ୍ନ ହୋଇଯାଇଛି। ପାଣି ଭିତରେ ବୁଡିରହିଛି ଗାଁ ଗଣ୍ଡା ଠୁ ଆରମ୍ଭ କରି ଘରେ ଘରେ ଦୁଆର ମୁହଁ ପର୍ଯ୍ୟନ୍ତ ଆଣ୍ଠୁଏ ଉଚ୍ଚର ପାଣି ଜମିରହିଛି। ସେହିପରି ଆଳି ବ୍ଲକ ନୂଆପଡା ଗ୍ରାମପଞ୍ଚାୟତର ୧୪ନଂ ଓ ୧୫ନଂ ୱାର୍ଡ ର ୭୦ ଘର ର ପାଖାପାଖି ୩୦୦ ଶହରୁ ଅଧିକା ଲୋକ ବ୍ରାହ୍ମଣୀ ନଦୀରେ ବନ୍ୟା ଆସିବା ପରେ ଜଳବନ୍ଦୀ ଭାବେ ଜୀବନଯାପନ କରୁଛନ୍ତି। ପ୍ରଥମ ବନ୍ୟାରେ ୧୫ଦିନ ଧରି ବନ୍ୟା ଘେରରେ ରହି ହନ୍ତସନ୍ତ ହୋଇଥିବା ବେଳେ ଦୁଇ ଦିନ ନ ଯାଉଣୁ ଆଜିକୁ ୬ ଦିନ ହେଲା ଉକ୍ତ ଅଞ୍ଚଳର ଲୋକମାନେ ବହୁ ଦୁର୍ଦ୍ଦଶା ଦେଇ ଗତି କରୁଥିବା ଦେଖିବାକୁ ମିଳିଛି। ସେମାନଙ୍କର ଯାତାୟାତର ମୁଖ୍ୟ ରାସ୍ତା ଉପରେ ୫ଫୁଟ ଉଚ୍ଚତାର ପାଣି ପ୍ରବାହିତ ହେଉଥିବା ବେଳେ ସେମାନଙ୍କର ସମସ୍ତ ଜରୁରୀ କାର୍ଯ୍ୟ ପାଇଁ ଯାତାୟାତ ଠପ ହୋଇଯାଇଛି। ପ୍ରଶାସନ ପକ୍ଷରୁ ପ୍ରଥମ ଓ ଦ୍ୱିତୀୟ ବନ୍ୟାରେ ସେମାନଙ୍କୁ ଡ଼ଙ୍ଗାର ନିତ୍ୟାନ୍ତ ଆବଶ୍ୟକ ଥିବା ବେଳେ ସେମାନଙ୍କୁ ତାହା ଯୋଗାଇ ଦିଆଯାଇ ନ ଥିବା ଅଞ୍ଚଳ ବାସୀ ମାନେ ଅଭିଯୋଗ କରିଛନ୍ତି। ଏପଟେ କୁମ୍ଭୀର ଭୟକୁ ଭୃକ୍ଷେପ ନ କରି ସେହି ବନ୍ୟପାଣି ମଧ୍ୟ ଦେଇ ଅତ୍ୟାବଶ୍ୟକ ଜିନିଷ ପାଇଁ ଯାତାୟତ କରୁଛନ୍ତି। ଘର ଦୁଆର ମୁହଁରେ ଆଣ୍ଠୁଏ ଉଚ୍ଚର ପାଣି ଥିବାରୁ ରାତିହେଲେ କୁମ୍ଭୀର ଓ ବିଷାକ୍ତ ସାପ ଭୟରେ ଘରୁ ବାହାରୁ ନାହାନ୍ତି। ଗାଈଗୋରୁ, ଛେଳି, ମେଣ୍ଢା ଭୋକ ଉପାସରେ ବନ୍ଧା ହୋଇ ରହିଛନ୍ତି। ଫଳରେ ନିରୁପାୟ ହୋଇ ଗୋରୁ ଗାଈଙ୍କ ଖାଦ୍ୟ ପାଇଁ କଦଳୀ ଗଛ ରେ ଭେଳା ତିଆରି କରି ନିଜ ଜୀବନକୁ ବାଜି ଲଗାଇ ଲୋକେ ଡାଳ ପତ୍ର ଯୋଗାଡ଼ କରୁଥିବାର ଦେଖିବାକୁ ମିଳିଛି। ଆଜିକୁ ୨୧ଦିନ ହେବ ଏହି ଗାଁ ର ଲୋକେ ଜଳବନ୍ଦୀ ହୋଇ ରହିଥିବା ବେଳେ ପ୍ରଶାସନ ସେମାନଙ୍କ ପାଖରେ ପହଞ୍ଚି ପାରି ନାହିଁ। ସାଧାରଣ ଲୋକଙ୍କୁ ଆଜି ଯାଏଁ ପ୍ରଶାସନ ତରଫରୁ ରିଲିଫ ମଧ୍ୟ ମିଳି ନାହିଁ। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ ୬ ଦିନ ତଳୁ ରଖିଥିବା ପାଣିକୁ ଢୋକେଢୋକେ ପିଇ ଜୀବନ ବଞ୍ଚାଉଛନ୍ତି। ପ୍ରଶାସନ ତୁରନ୍ତ ସେମାନଙ୍କ ଯାତାୟାତ ପାଇଁ ଡ଼ଙ୍ଗା, ପିଇବା ପାଇଁ ପାଣି, ଗାଈ ଗୋରୁଙ୍କ ପାଇଁ ଗୋଖାଦ୍ୟ ଓ ସାଧାରଣ ଲୋକଙ୍କ ପାଇଁ ଶୁଖିଲା ଖାଦ୍ୟ ଯୋଗାଇ ଦେବା ପାଇଁ ଗ୍ରାମବାସୀ ମାନେ ନିବେଦନ କରିଛନ୍ତି।

# ପଞ୍ଜିକରଣ ବିଳମ୍ବକୁ ନେଇ ଚାଷୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ବର୍ତ୍ତମାନ ଖରିଫ ଋତୁ ଚାଷ ଆରମ୍ଭ ହୋଇଥିବା ବେଳେ ଚାଷୀ ମାନଙ୍କୁ ଠିକ୍ ସମୟରେ ୟୁରିଆ ମିଳୁ ନଥିବା ବେଳେ ଚାଷୀ ପଞ୍ଜିକରଣରେ ବିଳମ୍ବକୁ ନେଇ ସତାଧୀକ ଚାଷୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାଲକାନଗିରି ବ୍ଲକର ପ୍ରାୟ ୧୦ଟି ପଂଚାୟତର ସତାଧୀକ ଚାଷୀ ଅଭି ଯୋଗ କରିଛନ୍ତି ଯେ, ଲ୍ୟାମ୍ପସ୍ ରେ ପ୍ରତି ସୋମବାର ୟୁରିଆ ସାର ଦେବାର ନିୟମ ରହିଥିବା ବେଳେ ଗତ ଦୁଇ ସପ୍ତାହ ଧରି ଚାଷୀ ମାନେ ୟୁରିଆ ସାର ନିମନ୍ତେ ଲ୍ୟାମ୍ପସ୍‌କୁ ଯାଇ ନଜିର କାଗଜ ପତ୍ର ଜମା କରୁଛନ୍ତି। ଗତ ଦୁଇ ସପ୍ତାହ ଧରି ଲ୍ୟାମ୍ପ କର୍ତ୍ତୃପକ୍ଷ ଭୁଆଁ ବୁଲାଇ ଆସୁଥିବା ବେଳେ ଆଜି ପୁନର୍ବାର ଚାଷୀଙ୍କୁ ୟୁରିଆ ସାର ନ ଦେଇ ଆସନ୍ତା ସପ୍ତାହକୁ ଆସିବା ନିମନ୍ତେ କହିଥିଲେ। ଫଳରେ ଚାଷୀ ମାନେ ବାଧ ହୋଇ ଜିଲ୍ଲାପାଳଙ୍କ ଅଭି ଯୋଗ ପ୍ରକୋଷ୍ଟରେ ଆସି ଅଭି ଯୋଗ କରିଥିଲେ। ଏ ସମ୍ବନ୍ଧରେ ଚାଷୀ ମାନେ ପ୍ରକାଶ କରିଛନ୍ତି



ଯେ ଠିକ୍ ସମୟରେ ଜମିରେ ୟୁରିଆ ସାର ଜମିରେ ସିଂଚନ କରା ନ ଗଲେ ଜମି ନଷ୍ଟ ହେବା ସହ ଫସଲ ମଧ୍ୟ ନଷ୍ଟ ହେବାର ସମ୍ଭାବନା ରହିଛି। ତେଣୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ୟୁରିଆ ପ୍ରଦାନ ନିମନ୍ତେ ଆବେଦନ କରିଛନ୍ତି। ତତ୍ ସହିତ ବର୍ତ୍ତମାନ ଖରିଫ ଋତୁ ଧାନ ବିକ୍ରି ନିମନ୍ତେ ଲ୍ୟାମ୍ପସ୍ ଠାରେ ଚାଷୀ ପଞ୍ଜିକରଣ ଚାଲୁଅଛି। ଚାଷୀ ନିଜର ନାମ ପଂଜିକରଣ ନିମନ୍ତେ ଚାରି ରୁ ପାଂଚ ଦିନ ଲ୍ୟାମ୍ପସକୁ ଦୌଡିବାକୁ ପଡୁଥିବା ଚାଷୀ ମାନେ ଅଭି ଯୋଗ କରିଛନ୍ତି। ଯଥାଶୀଘ୍ର ଉକ୍ତ ଦୁିଟି ସମସ୍ୟାର ସମାଧାନ ନିମନ୍ତେ ଚାଷୀ ଜିଲ୍ଲାପାଳଙ୍କୁ ଲିଖିତ ଅଭି ଯୋଗ କରିଛନ୍ତି।

# ପଞ୍ଚାୟତରେ ଦୁର୍ନୀତି ଅଭିଯୋଗ ଆଣିଲେ ପୂର୍ବତନ ସମିତି ସଭ୍ୟ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଜିର୍ଗ୍ନପୁର ଗ୍ରାମପଂଚାୟତରେ ବ୍ୟାପକ ଦୁର୍ନୀତି କରାଯାଇ ସରକାରୀ ଅର୍ଥ ହରିଲୁଟ କରାଯାଇଥିବାର ବିଜେପି ଯୁବନେତା ତଥା ପୂର୍ବତନ ସମିତି ସଭ୍ୟ ମଳୟ କୁମାର ଘଡାଇ ଅଭିଯୋଗ କରିଛନ୍ତି। ଗତ ସାଧାରଣ ନିର୍ବାଚନ ପରେ ସ୍ଥାନୀୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ତରଫରୁ ଜଳଛତ୍ର ବଣ୍ଟନ କରାଯାଇଥିଲା। ମାତ୍ର ଗ୍ରାମପଂଚାୟତ ତରଫରୁ ଜଳଛତ୍ର କରାନଯାଇ ୩୦ହଜାର ଟଙ୍କାର ବିଲ କରାଯାଇ ଆତ୍ମସାତ କରାଯାଇଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ଗ୍ରାମପଂଚାୟତର ପୁରୁଣା ଆସବାପତ୍ରକୁ ନୂତନ ଭାବେ ଦର୍ଶାଇ ୫୦ହଜାର ଟଙ୍କା ଆତ୍ମସାତ କରାଯାଇଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ଗ୍ରାମପଂଚାୟତ ଭବନର ଷ୍ଟୋର ରୁମ ଉନ୍ନତିକରଣ ନିମନ୍ତେ ୨ଲକ୍ଷ ୨୦ହଜାର ଟଙ୍କାର ବିଲ କରାଯାଇଥିବାର ଅଭିଯୋଗ ହୋଇଛି। ଏହି ବିଲରେ କୃଷକ ପରାମର୍ଶ କେନ୍ଦ୍ରର ଫଟୋ ଦିଆଯାଇ ସରକାରୀ ଅର୍ଥ ହଡପ କରାଯାଇଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ସ୍ଥାନୀୟ ବଳଦେବ ଜୀୟୁ କ୍ରିକେଟ ଆସୋସିଏସନ ଖେଳପଡିଆ ନାମରେ ଗୋଚର ଜମିରେ ମାଟି ଉଠାଇ ଚଞ୍ଚକତା କରି ବିଲ ଉଠାଇ ନିଆଯାଇଥିବାର ଅଭିଯୋଗ ହୋଇଛି। ଏହିପରି ଭାବେ ଏହି ପଂଚାୟତରେ କାର୍ଯ୍ୟ କରାନଯାଇ ବିଭାଗୀୟ ଅଧିକାରୀ ନିର୍ବାଚିତ ଲୋକ ପ୍ରତିନିଧିମାନେ ଅସାଧୁ ମେଣ୍ଟ କରି ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଇଥିବାର ପୂର୍ବତନ ସମିତି ସଭ୍ୟ ତଥା ବିଜେପି ଯୁବନେତା ମଳୟ କୁମାର ଘଡେଇ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ମାନ୍ୟବର କେନ୍ଦ୍ରାପଡା ସାଂସଦ, ରାଜ୍ୟ ପଂଚାୟତରାଜ ମନ୍ତ୍ରୀ ଓ କଟକ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଫୁଲନଖରା (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଦିଲ୍ଲୀ ପବ୍ଲିକ୍ ସ୍କୁଲ କଳିଙ୍ଗରେ ମଡେଲ ୟୁନାଇଟେଡ୍ ନେସନ୍ (ମୁନ୍-୨୦୨୫) ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। କ୍ରମାଗତ ଚତୁର୍ଥ ବର୍ଷ ପାଇଁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚଳିତବର୍ଷ ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ କମ୍ୟୁନିକେସନ୍ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ଆଶିଷ କୁମାର ଦ୍ୱିବେଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିବାବେଳେ ସମାପନ ସମାରୋହରେ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେବା ସହ କୃତି ପ୍ରତିଯୋଗୀ ମାନଙ୍କୁ ପ୍ରଶଂସା ପ୍ରମାଣପତ୍ର ଓ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶୁଭବ୍ରତ ମୁଖାର୍ଜୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଉପାଧ୍ୟକ୍ଷ ସଞ୍ଜୟ କୁମାର ଜେନା, ଉପାଧ୍ୟକ୍ଷା ସ୍ୱାତୀ ନାଥ ଏବଂ ପ୍ରଧାନଶିକ୍ଷକ ମୁସ୍ତାକ୍ ଅହମଦ କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରୋ-ଭାଇସ ଚେୟାରପର୍ସନ ମାଲା ମିଶ୍ର, କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ସୁନୟନା ପାତ୍ରୋ, ଆୟୋଜକ କମିଟି ସଦସ୍ୟଙ୍କୁ ଉକ୍ତ ପ୍ରଶଂସା କରିଥିଲେ ଏବଂ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀମାନେ 'ଆନ୍ତର୍ଜାତିକ ଗଣମାଧ୍ୟମ, ସାଇବର ଅପରାଧ ଦମନ, କ୍ରୀଡ଼ା କ୍ଷେତ୍ରରେ ଲିଙ୍ଗ ସମତା, ସ୍ୱାଧୀନ ଭାରତ ପାଇଁ ଏକ ସମ୍ବିଧାନ, ଅବୈଧ ମାଦକ ଦ୍ରବ୍ୟ ବ୍ୟବସାୟ ନିୟନ୍ତ୍ରଣ ତଥା ଘାତକ ସ୍ୱାୟତ୍ତ ହତିଆର ଆଦି ୬ଟି କମିଟିରେ ବିଭକ୍ତ ହୋଇ ବିଭିନ୍ନ ବିଷୟରେ ମତବ୍ୟକ୍ତ କରି ନିଜର ନେତୃତ୍ୱ ଦକ୍ଷତା ଏବଂ ତର୍କ ଯୋଗ୍ୟତା ପ୍ରଦର୍ଶନ କରିଥିଲେ।

## ଶିକ୍ଷୟିତ୍ରୀଙ୍କ ବେକରୁ ସୁନାଚେନ୍ ଲୁଟ୍

ବୋଲଗଡ, (ଭାସ୍କର ନ୍ୟୁଜ୍) : ଖଣ୍ଡି ନୂଆସାହିର ବସନ୍ତ କୁମାର ମହାନ୍ତିଙ୍କ ପତ୍ନୀ ପ୍ରିୟମ୍ବଦା ପରିଛଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ବିଦ୍ୟାଳୟରୁ ଘରକୁ ଫେରୁଥିବା ବେଳେ ଡିଙ୍ଗର ଚାରିଛକ ଠାରୁ ମାନପୁର ଯିବା ରାସ୍ତାରେ ଶ୍ରୀମତୀ ମହାନ୍ତିଙ୍କୁ ନିଛାଟିଆ ସ୍ଥାନର ସୁଯୋଗ ନେଇ ଦୁର୍ବୃତ୍ତ ମାନେ ଦୁଇଟି ବାଇକରେ ଆସି ବେକରୁ ସୁନା ଚେନ ଛଡାଇ ଆଖି ପିଛୁଳାକେ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ଏଥିରେ ଶିକ୍ଷୟିତ୍ରୀ ଜଣଙ୍କ ଅତ୍ୟନ୍ତ ଭୟଭୀତ ହୋଇ ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ପକ୍ଷରୁ ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି ବୋଲି ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ସୂଚନା ଦେଇଛନ୍ତି।

## ମାରଣାସ୍ତ୍ର ସହ ଦେଶୀ ବନ୍ଧୁକ ଜବତ, ୩ ଗିରଫ




ରେଢ଼ାଖୋଲ ( ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବୌଦ୍ଧ ରାସ୍ତାର ୧୫୩(ବି) ଜାତୀୟ ରାଜପଥ ବଡବାହାଲ ଛକ ନିକଟ ରେ ରେଢ଼ାଖୋଲ ପୋଲିସ ଚଢ଼ଉ କରି କାର୍ ସହିତ ଦେଶୀ ବନ୍ଧୁକ, ଛୁରି, ଲକ୍ଷାଧିକ ଟଙ୍କା ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ଉତ୍ତର ପ୍ରଦେଶ ରାଜ୍ୟ କାନପୁର ଜିଲ୍ଲାର ଗ୍ୱାଲ୍ଟଲି ଥାନା ବାସିନ୍ଦା ରିଷଭ ପାଠକ(୨୫), ସଞ୍ଜୟ ଯାଦବ (୨୭) ଏବଂ ଥାନା ବ୍ରାର ବାସିନ୍ଦା ପଓ୍ୱନ ଯାଦବ(୨୩)। ସୂଚନାଯୋଗ୍ୟ ଉକ୍ତ ଅଭିଯୁକ୍ତ ଯୁବକମାନେ କାର ନମ୍ବର ୟୁ.ପି ୭୮ ଏଫ୍.ଟି-୪୪୪୫ ଯୋଗେ ଗଞ୍ଜେଇ କାରବାର ପାଇଁ ଫୁଲବାଣୀ ଅଞ୍ଚଳକୁ ଯାଇଥିଲେ। ଫେରିବା ବାଟରେ ରେଢ଼ାଖୋଲ ପୋଲିସ ଖବର ପାଇ ବଡବାହାଲ ପଞ୍ଚାୟତ ନିକଟରେ ଯାଞ୍ଚ କରିବାରୁ କାର୍‌ରୁ ଏକ ବିନା ଲାଇସେନ୍ସ ପ୍ରାପ୍ତ ଦେଶୀ ବନ୍ଧୁକ, ଦୁଇଟି ଛୁରି, ନଗଦ ୧ ଲକ୍ଷ ୪୫ ହଜାର ୫ ଶହ ଟଙ୍କା ଜବତ ସହିତ ବିଭିନ୍ନ ବ୍ୟାଙ୍କର ଏଟିଏମ୍ କାର୍ଡ ଜବତ କରି ଉକ୍ତ ୩ ଜଣ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ରେଢ଼ାଖୋଲ ପୋଲିସ କେସ ନମ୍ବର ୧୯ ୫/୨୫ରେ ମାମଲା ରୁଜୁ କରି ଉକ୍ତ ତିନି ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ଆଦର୍ଶ ବିଦ୍ୟାଳୟରେ ମାଗଣା ଶିକ୍ଷା ଭେଳିକି




➩ ଭାରୀ ପଡୁଛି ଗାଡି ଭଡା

➩ ଦୀର୍ଘବର୍ଷ ଧରି ଶେଷ ହେଉନି ଛାତ୍ରାବାସ ନିର୍ମାଣ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ମେଧାବୀ ଛାତ୍ରଛାତ୍ରୀଙ୍କୁ ଉନ୍ନତ ଇଂରାଜୀ ଶିକ୍ଷା ଯୋଗାଇ ଦେବାକୁ ରାଜ୍ୟ ସରକାର ଆଦର୍ଶ ବିଦ୍ୟାଳୟ ଆରମ୍ଭ କରିଥିଲେ। ମାଗଣା ଶିକ୍ଷା, ମାଗଣାରେ ଛାତ୍ରାବାସରେ ରହିବା ଓ ଖାଇବା ସାଙ୍ଗକୁ ମାଗଣା ବହିପତ୍ର ଯୋଗାଇ ଦେବାର ବ୍ୟବସ୍ଥା କରିଥିଲେ। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ସରକାର ଙ୍କ ଏହି ମହତକାଂକ୍ଷା ଚିନ୍ତାଧାରା ଅନେକ ଅଭିଭାବକ ପାଇଁ ବୋଝ ସଦୃଶ ହେଉଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସରିପୁର ଗ୍ରାମରେ ଆଜକୁ ଦୀର୍ଘ ବର୍ଷ ବର୍ଷ ଧରି ହେବ ଆଦର୍ଶ ବିଦ୍ୟାଳୟ ନିର୍ମାଣ କରାଯାଇଛି। ଏତେ ବର୍ଷ ପରେ ବି ଏଠାରେ ଛାତ୍ରାବାସ ନିର୍ମାଣ ଧିମା ଗତିରେ ଚାଲୁରହିଛି। ଯାହା ଫଳରେ ଯାତାୟତ କରୁଥିବା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ହରଡ଼ଘଣାରେ ପକାଉଛି। ଅନେକ ମେଧାବୀ ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଦ୍ୱାରା ଚୟନ ହୋଇ ଏହି ବିଦ୍ୟାଳୟରେ ନାମ ଲେଖାଉଛନ୍ତି। ମାତ୍ର ବିଦ୍ୟାଳୟ ଠୁ ବହୁ କିଲୋମିଟର ଦୂରରେ ସେମାନଙ୍କ ଘର ହୋଇଥିବାରୁ ଯାତାୟତରେ ସମସ୍ୟା ସୃଷ୍ଟି ହେଉଛି। ଅଟୋ, ମ୍ୟାଜିକି, ବୋଲର, ଟ୍ରାଭେଲର ଗାଡିରେ ଭଡା ମାଧ୍ୟମରେ ଯାଉଥିବା ବେଳେ ବିପଦ ପୂର୍ଣ୍ଣ ଅବସ୍ଥାରେ ଯାତାୟତ କରୁଛନ୍ତି ଛାତ୍ରଛାତ୍ରୀ। ଏହି ଭଡା ଟଙ୍କା ଦେବା ଓ ବିଦ୍ୟାଳୟକୁ ପଠାଇବା କିଛି ଆର୍ଥିକ ଅନଗ୍ରସର ଅଭିଭାବକଙ୍କୁ କଷ୍ଟକର ହେଉଛି। ପ୍ରତି ମାସରେ ହାରାହାରି ଦୁଇ ହଜାରରୁ ତିନି ହଜାର ଗାଡି ଭଡାଦେବାକୁ ପଡୁଥିବାରୁ ଜଣେ ଅଭିଭାବକଙ୍କ ଠାରୁ ସୂଚନା ମିଳିଛି। ଅସ୍ତରଙ୍ଗ ବ୍ଲକ ଆଦର୍ଶ ବିଦ୍ୟାଳୟ ନିର୍ମାଣ ସରିପୁର ସ୍ଥାନ ଚିହ୍ନଟ ହୋଇଥିଲା। କିନ୍ତୁ ଶ୍ରେଣୀଗୃହ ନିର୍ମାଣ ବିଳମ୍ବ ହେବାରୁ ଆଦର୍ଶ ବିଦ୍ୟାଳୟ ଆରମ୍ଭରୁ ସୁରେନ୍ଦ୍ରନାଥ ବିଦ୍ୟାପୀଠ, ସୁନ୍ଦରରେ ପାଠପଢା ହେବାର କିଛିବର୍ଷ ପରେ ଶ୍ରେଣୀଗୃହ ସରିବା ପରେ ସରିପୁରରେ ଶିକ୍ଷାଦାନ କାର୍ଯ୍ୟ ଜାରି ରହିଛି। କିନ୍ତୁ ଛାତ୍ରାବାସରେ ସୁବିଧା ନାହିଁ। ଏହି ବିଦ୍ୟାଳୟରେ ଅସ୍ତରଙ୍ଗ ବ୍ଲକର ମେଧାବୀ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇ ଶିକ୍ଷାଦାନ ଦିଆଗଲା। ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଛି। ଦୂର ଦୂରାନ୍ତରୁ ଆସୁଥିବା ପିଲାମାନେ ଅଟୋ କିମ୍ବା ଅନ୍ୟାନ୍ୟ ଗାଡ଼ିରେ ମାସକୁ ଦୁଇ ହଜାରରୁ ତିନି ହଜାର ପର୍ଯ୍ୟନ୍ତ ଭଡା ଦେଇ ଆସୁଛନ୍ତି। ଯାହାଫଳରେ ଗରିବ ଅନଗ୍ରସର ଅଭିଭାବକ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ମାତ୍ର କିଛିବର୍ଷ ମଧ୍ୟରେ ଆବାସ କାର୍ଯ୍ୟ ଶେଷ ହେବା ପରେ ଛାତ୍ରଛାତ୍ରୀ ମାନେ ସେଠାରେ ରହିବେ ବୋଲି କୁହାଯାଉଥିବାବେଳେ କିନ୍ତୁ ଦୀର୍ଘବର୍ଷ ବର୍ଷ ବିତିଥିଲେ ମଧ୍ୟ କାର୍ଯ୍ୟ ଶେଷ ହୋଇନାହିଁ। ଗୃହ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ କେବେ ଶେଷ ହେବ ସେଥିରେ ସନ୍ଦେହ ପ୍ରକାଶ ପାଇଛି। ଯାତାୟତ କରୁଥିବା ଛାତ୍ରଛାତ୍ରୀ ଅନେକ ସମୟରେ ଗାଡିରେ ବିପଦଜନ୍ନକ ଅବସ୍ଥାରେ ଯାତାୟତ କରୁଛନ୍ତି। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଦ୍ୟାଳୟରେ ଛାତ୍ରଛାତ୍ରୀ ସଂଖ୍ୟା ୩ଶହରୁ ଊର୍ଦ୍ଧ୍ୱ। ତୁରନ୍ତ ଏହି ସମସ୍ତ ସମସ୍ୟାର ସମାଧାନ ପାଇଁ ଦାବି ହୋଇଛି।

## ପିତାଙ୍କୁ କାନ୍ଧଦେଲେ ୫ ଝିଅ



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ବାଲିଆ ପଞ୍ଚାୟତ ଅନ୍ତର୍ଗତ ଦରବୋଲ ଗ୍ରାମର ରତ୍ନାକର ସାମଲ (୬୬) ଗତକାଲି ଅପରାହ୍ନରେ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ଏଣ୍ଡର ହଳଦିଆ ହାଟକୁ ପରିବା କିଣିବା ପାଇଁ ଯାଇଥିଲେ। ହେଲେ ବିଳମ୍ବିତ ରାତିଯାଏ ରତ୍ନାକର ଘରକୁ ନଫେରିବାରୁ ତାଙ୍କ ଝିଅ ବହୁ ଖୋଜାଖୋଜି କରିବା ପରେ ଡେରାବିଶ ଥାନାରେ ଏକ ଗତକାଲି ରାତିରେ ଏକ ନିଖୋଜ ମାମଲା ଦାଏର କରିଥିଲେ। ହେଲେ ଆଜି ସକାଳୁ ରତ୍ନାକର ତିଲଙ୍ଗ ଜେମାତୋଟା ନିକଟରେ ରାସ୍ତା ଠାରୁ ଦଶବାରଫୁଟ ଦୂରରେ ସାଇକେଲ ସହିତ ମୁହଁମାଡ଼ି ମୃତ ଅବସ୍ଥାରେ ପଡ଼ିଥିବାର ଖବର ପାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଡେରାବିଶ ପୋଲିସ୍ ପହଞ୍ଚି ରତ୍ନାକରଙ୍କ କ୍ଷତବିକ୍ଷତ ମୃତଦେହକୁ ଜବତ କରିବା ସହିତ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ତେବେ ରତ୍ନାକରଙ୍କ ମୃତ୍ୟୁ କୌଣସି ଅଜଣା ଗାଡ଼ି ଧକ୍କାରେ ହୋଇଥିବା ସନ୍ଦେହ କରାଯାଉଥିବା ବେଳେ ପୋଲିସ ଏ ସମ୍ପର୍କରେ ଡେରାବିଶ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ରତ୍ନାକର ଜଣେ ଗରିବ ଶ୍ରେଣୀ ବ୍ୟକ୍ତି ହୋଇଥିବା ବେଳେ ତାଙ୍କ ପରିବାର କହିଥିଲେ ସେ ତାଙ୍କ ପତ୍ନୀ ଓ ଛୋଟ ଛୋଟ ୫ଟି ଝିଅ। ଅପରାହ୍ନରେ ରତ୍ନାକରଙ୍କ ଶବ ବ୍ୟବଚ୍ଛେଦ ହୋଇ ଗାଁରେ ପହଞ୍ଚିବା ପରେ ଏକ ତାଙ୍କ ପରିବାର ସମେତ ସ୍ଥାନୀୟ ଅଞ୍ଚଳରେ ଏକ ଦୁଃଖର ଲହରି ଖେଳି ଯାଇଥିଲା। ତେବେ ଗାଁ ଦାଣ୍ଡରେ ରତ୍ନାକରଙ୍କ କୁନିକୁନି ୫ ଝିଅ ତାଙ୍କ ବାପାଙ୍କ ଶବକୁ କୋକେଇରେ ବୋହି ଶ୍ମଶାନକୁ ନେଉଥିବା ବେଳେ ଉପସ୍ଥିତ ସମସ୍ତ ବ୍ୟକ୍ତିଙ୍କ କଣ୍ଠ ବାଷ୍ପରୁଦ୍ଧ ହେବା ସହିତ ସମସ୍ତଙ୍କ ଆଖିରୁ ଲୁହ ଝରୁଥିଲା। ରତ୍ନାକର ଅନ୍ୟର ଜମି ଭାଗ କରି ଓ ମୂଲଲାଗି ପରିବାର ପ୍ରତିପୋଷଣ କରୁଥିବା ବେଳେ ଗ୍ରାମବାସୀ ଏହି ପିଲାମାନଙ୍କର ଭବିଷ୍ୟତ ନେଇ ଏବେ ସାନ୍ଧିହୀନ ହୋଇପଡ଼ିଛନ୍ତି।

## ଗଡକୁଜଙ୍ଗ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବାର୍ଷିକୋତ୍ସବ ଉଦ୍‌ଯାପିତ

କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅନ୍ତର୍ଗତ ଗଡ଼କୁଜଙ୍ଗ ପଞ୍ଚାୟତର ଗଡ଼କୁଜଙ୍ଗ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୩ତମ ବାର୍ଷିକ ଉତ୍ସବ ମହାଆଡମ୍ବର ସହକାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଆୟୋଜିତ କାର୍ଯ୍ୟକ୍ରମରେ ସମାଜସେବୀ ତଥା ପରିଚାଳନା କମିଟିର ବରିଷ୍ଠ ସଭ୍ୟ ପ୍ରକାଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ଅନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଛାତ୍ରଛାତ୍ରୀ ଶୃଙ୍ଖଳିତ, ସମୟାନୁବର୍ତ୍ତିତା ଓ ଅଧ୍ୟବସାୟୀ ହେଲେ ଭବିଷ୍ୟତରେ ବଡମଣିଷ ହୋଇପାରିବେ ବୋଲି କହିବା ସହିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଜିନ୍ଦଲର ବରିଷ୍ଠ ଅଧିକାରୀ ଅଶୋକ କୁମାର ସାହା, ପିନାକୀ ମହାନ୍ତି, ମିତଲ ଅଧିକାରୀ ଦେବାଶିଷ ସ୍ୱାଇଁ, ଗଡ଼କୁଜଙ୍ଗ ସରପଞ୍ଚ କବିତା ଦାସ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷ କିଶୋର ଚନ୍ଦ୍ର ସ୍ୱାଇଁ ଓ ଯଦୁନାଥ ଖଟୁଆ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷାକେନ୍ଦ୍ର ପରିଚାଳନା କମିଟିର ସଭାପତି ଇଂ ହେମନ୍ତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷାକେନ୍ଦ୍ରର ସଂପାଦକ ସୂର୍ଯ୍ୟକାନ୍ତ ସାହୁ ବିବରଣୀ ପଠନ କରିଥିଲେ। ପୂର୍ବତନ ସମ୍ପାଦକ ସଞ୍ଜୟ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ ଚାମ୍ପିଅନ ହୋଇଥିବା ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ମହୁରା ହାଇସ୍କୁଲରେ କ୍ଲଷ୍ଟରସ୍ତରୀୟ ବୈଠକ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ମହୁରା ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ମାସିକ ବୈଠକ ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଥିଲା। ଶିକ୍ଷା ସଂଯୋଜକ ଧର୍ମେନ୍ଦ୍ର ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ପ୍ରଧାନଶିକ୍ଷକ ରଞ୍ଜନ କୁମାର ମହାନ୍ତି, ବରିଷ୍ଠ ଶିକ୍ଷକ ପ୍ରସନ୍ନ କୁମାର ମହାକୁଳ, ସୁକାନ୍ତ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମନ୍ୱିତ ଶିକ୍ଷା ବିକାଶ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଶିଶୁବାଟିକାସ୍ତରୀୟ ଭାଷାଗତ ଜ୍ଞାନ, ଗଣିତ, ବୌଦ୍ଧିକ, ସାମାଜିକ, ଆବେଗିକ, ଶାରିରୀକ ଓ ନୈତିକ ବିକାଶ ଉପରେ ଆଲୋଚନା କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ପ୍ରଗତୀପତ୍ର ପ୍ରସ୍ତୁତି ଓ ମୂଲ୍ୟାଙ୍କନ ସୋପାନ ସମ୍ପର୍କରେ ବିଚାର ବିମର୍ଷ କରାଯାଇଥିଲା। ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ଯେନା, କାଳନ୍ଦୀ ବେହେରା, ଅବନ୍ତି ନାୟକ, ବାସନ୍ତି ଦ□, ରମେଶ ଚନ୍ଦ୍ର ବିଶ୍ୱାଳ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷୟତ୍ରୀ ସଙ୍ଗୀତା ବେହେରା ଧନ୍ୟବାଦ ଦେଇଥିଲେ। ମନୋସ୍ୱିନୀ ରାଉତ, ପୁଷ୍ପାଞ୍ଜଳୀ ପତି, ଆଶିଷ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବହୁବିଧ ରୋଗରେ ପୀଡିତ ଅଜୟଙ୍କ ପାଖରେ କେବେ ପହଞ୍ଚିବ ପ୍ରଶାସନ



ଗରଦପୁର, (ଭାସ୍କର ନ୍ୟୁଜ୍) : ବହୁବିଧ ରୋଗରେ ପଡିତ ଅଜୟଙ୍କ ଦୁଃଖ କହିଲେ ନସରେ। ନିଜର ଚିକିତ୍ସାରେ ସର୍ବଶାନ୍ତ ହୋଇଥିବା ଅଜୟ ଓ ତାଙ୍କ ପରିବାର ଏବେ ଠାକୁରଙ୍କ ଭରସାରେ। ଅର୍ଥାଭାବରୁ ନିଜର ଏକମାତ୍ର ପୁତ୍ରର ପାଠପଢାରେ ଡୋରୀ ବନ୍ଧାହେବାକୁ ଯାଉଥିବା ବେଳେ ଘର କୋଣରେ ରହିଆସିଥିବା ନିଜର ପତ୍ନୀ ଏବେ ପେଟ ଚାଖଣ୍ଡକ ପାଇଁ ୟା ତା ଘରେ କାମ କରିବାକୁ ବାଧ ହେଉଛନ୍ତି। ସରକାରୀ ସହାୟତା କହିଲେ କେବଳ ଚାଉଳ ଗଣ୍ଡାକ। ନା ଅଛି ଘର, ନା ଅଛି ରୋଜଗାର। ନିଜର ସ୍ୱାମୀଙ୍କୁ କିପରି ଭଲ କରିବେ, ନିଜ ପୁଅକୁ କିପରି ପାଠ ପଢାଇବେ ଏବଂ ଦିନକୁ ଦୁଇ ଓଳି ପାଇଁ କିପରି ଖାଦ୍ୟ ମୁଠାଏ ଯୋଗାଡ କରିବେ, ସେହି ଚିନ୍ତାରେ ଏବେ ଅଜୟଙ୍କ ପତ୍ନୀ। ଏପରି ଦୁଃଖଦ ଘଟଣା ଦେଖିବାକୁ ମିଳିଛି ଗରଦପୁର ବ୍ଲକ୍ ଅଧିନ ପାଟକୁରା ପଞ୍ଚାୟତସ୍ଥ ଜଗଦଳପୁର ଗ୍ରାମରେ। ଏହି ଗ୍ରାମରେ ବାସ କରୁଥିବା ଅଜୟ ସେଠୀ ଆଜକୁ ୩ ବର୍ଷ ହେବ ମଧୁମେହ, ହୃଦୟ ଜନିତ ରୋଗ ସହ ନିଜର ଦୁଇଟି ଜାକ କିଡିନି ହରାଇ ପ୍ରଥମେ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ ହେଲେ ନିଜର ବ୍ୟୟ ବହୁଳ ଚିକିତ୍ସାରେ ସର୍ବସ୍ୱ ହରାଇବା ପରେ ଏବେ ସରକାରୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅଜୟ ଘରର ଏକମାତ୍ର ରୋଜଗାରିଆ ଥିଲେ। ଅଜୟଙ୍କ ଅସୁସ୍ଥତା ପରେ ପରିବାରର ଅବସ୍ଥା ଦୁର୍ବିସହ ହୋଇ ପଡିଛି। ଗ୍ରାମବାସୀ ଓ ପଡିଶା ଯାହା କିଛି ସହଯୋଗ କରୁଛନ୍ତି ତାହା ସମୁଦ୍ରକୁ ଶଙ୍ଖେ। ଦୁଃଖର ବିଷୟ ଅଜୟଙ୍କ ନିକଟରେ ମୁଣ୍ଡ ଗୁଞ୍ଜିବାକୁ ଭଲ ଘର ଖଣ୍ଡେ ନାହିଁ। ପରିବାରର ଏପରି ଅବସ୍ଥା ଦେଖି ପ୍ରଶାସନର ସହଯୋଗ ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ଅହଲ୍ୟା ଲେଙ୍କା ଏବଂ ଅବସର ପ୍ରାପ୍ତ ଶିକ୍ଷକ ପ୍ରମୋଦ କୁମାର ରାଉତ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

## ବିଶ୍ୱ ବନ୍ଧୁତ୍ୱ ଦିବସରେ ସଫେଇ ସହ ଚାରାରୋପଣ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍) : ଯୁଗ ନିର୍ମାଣ ଯୋଜନା ଗଜପତି ପାରଳାଖେମୁଣ୍ଡି ଶାଖା ତରଫରୁ ବିଶ୍ୱ ବନ୍ଧୁତ୍ୱ ଦିବସ ଅବସରରେ ଯୁବା ବନ୍ଧୁମାନଙ୍କ ସହଯୋଗରେ ମହେନ୍ଦ୍ରତନୟା ନଦୀ ନିକଟସ୍ଥ ଶ୍ମସାନ ସ୍ୱଚ୍ଛତା ଏବଂ ନିମ ଚାରା ରୋପଣ କରାଯାଇଛି। ଏହି ସେବା କାର୍ଯ୍ୟକ୍ରମରେ ଗାୟତ୍ରୀ ପରିବାରର ବିଘ୍ନରାଜ ପଣ୍ଡା, ଶଶୀଭୂଷଣ ପଟ୍ଟନାୟକ, ସନ୍ତୋଷ ଭାଇ, ଭରତ, ବିନୟ, ସୃଜନ, ଅଭିଷେକ ଓ ବୁଲନ ଭାଇଙ୍କ ମିଳିତ ସହଯୋଗରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ସହରର ଚର୍ଚ୍ଚା ହେଉଛି ଯେ ନୂତନ ପିଢି ଭୋଜି ଭାତ କରି ମଜା କରୁଥାନ୍ତି। ମାତ୍ର ଏହି ଯୁବକ ମାନଙ୍କ ପାଇଁ ସାଧୁବାଦ୍ ଜଣାଇଛନ୍ତି ସହରର ଅଞ୍ଚଳବାସୀ।

## ଦୁଗ୍ଧ ଚାଷୀଙ୍କ ପାଇଁ ହେବ ସୋସାଇଟି

କଣିହାଁ, (ଭାସ୍କର ନ୍ୟୁଜ୍) : କଣିହାଁ ବ୍ଲକ ସମଲ ବ୍ୟାରେଜ ଅତିଥି ଭବନ ଠାରେ କୁଲେଇ, ସମଲ ଓ ହରିହର ପୁର ପଞ୍ଚାୟତର ଗୋ ଚାଷୀ ମାନେ ଏକାଠି ହୋଇଥିଲେ। ପାଲଲହଡା ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୩ଟି ପଞ୍ଚାୟତର ଦୁଗ୍ଧ ଚାଷୀ ମାନେ କିପରି ଉପକୃତ ହେବେ ସେ ନେଇ ଆଲୋଚନା କରିଥିଲେ। ଏହା ସରକାରଙ୍କ ଯୋଜନା ପୂର୍ବ ସରକାରଙ୍କ ଯୋଜନାକୁ ଜନପ୍ରତିନିଧି ମାନେ ଲୋକଲୋଚନକୁ ଆଣୁ ନଥିଲେ। ବର୍ତ୍ତମାନ ମୋହନ ସରକାର ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଦୁଗ୍ଧ ଚାଷୀ ମାନେ କିପରି ଉପକୃତ ହେବେ ସବିଶେଷ ତଥ୍ୟ ରଖିଥିଲେ। କାମଧେନୁ ଯୋଜନାରେ ଗୋଟିଏ ଗୁହାଳ ଗୃହ ଏବଂ ଦୁଇଟି ଗାଈ ରଖିପାରିବେ ଯାହାର ମୂଲ୍ୟ ୨ ଲକ୍ଷ ୩୦ ହଜାର ଟଙ୍କା ସରକାର ଦେଉଛନ୍ତି ଏବଂ ୭୦ ପ୍ରତିଶତ ରିହାତି ମିଳୁଛି। ଦୁଗ୍ଧ ଚାଷୀ ମାନଙ୍କର ଏକ ସୋସାଇଟି ଏ ଅଞ୍ଚଳ କରି ଚାଷୀ ମାନଙ୍କୁ ରୋଜଗାର ସହ ଉପକୃତ ହେବା ପାଇଁ ବିଧାୟକ ଶ୍ରୀ ମହାନ୍ତି କହିଥିଲେ। ଏହି ବୈଠକରେ କଣିହାଁ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ (ବିଭିଓ), ଯୋଗ ଦେଇ ଗୋ ଚାଷୀଙ୍କ ବିଭିନ୍ନ ସ୍କିମ ଉପରେ ଆଲୋକ ପାତ କରିଥିଲେ। କଣିହାଁ ସହକାରୀ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ (ଭିଏସ୍) ଧନ୍ୟବାଦ ଦେଇଥିବା ବେଳେ ଗୋ ଚାଷୀ ଗଣେଶ ମାଝୀ ସଭାପତିତ୍ୱ କରିଥିଲେ। ସମଲ ସରପଞ୍ଚ ଜିତେନ୍ଦ୍ର ବେହେରା, କୁଲେଇ ସରପଞ୍ଚ ଜ୍ୟୋତ୍ସ୍ନା ମୟୀ ଗଡ଼ନାୟକ, ପୂର୍ବତନ ସରପଞ୍ଚ ବିଜୟ ପ୍ରଧାନ, ପ୍ରାଣୀ ଚିକିତ୍ସା ଅଧିକାରୀ ଦୁର୍ଗା ପ୍ରସାଦ ସାହୁ ସମେତ ଦୁଇ ସହ ଚାଷୀ ଯୋଗ ଦେଇଥିଲେ।

## ନଭେମ୍ବର ୩୦ରୁ ମୟୂରଭଞ୍ଜ ମହୋତ୍ସବ



ବାରିପଦା:(ଭାସ୍କର ନ୍ୟୁଜ) : ମୟୁରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତିର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଆଉ ସେହି କଳା ଓ ସଂସ୍କୃତିର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ହେଉଛି ମୟୁରଭଞ୍ଜ ମହୋତ୍ସବ। ୮ମ ବର୍ଷରେ ପଦାର୍ପଣ କରିଛି ମୟୁରଭଞ୍ଜ ମହୋତ୍ସବ। ଆସନ୍ତା ନଭେମ୍ବର ୩୦ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ ଏହି ମହୋତ୍ସବ। ରବିବାର ବାରିପଦା ଦେଉଳସାହି ସ୍ଥିତ ମଣ୍ଡପ ଠାରେ ମୟୁରଭଞ୍ଜ ମହୋତ୍ସବ ଆୟୋଜକ କମିଟି ସଭାପତି ଅସିତ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ୮ମ ବର୍ଷ ମୟୂରଭଞ୍ଜ ମହୋତ୍ସବର ପ୍ରଥମ ପ୍ରସ୍ତୁତି ବୈଠକ ଆଉ ଏଥିରେ ଏହି ଘୋଷଣା କରାଯାଇଛି କି ପ୍ରଥମ ଦିନରେ ପ୍ରତିବର୍ଷ ଭଳି ଜିଲ୍ଲାର ବିଭିନ୍ନ କଳାକାର ମାନଙ୍କୁ ନେଇ ପାରମ୍ପାରିକ ନୃତ୍ୟ ଗୀତର ତାଳେତାଳେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରୁ ଛଉ ପଡିଆ ପର୍ଯ୍ୟନ୍ତ ଆୟୋଜିତ ହେବ କାରନିଭାଲ ସୋ। ଡିସେମ୍ବର ୦୧ ତାରିଖରୁ ୧୦ ଦିନ ଧରି ବାରିପଦାର ଐତିହାସିକ ଛଉ ପଡିଆରେ ଅନୁଷ୍ଠିତ ହେବ ଏହି ମହୋତ୍ସବ। ପ୍ରତିଦିନ ସନ୍ଧ୍ୟାରେ ଜିଲ୍ଲାର କଳାକାର ମାନଙ୍କ ସହିତ ରାଜ୍ୟ ତଥା ରାଜ୍ୟ ବାହାର କଳାକାର ମାନଙ୍କୁ ନେଇ ଅନୁଷ୍ଠିତ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ। ସିନେ ଜଗତର ବହୁ ନାମୀଦାମୀ କଳାକାର ମାନଙ୍କୁ ନେଇ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବଲିଉଡ୍ ସୁନାମ ଧନ୍ୟ ଗାୟିକ ଗାୟିକା ଧମକା ମଚାଇବେ ବୋଲି ଆୟୋଜକ କମିଟି ସୂଚନା ଦେଇଛନ୍ତି। ଆଦିବାସୀ ବହୁଳ ଜିଲ୍ଲାର ଆଦିବାସୀ ପରମ୍ପରାକୁ ଅବା ଭୁଲିବ କିଭଳି ଏହି ମୟୂରଭଞ୍ଜ ମହୋତ୍ସବ। ଏଥିପାଇଁ ଚଳିତବର୍ଷ ମଧ ୩ ଦିନ ସ୍ୱତନ୍ତ୍ର ଆଦିବାସୀ କାର୍ଯ୍ୟକ୍ରମ କାରିବାକୁ ନିଷ୍ପତ୍ତି ନିଆଯାଇଛି । ୩ ଦିନ ଓଡ଼ିଆ କାର୍ଯ୍ୟକ୍ରମ ସାଙ୍ଗକୁ ୨ଦିନ କୁଡୁମାଲି କାର୍ଯ୍ୟକ୍ରମ ମଧ କରିବାକୁ ନିଷ୍ପତ୍ତି ହୋଇଛି। ୧୦ଦିନ ମଧ୍ୟରେ ଦୁଇ ଦିନ ବଲିଉଡ଼ ଷ୍ଟାରଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ତା ସହିତ ପୂର୍ବ ବର୍ଷ ଭଳି ଚଳିତବର୍ଷ ମଧ୍ୟ ଆହୁରି ଅଧିକ ପୁରସ୍କାର ରାଶି ସହିତ ଜିଲ୍ଲାସ୍ତରୀୟ ଫୁଟବଲ୍ , ଲାଖବିନ୍ଧା ଓ ରିଲସ ପ୍ରତିଯୋଗିତା ମଧ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ସୂଚନା ଦେଇଛନ୍ତି । ଚଳିତବର୍ଷ ମୟୁରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତି ସହ ଅନ୍ୟ ଜିଲ୍ଲା ମାନଙ୍କର କଳାର ଆଦାନ ପ୍ରଦାନର ବ୍ୟବସ୍ଥା କରାଯାଇଛି। ଏହି ମହୋତ୍ସବରେ ମୟୁରଭଞ୍ଜ ଜିଲ୍ଲାର ହସ୍ତଶିଳ୍ପରୁ ଆରମ୍ଭ କରି କୁଟୀର ଶିଳ୍ପ, ଖେଳଣାରୁ ଆରମ୍ଭ କରି ପୋଷାକ ଆଉ ତା ସହ ଘରକରଣା ସାମଗ୍ରୀ ଏବଂ ପାରମ୍ପାରିକ ଖାଦ୍ୟ ମୁଢି ମାଂସ ସହ ଅନ୍ୟାନ୍ୟ ଖାଦ୍ୟର ମଧ ମଜା ଉଠାଇ ପାରିବେ ଦର୍ଶକ। ୨୦୦ ରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲିବ ଏହି ମହୋତ୍ସବରେ । ପ୍ରତିଦିନ ସନ୍ଧ୍ୟା ୫ ଟାରୁ ରାତ୍ର ୧୦ ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ସଭାପତି କୃଷ୍ଣାନନ୍ଦ ମହାନ୍ତି କହିଛନ୍ତି। ଯୁବପିଢୀଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ପୂର୍ବ ବର୍ଷ ଭଳି ଚଳିତବର୍ଷ ମଧ ସେଲ୍ଫି ଜୋନର ବ୍ୟବସ୍ଥା କରାଯିବ ମହୋତ୍ସବରେ । ଏହି ଜିଲ୍ଲାସ୍ତରୀୟ ବୈଠକ ପରେ କପ୍ତିପଦା ଉପଖଣ୍ଡ ଓ ବାମନଘାଟି ଉପଖଣ୍ଡ ଏବଂ ପଞ୍ଚପିଢ଼ ଉପଖଣ୍ଡ ସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ମହୋତ୍ସବର ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ମହୋତ୍ସବ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ବିଧାୟକ ଭାଦବ ହାଁସଦା ସମେତ ସମଗ୍ର ଜିଲ୍ଲାରୁ ୨୫୦ ରୁ ଊର୍ଦ୍ଧ୍ୱ ମେମ୍ବର ସାମିଲ ଥିଲେ ବୋଲି ମୁଖପାତ୍ର ସତ୍ୟଜିତ ସୋମ ସୂଚନା ଦେଇଛନ୍ତି।

## ପଣ୍ଡିତ ପ୍ରାଣକୃଷ୍ଣ ପଢିହାରୀଙ୍କ ସ୍ମୃତିରେ ବକ୍ତୃତା ପ୍ରତିଯୋଗିତା



ଜଗତସିଂହପୁର, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ମାଟିର ଗର୍ବ ଓ ଗୌରବ ଏବଂ ମହାନ୍ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ପ୍ରାଣକୃଷ୍ଣ ପଢିହାରୀଙ୍କ ୬୭ତମ ତିରୋଧାନ ଦିବସ ସ୍ମୃତିରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ "ଭାରତର ସ୍ୱାଧୀନତା ସଂଗ୍ରାମ ଓ ପଣ୍ଡିତ ପ୍ରାଣକୃଷ୍ଣ ପଢିହାରୀ" ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ପଣ୍ଡିତ ପ୍ରାଣକୃଷ୍ଣ ପଢିହାରୀ ସ୍ମୃତି ପରିଷଦ ପକ୍ଷରୁ ସ୍ଥାନୀୟ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସଦର ମହକୁମାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲା। ବିଚାରକ ଭାବେ ଏସ୍‌ଭିଏମ୍ କଲେଜ୍‌ର ଅଧ୍ୟାପକ ଡଃ. ଶରତଚନ୍ଦ୍ର ମହାରଣା, ଅଧ୍ୟାପକ ସୁବାଷ ଚନ୍ଦ୍ର ଭୋଇ, ବିଜୁପଟ୍ଟନାୟକ ଡିଗ୍ରୀ କଲେଜର ଅଧ୍ୟାପକ ବିପିନ ବିହାରୀ ପାତ୍ର ଯୋଗଦେଇ କୃତି ପ୍ରତିଯୋଗୀ ଚୟନ କରିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ସ୍ୱର୍ଗତ ପଢିହାରୀ ମହାତ୍ମାଗାନ୍ଧୀଙ୍କ ଡାକରାରେ ଅସହଯୋଗ ଆନ୍ଦୋଳନରେ ସାମିଲ ହୋଇ ଯାଜପୁରକୁ ବଦଳି ପ୍ରତିବାଦରେ ସରକାରୀ ଚାକିରିରୁ ଇସ୍ତଫାଦେଇ କଂଗ୍ରେସରେ ଯୋଗଦେଇଥିଲେ । ଏହି ସମୟରେ ନିଜ ପତ୍ନୀ ଗୁଣମଣୀ ଦେବୀ ନିଜ ବାପଘରୁ ଯୌତୁକ ଆଣିଥିବା ଚାରି ଭରିର ସୁନାହାର ସ୍ୱାଧୀନତା ପାଣ୍ଠିକୁଦାନ କରିଥିଲେ। ଖାଲି ସେତିକି ନୁହେଁ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନରେ ସାମିଲ ହୋଇ ସେ ସର୍ବମୋଟ ୯ଥର କାରାବରଣ କରିଥିଲେ। ସ୍ୱର୍ଗତ ପଢିହାରୀ ଆମ ଗହଣରେ ନାହାନ୍ତି ସତ ମାତ୍ର କଟକର ପଢିହାରୀ ପାଠାଗାର, ଜୟବଡ ଜଗନ୍ନାଥ ମନ୍ଦିର ଏବଂ ଜୟବଡ ପ୍ରାଥମିକ ବିଦ୍ୟାଳୟ, ଜଗତସିଂହପୁର ର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସର୍ବୋପରି ଜିଲ୍ଲାବାସୀ ତାଙ୍କର ସ୍ମୃତିକୁ ଏବେବି ସାଇତି ରଖିଛନ୍ତି । ତେଣୁ ଏହି ଅନନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ୬୭ତମ ଶ୍ରାଦ୍ଧଉତ୍ସବ ଆସନ୍ତା ୮ତାରିଖରେ ମହାସମାରୋହରେ ପାଳନ କରାଯିବ ବୋଲି ପଣ୍ଡିତ ପ୍ରାଣକୃଷ୍ଣ ପଢିହାରୀ ସ୍ମୃତି ପରିଷଦ ପକ୍ଷରୁ ନିଷ୍ପତି ନିଆଯାଇଛି। ଏହି ଅବସରରେ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗିଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ। ଏଥି ସହିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ। ଆଜିର ଏହି ପ୍ରତିଯୋଗିତା ଆୟୋଜନ ଓ ପରିଚାଳନାରେ ସ୍ମୃତି ପରିଷଦ ପକ୍ଷରୁ ପରିଷଦର ସଭାପତି ସ୍ତମ୍ଭକାର ହିମାଂଶୁଶେଖର ଆଚାର୍ଯ୍ୟ, ସଂପାଦକ ଶୁଭକାନ୍ତ ପଢିହାରୀ ଓ ଅଳକା ଆଶ୍ରମର କର୍ମକର୍ତ୍ତା ଶିକ୍ଷକ ଅମୁଲ୍ୟ କୁମାର ମିଶ୍ର, ଅଧ୍ୟାପକ ଭଗବାନ ଦାଶ, ଶିକ୍ଷାବିତ ବିଜୟ କୁମାର ରଥ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ଦୁର୍ଯ୍ୟୋଧନ ମହାରଣା, ବାଳିକା ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସ୍ମୃତି ପରିଷଦର ସମ୍ପାଦକ ତଥା ସଂଗ୍ରାମୀଙ୍କ ଉତରଦାୟାଦ ସାମ୍ବାଦିକ ଶୁଭକାନ୍ତ ପଢିହାରୀ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲା ଅନୁସୂଚୀତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟ ସମୂହର ପ୍ରଧାନଶିକ୍ଷକ ଓ ଅଧକ୍ଷମାନେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଛନ୍ତି। ଏହି ଉପଲକ୍ଷେ ନରଣପୁର ଉଚ୍ଚ ବିଦ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ କେନ୍ଦୁଝର ଜୋନର ଶିକ୍ଷା ମଣ୍ଡଳାଧିଶ ସଂଚିତା ବେହେରା ଅତିଥି ଭାବେ ଯୋଗଦେଇ ଶ୍ରୀଯୁକ୍ତ ଦେଓଙ୍କର ଗୁଣଗାନ ଓ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ଧଳ ଓ ଚମ୍ପୁଆ ଉପଖଣ୍ଡର ସହକାରୀ ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ପିଙ୍ଗୁଆ ଯୋଗଦେଇ ଶ୍ରୀଯୁକ୍ତ ଦେଓଙ୍କର ଅବସରକାଳୀନ ସମୟ ସୁଖମୟ ହେବା ସହ ସେ ସୁସ୍ଥ ଓ ନିରୋଗ ରହିବାକୁ ମା' ତାରିଣୀଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଭଗାମୁଣ୍ଡା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ କୁମାର ନନ୍ଦ ସ୍ୱାଗତ ଭାଷଣ ଦେବା ସହ ସଭା ପରିଚାଳନା କରିଥିଲେ । ରାଇଡିହା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିବାବେଳେ ନରଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କିଶୋର ଚନ୍ଦ୍ର ରାଉତ ମାନପତ୍ର ପାଠ କରିଥିଲେ । ବିଦାୟୀ ଅଧିକାରୀ ଶ୍ରୀଯୁକ୍ତ ଦେଓଙ୍କୁ ମାନପତ୍ର, ଉତ୍ତରୀୟ ଏବଂ ଉପଢୌକନ ଦେଇ ବିଦାୟ ଦିଆଯାଇଥିଲା।



# ଆମ କଳାହାଣ୍ଡି





## ଯବାନଙ୍କ ପାଇଁ ରାକ୍ଷୀ ପଠାଇଲେ ଛାତ୍ରଛାତ୍ରୀ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ତାରିଣୀ ମନ୍ଦିର ରୋଡ଼ସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ରକ୍ଷା ବନ୍ଧନ ଉପଲକ୍ଷେ ଭାରତୀୟ ଯବାନ ମାନଙ୍କ ପାଇଁ ଶତାଧିକ ରାକ୍ଷୀ ଡାକ ଯୋଗେ ଆର୍ମି ହେଡ୍ କ୍ୱାଟର ଦିଲ୍ଲୀକୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ପଠାଇଥିବା ଜଣାପଡିଛି। ରାକ୍ଷୀ ଶକ୍ତି, ବିଶ୍ୱାସ ଏବଂ ବିଜୟର ପ୍ରତୀକ। ଦେଶର ସୁରକ୍ଷା ପାଇଁ ଯବାନମାନେ ଘର ପରିବାର ଛାଡି ଦୂରରେ ରହି ଦେଶରକ୍ଷା ପାଇଁ ନିଜକୁ ସମର୍ପିତ କରିଦେଇ ଥିଲାବେଳେ ଏହି ରାକ୍ଷୀ ସେମାନଙ୍କ ମନୋବଳ ବଢାଇବା ସହ ଭାଇଚାରାର ବାର୍ତ୍ତା ସମାଜକୁ ଦେବ ବୋଲି ସ୍କୁଲର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ଼. ଶିବରାମ ନାୟକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ବରିଷ୍ଠ ଶିକ୍ଷାବିତ୍ ବ୍ରହ୍ମାନନ୍ଦ ସାମଲ, ବରିଷ୍ଠ ଚିତ୍ରଶିଳ୍ପୀ ମୁକୁନ୍ଦ ରେଡ୍ଡୀ ଓ ସମାଜସେବୀ ସୁତମ କୁମାର ନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିବା ବେଳେ ଶିକ୍ଷୟିତ୍ରୀ ଚନ୍ଦ୍ରପ୍ରଭା ମିଶ୍ର ସଭା ପରିଚାଳନା ଓ ଶିକ୍ଷକ ଦୁଲେଶ୍ୱର ଶବର, ଧନମନ୍ତ ବେମାଲ, ବୃଷଭ ଦାସ ପ୍ରମୁଖ ସହଯୋଗ କରିଥିଲେ ଓ ଶିକ୍ଷୟିତ୍ରୀ ପ୍ରିୟଙ୍କା ମହାରଣା ଧନ୍ୟବାଦ ଦେଇଥିଲେ।

## ମୃତ ଡ୍ରାଇଭରଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ

କୋକସରା, (ଭାସ୍କର ନ୍ୟୁଜ୍) : ଧର୍ମଗଡ଼ ବ୍ଲକ ଓଡ଼ିଶା ଡ୍ରାଇଭର ମହାସଂଘର କର୍ମକର୍ତ୍ତାମାନେ ରବିବାର ଇଚ୍ଛାପୁର ଗ୍ରାମର ମୃତ ଡ୍ରାଇଭର ଉମାକାନ୍ତ ପୁଝାରୀଙ୍କ ପରିବାର ଲୋକଙ୍କୁ ସାକ୍ଷାତ କରିଛନ୍ତି। ଏବଂ ତାଙ୍କ ପରିବାର ବର୍ଗକୁ ଏହି ଦୁଃଖଦ ସମୟରେ ଧୈର୍ଯ୍ୟ ରଖିବାକୁ କହିବା ସହ ସମବେଦନା ଜଣାଇଛନ୍ତି। ଏଥିସହିତ ସଂଘ ପକ୍ଷରୁ ସ୍ୱର୍ଗତ ଡ୍ରାଇଭରଙ୍କ ସ୍ତ୍ରୀ ଯମୁନା ପୁଝାରୀଙ୍କୁ ୩୦ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରି ସହାୟତାର ହାତ ବଢେଇଛନ୍ତି। ସୂଚନାଯୋଗ୍ୟ ମୃତ ଡ୍ରାଇଭର ଉମାକାନ୍ତ ପୁଝାରୀ କିଡନୀ ରୋଗରେ ପୀଡିତ ହୋଇ ଗତ ୨୫ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା। ସେ ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କର ମୃତ୍ୟୁ ପରେ ସ୍ତ୍ରୀ ସମେତ ଦୁଇ ପୁଅ ଅସହାୟ ହୋଇପଡ଼ିଛନ୍ତି। ଏହି ଖବର ଜାଣିବା ପରେ ଆଜି ଡ୍ରାଇଭର ସଂଘ ତାଙ୍କ ପରିବାର ଲୋକଙ୍କୁ ୩୦ ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ଏହି ସମୟରେ ସଂଘର ଜିଲ୍ଲା ଉପସଭାପତି କାର୍ତ୍ତିକ ପୁଞ୍ଜି, ଧର୍ମଗଡ଼ ବ୍ଲକ ସଭାପତି ଲକ୍ଷ ବାଗ, ତରାପୁର ପଞ୍ଚାୟତ ଡ୍ରାଇଭର ସଂଘ ସଭାପତି ଥବିର ବାଗ, ଉପସଭାପତି ରୁଦ୍ର ବାଗ, ସମ୍ପାଦକ ଅମିତ ଲହଜଲ, ଗଡିଆଯୋର ସଭାପତି ଧନଞ୍ଜୟ ମାଝୀ, ବେହେରା ସଭାପତି ସୁରେଶ ଗୋପାଳ, ଛଞ୍ଚାଣବାହାଲି ସଭାପତି ଚିତ୍ରସେନ ଗୋପାଳ, ପର୍ଲା ପଞ୍ଚାୟତ ଡ୍ରାଇଭର ସଂଘର କୋଷାଧ୍ୟକ୍ଷ ନିର୍ମଳ ମୁଣ୍ଡ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।



## ପେନସନ୍ ଗ୍ରାହୀ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ସଭା




କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ସଦର ମହକୁମା ସ୍ଥିତ ଜବାହର ଉଚ୍ଚ ବିଦ୍ୟାଳୟ ଠାରେ ରବିବାର କୋକସରା ପେନସନ୍ ଗ୍ରାହୀ ସଂଘର ସାଧାରଣ ବୈଠକ, ସମ୍ବର୍ଦ୍ଧନା ସହ ନୂତନ କମିଟି ଗଠନ ହୋଇଛି। ପେନସନ୍ ଗ୍ରାହୀ ସଂଘର ସଭାପତି ତ୍ରିନାଥ ଠାକୁରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଧର୍ମଗଡ଼ ବିଧାୟକ ସୁଧିର ପାଟଯୋଷୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କଳାହାଣ୍ଡି ଅମଲା ସଂଘ ଉପଦେଷ୍ଟା କେଶରୀ ଦଲେଇ, ମୁଖ୍ୟବକ୍ତା, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସରତ ଚନ୍ଦ୍ର ନାଏକ, କେଶବ ଲାଲ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କ୍ରମରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିସହିତ ପେନସନ୍ ଗ୍ରାହୀ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଧର୍ମଗଡ଼ ବିଧାୟକଙ୍କୁ ପେନସନ୍ ଗ୍ରାହୀ ସଂଘ ନିମନ୍ତେ ସ୍ଥାୟୀ ଗୃହ ନିର୍ମାଣ ପାଇଁ ପାଣ୍ଠି ଯୋଗାଇ ଦେବା ପାଇଁ ସଂଘ ପକ୍ଷରୁ ନିବେଦନ କରିଥିଲେ। ଏହି ଅବସରରେ ଜିଲ୍ଲା କର୍ମକର୍ତ୍ତାଙ୍କ ଉପସ୍ଥିତରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଂଘର ସଭାପତି ଭାବରେ ଲକ୍ଷ୍ମଣ ଶବର ମନୋନୀତ ହୋଇଥିବାବେଳେ ଉପ-ସଭାପତି ଗରୁଡଧ୍ୱଜ ମାଝୀ, ସମ୍ପାଦକ ଶ୍ରୀନିବାସ ପ୍ରଧାନୀ, ସହ ସମ୍ପାଦକ ଗଣେଶ୍ୱର ସତନାମୀ, କୋଷାଧ୍ୟକ୍ଷ ଧବଳେଶ୍ୱର ବାଗ, ଉପଦେଷ୍ଟା କମିଟିରେ ମିନିକେତ ପ୍ରଧାନୀ, ତ୍ରିନାଥ ଠାକୁର, ଗୁଣନିଧି ବାଗ, ଗରୁଡ଼ ବାଗ, ବୁଟୁନାଥ ସରାବୁ, ପ୍ରମୁଖ ମନୋନୀତ ହୋଇଥିଲେ। କାର୍ଯ୍ୟକାରୀ କମିଟି ଭାବରେ ମୁକ୍ତେଶ୍ୱର ପଟ୍ଟନାୟକ, ତରୁଲତା ରାଉତ, ପ୍ରହଲ୍ଲାଦ ଠାକୁର, ତୁଳସୀ ଜାଲ, ଅଶୋକ ଦାସ, ଅଶୋକ ପୁଝାରୀ, ଉମ୍ବରୁଧର ସରାଫ, ବିଘ୍ନେଶ୍ୱର ପୁରୋହିତ ପ୍ରମୁଖ ରହିଛନ୍ତି।

## କେନାଲରେ ପଡ଼ି ଯୁବକଙ୍କ ମୃତ୍ୟୁ

କର୍ଲାମୁଣ୍ଡା (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରେଙ୍ଗାଲିକୁ ସଂଯୋଗ ଥିବା କେନାଲ ଠାରେ ମୋଟର ସାଇକେଲ ସହ ଯୁବକଙ୍କ ମୃତଦେହ ପଡିରହିଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଏ ନେଇ ସ୍ଥାନୀୟ ଲୋକେ ଦେଖିବା ପରେ ଖବରଟି ପ୍ରଚାର ହେବା ପରେ କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ଥବିର ବରିହା ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ତେବେ ମୃତଦେହଟି କର୍ଲାମୁଣ୍ଡା ବସ୍ତିରେ ରହୁଥିବା ରାଜା ରାମ ନିଆଲ (୩୦)ଙ୍କର ବୋଲି ଜଣାପଡିଥିଲା। ରାଜ ନିଆଲ ରବିବାର ସନ୍ଧ୍ୟାରେ ନିଜସ୍ୱ କାମରେ ଅଗାଧୁପୁର ଗାଁକୁ ଯାଇ ରାତିରେ ଫେରିବା ସମୟରେ କେନାଲରେ ମୋଟର ସାଇକେଲ ସହ ପଡି ମୃତ୍ୟୁବରଣ କରିଥିବା ସନ୍ଦେହ କରି ରାଜାଙ୍କ ସମ୍ପର୍କୀୟ ଶଳା ଟୁନୁ ନନ୍ଦ ପୋଲିସକୁ ଲିଖିତ ଭାବେ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ରାଜା ରାମଙ୍କ ନିଜ ଘର କୋକସରା ବ୍ଲକର ଡୁଙ୍ଗୁରିଗୁଡା ଗ୍ରାମର ହୋଇଥିବାବେଳେ ୨୦୧୫ ମସିହାରେ ବିବାହ କରି କର୍ଲାମୁଣ୍ଡା ଠାରେ ପନିପରିବା ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କର ଦୁଇ ପୁଅ ଓ ପତ୍ନୀ ଅଛନ୍ତି। ରୋଜଗାରିଆ ସ୍ୱାମୀଙ୍କ ବିୟୋଗ ପରେ ପତ୍ନୀ ରୀନା ନିଆଲ ଅସହାୟ ହୋଇ ପଡ଼ିଥିବା ଜଣାପଡ଼ିଛି। ଏଣୁ ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## କୋକସରା ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ



କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ଥାନାରେ ନୂତନ ଥାନା ଅଧିକାରୀ ଭାବେ ଜୟପ୍ରକାଶ ନାରାୟଣ ହୋତା ଯୋଗଦେଇଛନ୍ତି। ଥାନା ଅଧିକାରୀ ଏହି ଥାନାରେ ଯୋଗଦେବା ପୂର୍ବରୁ କଳାହାଣ୍ଡି ସିମାନ୍ତ ଆମପାଣି ଥାନା ରହିଥିଲେ। ଆଇଆଇସି ଶ୍ରୀହୋତା ଥାନାରେ ଯୋଗଦେବା ପରେ ଆଇନ ଶୃଙ୍ଖଳା, ଅପରାଧୀଙ୍କ କାର୍ଯ୍ୟ କଳାପ ନିୟନ୍ତ୍ରଣ, ଜନ ସାଧାରଣରେଙ୍କ ସୁସମ୍ପର୍କ ରଖିଥିବା ଆଦି ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ମତ ରଖିଛନ୍ତି।

## ମହାବୀର ସାଂସ୍କୃତିକ ଅନୁଷ୍ଠାନର ନୂତନ କର୍ମକର୍ତ୍ତା ନିଯୁକ୍ତ

### ଶାନ୍ତନୁ ବେହେରା ସଭାପତି, ସତ୍ୟନାରାୟଣ ସିଂ ହେଲେ ସାଧାରଣ ସମ୍ପାଦକ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ମହାବୀର ସାଂସ୍କୃତିକ ଅନୁଷ୍ଠାନ'ର ବାର୍ଷିକ ସାଧାରଣ ସଭା ଓ ୨୦୨୪-୨୦୨୫ ବର୍ଷ ନିମନ୍ତେ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ମଙ୍ଗଳୁ ମିଶ୍ର ନିର୍ବାଚନ ଅଧିକାରୀ ରୂପେ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ସଭାପତି ଭାବେ ଶାନ୍ତନୁ କୁମାର ବେହେରା, ଉପ ସଭାପତି, ସଞ୍ଜୟ କୁମାର, ସାଧାରଣ ସମ୍ପାଦକ ସତ୍ୟନାରାୟଣ ସିଂହ, ସଂଯୁକ୍ତ ସାଧାରଣ ସଂପାଦକ ସଞ୍ଜୀବ କୁମାର ସିଂହ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ସିଂହ, ନାଟ୍ୟ ସମ୍ପାଦକ ସୁଶାନ୍ତ କୁମାର ସିଂହ, କ୍ରୀଡା ସଂପାଦକ ସୁରେଶ କୁମାର ଥନପତି ମନୋନୀତ ହୋଇଥିଲା ବେଳେ କାର୍ଯ୍ୟକାରୀ ସଦସ୍ୟ ଭାବେ ଗିରିଜା ଶଙ୍କର ବାବୁ, ଅଶ୍ୱିନୀ କୁମାର ନେଗୀ,ବିରଞ୍ଚି ନାରାୟଣ ପଣ୍ଡା, ମହମ୍ମଦ ବୁରାନ୍, ନୀଳକଣ୍ଠ ବେହେରା, ରାଜେନ୍ଦ୍ର କୁମାର ବେହେରା, କାର୍ତ୍ତିକେଶ୍ୱର ପଣ୍ଡା ଓ ପରମେଶ୍ୱର ମୁଣ୍ଡ ଓ ବିଶେଷ ମନୋନୀତ ସଭ୍ୟ ଭାବେ ସୁରୁ ବାରିକ,ଅଧ୍ୟକ୍ଷ ଘୁମୁରା ଏକାଡେମୀ, ପଣ୍ଡିତ ମଙ୍ଗଳୁ ମିଶ୍ର ସ୍ମରଣିକା ସମ୍ପାଦନା ମଣ୍ଡଳୀ ଓ ପ୍ରତାପ ଚନ୍ଦ୍ର ଦାଶ ସ୍ମରଣିକା ସମ୍ପାଦନା ମଣ୍ଡଳୀ ସଦସ୍ୟ ଭାବେ ମନୋନୀତ ହୋଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

## ଚାଷୀଙ୍କ ପାଇଁ ବରଦାନ ସାଜିଛି ମନରେଗା କେନାଲ



ଗୋଲାମୁଣ୍ଡା,(ଭାସ୍କର ନ୍ୟୁଜ): ସାଧାରଣତଃ କ୍ଷୁଦ୍ର ଜଳ ସେଚନ ବିଭାଗ ପକ୍ଷରୁ ଚାଷ ଜମିକୁ ପାଣି ଯୋଗାଣ ପାଇଁ କେନାଲ ଖନନ ହେଉଥିବା ବେଳେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ପକ୍ଷରୁ ଯେଉଁ ଜାଗାକୁ କ୍ଷୁଦ୍ର ଜଳ ସେଚନ ବିଭାଗ କେନାଲ ପହଞ୍ଚାଇ ପାରି ନାହିଁ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ଦୂର ଦୃଷ୍ଟି ଫଳରେ ବ୍ଲକରେ ପ୍ରଥମ ଥର ପାଇଁ ମନରେଗା ଯୋଜନାରେ କଂକ୍ରିଟ କେନାଲ କାମ ହୋଇପାରିଛି। ବର୍ତ୍ତମାନ ଚାଷୀ ଏହି କେନାଲ ଯୋଗେ ନିଜ ଜମିକୁ ପାଣି ମଡ଼ାଇ ପାରୁଛି ଯାହାରି ଫଳରେ ଏହି ମନରେଗା କେନାଲ ଚାଷୀଙ୍କ ପାଇଁ ବରଦାନ ସାଜିଛି। କେଗାଁ ଅଞ୍ଚଳ କୁ ବ୍ଲକ ଅଧ୍ୟକ୍ଷ ଆସିଥିବା ବେଳେ ଚାଷୀ ମାନେ ଅଧ୍ୟକ୍ଷଙ୍କ ଗାଡିକୁ ଅଟକାଇ ଚାଷ ଜମିର ପାଣି ସମସ୍ୟା ସମାଧାନ କରିବାକୁ ଦାବି କରିଥିଲେ। ପାଖରେ କ୍ଷୁଦ୍ର ଜଳସେଚନର ମୁଖ୍ୟ କେନାଲ ଥିଲେ ମଧ୍ୟ ଚାଷୀ ମୁଖ୍ୟ କେନାଲରୁ ନିଜ ଚାଷ ଜମିକୁ ପାଣି ମଡାଇବାକୁ ଅସମର୍ଥ ହେଉଥିବା କହିଥିଲେ। ଚାଷୀ ନିଜେ ନାଳ କରି ନିଜ ଜମିକୁ ପାଣି ମଡାଉଥିଲେ ସୁଦ୍ଧା ତାହା ସମୁଦ୍ରକୁ ଶଙ୍ଖେ ପାଣି ହେଉଥିବା ଅଭିଯୋଗ କରିଥିଲେ। ବ୍ଲକ ଅଧ୍ୟକ୍ଷ ଏହି ବିଷୟରେ ରେ ବିଡ଼ିଓ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ,ଜିଲ୍ଲାପାଳ, ମାନ୍ୟବର ପଞ୍ଚାୟତ ରାଜ ମନ୍ତ୍ରୀଙ୍କ ସହିତ ଆଲୋଚନା କରିବି ଓ ନିଶ୍ଚୟ କେନାଲ ର ବ୍ୟବସ୍ଥା କରାଯିବ ବୋଲି ଅଟକାଇ ଥିବା ଚାଷୀ ମାନଙ୍କୁ ଅଧ୍ୟକ୍ଷ ପ୍ରତିଶୃତି ଦେବାରୁ ଚାଷୀ ମାନେ ଅଧ୍ୟକ୍ଷଙ୍କ ଗାଡିକୁ ଛାଡି ଦେଇଥିଲେ। ତତ୍କାଳୀନ ବିଡ଼ିଓ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରି ମନରେଗା ଯୋଜନା ମାଧ୍ୟମରେ କେନାଲ ର ବ୍ୟବସ୍ଥା କରିଥିଲେ। ଚଳିତବର୍ଷ ଆର୍ଥିକ ବର୍ଷରେ ଗ୍ରୀଷ୍ମ କାଳରେ ଏହି କେନାଲ କାମ ସଂପୂର୍ଣ୍ଣ ହୋଇଥିବା ବେଳେ ବର୍ତ୍ତମାନ ଚାଷୀ କ୍ଷୁଦ୍ର ଜଳସେଚନ ବିଭାଗର ମୁଖ୍ୟ କେନାଲରୁ ନିଜ ଚାଷ ଜମିକୁ ଜଳସେଚିତ କରିପାରୁଛି। ନିଜ ଚାଷ ଜମିରେ ଜଳସେଚନ ହୋଇପାରିଥିବାରୁ ଚାଷୀ ମୁହଁରେ ହସ ଫୁଟିଛି। ଏଥିପାଇଁ କେଗାଁର ଚାଷୀ ଧର୍ଯ୍ୟ ନାଏକ, ପୁନି ଚଣ୍ଡି, ଦଶରଥ ମାଝୀ, କଳାକୃଷ୍ଣ ଧଙ୍ଗଡାମାଝୀ, ଦୁଖୁ ପୁଝାରୀ, ଦୁଲ ଚଣ୍ଡି, ନିଳମଣି ପୁଟେଲ, ପଙ୍କଜ ପୁଟେଲ, ମଧୁସୁଦନ ଧଙ୍ଗଡାମାଝୀ, ଦିନବନ୍ଧୁ ଧଙ୍ଗଡା ମାଝୀ, ଟୁନା ଧଙ୍ଗଡା ମାଝୀ, ରାମ ଧଙ୍ଗଡାମାଝୀ, ପିତାମ୍ବର ନାଏକ, ମୁଦିଆ ପୁଟେଲ, ଦୁର୍ବଳ ପୁଟେଲ, ଲୋକେଶ୍ୱର ପୁଟେଲଙ୍କ ସମେତ ଶତାଧିକ ଚାଷୀ ବ୍ଲକ ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ ଏହି କେନାଲ ଦ୍ୱାରା କେଗାଁ ଗ୍ରାମପଂଚାୟତର ଚାଷୀ ମାନେ ଉପକୃତ ହେବା ସହିତ ସିନାପାଲି ଗ୍ରାମ ପଞ୍ଚାୟତର ଚାଷୀ ମଧ୍ୟ ନିଜ ଜମିରେ ଜଳସେଚିତ କରି ଉପକୃତ ହୋଇ ପାରିଛନ୍ତି ।

## ସରକାରୀ ସହାୟତା ଅପେକ୍ଷାରେ ବେସାହାରା ଦୁଇ ଭଉଣୀ



ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ଦୁଇ ଭଉଣୀ ଆଖିରୁ ଲୁହ ଶୁଖୁନି। ଦୁନିଆ ଚିହ୍ନିବା ଆଗରୁ ବାପା ମାଆ ଛେଉଣ୍ଡ ହେଲେ। ଦଦରା କୁଡ଼ିଆ କେବଳ ନିରନ୍ତର ଝରୁଥିବା ଲୁହର ମୁକ ସାକ୍ଷୀ। ଦିନ ଥିଲା ହସଖୁସି ସଂସାର ଭିତରେ ବାପା ମାଆଙ୍କ ଗହଣରେ ରହି ପରମ ଆନନ୍ଦ ଅନୁଭବ କରୁଥିଲେ। ହେଲେ ସେହି ଖୁସିକୁ ଦଇବ ସହି ପାରିଲାନି। ୮ମାସ ତଳେ ମାଆକୁ ହରାଇଲେ। ସେବେଠାରୁ ବାପାଙ୍କ ପାଖରୁ ଉଭୟ ମା'ର ସ୍ନେହ ମମତା ଓ ବାପାଙ୍କର ଆଦର ବେଶ କିଛି ସମୟ ପାଇଁ ପାଇଥିଲେ। ସ୍ତ୍ରୀର ମୃତ୍ୟୁ ପରେ ସ୍ୱାମୀ ଜାଗର ଭାଙ୍ଗି ପଡ଼ିଥିଲେ। ହେଲେ ସବୁ ଦୁଃଖକୁ ଛାତିରେ ଚାପି ଦୁଇ ଝିଅଙ୍କ ମୁହଁରେ ହସ ଦେଖିବାକୁ ଖୁସିର ଅଭିନୟ କରୁଥିଲେ। ହେଲେ ସେ ଅଳ୍ପଦିନ ମଧ୍ୟରେ କିଡନୀ ଓ ରକ୍ତ ହୀନତା ରୋଗର ଶିକାର ସାଜିଲେ। ଅତ୍ୟନ୍ତ ଗରିବ ଶ୍ରେଣୀର ଲୋକ। ପର ଘରେ ମୂଳ ଲାଗିଲେ ଚୁଲିରେ ନିଆ ଜଳେ। ଚିକିତ୍ସା କରାଇବା ତ ଦୂରର କଥା ସେ ରୋଗାକ୍ରାନ୍ତ ହେବା ପରେ ପେଟରେ ଆହାର ଯୋଗାଡ଼ କରିବା ମୁସ୍କିଲ ହୋଇପଡିଲା। ଶେଷରେ ସେ ବି ମୃତ୍ୟୁବରଣ କଲେ। ଦୁଃଖ ଉପରେ ଦୁଃଖ ଏଭଳି ହୃଦୟ ବିଦାରକ ଘଟଣା କଳାହାଣ୍ଡି ଜିଲ୍ଲା, ଧର୍ମଗଡ ବ୍ଲକ୍, ବେହେରା ଗ୍ରାମରେ ଦେଖିବାକୁ ମିଳିଛି। ଦୁଇ ବାପା ମା ଛେଉଣ୍ଡ ଝିଅ ମମିତା ଓ ଯଶୋବନ୍ତୀ। ଏକ ଦଦରା କୁଡ଼ିଆ ଭିତରେ ୨ଭଉଣୀ ରୁହନ୍ତି। ବଡ଼ ଭଉଣୀ ମମିତା କୁଲି ମଜୁରୀ କାମ କରି ସାନ ଭଉଣୀର ତୁଣ୍ଡରେ ଆହାର ଯୋଗାଇ ଥାଆନ୍ତି। ସାନ ଭଉଣୀ ଯଶୋବନ୍ତୀ ଯାହା ପାଠ ପଢୁଥିଲେ ବାପା ମାଆ ଯିବାପରେ ପାଠ ପଢାରେ ଡୋରି ଲାଗିଛି। କଷ୍ଟେ ମଷ୍ଟେ ମାଟ୍ରିକ ପଢିଲେ। ହେଲେ ଅର୍ଥ ଅଭାବରୁ ଇଛା ଥାଇ ବି ଆଗକୁ ପାଠ ପଢି ପାରିଲେ ନାହିଁ ବୋଲି କୁହନ୍ତି। ଦୁର୍ଦ୍ଦିନ ଭିତରେ ଏବେ ଦୁଇ ଭଉଣୀ ଜୀବନ କାଟୁଥିବା ବେଳେ ସାହାରା ନିହାତି ଆବଶ୍ୟକ ହୋଇ ପଡିଛି। ସରକାରୀ ସହାୟତା କହିଲେ ପଞ୍ଚାୟତରୁ ଚାଉଳ ମିଳୁଥିବା ଜଣାପଡେ। ନା ମିଳିଛି ଆବାସ ନା ସରକାରୀ ପ୍ରୋତ୍ସାହନ। ତୁରନ୍ତ ନିରାହ ଦୁଇ ଭଉଣୀ ପ୍ରତି ସରକାର ଦୃଷ୍ଟି ଦେଇ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ଏନେଇ ଧର୍ମଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଯୋଗାଯୋଗ ହୋଇ ପାରି ନାହିଁ।

## ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ





ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ଲାଞ୍ଜିଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ବ୍ଲକ ଭିଡିଓ କନଫରେନ୍ସ ହଲଠାରେ ୭୯ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମାଆ ହୀରାନୀଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କଙ୍କଣ ରାୟ, ଡିଗ୍ରୀ ମହାବିଦ୍ୟାଳୟର ପିଇଟି ଜି. ଶ୍ରୀନିବାସ ଦାସ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଜୟ ପଲେଇ, ବରିଷ୍ଠ ନାଗରିକ ବଳରାମ ବେହେରା, କାନକୁଟ୍ଟ ସମିତିସଭ୍ୟ ମନୋହର ହରପାଲ, ଗୋପବନ୍ଧୁ ହାଇସ୍କୁଲର ପିଇଟି ଧରିତ୍ରୀ ବିଷୋୟୀ, ବ୍ଲକ କଳାକାର ସଂଘର ହରେକୃଷ୍ଣ ଘଡେଇ, ବନପାଳ ଏସ. କେ ଦୁର୍ଗା, କ୍ଲଷ୍ଟର ସଂଯୋଜକ ଦୁଃଖିଶ୍ୟାମ ବାରିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅରବିନ୍ଦ ମହାପାତ୍ର ସଭା ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଶିଫଳ


ମଙ୍ଗଳବାର, ୦୫ ଅଗଷ୍ଟ ୨୦୨୫



**ମେଷ:** ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ବ୍ୟବସ୍ଥାରେ ଉନ୍ନତି ହେବ। ସମ୍ମାନ ପାଇବେ। ଆଖି ଯନ୍ତ୍ରଣା ହୋଇପାରେ। ଅଧିକାରୀମାନେ ସହଯୋଗ କରିବେ ନାହିଁ। ଋଣ ନେବାକୁ ପଡିପାରେ। ପାରିବାରିକ କାର୍ଯ୍ୟଗୁଡ଼ିକୁ ପ୍ରାଥମିକତା ଦିଅନ୍ତୁ।




**ବୃଷ:** ବକେୟା ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ଯାତ୍ରା ସଫଳ ହେବ। ରୋଜଗାର ବୃଦ୍ଧି ପାଇବ। ବିପଦ କାମ କରନ୍ତୁ ନାହିଁ। ନିଶାକୁ ନିୟନ୍ତ୍ରଣ କରନ୍ତୁ। ଲାଭ ହେବାର ସମ୍ଭାବନା। ପତ୍ନୀ ଉପଦେଶ ଦେଉଥିବା ରାସ୍ତାରେ ଗଲେ ଲାଭ ସମ୍ଭାବନା। ଭ୍ରମଣରୁ ଲାଭ। ଯାନ-ଯନ୍ତ୍ରପାତି କ୍ରୟ ସମ୍ଭାବନା।



**ମିଥୁନ:** ଅପଚୟ ଖର୍ଚ୍ଚ ହେବ। ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଯୋଜନା କାର୍ଯ୍ୟକାରୀ ହେବ ନାହିଁ। ପରିବାର ଚିନ୍ତିତ ହେବେ। ଆୟଠାରୁ ବ୍ୟୟ ଅଧିକ ହେବ।



**କର୍କଟ:** ରାଜନୈତିକ ବ୍ୟକ୍ତିମାନେ ସଫଳତାର ଯୋଗ ରହିଛି। ସହଭାଗିତାରେ ନୂତନ ପ୍ରସ୍ତାବ ଗ୍ରହଣ କରାଯିବ। ରୋଜଗାର ବୃଦ୍ଧି ପାଇବ। ଉପହାର ଗ୍ରହଣ କରିବେ। ବ୍ୟବସାୟ ଯାତ୍ରା ସଫଳ ହେବ। ଶତ୍ରୁମାନେ ସକ୍ରିୟ ରହିବେ। ଅହଂକାର ଦୂର କରନ୍ତୁ।



**ସିଂହ:** ଜମି ଏବଂ ନିର୍ମାଣ ଯୋଜନା ପ୍ରସ୍ତୁତ ହେବ। ରୋଜଗାର ବୃଦ୍ଧି ପାଇବ। ଚାକିରିରେ ଅଧିକାର ବଢିପାରେ। ଅର୍ଥନୈତିକ କାର୍ଯ୍ୟରେ ସଫଳତା ପାଇ ଆପଣ ଖୁସି ହେବେ। ସୁଖୀ ଭବିଷ୍ୟତର ସ୍ୱପ୍ନ ସାକାର ହେବ। ଧାରଣା ସକରାତ୍ମକତା ବୃଦ୍ଧି କରିବ।




**କନ୍ୟା:** ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ଆଇନଗତ ପ୍ରତିବନ୍ଧକ ହଟାଯିବ। ଆରାମ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହେବ। ବ୍ୟବସାୟ ଭଲ କରିବ। ଜିନିଷକୁ ସୁରକ୍ଷିତ ରଖନ୍ତୁ। ବ୍ୟବସାୟ ଭଲ ଚାଲିବ।




**ତୁଳା:** ଜୀବନସାଥୀଙ୍କଠାରୁ ସମର୍ଥନ ମିଳିବ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ସମ୍ପର୍କୀୟଙ୍କ ସହ ସମ୍ପର୍କ ସୁଦୃଢ ହେବ। ଶତ୍ରୁମାନଙ୍କଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟ ଲାଭଦାୟକ ହେବ। ଖର୍ଚ୍ଚ ହ୍ରାସ କରନ୍ତୁ। କରାଯାଇଥିବା କାର୍ଯ୍ୟ ସମାପ୍ତ ହେବ।



**ବିଛା:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। କୋର୍ଟ କାର୍ଯ୍ୟ ସଫଳ କରାଯିବ। ବ୍ୟବସାୟ ଭଲ କରିବ। ଆଘାତ ଏବଂ ରୋଗରୁ ଦୂରେଇ ରୁହନ୍ତୁ। କାର୍ଯ୍ୟ-ବ୍ୟବସାୟ ଲାଭ କରିବାର ସମ୍ଭାବନା ଅଛି। ବିବାହିତ ଜୀବନରେ ସୁସଙ୍ଗତତା ରହିବ। ସାମାଜିକ ସମାବେଶରେ ଅଂଶଗ୍ରହଣ କରିବେ। ଭଲ ଲାଭଦାୟକ ଫଳାଫଳ ଦେବ।




**ଧନୁ:** ଆପଣଙ୍କ ପାଇଁ ଖୁସି ଖବର। ମାନ ବୃଦ୍ଧି ହେବ। ଖୁସି ହେବ। ମନରେ ଉତ୍ସାହ ରହିବ, ଯେଉଁଥିପାଇଁ କାର୍ଯ୍ୟର ଗତି ବଢିବ। ଆପଣଙ୍କ କାର୍ଯ୍ୟ ସମାଜରେ ପ୍ରଶଂସା ପାଇବେ। ସହଭାଗୀତାରେ ଆପଣ ଯେଉଁ ନିଷ୍ପତ୍ତି ନିଅନ୍ତି ତାହା ଲାଭଦାୟକ ହେବ। ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ।



**ମକର:** ପ୍ରତିଷ୍ଠା ବୃଦ୍ଧି ପାଇବ। ରୋଜଗାର ବୃଦ୍ଧି ପାଇବ। ଯାତ୍ରା ର ଶୁଭ ସମୟ ସହିତ, ଆପଣ କଠିନ କାର୍ଯ୍ୟରେ ସଫଳତା ପାଇବେ। ସମ୍ପର୍କୀୟଙ୍କ ସହିତ ସମ୍ପତ୍ତି ବିବାଦ ହୋଇପାରେ। ବ୍ୟବସାୟ-ଚାକିରିରେ ଲାଭ ହେବ। କ୍ରନିକ ରୋଗ ଦେଖାଦେଇପାରେ। ପ୍ରୟାସ ସଫଳ ହେବ।



**କୁମ୍ଭ:** ଦୁଃଖ, ଭୟ, ଚିନ୍ତା ଏବଂ ଅସ୍ଥିରତାର ପରିବେଶ ସୃଷ୍ଟି ହୋଇପାରେ। ଆପଣ ଦୁଃଖଦ ଖବର ପାଇପାରିବେ, ଧର୍ଯ୍ୟବାନ ହୁଅନ୍ତୁ। କାହାକୁ ବିଶ୍ୱାସ ନକରି ଆପଣ କାମ କରନ୍ତୁ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହସ୍ତକ୍ଷେପରୁ କ୍ଷତି ହେବାର ସମ୍ଭାବନା ଅଛି। ପରିବାରରେ ଉତ୍ତେଜନା ଦେଖାଦେବ। ବ୍ୟବସାୟ ମଧ୍ୟମ ହେବ।



**ମୀନ:** ଆପଣ ସ୍ୱାଦିଷ୍ଟ ଖାଦ୍ୟ ଉପଭୋଗ କରିବେ। ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ବ୍ୟବସାୟ ଭଲ କରିବ। ଆପଣ ଭଲ ଲୋକଙ୍କୁ ଭେଟିବ ଯେଉଁମାନେ ଉପକାରକାରୀ ହେବେ। ଯୋଜନା ସଫଳ ହେବ। ଚାକିରିରେ ପଦୋନ୍ନତି ଅଛି। ଅଳସୁଆରୁ ଦୂରେଇ ରୁହନ୍ତୁ। ପରିବାର ଲୋକେ ସାହାଯ୍ୟ କରିବେ।



ଶ୍ରୀପତି ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯